# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 2/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୯୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 99 ମୂଲ୍ୟ ₹୭/-







KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ | Bhubaneswar, Saturday, March 2/2024







# ଅସହ୍ୟ ହେବ ତାତି

## ଓଡ଼ିଶାରେ ବଢ଼ିବ ଗ୍ରୀଷ୍ମଲହର

**ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର, ୧।୩(ଅନିଲ ଦାସ)**

ଚଳିତ ବର୍ଷ ତାତି କଲବଲ କରିବ। ପାରଦ ଉପରମୁହାଁ ହେବ। ଗ୍ରୀଷ୍ମଲହର (ହିଟ୍‌ୱେଭ) ଅଧିକାଂଶ ସମୟରେ ଜାରି ରହିବ। ଉପାନ୍ତରୁ ଉପକୂଳ ସବୁଠି ତାତି ଆଚ୍ଛନ୍ନକରି ରଖିବ। ଫେବୃୟାରୀ ଶେଷ ସପ୍ତାହରୁ ଏହା ଜଳ ଜଳ ହୋଇ ଦିଶିଲାଣି। ସକାଳ ହେବା ମାତ୍ରେ ଖରା ମାଡ଼ିଆସୁଛି। ଅପରାହ୍ନ ଯାଏ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି। ଫେବୃୟାରୀରେ ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ ଭାବେ ୩୫ ଡିଗ୍ରୀ ମଧ୍ୟରେ ରହିଥାଏ। ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଫେବୃୟାରୀ ୨୮ରେ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୬.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମର ପ୍ରକୋପ ଆହୁରି ବଢ଼ିଯାଇଛି। ଶୁକ୍ରବାର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ରେକର୍ଡ ଅନୁଯାୟୀ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆସନ୍ତା ୬ ତାରିଖ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନର ସୂଚନା ନାହିଁ। ମାର୍ଚ୍ଚ ୭ରୁ ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ନିକଟତର ହେବ। ଆସନ୍ତା ୧୫ ତାରିଖରୁ ଆହୁରି ଅସହ୍ୟ ହେବ ତାତି। ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି। ଏପ୍ରିଲ ଓ ମେ’ ☞ପୃଷ୍ଠା-୧୩

## ସତର୍କ କରାଇଲା ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

ରାଜ୍ୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସତର୍କ କରାଇଛି। ଏନେଇ ସମସ୍ତ ଜିଲାପାଳ, ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛି। ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ଏକାଡେମିକ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ମହଜୁଦ ରଖିବା ସହ ପିଲାଙ୍କୁ ସଚେତନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ପରିସର ନଳକୂପ ମରାମତି କରାଯାଇ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସ୍କୁଲ୍ ଓ କଲେଜରେ ପର୍ଯ୍ୟାପ୍ତ ଓଆର୍‌ଏସ୍ ରଖାଯିବା ସହ ଆବଶ୍ୟକସ୍ଥଳେ ଛାତ୍ରୀଛାତ୍ର/କର୍ମଚାରୀଙ୍କୁ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଛାତ୍ରୀଛାତ୍ର ଯେପରି ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆଉଟ୍‌ଡୋର କାର୍ଯ୍ୟକଳାପ ଉପରେ କଟକଣା ଲାଗୁ କରାଯିବ। ପିଲାମାନେ ଯେପରି ସ୍କୁଲ, କଲେଜ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ନେବେ ସେନେଇ ସମସ୍ତ ଅଭିଭାବକଙ୍କୁ ସଚେତନ କରାଯିବା ଦରକାର। ସଚେତନତା ସୃଷ୍ଟି ପାଇଁ ବହୁଳ ପ୍ରଚାର କରିବାକୁ କୁହାଯାଇଛି। ସେହିଭଳି ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ପ୍ରବାହ ସତର୍କତାମୂଳକ ଟିପ୍ସ ଦେବା ପାଇଁ ସ୍କୁଲ ସମୟରେ ଶିକ୍ଷକମାନେ ପରାମର୍ଶ ଦେବାକୁ ନିର୍ଦ୍ଦେଶ ରହିଛି।

# ଓଡ଼ିଶାର ନୂଆ ପରିଚୟ ହେବ ବିଏସ୍‌ଏବିଟି: ମୁଖ୍ୟମନ୍ତ୍ରୀ

## ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)**



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବରମୁଣ୍ଡାଠାରେ ନବନିର୍ମିତ ବହୁ ପ୍ରତିକ୍ଷୀତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବସ୍ ଟର୍ମିନାଲକୁ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ କରି ମୁଁ ବହୁତ ଖୁସି। ଏହା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସଫଳ ହେବ। ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡ୍‌ମାର୍କ ହୋଇ ରହିବା ସହ ସାରା ଓଡ଼ିଶାରେ ଏକ ନୂଆ ପରିଚୟ ହେବ। ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଥିଲା। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ବରମୁଣ୍ଡା ବସ୍ ଟର୍ମିନାଲକୁ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ନାମରେ ନାମିତ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବାବା ସାହେବଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ୫-ଟି ଉପକ୍ରମରେ ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି। ଏଠାରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଏଥିସହ ବସ୍ ଟର୍ମିନାଲର ଉପଯୁକ୍ତ ରକ୍ଷଣାବେକ୍ଷଣରେ ସମସ୍ତେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ଇ-ବସ୍ ଏବଂ ଭୁବନେଶ୍ୱରରୁ ବାରିପଦା ☞ପୃଷ୍ଠା-୧୩







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଏନ୍‌ଆର୍ ଆନୁକୂଲ୍ୟରେ 'ପୋଲିସ ଷ୍ଟେଶନରେ ମହିଳା ଏବଂ ଶିଶୁ ଡେସ୍କର କାର୍ଯ୍ୟକାରିତା' କର୍ମଶାଳା, ସ୍ଥାନ: ଡିଆର୍‌ଟିସି-ସିୱାଇଏସ୍‌ଡି,ଇ-୧, ଜାଭିୟର ସ୍କୋୟାର, ସମୟ: ପୂର୍ବାହ୍ନ ୧୦ଟା।
- ଫେଶନ ଏନ୍‌ଏକ୍ସଟି ଫେଷ୍ଟିଭାଲ, ସ୍ଥାନ: ସ୍ୟାଣ୍ଡି ଟାୱାର ଲନ୍, ସମୟ: ଅପରାହ୍ନ ୪ଟା।
- ୮ମ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅଡିଟୋରିୟମ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ପୂର୍ଣ୍ଣାବୟବ ମୂର୍ତ୍ତିର ଅନାବରଣ ଉତ୍ସବ, ସ୍ଥାନ: ପ୍ରତାପ ଶାସନ, ବାଲକାଟୀ: ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳ କିଶୋର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସାମାଜିକ କର୍ମୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଉଳପଦା ସାମିଲି ଲୋକେଇଗୋରଡ଼ା, ନିମାପଡ଼ା, ସମୟ: ଭୋର ୫ଟା।
- ଶ୍ୟାମାଶ୍ରୀ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅଠରନଳା, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ପଶା ଖେଳ ଟୁର୍ନାମେଣ୍ଟ, ସ୍ଥାନ: କାଣ୍ଡଗଦା, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ବିକ୍ଷୋଭ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀ ଅଫିସ ସମ୍ମୁଖ, କାକଟପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନୱାଡ଼ି କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀକ୍ଷେତ୍ର କଲୋନୀ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶିଶୁ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ସାଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ନରସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସ୍ଥାନ: କରଡ଼ାପଲ୍ଲୀ ଖେଳପଡ଼ିଆ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ବିଏନ୍‌ଆଇ ଗ୍ରେଟର ଓଡ଼ିଶା ୧୨୧ କନ୍‌କ୍ଲେଭ, ସ୍ଥାନ: ସରସ୍ୱତୀ ବିଜ୍ଞାନ କଲେଜ, ତ୍ରିଶୁଳିଆ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ହିନ୍ଦୁ ପରିଷଦର ଉତ୍କଳପ୍ରାନ୍ତ ବୈଠକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟିପିସିଏଲ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଟ୍ରାଫିକ କଲୋନୀ ଖେଳପଡ଼ିଆ,ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଜାଗୃତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପଲ୍ଲା, ଖୋର୍ଦ୍ଧା, ସମୟ: ଅପରାହ୍ନ ୨ଟା।
- ମା'ବଘେଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚମ୍ପାଇଲୋ, ବୋଲଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ହନୁମାନ ଦେବଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ:କନ୍ତିଆ ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ମା'ବାଘେଇ ଦେବୀ ମନ୍ଦିରର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସାନବାଡ଼, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ପ୍ରୋଟିନ ସପ୍ଲିମେଣ୍ଟ ଯୋଜନାରେ ରକ୍ତହୀନତା ପରିବାରକୁ କୁକୁଡ଼ା ବଣ୍ଟନ, ସ୍ଥାନ: କୁମୁଟିପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ, ରାୟଗଡା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦।

## ନବରଙ୍ଗପୁର

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ଜନ ଶୁଣାଣି ଶିବିର, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ସେଚନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ଅପରାହ୍ନ ୪ଟା ୩୦।

## କୋରାପୁଟ

- ଅଦା, ହଳଦୀ ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ପଟାଙ୍ଗି ଉଚ୍ଚପଉନ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ହିଟ୍ ୱେଭ୍ ପରିଚାଳନା ନେଇ ଜିଲାସ୍ତରୀୟ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର। ସମୟ: ପୂର୍ବାହ୍ନ ୧୦.୩୦।
- ଏସ୍‌ଡିସି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ମିନି ଷ୍ଟାଡିୟମ୍ ପଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପୁଷ୍ଟି ପଞ୍ଚାୟତ ଓ ଶ୍ରେଷ୍ଠ ଅଙ୍ଗନୱାଡ଼ି କେନ୍ଦ୍ର ଚିହ୍ନଟ ନେଇ ଜିଲାସ୍ତରୀୟ କମିଟି ବୈଠକ. ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ. ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଖଇରା ବ୍ଲକ ଶିରିପୁର-ବାସିଦ୍ଦିପୁର ଠାରେ ତାରକେଶ୍ୱରଙ୍କ ଜଳାଭିଷେକ ଓ ଯଜ୍ଞ, ସ୍ଥାନ: ତାରକେଶ୍ୱର ମନ୍ଦିର ପରିସର, ସମୟ-ସକାଳ ୮ଟା।
- 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୩-୨୪'ର ଦଶମ ପର୍ଯ୍ୟାୟ ଗସ୍ତ, ସ୍ଥାନ: ବାଲେଶ୍ୱର ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶଶୀଭୂଷଣ ତ୍ରିପାଠୀଙ୍କ ରଚିତ ଯୁଗ ଭାଗବତ ଗ୍ରନ୍ଥ ଲୋକାର୍ପଣ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସୁନାମୀ ସଚେତନତା କର୍ମଶାଳା, ସ୍ଥାନ: କଷିଆ ବାତ୍ୟା ଆଶ୍ରୟସ୍ଥଳ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସକାଳ: ପୂର୍ବାହ୍ନ ୧୦ଟା ୩୦।
- ସୁନାମୀ ସଚେତନତା ସଭା, ସ୍ଥାନ: ବଡ଼ହାବେଳିସାହି ବାତ୍ୟା ଆଶ୍ରୟସ୍ଥଳ, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶିକ୍ଷାବିତ୍ ସ୍ୱର୍ଗତ ଚାରୁଚନ୍ଦ୍ର ନାୟକଙ୍କ ସ୍ମୃତିସଭା, ସ୍ଥାନ: ଗଭରପୁର, ବନ୍ତ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଭାଜପାର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।
- ୫୦୦ ବେଡ୍ ବିଶିଷ୍ଟ ଓପିଡି ଉଦ୍‌ଘାଟନ, ସ୍ଥାନ: ଧରଣୀଧର ମେଡ଼ିକାଲ କଲେଜ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧.୩୦।

## ମୟୂରଭଞ୍ଜ

- ଗୋପେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଅଙ୍କୁରାରୋପଣ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ସାତପୌଟିଆ, ସମୟ:ସକାଳ ୯ଟା।
- ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ବନଖଣ୍ଡର ପିଠାବଟା ରେଞ୍ଜ ଓ ଯଶିପୁରସ୍ଥିତ ରାମତୀର୍ଥ କାର୍ଯ୍ୟାଳୟ,ସମୟ: ଅପରାହ୍ନ ୨ଟା।
- ରାମକୃଷ୍ଣ ମହାଯଜ୍ଞ, ସ୍ଥାନ: ବାଙ୍ଗିରିପୋଷି, ସମୟ:ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ହଳଦୀବଣିର ଭାଲୁବସା ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଏନ୍‌ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ କୁଜଙ୍ଗ ବନ୍ଦ ଡାକରା, ସ୍ଥାନ: କୁଜଙ୍ଗ ବଜାର ସମୟ: ସକାଳ ୬ଟା।
- ଜ୍ଞାନଦେବୀ ନାରୀସୁରକ୍ଷା ଚାରିଟେବୁଲ ଟ୍ରଷ୍ଟର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ଜଗତ୍‌ସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ସେଲ ସଂକ୍ରାନ୍ତୀୟ ସମୀକ୍ଷା, ସ୍ଥାନ: ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ : ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ପାଇକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୋତାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ଶ୍ରୀହନୁମାନ ବିଗ୍ରହଙ୍କ ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କ୍ଷେତ୍ରପାଳିନୀ ମନ୍ଦିର ପରିସର, ସାମକୋରୀ, ଅମେଇପାଳ, ମହାକାଳପଡା, ସମୟ: ସକାଳ ୭ଟା।
- ମା' ବୁଢ଼ୀ ଜାଗୁଳାଇ ମତ୍ସ୍ୟ ହାଚେରୀର ନୂତନ ସମ୍ପ୍ରସାରିତ ଫିସୋରୀ କମ୍ପ୍ଲେକ୍ସର ଉନ୍ମୋଚନ, ସ୍ଥାନ: ଭଗବାନପୁର, ଗରଦପୁର ବ୍ଲକ କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଭଗବତୀଙ୍କ ପୀଠରେ ଚାରିପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ଚଣା ବ୍ଲକର ବୈରୀ, ସମୟ: ସକାଳ ୬ଟା।

## ନୟାଗଡ଼

- ମାଘ ଏକାଦଶୀ ମେଳାର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ଦ୍ୱାରା କୁସୁମୀ ବ୍ୟାରେଜ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂତଳ କେନାଲ ପ୍ରଣାଳୀ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତର ଇଣ୍ଡୋର ଷ୍ଟାଡିୟମ ପଡିଆ, ସମୟ: ଅପରାହ୍ନ ୪ଟା୩୦ ମିନିଟ୍।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ୨ୟ ଦିବସ ନାଟକ କେଡା, ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ ନୟାଗଡ, ସମୟ: ସନ୍ଧ୍ୟା ୭ଟା ।

## ଢେଙ୍କାନାଳ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ଶ୍ରୀକ୍ଷେତ୍ର ଶ୍ୟାମାଚରଣପୁର, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଗଣେଶ ବଜାର, ସମୟ: ସନ୍ଧ୍ୟା ୫ଟା ।
- ସିନ୍‌ଫେଷ୍ଟ-୨୦୨୪ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଢେଙ୍କାନାଳ ସହରସ୍ଥିତ ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଅହୋରାତ୍ର ନାମଯଜ୍ଞ ଓ ଆନନ୍ଦବଜାର, ସ୍ଥାନ: କଣିହାଁ ବ୍ଲକ ଧୋବାପାଳ ଠାକୁର ଘର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଗଦାଶିଳା ଗ୍ରାମ ତଳସାହି, ସମୟ: ଅପରାହ୍ନ ୩ ଟା।
- ସାତକୋଶିଆରେ ପକ୍ଷୀ ସର୍ଭେ ପାଇଁ ସ୍ୱାଗତ, ସ୍ଥାନ: ତରଭା, ସମୟ: ଅପରାହ୍ନ ୪ ଟା।

## ବ୍ରହ୍ମପୁର

- ଏସ୍‌ଏମ୍‌ଆଇଟିରେ ଜାତୀୟ ସମ୍ମିଳନୀ, ସ୍ଥାନ: ଚଣ୍ଡିପଦର, ସମୟ: ପୂର୍ବାହ୍ନ ୧୧ଟା
- ଏମ୍‌କେସିଜି ମେଡିକାଲର ସମ୍ପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଏମ୍‌କେସିଜି ମେଡିକାଲ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ଟା।
- ନିର୍ବାଚନ ସମ୍ପର୍କିତ ତାଲିମ, ସ୍ଥାନ: ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା
- ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକ ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ସାଢ଼େ ୧ଟା।
- ବାର୍ ଆସୋସିଏଶନର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ଅପରାହ୍ନ ୩ଟା।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ରି ଧାରଣା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ।

## କନ୍ଧମାଳ

- ଶୀତ ମହୋତ୍ସବ-୨୦୨୪ର ସମୀକ୍ଷା ବୈଠକ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ,ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ରେ ଶିକ୍ଷକ-ଅଭିଭାବକ ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ ସକାଳ ୮ଟା ୩୦।
- ସାଧୁସନ୍ଥ ଓ ମହନ୍ତ ସେବା କାର୍ଯ୍ୟକ୍ରମ, ଶ୍ରୀରାମ ବିହାର କେନ୍ଦୁଘାଟି, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରେଢ଼ାଖୋଲ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: କଦଳୀଗଡ ପଞ୍ଚାୟତର ମଧୁପୁର, ସମୟ: ପୂର୍ବାହ୍ନ ୧୧ଟା ୨୫।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସନ୍ଥକବି ଭୀମ ଭୋଇଙ୍କ ଆବିର୍ଭାବ ପୀଠ ପରିଦର୍ଶନ, ସ୍ଥାନ: ମଧୁପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ମହିମା ଧର୍ମର ଅନୁଯାୟୀଙ୍କ ସହ ଆଲୋଚନା, ସ୍ଥାନ: ରେଢାଖୋଲ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂଆ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଆଭାସୀ ଲୋକାର୍ପଣ, ସ୍ଥାନ: ବିବିଏମ୍‌ସିଏଚ୍ ନୂଆ କ୍ୟାମ୍ପସ, ଗନ୍ଧରେଲ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ପାରାଲିସିସ ଓ ବ୍ରେନଷ୍ଟ୍ରୋକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ବନମାଳୀ ପ୍ୟାଲେସ, କେ.ଭି.କଲେଜ ରୋଡ କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୬ଟା।
- କୋଶଳେଶ୍ୱର ମାଳି ଯୁବକ ସଂଘ ଆୟୋଜିତ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହେମାଲ ଭବନ କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହାରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ନେଇ ସ୍ୱାଗତ ସମାରୋହ, ସ୍ଥାନ:ଲୋଇସିଂହା ରେଳ ଷ୍ଟେଶନ, ସମୟ: ରାତି ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ପୌରପାଳିକାର ୱାର୍ଡ ନଂ ୭ ଓ ୧୩, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ବ୍ଲକ ସାହାଜଲଥାରେ ମା' ବାଉଳି କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ସାହାଜଲଥା ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- ଡ. ଭୀମରାଓ ଆମ୍ବେଡକର କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଲୁଣ୍ଡା ବ୍ଲକ କଳାପଥର ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- ଡୁଙ୍ଗୁରିପାଲି ବ୍ଲକର ଚେରୁପାଲି ପଞ୍ଚାୟତରେ ବିଜେଡିର ଘରେ ଘରେ ଜନସମ୍ପର୍କ ଅଭିଯାନ, ସ୍ଥାନ: ଚେରୁପାଲି ପଞ୍ଚାୟତର ବିଭିନ୍ନ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ବ୍ଲକ ଏମ୍‌ବିକେ/ସିଆରପି ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୦।୩୦।

## ରାଉରକେଲା

- ଆର୍ଯ୍ୟ ସମାଜର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୧୯, ସମୟ: ସକାଳ ୮ଟା।
- ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତ ତମ ଜୟନ୍ତୀ, ସ୍ଥାନ: ରାଉରକେଲା-୪, ସମୟ: ପୂର୍ବାହ୍ନ ୯ଟା ୩୦।
- ଅଲ ଇଣ୍ଡିଆ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ମହାସଭା, ସ୍ଥାନ: ସେକ୍ଟର ୧୩, ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ସମସ୍ୟା ନେଇ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଖଟାଲବସ୍ତି, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ନାମ ସଂକୀର୍ତ୍ତନ ଉଦ୍‌ଯାପିତ,ଦାଧିହାଣ୍ଡି ଭଙ୍ଗ, ସ୍ଥାନ: ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୯ ଟା।
- ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ଉଦ୍‌ଘାଟନ ସମାରୋହ, ସ୍ଥାନ: ସୁନ୍ଦରଗଡ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ପାକ୍ସ କର୍ମଚାରୀଙ୍କ ଧାରଣା, ସ୍ଥାନ: ଏସ୍‌ଡିସିସି ବ୍ୟାଙ୍କ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକାଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପାକ୍ସ କର୍ମଚାରୀଙ୍କ ଧାରଣା, ଏଆର୍‌ସିଏସ୍ ଅଫିସ ସମ୍ମୁଖ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ସମ୍ମିଳନୀ, ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆନନ୍ଦ ବେହେରାଙ୍କ ଧର୍ମଗଡ଼ କୋର୍ଟ ପରିଦର୍ଶନ, ସ୍ଥାନ: ଧର୍ମଗଡ଼ ଅତିରିକ୍ତ ଦୌରା ଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ମାମୋଦେବୀ ଭବନଠାରେ କଳାହାଣ୍ଡିର ବିଶିଷ୍ଟ ଶିଳ୍ପପତି ତ୍ରିଲୋଚନ ଅଗ୍ରୱାଲଙ୍କ ସ୍ମୃତିରେ ଶୋକସଭା, ସ୍ଥାନ: କୋକସରା ବ୍ଲକର ଲଡୁଗାଁ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ ଶିବ ମନ୍ଦିର ପ୍ରାଙ୍ଗଣ, ସମୟ:ସକାଳ ୯ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତସ୍ଥିତ ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ , ସ୍ଥାନ: ବଘିଆ କୁଞ୍ଜମଣ୍ଡପ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ୍ କପ୍ ଅଷ୍ଟମ ଦିବସ, ସ୍ଥାନ: ମହୁଲିଢିପା ସାହି ନାଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରିପାରିବା ଯୋଗୁ ମାନସିକ ଶାନ୍ତି ଲଭିବେ। ପୂର୍ବ ଯୋଜନା ଅନୁଯାୟୀ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ହୋଇପାରିବ।

**ବୃଷ** ସହକର୍ମୀଙ୍କ ସକ୍ରିୟ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଅଭାବ ପୂରଣ ଦିଗରେ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟ ଅର୍ଥାଭାବ ଜନିତ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିକ୍ଷା, ପରୀକ୍ଷା, ସମ୍ପର୍କ ସ୍ଥାପନ, ଯୋଗାଯୋଗ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ ନିର୍ମାଣ ଏବଂ ଜମିଜମା କାରବାରରେ ଅଗ୍ରଗତି ଘଟିବ। ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସଭାସମିତି ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ନୂତନ କର୍ମାରମ୍ଭ,ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ସ୍ଥିରତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ଅର୍ଥାଭାବ ଦୂରେଇଯିବ। କିନ୍ତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** ଆଜି ସାହିତ୍ୟ,ସଙ୍ଗୀତ,ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ଖୁସି ମନାଇବେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ ତଥାପି ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିପାରେ।

**କନ୍ୟା** ସାମାଜିକ ସ୍ତରରେ ସୁସମ୍ପର୍କ ହ୍ରାସ ଏବଂ ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ କିମ୍ବା ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଆଶା କରାଯାଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମାନସିକ ଅସ୍ଥିରତା ସୃଷ୍ଟିହେବ। ବ୍ୟବସାୟିକ ସ୍ଥିତି ଓ କଚେରି ମାମଲା ସମସ୍ୟା ନିୟନ୍ତ୍ରଣାଧୀନ ରହିବ।

**ତୁଳା** ବନ୍ଧୁଙ୍କ ସହାୟତା ପାଇ ଚେଷ୍ଟା କରୁଥିବା କାମକୁ ସାକାର କରିପାରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ବିଛା** ଭୁଲ୍ ବୁଝାମଣାଜନିତ ପାରିବାରିକ ବିଶୃଙ୍ଖଳା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଯୋଗୁ ମନ ଖୁସି ରହିବ। ବହୁତ ଦିନହେଲା ପାଇ ନଥିବା ଜିନିଷକୁ ବନ୍ଧୁଙ୍କ ସାହାଯ୍ୟରେ ପାଇପାରନ୍ତି।

**ଧନୁ** ସକାଳୁ କର୍ମାରମ୍ଭ ପାଇଁ ସଂକଟର ସମ୍ମୁଖୀନ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ଆର୍ଥିକ ଓ ପାରିବାରିକ ସ୍ଥିତି ପୂର୍ବବତ୍ ରହିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଲୋକସମ୍ପର୍କ ଧିମାଗତିରେ ଚାଲିପାରେ।

**ମକର** ଆପଣଙ୍କ କଥା ଓ କାମରେ ତାଳମେଳର ଅଭାବ ସମସ୍ୟା ସୃଷ୍ଟି କରିପାରେ। ବିବାଦୀୟ ଘଟଣା, ଗୃହ ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନରେ ସଫଳ ହେବେ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ତିକ୍ତତା ବୃଦ୍ଧିପାଇବ।

**କୁମ୍ଭ** ବିଭିନ୍ନ ସୁଖ ସମ୍ଭୋଗ ଓ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ହୋଇ ନ ପାରେ। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଅଳଙ୍କାର କିଣିବାକୁ ମନ ବଳାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବ ଓ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଧନିଷ୍ଠା ନକ୍ଷତ୍ର ଆର୍ଥିକ ସମସ୍ୟା ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ଚିନ୍ତିତ ରହିବେ।

**ମୀନ** ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ଯୁକ୍ତିଯୁକ୍ତ କଥା କହି ଅସ୍ୱାଭାବିକ ପରିସ୍ଥିତିକୁ ସ୍ୱାଭାବିକ କରିବାରେ ସମର୍ଥ ହେବେ। ରାଜନୀତି ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ମାର୍ଚ୍ଚ ୨ ତାରିଖ, ରାଶିନକ୍ଷତ୍ର-ବିଶାଖା/ତୁଳା, ଘ.୦୨।୪୧ ଗତେ ଅନୁରାଧା ଓ ଘ.୦୮।୧୬ ଗତେ ବିଛା ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୧ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୩ ଗତେ ଘ.୧୦।୩୧ ମଧ୍ୟେ ରାହୁକାଳ।

# କଲରାପତରିଆ ଗଣିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧।୩(ଅସମାପିକା ସାହୁ)

ରାଜ୍ୟ ସରକାର ନିଜସ୍ୱ କଲରାପତରିଆ ବାଘ ଗଣନା କରିବେ। ଆସନ୍ତା ମେ'ରୁ ହାତୀ ଗଣନା ସହ ଏକକାଳୀନ କଲରାପତରିଆ ବାଘ ଗଣନା କରାଯିବ। ରାଜ୍ୟର ସବୁ ଅଞ୍ଚଳରେ କଲରାପତରିଆ ଗଣନା ହେବ ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଶୁକ୍ରବାର ସୂଚନା ଦେଇଛନ୍ତି।

ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଏବଂ ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଦେଶରେ ହୋଇଥିବା କଲରାପତରିଆ ଗଣନା ରିପୋର୍ଟ-୨୦୨୨ ଗୁରୁବାର ପ୍ରକାଶ ପାଇଥିଲା, ଯେଉଁଥିରେ ଦେଶରେ ଗତ ୪ବର୍ଷରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିଥିବାବେଳେ ଓଡ଼ିଶାରେ ହ୍ରାସ ପାଇଥିବା ଦର୍ଶାଯାଇଥିଲା। ୨୦୧୮ ମସିହାରେ ହୋଇଥିବା ଗଣନା ବେଳେ ରାଜ୍ୟରେ ୭୬୦ଟି କଲରାପତରିଆ ବାଘ ଥିବାବେଳେ ୨୦୨୨ରେ ଏହା ୫୬୮କୁ ହ୍ରାସ ପାଇଛି। ତେଣୁ ନିଜସ୍ୱ

**ଏନ୍‌ଟିସିଏ ଆକଳନ ଏକପାଖିଆ କହିଲା ବନ ବିଭାଗ**

ଗଣନା ପାଇଁ ରାଜ୍ୟ ବନ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ପିସିସିଏଫ୍ କହିଛନ୍ତି, ଏନ୍‌ଟିସିଏ ରିପୋର୍ଟକୁ ତର୍ଜମା କରାଯାଉଛି। ସେଥିରେ କିଛି ତ୍ରୁଟି ଥିବା ଜଣାପଡୁଛି। ତେଣୁ ଏହାକୁ ରାଜ୍ୟସ୍ତରରେ ସଂଶୋଧନ କରାଯିବ। ପ୍ରଥମତଃ ଏହା ଏନ୍‌ଟିସିଏର ଏକ ଆକଳନ ରିପୋର୍ଟ। ଦ୍ୱିତୀୟରେ ୨୦୨୨ରେ ସେମାନେ ମାତ୍ର ୩ଟି ସ୍ଥାନରେ କ୍ୟାମେରା ଟ୍ରାପ୍ ଲଗାଇଥିଲେ। କିନ୍ତୁ ୨୦୧୮ ଆକଳନବେଳେ ୧୪ ଜାଗାରେ କ୍ୟାମେରା ଟ୍ରାପ ଲାଗିଥିଲା, ଯେଉଁଥିରୁ ସେମାନେ ୭୬୦ କଲରାପତରିଆ ଥିବା ଜାଣିବାକୁ ପାଇଥିଲେ। ତେବେ ୨୦୨୨ରେ ଏନ୍‌ଟିସିଏ କ୍ୟାମେରା ଟ୍ରାପ ଲଗାଇଥିବା ଶିମିଳିପାଳ ଓ ସାତକୋଶିଆରେ କଲରାପତରିଆ ସଂଖ୍ୟା ବଢ଼ିଥିବା ରାଜ୍ୟ ପାଇଁ ଖୁସି ଖବର। ଯଦି ଶିମିଳିପାଳ ଓ ସାତକୋଶିଆ ବଫର ଏରିଆରେ କ୍ୟାମେରା ଲାଗିଥାନ୍ତା, ତା'ହେଲେ ସଂଖ୍ୟା ଆହୁରି ବଢ଼ିଥାନ୍ତା। ଏନ୍‌ଟିସିଏ କଲରାପତରିଆ ଆକଳନ ରିପୋର୍ଟ ଗ୍ରହଣୀୟ। କିନ୍ତୁ ସେମାନେ ବହୁତ କମ ଅଞ୍ଚଳ କଭର କରିଥିବାରୁ ଆକଳନ ଏକପାଖିଆ ହୋଇଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ମହାବଳ ବାଘ ସଂଖ୍ୟା କମ୍ ଦର୍ଶାଇବା ପରେ ରାଜ୍ୟ ସରକାର ଏହାକୁ ଚାଲେଞ୍ଜ କରିଥିଲେ। ରାଜ୍ୟରେ ଅଧିକ ବାଘ ଥିବା କହିବା ସହ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରିଲେ। ରାଜ୍ୟରେ ୩୦ଟି ମହାବଳ ବାଘ ଥିବା ନେଇ ନିକଟରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହିଭଳି ଏବେ ଏନ୍‌ଟିସିଏର କଲରାପତରିଆ ଗଣନା ରିପୋର୍ଟକୁ ମଧ୍ୟ ବନ ବିଭାଗ ସ୍ୱୀକାର କରୁନାହିଁ। ରାଜ୍ୟରେ ଆହୁରି ଅଧିକ ସଂଖ୍ୟକ କଲରାପତରିଆ ଥିବା କହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବେ କଲରାପତରିଆ ବାଘ ପାଇଁ ବି ନିଜସ୍ୱ ଗଣନା କରିବେ ବୋଲି କହୁଛନ୍ତି।

# ଲ' ଅଫିସରଙ୍କ ଦୈନିକ ଫି' ୫୦ ପ୍ରତିଶତ ବଢ଼ିଲା

ଭୁବନେଶ୍ୱର,୧।୩(ଅନିଲ ଦାସ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମକଦ୍ଦମା ପରିଚାଳନା କରୁଥିବା ନନ୍ କ୍ୟାଡର ଲ' ଅଫିସରମାନଙ୍କର ଦୈନିକ ଓ ରିଟେନର ଫି'ରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ଜଣ ଲ'ଅଫିସର ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଲ' ଅଫିସରମାନଙ୍କ ଦୈନିକ ଓ ରିଟେନର ଫି'କୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଫି' ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ଦୈନିକ ଫି' ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ସେହିପରି ରିଟେନର ଫି' ପୂର୍ବରୁ ୮,୨୦୦ ଟଙ୍କା ପାଉଥିବାବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୭୪୦ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ପୂର୍ବରୁ ଦୈନିକ ଫି' ବାବଦରେ ୧,୧୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୬୫୦ ପାଇବେ। ରିଟେନର ଫି' ବାବଦରେ ପୂର୍ବରୁ ୪ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୬ ହଜାର ଟଙ୍କା ପାଇବେ। ୮୫ ଜଣ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପୂର୍ବରୁ ଦୈନିକ ଫି' ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ଏବେ ୧,୮୭୫ ଟଙ୍କା ପାଇବେ। ରିଟେନର ଫି' ବାବଦରେ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ଜଣ ସରକାରୀ ପ୍ଲିଡର ଏବଂ ୧୧୩ ଜଣ ସହକାରୀ ପ୍ଲିଡର ପୂର୍ବରୁ ରିଟେନର ଫି' ବାବଦରେ ୮,୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨,୩୦୦ ଟଙ୍କା ପାଇବେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ | Bhubaneswar, Saturday, March 2/2024 | ପୃଷ୍ଠା-୧


# ବାପାଙ୍କୁ ୨୦, ପୁଅଙ୍କୁ ୨୫ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

**ପ୍ରାୟ ଅଢ଼େଇ ବର୍ଷ ତଳେ ଜଣେ ନାବାଳିକା ବାଂଶପାଳକୁ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ବୁବୁନ୍ ସେଠୀ ଓ ତାଙ୍କ କେତେଜଣ ସାଙ୍ଗ ନାବାଳିକାଙ୍କୁ ବୋଲେରୋରେ ଉଠାଇ ନେଇଥିଲେ। ପରେ ବୁବୁନ୍ ନାବାଳିକାଙ୍କୁ ସୁନ୍ଦରଗଡ଼ର ସରଗିଗଡ଼ଠାରେ ରଖି ୪ ମାସ ଧରି ବଳାତ୍କାର କରିଥିଲେ। ବୁବୁନଙ୍କ ବାପା ଦୋଳଗୋବିନ୍ଦ ମଧ୍ୟ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କେନ୍ଦୁଝର ଜିଲା ଓ ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ବୁବୁନଙ୍କୁ ୨୫ ଓ ତାଙ୍କ ବାପା ଦୋଳଗୋବିନ୍ଦଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।**

**କେନ୍ଦୁଝର, ୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଶୁଭଶ୍ରୀ ତ୍ରିପାଠୀ ଏହାର ବିଚାର କରି ଦୋଷୀ ବାପାଙ୍କୁ ୨୦ ଓ ପୁଅଙ୍କୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଦୋଷୀ ପୁଅଙ୍କୁ ୩୩ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ ବର୍ଷ କାରାଦଣ୍ଡ, ବାପାଙ୍କୁ ୧୦ ହଜାର ଜରିମାନା ଓ ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଥିବା ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅକ୍ଟୋବର ୨୬ରେ ୧୫ ବର୍ଷର ନାବାଳିକା ଜଣକ ବାଂଶପାଳକୁ କୌଣିସ କାର୍ଯ୍ୟରେ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ଅଭିଯୁକ୍ତ ବୁବୁନ ସେଠୀ (୨୨) ଏକ ବୋଲେରୋ ଯୋଗେ କେତେ ଜଣ ସାଙ୍ଗଙ୍କ ସହିତ ମିଶି ତାଙ୍କୁ ଉଠାଇ ନେଇଥିଲେ। ପରେ ନାବାଳିକା ଜଣକ ଚେତା ହରାଇଥିଲେ। ବିଲେଇପଦାରୁ ଫେରିବା ସମୟରେ ରିମୁଳି ବାଇପାସ୍ ନିକଟରେ ଚେତା ଫେରିପାଇ ନାବାଳିକା ଜଣକ ପାଟି କରିଥିଲେ। ସେଠାରେ ଥିବା କିନ୍ନରମାନେ ଶୁଣି ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସେହି ମାସ ୨୮ ତାରିଖରେ ବୁବୁନଙ୍କ ପରିବାର ଲୋକେ ନାବାଳିକାଙ୍କ ଘରକୁ ଯାଇ ପୁଣି ଜୋର୍ ଜବରଦସ୍ତ ଉଠାଇ ଆଣି ବାଂଶପାଳରେ ରଖିଥିଲେ। ସେଠାରୁ ବୁବୁନ ତାଙ୍କୁ ନେଇ ସୁନ୍ଦରଗଡ଼ ଜିଲା ସରଗିଗଡ଼ରେ ରଖିଥିଲେ। ସେଠାରେ ୪ ମାସ ରଖି ବଳାତ୍କାର କରିଥିଲେ। ଏହି ସମୟରେ ବୁବୁନଙ୍କ ବାପା ଦୋଳ ଗୋବିନ୍ଦ ମଧ୍ୟ ନାବାଳିକାଙ୍କୁ ନଗରିଆ ନେଇ ଯାଇଥିଲେ। ସେଠାରୁ ବାଂଶପାଳକୁ ଆଣି ଫେରିବା ବେଳେ ☞ପୃଷ୍ଠା-୧୩

# ବଢ଼ିଲା ଗଣଶିକ୍ଷକଙ୍କ ଦରମା

## ଓଟିଇଟି ପାସ୍ କରିଥିବା ଗଣଶିକ୍ଷକ ନିୟମିତ ହେବେ

**ଭୁବନେଶ୍ୱର, ୧।୩(ଅନିଲ ଦାସ)**

ରାଜ୍ୟ ସରକାର ଗଣଶିକ୍ଷକମାନଙ୍କ ଦରମା ବୃଦ୍ଧି କରିଛନ୍ତି। ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକମାନଙ୍କ ମାସିକ ପାରିତୋଷିକ ୭ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୧୧୨୧ ଗଣଶିକ୍ଷକ ଉପକୃତ ହୋଇଛନ୍ତି। ଏଥିସହିତ ଯେଉଁ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁନାହିଁ ସେମାନଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ୯୫୨୦ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ଉପକୃତ ହେବେ। ଏଥିସହିତ ଓଟିଇଟି ପାସ କରିଥିବା ଗଣଶିକ୍ଷକମାନଙ୍କୁ ଏମ୍‌ଇଡି ଶିକ୍ଷକ(ଏକ୍ସ କ୍ୟାଡର) ଭାବରେ ନିୟମିତ କରାଯିବ। ଏହାଦ୍ୱାରା ରାଜ୍ୟର ୧୪୭୨ ଗଣଶିକ୍ଷକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ନିଷ୍ପତ୍ତି ନେଇଛନ୍ତି। ଏସବୁକୁ ମିଶାଇ ରାଜ୍ୟରେ ମୋଟ ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକମାନେ ଏଥିପାଇଁ ଅନୁରୋଧ ସହ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

**ଆଜିର ସମ୍ପାଦକୀୟ**
**ଦୀର୍ଘ ଅବଧି କାର୍ଯ୍ୟକାଳ**







# ଜଗନ୍ନାଥଙ୍କୁ ଜଗନ୍ନାଥ ଅଡୁଆ

## ବିଷମକଟକ ରାଜନୀତି

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ରାଜନୀତି ଦୁଇ ଜଗନ୍ନାଥଙ୍କୁ ନେଇ ଚଳଚଞ୍ଚଳ ହୋଇଯାଇଛି। ଜଣେ ଜଗନ୍ନାଥ ସାରକା ଓ ଆଉ ଜଣେ ଜଗନ୍ନାଥ ନୁଣ୍ଡ୍କା। ଉଭୟ ବିଜେଡିରେ ରହିଆସିଥିବା ବେଳେ ଶୁକ୍ରବାର ଜଗନ୍ନାଥ ନୁଣ୍ଡ୍କା ଭୁବନେଶ୍ୱରରେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଫଳରେ କଥା ଉଠିଲାଣି ଆସନ୍ତା ନିର୍ବାଚନରେ ଦୁଇ ଜଗନ୍ନାଥ ମୁହାଁମୁହିଁ ହୋଇପାରନ୍ତି। ଜଗନ୍ନାଥ ସାରକା ଆଇନମନ୍ତ୍ରୀ ଥିବା ବେଳେ ସେ ପୁଣି ବିଜେଡି ଟିକେଟ ପାଇ ଲଢ଼ିବା ଆଶାରେ ରହିଛନ୍ତି। ନୁଣ୍ଡ୍କାଙ୍କ ବିଜେଡି ଟିକେଟ ପାଇବା ଆଶା ମଉଳି ଗଲା ପରେ ସେ ଭାଜପାକୁ ଆପଣେଇ ନେଇଛନ୍ତି। ଆଲୋଚନା ହେଉଛି, ବିଜେଡିରେ ଥିବା ନୁଣ୍ଡ୍କାଙ୍କ ସମର୍ଥକଙ୍କ ସହ ଭାଜପାର ଭୋଟ ମିଶିଗଲେ ତାହା ସାରକାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବା ଥୟ।

ରାୟଗଡ଼ା ଜିଲାର ଶିକ୍ଷିତ ତଥା ଟାଣୁଆ ବିଜେଡି ନେତା ଜଗନ୍ନାଥ ନୁଣ୍ଡ୍କା। ଦୀର୍ଘ ଦିନରୁ ବିଜେଡିରେ ରହି ଅଞ୍ଚଳ ପାଇଁ କାମ କରିବା ସହିତ ଦଳକୁ ସେ ମଜଭୁତ କରିଥିଲେ। ଏଭଳିକି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୁନିଗୁଡ଼ାରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରି ପଞ୍ଚାୟତ ସମିତିକୁ ବିଜେଡି କବଳକୁ ଆଣିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଜଗନ୍ନାଥ ନୁଣ୍ଡ୍କାଙ୍କ ସହ ପୂର୍ବତନ ସମିତି ସଭ୍ୟ ରବି ନୁଣ୍ଡ୍କା, ତେଲେଙ୍ଗାପଦର ଅଞ୍ଚଳର ବିଜେଡି ନେତା ବେଣୁଧର ଗାରେକା, ପାତ୍ରଗୁଡ଼ା ଅଞ୍ଚଳର ଶୁକଦେବ ବେହେରାଙ୍କ ସହ ଅନେକ ନେତା ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଲେଖାଶ୍ରୀ ସାମନ୍ତସିଂହାର, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, କୋରାପୁଟ ଲୋକ ସଭା ସଂଯୋଜକ ତ୍ରିନାଥ ପଣ୍ଡା, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ପୂର୍ବତନ ଜିଲା ସଭାପତି ଶିବଶଙ୍କର ଉଲାକା, ପୂର୍ବତନ ଜିଲା ଓବିସି ମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ମୁଗଲି, ମଣ୍ଡଳ ସଭାପତି ପରମେଶ୍ୱର ରାଓଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ନୁଣ୍ଡ୍କା ଭାଜପାରେ ମିଶିଛନ୍ତି।

ପୂର୍ବରୁ ନୁଣ୍ଡ୍କା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ । ବର୍ତ୍ତମାନ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦରେ ଅଛନ୍ତି। ତାଙ୍କ ପତ୍ନୀ ଦୁଃଖିନୀ ନୁଣ୍ଡ୍କା ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରାର୍ଥିତ୍ୱ ପାଇଁ ବିଜେଡି ଦଳୀୟ ନେତୃମଣ୍ଡଳୀଙ୍କୁ ଅବଗତ କରାଇଥିଲେ। କିନ୍ତୁ ମନ୍ତ୍ରୀ ସାରକା ଆଗାମୀ ନିର୍ବାଚନ ପାଇଁ ମୈଦାନକୁ ଓହ୍ଲାଇବା ନିଶ୍ଚିତ କାରଣରୁ ନୁଣ୍ଡ୍କାଙ୍କ ପାଇଁ ଟିକେଟ ପାଇବାରେ ଅନିଶ୍ଚିତତା ଦେଖାଦେଇଥିଲା। ଫଳରେ ସେ ବିଜେଡି଼ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ନୁଣ୍ଡ୍କା କହିଛନ୍ତି ଯେ, ଦଳରେ ଦୀର୍ଘ ବର୍ଷ ନିଃସ୍ୱାର୍ଥପର ଭାବେ କାମ କରିଛନ୍ତି। କିନ୍ତୁ ଆଗକୁ ବଢ଼ିବା ସୁଯୋଗ ମିଳିଲାନି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ଭାଜପାରେ ଯୋଗ ଦେଇଛନ୍ତି।

ଜିଲା ବିଜେଡି ସଭାପତି ସୁଧୀର ଦାସଙ୍କ ନିଜ ନିର୍ବାଚନମଣ୍ଡଳୀ ବିଷମକଟକ ହୋଇଥିବା ବେଳେ ନୁଣ୍ଡ୍କାଙ୍କ ଏଭଳି ଦଳ ଛାଡ଼ି ଭାଜପାରେ ଯୋଗଦେବା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଆଗାମୀ ଦିନରେ ଏହା ଜିଲା ବିଜେଡି ନେତାଙ୍କ ପାଇଁ ଶକ୍ତ ଧକ୍କା ବୋଲି ସାଧାରଣରେ ଆଲୋଚନା ହେଲାଣି। ତେବେ ୨ ଜଗନ୍ନାଥଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲେ, ଏହାର ଫାଇଦା କଂଗ୍ରେସ ନିଶ୍ଚୟ ଉଠାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

### ଭାଜପାରେ ମିଶିଲେ ଜଗନ୍ନାଥ ନୁଣ୍ଡ୍କା


ଭାଜପା ନେତୃବୃନ୍ଦଙ୍କ ସହ ଜଗନ୍ନାଥ ନୁଣ୍ଡ୍କା (ମଝି)।

### ଆଇନମନ୍ତ୍ରୀ ଜଗନ୍ନାଥ ସାରକା ପୁଣି ବିଜେଡି ଟିକେଟ ପାଇଁ ଆଶାୟୀ



# ପୋଲିସ-ଯୁବ କଂଗ୍ରେସ କର୍ମୀ ମୁହାଁମୁହିଁ

ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶୁକ୍ରବାର 'ନବୀନ ହଟାଅ ଓଡ଼ିଶା ବଞ୍ଚାଅ' ବିକ୍ଷୋଭ ସଭା ଆୟୋଜିତ ହେବା ସହ 'ନବୀନ ନିବାସ ଘେରାଉ' ରାଲି ମଧ୍ୟ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ୍ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ବି.ଭି. ଶ୍ରୀନିବାସ ଯୋଗଦେଇଛନ୍ତି। ବିକ୍ଷୋଭ ସମାବେଶ ପରେ କଂଗ୍ରେସ ନେତା ଓ କର୍ମୀମାନେ ବିଭିନ୍ନ ବେରୋଜଗାରି ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ନବୀନ ନିବାସ ଘେରାଉ କରିବା ପାଇଁ ମାଷ୍ଟରକ୍ୟାଣ୍ଟିନଠାରୁ ବାହାରିଥିଲେ। ଏଥିରେ ଦଳର ବହୁ ବରିଷ୍ଠ, ଯୁବ, ଛାତ୍ର ଓ ମହିଳାନେତ୍ରୀ ଏବଂ କର୍ମୀମାନେ ଯୋଗଦେଇଥିଲେ। ଏହି ରାଲି ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ରାଜମହଲ ଛକଠାରେ ପୋଲିସ ଏବଂ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଅଣ୍ଟାମାଡ଼ କରିଥିଲେ। ଏହାପରେ ବହୁ ଯୁବ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।


ନବୀନ ନିବାସ ଘେରାଉ କରିବାକୁ ଶୁକ୍ରବାର କଂଗ୍ରେସ କର୍ମୀମାନେ ଯାଉଥିବାବେଳେ ରାଜମହଲ ଛକଠାରେ ପୋଲିସ ସହ ଧସ୍ତାଧସ୍ତି।

# ଉମାକାନ୍ତ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି

ଭୁବନେଶ୍ୱର, ୧।୩(ଅନିଲ ଦାସ)

ବିଜୁ ଜନତା ଜଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉମାକାନ୍ତ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ବିଜେଡି ପକ୍ଷରୁ ଜାରି ପ୍ରେସ ଇସ୍ତାହାରେ ଏହି ସୂଚନା ଦିଆଯାଇଛି। ଏଥିସହିତ କେନ୍ଦୁଝର ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଛାତ୍ର ଜନତା ଦଳର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଚମ୍ପୂଆ ନିର୍ବାଚନ ମଣ୍ଡଳୀ ପାଇଁ ଅଭିଶେଷ ବେହେରାଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଆନନ୍ଦପୁର ପାଇଁ ଅମରେନ୍ଦ୍ର ଧଳ, କେନ୍ଦୁଝର ସଦର ପାଇଁ ନାରାୟଣ ସିଂ ଏବଂ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦିନବନ୍ଧୁ ପତିଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

### ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ

# ମାର୍ଣ୍ଡିଙ୍କ ପାଇଁ ଚ୍ୟାଲେଞ୍ଜ ମକରଧ୍ୱଜ

## ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ

ବାଙ୍ଗିରିପୋଷି, ୧।୩
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ। ଏଠାକାର ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପୁଣି ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ତାଙ୍କୁ ଟକ୍କର ଦେବା ପାଇଁ ଭାଜପାର ୩ ନେତା ପାଗ ଭିଡ଼ିଲେଣି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ଛାଡ଼ି ଭାଜପାରେ ମିଶିଥିବା ଫାଗୁ ହାଁସଦା, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ସୁଗଦା ମୁର୍ମୁ ଏବଂ ଯୁବନେତା ମକରଧ୍ୱଜ ମୁର୍ମୁ ଭାଜପା ଟିକେଟ ପାଇଁ ଆଶାବାନ୍ଧି ବସିଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଭାବ ଅଧିକ ରହିଥିବାବେଳେ କଂଗ୍ରେସ ଓ ଜେଏମ୍ଏମ୍ ଏକ ପ୍ରକାର ନିଷ୍କ୍ରିୟ ରହିଛନ୍ତି। ଭାଜପା ନେତାମାନେ ବିଭିନ୍ନ ସଭାସମିତି ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରୁଥିବା ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସମସ୍ୟାକୁ ନେଇ ଧାରଣା, ହରତାଳ ଭଳି କାର୍ଯ୍ୟକ୍ରମ ଚଳାଇଥିବା ଦେଖିବାକୁ ମିଳୁଛି। ସେହିପରି ବିଜେଡି କର୍ମୀଙ୍କ ମଧ୍ୟରେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଥିବା ବାରି ହୋଇ ପଡୁଥିବା ବେଳେ ସଂଗଠନକୁ ସଜାଡ଼ିବା ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

୨୦୧୯ ନିର୍ବାଚନରେ ସୁଦାମ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଗଦା ମୁର୍ମୁଙ୍କୁ ପରାଜିତ କରି ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଆସନ୍ତା ନିର୍ବାଚନରେ ସେ ପୁଣି ପ୍ରାର୍ଥୀ ହୋଇ ବିଜୟୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ଦଳୀୟ ଚିହ୍ନରେ ନିର୍ବାଚନ ଲଢ଼ିବାକୁ ଭାଜପା ତାଲିକାରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଟିକେଟ ପାଇବା ଆଶାରେ ସେମାନେ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିବା ସହ ଲୋକଙ୍କ ସହଯୋଗ ମାଗିବା ଦେଖିବାକୁ ମିଳିଲାଣି । ପୁରୁଣା ସହ ଅନେକ ନୂଆ ମୁହଁ ମଇଦାନକୁ ଓହ୍ଲାଇବା ପାଇଁ କସରତ ଆରମ୍ଭ କରିଥିବା ବେଳେ ଦୌଡ଼ ଆଗରେ ଯୁବ ନେତା ମକରଧ୍ୱଜ ମୁର୍ମୁ ଥିବା ଆଲୋଚନା ହେଉଛି। ଚାନ୍ଦୁଆ ଥାନା ଅନ୍ତର୍ଗତ ସରଗଛିଡ଼ା ଗ୍ରାମର ମକରଧ୍ୱଜ ସାନ୍ତାଳ ପରିବାରରେ ଜନ୍ମ। ୩୯ ବର୍ଷୀୟ ଏହି ଶିକ୍ଷିତ ଯୁବନେତା ଅର୍ଥଶାସ୍ତ୍ରରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ସେ ସରଗଛିଡ଼ା ପଞ୍ଚାୟତର ସରପଞ୍ଚ ଥିବା ବେଳେ ଏବେ ତାଙ୍କ ସ୍ତ୍ରୀ ଫୁଲମଣି ସରପଞ୍ଚ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ରାମେଶ୍ୱର ରାଜନୀତିରେ ସକ୍ରିୟ ଅଛନ୍ତି। ରାଜନୈତିକ ପରିବାରରୁ ଆସିଥିବା ମକରଧ୍ୱଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଆଦିବାସୀ ଛାତ୍ର ସଂଗଠନ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ସେ କାର୍ଯ୍ୟ ଚଳାଇ ଆସୁଛନ୍ତି। ଦଳୀୟ ଟିକେଟ ମିଳିଲେ ସେ ନିଶ୍ଚୟ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିଭଳି ୨୦୧୯ ନିର୍ବାଚନରେ ପରାଜିତ ଭାଜପା ନେତା ସୁଗଦା ମୁର୍ମୁ ଗାଁଗାଁ ବୁଲି ସମର୍ଥକଙ୍କୁ ଏକାଠି କରିବା ସହିତ କର୍ମୀ ସମ୍ମିଳନୀ ଆଦି ଆୟୋଜନ କରି ଭୋଟରମାନଙ୍କୁ ନିଜ ଦଳ ସପକ୍ଷରେ ଆକୃଷ୍ଟ କରିବାରେ ଲାଗିଛନ୍ତି। ଏହା ବ୍ୟତୀତ ଜେଏମ୍ଏମ୍ ଛାଡ଼ି ଭାଜପାରେ ସାମିଲ ହୋଇଥିବା ଫାଗୁ ହାଁସଦା ମଧ୍ୟ ଭାଜପା ଟିକେଟ ପାଇଁ ଜୋରଦାର ଲବି ଚଳାଇଛନ୍ତି। ୨୦୦୪ରୁ ବିଜେଡି ଏହି ଆସନକୁ ଅକ୍ତିଆର କରିଆସିଛି। ଏଠାରୁ କେବେ ଜିତି ନ ଥିବା ଭାଜପା ଆସନ୍ତା ନିର୍ବାଚନରେ ଖାତା ଖୋଲିବା ନେଇ ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି।


ସୁଦାମ ମାର୍ଣ୍ଡି


ମକରଧ୍ୱଜ ମୁର୍ମୁ


ଫାଗୁ ହାଁସଦା


ସୁଗଦା ମୁର୍ମୁ

# ସିଦ୍ଧାର୍ଥଙ୍କ ନିର୍ବାଚନୀ କାର୍ଯ୍ୟାଳୟରେ ଭଙ୍ଗାରୁଜା


ସିଦ୍ଧାର୍ଥ ରାଉତରାୟ ଓ ତାଙ୍କ ସମର୍ଥକମାନେ ପୋଡ଼ିଯାଇଥିବା ବ୍ୟାନର ଦେଖୁଛନ୍ତି।

ନିମାପଡ଼ା, ୧।୩(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ସିଦ୍ଧାର୍ଥ ରାଉତରାୟଙ୍କ ନିର୍ବାଚନୀ କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ପଶି ଭଙ୍ଗାରୁଜା କରିବା ସହିତ ବ୍ୟାନର ପୋଡିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥଙ୍କର ନିମାପଡ଼ା ଥାନା ନିକଟ ନୂଆମଠ ସାହି ଗ୍ରାମରେ ନିର୍ବାଚନୀ କାର୍ଯ୍ୟାଳୟ ରହିଛି। ସିଦ୍ଧାର୍ଥ ନିମାପଡ଼ାରୁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ହେବା ନିମନ୍ତେ ଉଦ୍ୟମ କରୁଛନ୍ତି। ସେଥିପାଇଁ ସେ ଏଠାରେ କାର୍ଯ୍ୟାଳୟ ଖୋଲିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସିଦ୍ଧାର୍ଥଙ୍କ ତାଲା ଭାଙ୍ଗି କାର୍ଯ୍ୟାଳୟ ଭିତରେ ପଶି ଫ୍ଲେକ୍ସ, ବ୍ୟାନର ସବୁ ପୋଡ଼ିବା ସହିତ ଆସବାବପତ୍ର, କାଚବୋତଲ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଏନେଇ ସିଦ୍ଧାର୍ଥ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସେ ଗୁରୁବାର ରାତିରେ ବୈଠକ ସାରି ନିଜ ସମର୍ଥକଙ୍କ ସହିତ କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ରାତି ପ୍ରାୟ ୧ଟା ପରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଏଭଳି କାଣ୍ଡ କରାଯାଇଥିବା ସିଦ୍ଧାର୍ଥ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

# ଦଳବଦଳ ଚର୍ଚ୍ଚାକୁ ଖଣ୍ଡନ କଲେ ସୁରେନ୍ଦ୍ର

ବଲାଙ୍ଗୀର/ସଇଁତଳା, ୧।୩
(ବୀରେନ୍ଦ୍ର କୁମାର ଝାଙ୍କର/
ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଉଛନ୍ତି ବୋଲି ଗୁରୁବାର ଦିନତମାମ ଚର୍ଚ୍ଚା ଲାଗି ରହିଥିଲା। ଏଭଳିକି ସେ ବିଜେଡିରେ ଯୋଗଦେବା ପାଇଁ ନିଜ ସ୍ତ୍ରୀ ଓ କିଛି ଘନିଷ୍ଠ ସମର୍ଥକଙ୍କ ସହ ଭୁବନେଶ୍ୱର ଯାଇଛନ୍ତି ବୋଲି ଆଲୋଚନା ହେବା ପରେ ବିଜେଡି, କଂଗ୍ରେସ ଓ ଭାଜପାରେ ବି କମ୍ପନ ହୋଇଥିଲା। ଏଭଳି ଅଭିଯୋଗ ଏବଂ ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ। ସେ କହିଛନ୍ତି ଯେ, ତାଙ୍କ ଘର ଉପରେ ଏବେବି କଂଗ୍ରେସ ଝଣ୍ଡା ରହିଛି। ସେ କଂଗ୍ରେସରେ ରହିଛନ୍ତି ଓ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କିଛି ବିରୋଧୀ ଦଳର ଲୋକ ଏଭଳି ଅପପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତି କରୁଛନ୍ତି ବୋଲି ସେ କହିଛନ୍ତି। ବହୁ ଲୋକ ତାଙ୍କୁ ଫୋନ୍ କରି ଏ ସମ୍ପର୍କରେ ପଚାରିଥିଲେ ବୋଲି ସେ କହିଛନ୍ତି। ସେ କଂଗ୍ରେସ ଜିଲା ସଭାପତି ପଦରେ ଅଛନ୍ତି ଏବଂ ଆଗକୁ କଂଗ୍ରେସର ସବୁ ପ୍ରକାର କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି।

ଗୁରୁବାର ସୁରେନ୍ଦ୍ର ବିଜେଡିରେ ଯୋଗଦେବା ଖବର ପ୍ରଚାରିତ ହେବା ପରେ ନାନା ଚର୍ଚ୍ଚା ଶୁଣିବାକୁ ମିଳିଥିଲା। ବଲାଙ୍ଗୀର ଲୋକ ସଭା ଆସନରେ ଜଣେ ଆଦିବାସୀ ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ କରିବ ଏବଂ ସେଥିପାଇଁ ଦଳର ଉଚ୍ଚ ନେତୃବର୍ଗ ନୂଆ ରଣକୌଶଳ କରି ଜଣେ ଦକ୍ଷ ଆଦିବାସୀ ପ୍ରାର୍ଥୀ ଖୋଜୁଛନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ସମ୍ପ୍ରତି ସିଂଭୋଇ ବିଜେଡିରେ ଯୋଗଦାନ ଅଭିଯୋଗ ଓ ଚର୍ଚ୍ଚାକୁ ଖଣ୍ଡନ କରି ସାମୟିକ ଭାବେ ଏଭଳି ପ୍ରଚାରରେ ବିରାମ ଲଗାଇଥିଲେ ମଧ୍ୟ ଘଟଣାଟି ତଥାପି ଚର୍ଚ୍ଚାର କେନ୍ଦ୍ରରେ ରହିଛି।


ସୁରେନ୍ଦ୍ର ସିଂଭୋଇ

# କଂଗ୍ରେସ ଛାଡ଼ିଲେ ରଜତ ଚୌଧୁରୀ

ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)

ନିର୍ବାଚନ ପୂର୍ବରୁ ପିସିସି ଉପସଭାପତି ତଥା ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ କଂଗ୍ରେସ ଛାଡ଼ିଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ରଜତ ଯୁବ କଂଗ୍ରେସ ସଭାପତି ଥିଲେ। ଏହାପରେ ତାଙ୍କୁ ପିସିସି ସାଧାରଣ ସମ୍ପାଦକ ପଦ ମିଳିଥିଲା। କଂଗ୍ରେସ ଛାଡ଼ିବା ପରେ ରଜତ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଦଳରୁ ଇସ୍ତଫା ଦେବାପରେ ରଜତ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସ ଏବେ ରାଜ୍ୟରେ ଭାଜପା, ବିଜେଡି ସହ ଲଢ଼ିବା ସ୍ଥିତିରେ ନାହିଁ। ଦଳରେ ଯଦି କୌଣସି କାର୍ଯ୍ୟକ୍ରମ ସରକାରଙ୍କ ବିରୋଧରେ କରିବାକୁ କିଏ ଚିନ୍ତା କରୁଛି ତାକୁ ରୋକି ଦିଆଯାଉଥିବା ସେ କହିଛନ୍ତି।

# ଭାଜପା ଫୋକସ୍‌ରେ ଭଦ୍ରକ ଲୋକ ସଭା ଆସନ

ଭଦ୍ରକ, ୧।୩ (ସନାତନ ରାଉତ)

୨୦୧୯ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ଭାଜପା ଭଦ୍ରକ ସଂରକ୍ଷିତ ଲୋକ ସଭା ଆସନ ହରାଇଥିଲା। ଏଥର ଦଳ ଏହି ନିର୍ବାଚନମଣ୍ଡଳୀ ଉପରେ ଅଧିକ ଫୋକସ୍ କରୁଥିବା ଆଭାସ ମିଳିଲାଣି। ୧୯୯୮ଠାରୁ ଲଗାତର ବିଜେଡି ଦଖଲରେ ଭଦ୍ରକ ଲୋକ ସଭା ଆସନ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଦଳର ବିଜୟ ବ୍ୟବଧାନ ବହୁମାତ୍ରାରେ ହ୍ରାସ ପାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପୁଅ ଅଭିମନ୍ୟୁଙ୍କୁ ଭାଜପା ପ୍ରାର୍ଥୀ କରିଥିବା ବେଳେ ସେ ମାତ୍ର ୨୮,୮୦୩ ଖଣ୍ଡ ଭୋଟ୍‌ରେ ବିଜେଡିର ମଞ୍ଜୁଲତା ମଣ୍ଡଳଙ୍କଠାରୁ ପରାଜିତ ହୋଇଥିଲେ। ଅଭିମନ୍ୟୁଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ଅର୍ଜୁନ ଦଳ ଛାଡ଼ି ଭାଜପାରେ ସାମିଲ ହେବା ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। କାରଣ ଅର୍ଜୁନ ଚରଣ ସେଠୀ ଦୀର୍ଘବର୍ଷ ଧରି ବିଜେଡିରୁ ଏମ୍‌ପି ରହିଆସିଥିଲେ। ଅପରପକ୍ଷେ ବିଜେଡି ପ୍ରଥମ ଥର ପାଇଁ ଏହି ଆସନରେ ମହିଳା କାର୍ଡ ଖେଳି ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ମଞ୍ଜୁଳତାଙ୍କୁ ପ୍ରାର୍ଥୀ କରି ବାଜି ମାରି ନେଇଥିଲା।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆକୁ ମିଶାଇଲେ ମୋଟ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଭଦ୍ରକ ଲୋକ ସଭା ଆସନ ଗଠିତ। ଏହି ଆସନରେ ୨୦୧୪ରେ ଭାଜପାର ଭୋଟ ପ୍ରତିଶତ ୨୦.୦୩ ଥିବାବେଳେ ୨୦୧୯ରେ ଏହା ୩୯. ୫୧ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୨୦୧୪ରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ୨୦୧୯ରେ ତୃତୀୟ ସ୍ଥାନକୁ ଖସି ଆସିବା ସହ ଭୋଟ ପ୍ରତିଶତ ୨୯.୮୬ରୁ ହ୍ରାସ ପାଇ ୧୬.୯୮ରେ ରହିଥିଲା। ୨୦୧୯ରେ ଭାଜପା ପ୍ରାର୍ଥୀ ଅଭିମନ୍ୟୁଙ୍କୁ ୪ ଲକ୍ଷ ୮୩ ହଜାର ୫୦୨ ଏବଂ ବିଜେଡି ପ୍ରାର୍ଥୀ ମଞ୍ଜୁଲତାଙ୍କୁ ୫ ଲକ୍ଷ ୧୨ ହଜାର ୩୦୫ ଭୋଟ ମିଳିଥିଲା। ଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ହାରିଥିବା ଆସନଗୁଡ଼ିକୁ ଭାଜପା ଫୋକସ୍ କରିଥିବା ବେଳେ ଭଦ୍ରକ ଲୋକ ସଭା ଆସନରେ ଅଭିମନ୍ୟୁଙ୍କୁ ଜିତାଇବା ନେଇ ଏବେଠାରୁ ଦଳୀୟ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଅଭିମନ୍ୟୁ ମଧ୍ୟ ଲୋକ ସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳକୁ ବାରମ୍ବାର ଗସ୍ତ କରିବା ସହ ଲୋକସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି। ଜିଲାରୁ ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ଭାବେ ମଙ୍ଗ ଧରିଥିବା ବେଳେ ଭଦ୍ରକ ଲୋକ ସଭା ଓ ବିଧାନସଭା ଆସନଗୁଡ଼ିକୁ ହାତେଇବା ପାଇଁ ଅନ୍ୟ ଦଳର ନେତା ଓ ସଙ୍ଗଠକମାନଙ୍କୁ ଦଳରେ ମିଶାଇଚାଲିଥିବା ଦେଖିବାକୁ ମିଳୁଛି। ତାଙ୍କ ନେତୃତ୍ୱରେ ଦଳ ଧାମନଗର ଉପନିର୍ବାଚନ ଜିତି ନେଇଥିବା ବେଳେ ଏହି ଆଧାରରେ ଜିଲାରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ଜିଲାରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେଡିରୁ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏଥିସହିତ ଦଳୀୟ କନ୍ଦଳ ସୃଷ୍ଟି ହେଉଥିବାରୁ ବିଜେଡି ମଞ୍ଜୁଲତାଙ୍କୁ କିମ୍ବା ତାଙ୍କ ସ୍ୱାମୀ ମୁକ୍ତିକାନ୍ତଙ୍କୁ ଲୋକ ସଭା ପ୍ରାର୍ଥୀ କରିବ ନା ମଣ୍ଡଳ ଦମ୍ପତିଙ୍କୁ ବାଦ୍ ଦେଇ ତୃତୀୟ ବିକଳ୍ପ ଭାବେ ନୂଆ ମୁହଁ ଦେବ, ତାହାକୁ ଅପେକ୍ଷା।


ମଞ୍ଜୁଲତା ମଣ୍ଡଳ


ଅଭିମନ୍ୟୁ ସେଠୀ



ପୂର୍ବତନ ମିସ୍ ଇଣ୍ଡିଆ ତ୍ରିପୁରା ରିଙ୍କି ଚାକ୍ମାଙ୍କର କ୍ୟାନ୍ସରରେ ମୃତ୍ୟୁ ଘଟିଛି। ତାଙ୍କୁ ୨୮ ବର୍ଷ ହୋଇଥିଲା। ସେ ୨ ବର୍ଷ ହେଲା କ୍ୟାନ୍ସରରେ ପୀଡ଼ିତ ଥିଲେ। ଅସ୍ତ୍ରୋପଚାର ସତ୍ତ୍ୱେ ସେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ତାଙ୍କ ପରଲୋକରେ ଫେମିନା ମିସ୍ ଇଣ୍ଡିଆ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

## ସଂକ୍ଷେପରେ

### ୮,୪୭୦ କୋଟି ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ଫେରିନାହିଁ

**ମୁମ୍ବାଇ,୧।୩(ପି.ଟି.):** ବର୍ତ୍ତମାନ ସୁଦ୍ଧା ୯୭.୬୨ ପ୍ରତିଶତ ୨,୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଥିବାବେଳେ ଏବେ ବି ଲୋକଙ୍କ ପାଖରେ ୮,୪୭୦ କୋଟି ଟଙ୍କାର ଏହି ନୋଟ୍ ରହିଥିବା ରିଜର୍ଭ ବ୍ୟାଙ୍କ ଶୁକ୍ରବାର କହିଛି। ବଜାରରୁ ୨,୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ପ୍ରତ୍ୟାହାର କରିନେବାକୁ ଆର୍‌ବିଆଇ ୨୦୨୩ ମେ' ୧୯ରେ ଘୋଷଣା କରିଥିଲା। ସେହି ସମୟରେ ୩.୫୬ ଲକ୍ଷ କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ସର୍କୁଲେଶନରେ ରହିଥିଲା। ଗତ ୨୯ ତାରିଖ ସୁଦ୍ଧା ସେଥିରୁ ୮,୪୭୦ କୋଟି ଟଙ୍କାର ନୋଟ୍ ଫେରିପାରି ନାହିଁ ବୋଲି ଆର୍‌ବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# ଧର୍ମ ଆଧାରରେ ଭୋଟ ମାଗିବା ମନା

## ରାଜନୈତିକ ଦଳଗୁଡ଼ିକୁ ଇସିଙ୍କ ଚେତାବନୀ

**ନୂଆଦିଲ୍ଲୀ,୧।୩(ପି.ଟି.)**

ରାଜନୈତିକ ଦଳଗୁଡ଼ିକ ଜାତି, ଧର୍ମ ଓ ଭାଷା ଆଧାରରେ ମତଦାତାଙ୍କୁ ଭୋଟ ମାଗି ପାରିବେ ନାହିଁ। ଏପରି କି କୌଣସି ଦଳ ଅନ୍ୟ ଧର୍ମର ଦେବଦେବୀଙ୍କୁ ଅପମାନିତ କରିବା ଭଳି କାର୍ଯ୍ୟ କରିପାରିବେ ନାହିଁ ବୋଲି ଶୁକ୍ରବାର ଭାରତର ନିର୍ବାଚନ କମିଶନ (ଇସିଆଇ) କଡ଼ା ଚେତାବନୀ ଦେଇଛନ୍ତି। ଲୋକସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ କମିଶନଙ୍କ ଏହି ନିର୍ଦ୍ଦେଶାବଳୀକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଇସିଆଇ ଜାରି କରିଥିବା ଆଡ୍‌ଭାଇଜରି ଦଳ, ପ୍ରାର୍ଥୀ ଓ ସେମାନଙ୍କ ଷ୍ଟାର ପ୍ରଚାରକମାନଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ନିର୍ବାଚନ ପ୍ରଚାର ବେଳେ କୌଣସି ଧର୍ମସ୍ଥଳୀକୁ ବ୍ୟବହାର କରା ନ ଯାଉ ବୋଲି ଇସିଆଇ କହିଛନ୍ତି। ଅତୀତରେ ନୋଟିସ ପାଇଥିବା ଷ୍ଟାର ପ୍ରଚାରକ ଓ ପ୍ରାର୍ଥୀମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ପୁନରାବୃତ୍ତି କଲେ ସେମାନେ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ସେହିପରି ସାମାଜିକ ଗଣମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅପମାନିତ କରିବା ଭଳି ପୋଷ୍ଟ କରିବାକୁ ମଧ୍ୟ ମନା କରାଯାଇଛି। ଚଳିତମାସରେ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବ। ଏଥିସହ ଆଦର୍ଶ ଆଚରଣ ବିଧି ଲାଗୁ ହେବ। ଏହା ପୂର୍ବରୁ କମିଶନଙ୍କ ପକ୍ଷରୁ ଏହି ଆଡ୍‌ଭାଇଜରି ଜାରି କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିକଟରେ ରାଜନୈତିକ ଦଳଗୁଡ଼ିକୁ ବିଭାଜନକାରୀ ଓ ବ୍ୟକ୍ତିଗତ ଆକ୍ଷେପମୂଳକ ଭାଷା ପ୍ରୟୋଗରୁ କ୍ଷାନ୍ତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭୋଟରଙ୍କୁ ବିଭ୍ରାନ୍ତ କଲାଭଳି ଭାଷା ବ୍ୟବହାର ନ କରିବାକୁ ତାଗିଦ୍ କରିଥିଲେ। ସଦ୍ୟ ନିର୍ଦ୍ଦେଶନାମା ସହ ଦଳ, ପ୍ରାର୍ଥୀ ଓ କ୍ୟାମ୍ପେନରମାନଙ୍କ ପାଇଁ ଅତିରିକ୍ତ ଉତ୍ତରଦାୟିତ୍ୱ ସ୍ଥିର କରାଯାଇଛି।

# ଢାକା ବିଲ୍ଡିଂରେ ନିଆଁ: ୪୬ ମୃତ

**ଢାକା,୧।୩**



ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଏକ ୭ ମହଲା କୋଠାରେ ଗୁରୁବାର ରାତିରେ ନିଆଁ ଲାଗି ଅନ୍ୟୁନ ୪୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଆହତ ହୋଇଛନ୍ତି। ବାଇଲି ରୋଡ୍ ଏରିଆରେ ଥିବା ଗ୍ରୀନ୍ କୋଜି କଟେଜ୍ ବିଲ୍ଡିଂର ଫାଷ୍ଟ ଫ୍ଲୋରରେ ରାତି ପ୍ରାୟ ୯ଟା ୫୦ରେ ନିଆଁ ଲାଗିଥିଲା। ଲୋକପ୍ରିୟ 'ରେଷ୍ଟୁରାଣ୍ଟ କାଚ୍ଚିଭାଇ'ରୁ ନିଆଁ ଉପର ମହଲାକୁ ବ୍ୟାପିଥିଲା। ଉପର ମହଲାଗୁଡ଼ିକରେ ଥିବା ରେଷ୍ଟୁରାଣ୍ଟ ଓ କପଡ଼ା ଦୋକାନଗୁଡ଼ିକ ଏଥିରେ ଭସ୍ମୀଭୂତ ହୋଇଯାଇଥିବା ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ସାମନ୍ତଲାଲ ସେନ କହିଛନ୍ତି, ରାତି ପ୍ରାୟ ୨ଟାରେ ୩୩ ମୃତଦେହ ଢାକା ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ସେହିପରି ଅନ୍ୟ ୧୦ ଜଣଙ୍କ ମୃତଦେହ ଶେଖ୍ ହାସିନା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରିକୁ ନିଆଯାଇଥିଲା। ଆଉ ଜଣେ ଆହତ ପୋଲିସ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ଆହତମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଢାକା ମେଡିକାଲ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ଆଉ ଜଣେ ଆହତଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଏହାକୁ ମାନୁ ନ ଥିବାରୁ ଏପରି ଅଘଟଣ ଘଟୁଥିବା ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି।

### ଅଲ୍ଟମ୍ୟାନ୍‌ଙ୍କୁ କୋର୍ଟକୁ ଟାଣିଲେ ମସ୍କ



ସାମ୍ ଅଲ୍ଟମ୍ୟାନ୍



ଏଲନ୍ ମସ୍କ

**ୱାଶିଂଟନ୍,୧।୩:** ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଚାଟ୍‌ଜିପିଟି ନିର୍ମାତା ଓପନ୍‌ଏଆଇ ତଥା ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ସାମ୍ ଅଲ୍ଟମ୍ୟାନ୍‌ଙ୍କୁ ଚୁକ୍ତି ଖିଲାପି ଅଭିଯୋଗରେ କୋର୍ଟର କାଠଗଡ଼ାକୁ ଟାଣିଛନ୍ତି। ବ୍ୟବସାୟିକ ଲାଭ ପରିବର୍ତ୍ତେ ମାନବ ଜାତିର ସୁବିଧା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବିକଶିତ କରିବା ଓପନ୍‌ଏଆଇ କମ୍ପାନୀର ମୂଳ ମିଶନ ଥିଲା। ଏଥିସକାଶେ ଅଲ୍ଟମ୍ୟାନ୍ ଏବଂ ଓପନ୍‌ଏଆଇ ସହ ପ୍ରତିଷ୍ଠାତା ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ମସ୍କଙ୍କ ସହ ପୂର୍ବରୁ ଯୋଗାଯୋଗ କରିଥିଲେ। କିନ୍ତୁ ଅଲ୍ଟମ୍ୟାନ୍ ଏବଂ ତାଙ୍କ ସହଯୋଗୀମାନେ ଏହି ମିଶନରୁ ଓହରିଯାଇଥିବା ମସ୍କ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆମେରିକାର ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ଏକ କୋର୍ଟରେ ଦାଖଲ କରିଥିବା ପିଟିଶନରେ ମସ୍କଙ୍କ ଓକିଲ ଲେଖିଛନ୍ତି, ମାଇକ୍ରୋସଫ୍ଟର ଏମ୍ଏସ୍ଏଫ୍‌ଟି.ଓ ଆର୍ଥିକ ଲାଭ ପାଇଁ ଚୁକ୍ତି ଖିଲାପ କରିଛି। କମ୍ପାନୀ ଏଥିରେ ଏଆଇ ମଡେଲ୍‌ର ସବୁଠୁ ଆଡ୍‌ଭାନ୍ସଡ୍ ଜିପିଟି-୪ର ଡିଜାଇନ୍‌କୁ ବ୍ୟବହାର କରିଛି।

## ୧୯୫୨ରୁ ୨୦୧୯ ଲୋକ ସଭା ନିର୍ବାଚନ

# ପ୍ରାର୍ଥୀ ସଂଖ୍ୟା ୪ ଗୁଣ ବଢ଼ିଛି

**ନୂଆଦିଲ୍ଲୀ,୧।୩(ପି.ଟି.)**

ଭାରତରେ ୧୯୫୨ରେ ଲଢ଼ାଯାଇଥିବା ପ୍ରଥମ ଲୋକ ସଭା ନିର୍ବାଚନରୁ ୨୦୧୯ ନିର୍ବାଚନ ମଧ୍ୟରେ ପ୍ରାର୍ଥୀ ସଂଖ୍ୟା ୪ ଗୁଣରୁ ଅଧିକ ବଢ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୫୨ରେ ୧,୮୭୪ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିବାବେଳେ ୨୦୧୯ରେ ପ୍ରତିଯୋଗୀଙ୍କ ସଂଖ୍ୟା ୮,୦୩୯ ରହିଥିଲା। ଏହି ଅବଧି ମଧ୍ୟରେ ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ପ୍ରାର୍ଥୀ ସଂଖ୍ୟା ୪.୬୭%ରୁ ୧୪.୮%କୁ ବଢ଼ିଛି।

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଯଦିଓ ୧୯୫୨ ନିର୍ବାଚନଠାରୁ ପ୍ରତି ଥର ପ୍ରାର୍ଥୀ ସଂଖ୍ୟା ବଢ଼ିଚାଲିଛି, ଏଥର କେତେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବେ ତାହା ଜଣାପଡ଼ି ନାହିଁ। ତଥ୍ୟ ଅନୁଯାୟୀ ୧୯୭୭ରେ ଷଷ୍ଠ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ପ୍ରାର୍ଥୀ ସଂଖ୍ୟା ୩ରୁ ୫ ମଧ୍ୟରେ ରହୁଥିଲା। ଗତ ନିର୍ବାଚନରେ ତାହା ୧୪.୮ରେ ପହଞ୍ଚିଥିଲା। ଅଣଲାଭଦାୟକ ସଂସ୍ଥା ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି, ୨୦୧୯ ସାଧାରଣ ନିର୍ବାଚନରେ ୫୪୨ ସଂସଦୀୟ କ୍ଷେତ୍ରରୁ ୮,୦୩୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେଲଙ୍ଗାନାରେ ପ୍ରତି ସଂସଦୀୟ କ୍ଷେତ୍ରରେ ହାରାହାରି ପ୍ରାର୍ଥୀ ସଂଖ୍ୟା ସର୍ବାଧିକ ଥିଲେ। କେବଳ ନିଜାମବାଦ୍ ଆସନ ପାଇଁ ୧୮୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ଆସନକୁ ବାଦ୍ ଦେଲେ ତେଲଙ୍ଗାନାର ହାରାହାରି ପ୍ରାର୍ଥୀ ସଂଖ୍ୟା ୧୬.୧ ଥିଲା। ତେଲଙ୍ଗାନା ପରେ ତାମିଲନାଡୁରେ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ପ୍ରାର୍ଥୀ ସଂଖ୍ୟା ଦ୍ୱିତୀୟ ସର୍ବାଧିକ ଥିଲା। ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସ୍ୱାଧୀନ ଭାବେ ଲଢ଼ିଥିଲେ। ନିଜାମବାଦ୍ ପରେ ଦ୍ୱିତୀୟ ସର୍ବାଧିକ ପ୍ରାର୍ଥୀ କର୍ଣ୍ଣାଟକର ବେଲଗାମ୍ ଆସନରୁ ଲଢ଼ିଥିଲେ।

ଗତ ନିର୍ବାଚନରେ ଭାଜପା ଏବଂ କଂଗ୍ରେସ ଯଥାକ୍ରମେ ୪୩୫ ଏବଂ ୪୨୦ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ୩୭୩ ଆସନରେ ଉଭୟ ଦଳ ମଧ୍ୟରେ ଲଢ଼େଇ ହୋଇଥିଲା। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ତୃତୀୟ ସର୍ବାଧିକ ପ୍ରାର୍ଥୀ ଦେଇଥିଲା। ୭ ଜାତୀୟ ଦଳ ନିର୍ବାଚନ ମଣ୍ଡଳୀ ପିଛା ୨.୬୯ ପ୍ରାର୍ଥୀ ଛିଡ଼ା କରାଇଥିବାବେଳେ ପଶ୍ଚିମବଙ୍ଗରେ ସର୍ବାଧିକ ହାରାହାରି ୪.୬ ପ୍ରାର୍ଥୀ ଲଢ଼ିଥିଲେ। ସେହିପରି ସ୍ୱୀକୃତିପ୍ରାପ୍ତ ରାଜ୍ୟ ଦଳ ନିର୍ବାଚନ ମଣ୍ଡଳୀ ପିଛା ହାରାହାରି ୧.୫୩ ପ୍ରାର୍ଥୀ ଦେଇଥିଲେ।

ତଥ୍ୟ ଅନୁଯାୟୀ ୧୯୫୨ରେ ୪୮୯ ଆସନ ପାଇଁ ୧,୮୭୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଅର୍ଥାତ୍ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ୩.୮୩ ପ୍ରାର୍ଥୀ ଥିଲେ। ୧୯୭୧ରେ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୨,୭୮୪କୁ ବଢ଼ିଥିବାବେଳେ ହାରାହାରି ପ୍ରାର୍ଥୀ ସଂଖ୍ୟା ୫.୩୭ ହୋଇଥିଲା। ୧୯୭୭ରେ ମୋଟ ପ୍ରାର୍ଥୀ ସଂଖ୍ୟା ୨,୪୩୯ (ହାରାହାରି ୪.୫), ୧୯୮୦ରେ ୪,୬୨୯ (ହାରାହାରି ୮.୫୪) ରହିଥିଲେ। ସେହିପରି ୧୯୮୪-୮୫ ଅଷ୍ଟମ ସାଧାରଣ ନିର୍ବାଚନରେ ମୋଟ ପ୍ରାର୍ଥୀ ସଂଖ୍ୟା ୫,୪୯୨ ଥିବାବେଳେ ହାରାହାରି ପ୍ରାର୍ଥୀସଂଖ୍ୟା ୧୦.୧୩ ରହିଥିଲା। ୧୯୮୯ରେ ମୋଟ ପ୍ରାର୍ଥୀ ୬,୧୬୦ (ହାରାହାରି ୧୧.୩୪), ୧୯୯୧-୯୨ରେ ୫୪୩ ଆସନ ପାଇଁ ମୋଟ ପ୍ରାର୍ଥୀ ୮,୬୬୮ (ହାରାହାରି ୧୫.୯୬) ରହିଥିଲେ। ଏକାଦଶ ଲୋକ ସଭା ପାଇଁ ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ପ୍ରାର୍ଥୀ ସଂଖ୍ୟା ୨୫.୬୯କୁ ବଢ଼ିଥିଲା। ସେଥର ମୋଟ ୧୩,୯୫୨ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ୧୯୯୮ରେ ମୋଟ ପ୍ରାର୍ଥୀ ୪,୭୫୦ ଥିବାବେଳେ ହାରାହାରି ପ୍ରାର୍ଥୀ ଥିଲେ ୮.୭୫। ୧୯୯୯ରେ ପ୍ରାର୍ଥୀ ସଂଖ୍ୟା ଥିଲା ୪,୬୪୮। ୨୦୦୪ରେ ୫,୪୩୫ ପ୍ରାର୍ଥୀ ଲଢ଼ିଥିବାବେଳେ ୨୦୦୯ରେ ୮,୦୭୦ ଜଣ ଏବଂ ୨୦୧୪ରେ ୮,୨୫୧ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଥିଲେ।



ଚର୍ଚ୍ଚରେ ଏଲେକ୍ସି ନାଭାଲ୍‌ନିଙ୍କ କଫିନ୍ ନିକଟରେ ତାଙ୍କ ବାପା ଆନାଟୋଲି ନାଭାଲ୍‌ନି ଓ ମା' ଲ୍ୟୁଡ୍‌ମିଲା ନାଭାଲନୟାଙ୍କ ସହ ଆତ୍ମୀୟ ସ୍ୱଜନ।

# ନାଭାଲ୍‌ନିଙ୍କୁ ବିଦାୟ ଜଣାଇଲେ ରୁଷୀୟ

**ମସ୍କୋ,୧।୩(ଏପି):** ରୁଷିଆର ବିରୋଧୀ ନେତା ସ୍ୱର୍ଗତ ଏଲେକ୍ସି ନାଭାଲ୍‌ନିଙ୍କ ଶେଷକୃତ୍ୟ ଶୁକ୍ରବାର ମସ୍କୋରେ ସମ୍ପନ୍ନ ହୋଇଛି। ୨ ସପ୍ତାହ ତଳେ ଆର୍କଟିକ୍ ପେନାଲ କଲୋନି ଜେଲରେ ଘଟିଥିବା ନାଭାଲ୍‌ନିଙ୍କ ସନ୍ଦେହଜନକ ମୃତ୍ୟୁ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦାୟୀ କରାଯାଉଛି। କାରଣ ନାଭାଲ୍‌ନି ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ଥିଲେ। ଶୁକ୍ରବାର ତାଙ୍କ ଶେଷକୃତ୍ୟ ପାଇଁ ଅନେକ ଚର୍ଚ୍ଚ ମନା କରିଦେଇଥିଲେ। ଶେଷରେ ଚର୍ଚ୍ଚ ଅଫ୍ ଦି ଆଇକନ୍ ଅଫ୍ ଦି ମଦର ସୁଥ୍ ମାଇଁ ସରୋଜ୍‌ରୁ ମୃତଦେହକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବୋରିସୋଭ୍‌ସ୍କୋୟେ ସମାଧିସ୍ଥଳକୁ ନେଇ ଶେଷକୃତ୍ୟ କରାଯାଇଛି। ନିଜ ପ୍ରିୟ ନେତାଙ୍କ ଉଦ୍ଦେଶ୍ୟରେ ତାଙ୍କ ସମର୍ଥକମାନେ ସ୍ଲୋଗାନ ଦେଇଛନ୍ତି, ନାଭାଲ୍‌ନି ! ନାଭାଲ୍‌ନି ! ଆଉ କେତେଜଣ କହୁଥିଲେ, ଆପଣ କେବେ ଭୟଭୀତ ନ ଥିଲେ, ଆମେ ମଧ୍ୟ ଭୟଭୀତ ନୋହୁଁ।

# ବେଙ୍ଗାଲୁରୁ କାଫେରେ ବିସ୍ଫୋରଣ: ୧୦ ଆହତ

## ବୋମା ରଖିଥିବା ବ୍ୟକ୍ତି ଚିହ୍ନଟ

**ବେଙ୍ଗାଲୁରୁ,୧।୩(ପି.ଟି.)**




ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେରେ ଶୁକ୍ରବାର ଅପରାହ୍ନରେ ବୋମା ବିସ୍ଫୋରଣ ଘଟି ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ କାଫେର କର୍ମଚାରୀ ହୋଇଥିବାବେଳେ ଅନ୍ୟମାନେ ଗ୍ରାହକ। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚରୁ ବୋମା ଖଞ୍ଜିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଏବଂ ବିସ୍ଫୋରକ ସାମଗ୍ରୀ ଆଇନ ଅନୁଯାୟୀ ବେଙ୍ଗାଲୁରୁର ଏଚ୍‌ଏଏଲ୍ ଥାନାରେ ମାମଲା ରୁଜୁ ହୋଇଛି। ଆଇଇଡିରୁ ବିସ୍ଫୋରଣ ଘଟିଥିଲା ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। କାଫେ ନିକଟରେ ରଖାଯାଇଥିବା ବ୍ୟାଗ୍‌ରେ ଆଇଇଡି ରହିଥିଲା। ଅଭିଯୁକ୍ତ ଜଣକ କାଫେରେ ଖାଇବା ପରେ ସେଠାରେ ବ୍ୟାଗ୍ ରଖିଦେଇ ଚାଲିଯାଇଥିଲେ।

ଘଟଣାସ୍ଥଳରେ କର୍ଣ୍ଣାଟକ ପୋଲିସ ଡିଜି ଆଲୋକ ମୋହନ, ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ ଓ ଅନ୍ୟା ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦାରଖ ଚଳାଇଛନ୍ତି। ଏନ୍‌ଆଇଏ ଏବଂ ଆଇବି ଅଧିକାରୀମାନଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ବିସ୍ଫୋରଣର ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି। ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟିଥିବା ପ୍ରଥମେ ସନ୍ଦେହ କରାଯାଉଥିଲାବେଳେ ଅଗ୍ନିଶମ ବିଭାଗ ଏହାକୁ ଖଣ୍ଡନ କରିଥିଲା। ଘଟଣାସ୍ଥଳରୁ ଏକ ବ୍ୟାଗ୍ ମିଳିଥିବାରୁ ସେଥିରେ ବିସ୍ଫୋରଣ ସାମଗ୍ରୀ ରହିଥିବା ନେଇ ଅଗ୍ନିଶମ ଅଧିକାରୀ ସନ୍ଦେହ ପ୍ରକାଶ କରିଥିଲେ।

## ମହାଦେବ ଆପ୍ ମାମଲା

### ୫୮୦ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧।୩(ପି.ଟି.)**

ମହାଦେବ ଆପ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁବାଇର ହାୱାଲା ଅପରେଟରଙ୍କ ୫୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ସିକ୍ୟୁରିଟି ହୋଲ୍ଡିଂକୁ ଅଚଳ କରିବା ସହ ୩.୬୪ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ ଓ ମୂଲ୍ୟବାନ୍ ସାମଗ୍ରୀ ଜବତ କରିଛି। ଇଡି ପକ୍ଷରୁ ଉକ୍ତ ହାୱାଲା ଅପରେଟରଙ୍କର କୋଲକାତା, ଗୁରୁଗ୍ରାମ, ଦିଲ୍ଲୀ, ଇନ୍ଦୋର, ମୁମ୍ବାଇ ଏବଂ ରାୟପୁରରେ ଥିବା କାର୍ଯ୍ୟାଳୟ ଉପରେ ଫେବୃଆରୀ ୨୮ରେ ଚଢ଼ାଉ କରାଯାଇଥିଲା। ମହାଦେବ ଅନ୍‌ଲାଇନ ବୁକ୍‌ଗେମିଂ ଓ ବେଟିଂ ଆପ୍ ସହ ଛତିଶଗଡ଼ର ବହୁ ରାଜନେତା ଓ ଉଚ୍ଚପଦସ୍ଥ ଅଧିକାରୀ ସମ୍ପୃକ୍ତ ଥିବା ଇଡି ତଦନ୍ତରୁ ଜାଣିବାକୁ ପାଇଛି। ଆପ୍‌ର ଦୁଇ ମୁଖ୍ୟ ପ୍ରମୋଟରଙ୍କ ଘର ଛତିଶଗଡ଼ରେ। ମୁଖ୍ୟ ହାୱାଲା ଅପରେଟର ହରିଶଙ୍କର ଟିବ୍ରେୱାଲଙ୍କ ଘର କୋଲକାତା ହୋଇଥିବାବେଳେ ସେ ଏବେ ଦୁବାଇରେ ରହୁଛନ୍ତି। ଇଡି ତାଙ୍କ ଘର ସମେତ ତାଙ୍କ ସହଯୋଗୀମାନଙ୍କ ଘରେ ଚଢ଼ାଉ କରିଥିଲା।

# କୋରାପୁଟରେ ତିଆରି ହେବ ମିଗ୍ ବିମାନ ଇଞ୍ଜିନ୍

**ନୂଆଦିଲ୍ଲୀ,୧।୩(ପି.ଟି.)**

## ୩୯,୧୨୫ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର

ବ୍ରହ୍ମୋସ୍ ସୁପରସୋନିକ କ୍ରୁଜ୍ ମିଶାଇଲ, ରାଡାର, ୱେପନ୍ ସିଷ୍ଟମ, ମିଗ୍-୨୯ ଜେଟ୍ ବିମାନ ପାଇଁ ଏରୋ-ଇଞ୍ଜିନ୍ ସମେତ ୫ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଭାରତ ଶୁକ୍ରବାର ବିଭିନ୍ନ ସଂସ୍ଥା ସହ ୩୯,୧୨୫ କୋଟି ଟଙ୍କା ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ସମସ୍ତ ପ୍ରତିରକ୍ଷା ସରଞ୍ଜାମ ସଶସ୍ତ୍ର ବଳର ଆକ୍ରମଣ କ୍ଷମତା ବଢ଼ାଇବ। ଆର୍‌ଡି-୩୩ ଏରୋ ଇଞ୍ଜିନ୍ ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସହ ୫,୨୪୯.୭୨ କୋଟିର ଚୁକ୍ତି ସ୍ୱାକ୍ଷର ହୋଇଛି। ହାଲ୍‌ର କୋରାପୁଟ ଡିଭିଜନରେ ଏରୋ ଇଞ୍ଜିନ ତିଆରି ହେବ ବୋଲି ମନ୍ତ୍ରଣାଳୟ କହିଛି। ଏହି ଇଞ୍ଜିନ ଭାରତୀୟ ବାୟୁସେନାର ମିଗ୍-୨୯ ଯୁଦ୍ଧବିମାନଗୁଡ଼ିକର ଅପରେଶନ କ୍ଷମତା ବଢ଼ାଇବ। ରୁଷିଆର ମୂଳ ନିର୍ମାତାଙ୍କଠାରୁ ପ୍ରଯୁକ୍ତି ହସ୍ତାନ୍ତର ଲାଇସେନ୍ସ ଜରିଆରେ ଏହି ଏରୋ-ଇଞ୍ଜିନ ନିର୍ମାଣ କରାଯିବ। ସେହିପରି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପାଇଁ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରା.ଲିଃ (ବିଏପିଏଲ୍) ସହ ୧୯,୫୧୮.୬୫ କୋଟି ଟଙ୍କାର ଚୁକ୍ତି ହୋଇଥିବାବେଳେ ଜାହାଜରୁ ଛଡ଼ାଯାଇପାରୁଥିବା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଲାଗି ୯୮୮ କୋଟି ଟଙ୍କାର ଅନ୍ୟ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହା ବ୍ୟତୀତ କ୍ଲୋଜ୍-ଇନ୍ ୱେପନ୍ ସିଷ୍ଟମ (ସିଆଇଡବ୍ଲ୍ୟୁଏସ୍) କ୍ରୟ ପାଇଁ ଲାର୍ସନ ଆଣ୍ଡ ଟୁବ୍ରୋ ଲିଃ ସହ ମନ୍ତ୍ରଣାଳୟ ୭,୬୬୮.୮୨ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି। ସେହିପରି ଉଚ୍ଚ କ୍ଷମତାସମ୍ପନ୍ନ ରାଡାର ସିଷ୍ଟମ୍ କ୍ରୟ ନିମନ୍ତେ ଲାର୍ସନ ଆଣ୍ଡ ଟୁବ୍ରୋ ସହ ୫,୭୦୦ କୋଟିର ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ସଚିବ ଗିରିଧର ଅରମାନେଙ୍କ ଉପସ୍ଥିତିରେ ବିଭିନ୍ନ ପ୍ଲାଟ୍‌ଫର୍ମ ଓ ୱେପନ୍ ସିଷ୍ଟମ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି।

### ସରକାରୀ ହେବେ ଆଉ ୨୫ ଘରୋଇ ବାବୁ

**ନୂଆଦିଲ୍ଲୀ,୧।୩:** ଘରୋଇ କ୍ଷେତ୍ରର ୨୫ ଜଣ ବିଶେଷଜ୍ଞଙ୍କୁ କେନ୍ଦ୍ର ଖୁବ୍‌ଶୀଘ୍ର ସରକାରୀ ଉଚ୍ଚ ପଦବୀରେ ନିଯୁକ୍ତି ଦେବାକୁ ଯାଉଛି। ଶାସନ ବ୍ୟବସ୍ଥାକୁ ସହଜ କରିବା ପାଇଁ ମୋଦି ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କେନ୍ଦ୍ରର ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଏବଂ ୨୨ ଜଣଙ୍କୁ ନିର୍ଦ୍ଦେଶକ/ଉପସଚିବ ପଦରେ ନିଯୁକ୍ତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି (ଏସିସି) ଏହାକୁ ମଞ୍ଜୁରୀ ଦେଇଛି। ସାଧାରଣତଃ ଯୁଗ୍ମ ସଚିବ, ନିର୍ଦ୍ଦେଶକ ଓ ଉପସଚିବ ପଦରେ ନିଯୁକ୍ତ ହେଉଥିବା ଅଧିକାରୀମାନେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଏବଂ ଭାରତୀୟ ବନ ସେବା (ଆଇଏଫ୍‌ଓଏସ୍) ସମେତ ଅନ୍ୟ ଗ୍ରୁପ୍ ଏ ସେବା ଭଳି ସର୍ବଭାରତୀୟ ସେବାରୁ ଆସିଥାଆନ୍ତି। କିନ୍ତୁ ୨୦୧୮ରୁ କେନ୍ଦ୍ର ସରକାର ଲାଟେରାଲ ଏଣ୍ଟ୍ରି ଜରିଆରେ ଘରୋଇ କ୍ଷେତ୍ରରୁ ମଧ୍ୟ ନିଯୁକ୍ତି ଦେଇଆସୁଛନ୍ତି। ଲାଟେରାଲ ଏଣ୍ଟ୍ରି ବଳରେ ନିଯୁକ୍ତି ପାଉଥିବା ଅଧିକାରୀମାନେ ନୀତି ପ୍ରଣୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ୨୦୧୮ ଜୁନ୍‌ରେ କାର୍ମିକ ମନ୍ତ୍ରଣାଳୟ ୧୦ ଯୁଗ୍ମ ସଚିବ ପାହ୍ୟାର ପଦବୀ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ କରିଥିଲା। କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେହିପରି ୨୦୨୧ ଅକ୍ଟୋବରରେ ମଧ୍ୟ କମିଶନ ୩୧ ଜଣଙ୍କୁ ଯୁଗ୍ମ ସଚିବ(୩), ନିର୍ଦ୍ଦେଶକ(୧୯) ଏବଂ ଉପନିର୍ଦ୍ଦେଶକ(୯) ପଦରେ ନିଯୁକ୍ତି ଦେଇଥିଲେ। ଅଦ୍ୟାବଧି ୩୮ ପ୍ରାଇଭେଟ ସେକ୍ଟର ସ୍ପେଶାଲିଷ୍ଟଙ୍କୁ ଏଭଳି ନିଯୁକ୍ତି ପ୍ରଦାନ କରାଯାଇଛି।

# ଅନନ୍ତ ଅମ୍ବାନୀଙ୍କ ବାହାଘରରେ ୧,୨୦୦ ଅତିଥି



ପ୍ରି-ୱେଡିଂ ସେରିମନିରେ ରାଧିକା ମର୍ଚ୍ଚାଣ୍ଟଙ୍କ ସହ ଅନନ୍ତ ଅମ୍ବାନୀ।

**ଜାମନଗର,୧।୩:** ଭାରତର ଶ୍ରେଷ୍ଠ ଧନୀ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନପୁଅ ୨୮ ବର୍ଷୀୟ ଅନନ୍ତଙ୍କର ବିବାହ ତାଙ୍କ ଦୀର୍ଘଦିନର ବାନ୍ଧବୀ ରାଧିକା ମର୍ଚ୍ଚାଣ୍ଟ(୨୯)ଙ୍କ ସହ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରି-ୱେଡିଂ ଉତ୍ସବ ଶୁକ୍ରବାର ଠାରୁ ଗୁଜରାଟର ଜାମନଗରରେ ଆରମ୍ଭ ହୋଇଛି। ଏଥିରେ ବହୁସଂଖ୍ୟାରେ ବଡ଼ ବ୍ୟବସାୟୀ ଏବଂ ସେଲିବ୍ରିଟି ଯୋଗ ଦେଉଥିବାବେଳେ ସେମାନଙ୍କୁ ନେବାଆଣିବା ପାଇଁ ଚାର୍ଟର ଜେଟ୍‌ର ବ୍ୟବସ୍ଥା କରାଯାଇଛି। ୧,୨୦୦ ଅତିଥି ଏହି ଉତ୍ସବରେ ସାମିଲ ହୋଇଛନ୍ତି।



ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ୟୁଏଇର ବ୍ୟବସାୟୀ ମହମ୍ମଦ ଆଲାବ୍ବର।

ଅତିଥିମାନଙ୍କ ତାଲିକାରେ ଆମେରିକାର ବିଲ୍ ଗେଟ୍ସ, ମାର୍କ ଜୁକେରବର୍ଗ ଥିବାବେଳେ ଭାରତୀୟ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ଗୌତମ ଆଦାନୀ, କୁମାର ମଙ୍ଗଳମ୍ ବିର୍ଲା, ବଲିଉଡ୍ ତାରକା ଶାହରୁଖ ଖାନ୍, ସଲମାନ ଖାନ୍ ପ୍ରମୁଖ ରହିଛନ୍ତି।

### ସଙ୍ଗୀତ ପରିବେଷଣ ପାଇଁ ରେହାନାଙ୍କୁ ୭୪ କୋଟି



ଅନନ୍ତ ଅମ୍ବାନୀଙ୍କ ବାହାଘରରେ ଯୋଗଦେଉଥିବା ଅତିଥିମାନଙ୍କ ମନୋରଞ୍ଜନ ପାଇଁ ପପ୍ ଏବଂ ଆର୍ ଆଣ୍ଡ ବି ସୁପରଷ୍ଟାର ରିହାନା ସଙ୍ଗୀତ ପରିବେଷଣ କରିବାକୁ ଥିବାବେଳେ ଆମେରିକାର ଯାଦୁଗର ଡାଭିଡ୍ ବ୍ଲେନ୍ ମ୍ୟାଜିକ୍ ପରିବେଷଣ କରିବେ। ରିହାନା ସଙ୍ଗୀତ ପରିବେଷଣ ପାଇଁ ୮ରୁ ୯ ନିୟୁତ ଡଲାର (୬୬ରୁ ୭୪ କୋଟି ଟଙ୍କା) ନେଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅତିଥିଙ୍କ ପାଇଁ ୫୦୦ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଛି। ମନ୍ଦିର କମ୍ପ୍ଲେକ୍ସରେ ପାରମ୍ପରିକ ଉତ୍ସବ ଅନୁଷ୍ଠିତ ହେବ। ବୁଧବାର ଅନନ୍ତ ଏବଂ ତାଙ୍କ ଭାବୀ ସ୍ତ୍ରୀ ସ୍ଥାନୀୟ ଅଞ୍ଚଳର ୫୧,୦୦୦ ଲୋକଙ୍କ ପାଇଁ ଅନ୍ନସେବାର ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁକେଶଙ୍କ ସମେତ ଅନନ୍ତ ଏବଂ ରାଧିକା ଲୋକଙ୍କୁ ଖାଦ୍ୟ ପରିବେଷଣ କରୁଥିବା ଦେଖାଯାଇଥିଲା।

# ୫ଦିନରେ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

**ବରଗଡ଼, ୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ, ବୀମା କମ୍ପାନୀ, ବିଦ୍ୟୁତ ବିତରଣ କମ୍ପାନୀ ଏବଂ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ବୀମା କ୍ଷତିପୂରଣ ସହାୟତା ପ୍ରସଙ୍ଗରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗତ ଖରିଫ ଋତୁ ଶେଷ ଆଡକୁ ମିଗ୍‌ଜୋମ୍ ସାମୁଦ୍ରିକ ଝଡ଼ କାରଣରୁ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ସତ୍ତ୍ୱେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ବୀମା କ୍ଷତିପୂରଣ ସହାୟତା ମିଳି ନ ଥିବା ନେଇ ଆଲୋଚନା ହୋଇଥିଲା। ଫସଲକ୍ଷତି ଆକଳନ କରି ପ୍ରଥମେ ଜିଲା ପ୍ରଶାସନ ୪୧ ହଜାର ହେକ୍ଟର ଜମି ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ରିପୋର୍ଟ ଦେଇଥିଲେ। ହେଲେ କ୍ଷତିପୂରଣ କେବଳ ୪୦୦ ହେକ୍ଟର ଫସଲକ୍ଷତି ବାବଦକୁ ମିଳିବା ଚାଷୀ ସଙ୍ଗଠନ ସହଜରେ ଗ୍ରହଣ କରିପାରୁନାହିଁ ବୋଲି ଚାଷୀ ପ୍ରତିନିଧି କହିଥିଲେ।

ଜିଲାପାଳ ଆଦିତ୍ୟ ଗୋୟଲ ଉତ୍ତର ରଖି ପୁଣି ଥରେ କ୍ଷତିପୂରଣ ରିପୋର୍ଟ ପଠାଇବା ଏବଂ କେଉଁ କାରଣରୁ ଏମିତି କମ୍ କ୍ଷତିପୂରଣ ଆସିଛି ତଦାରଖ କରି ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ଫସଲ ବୀମା କମ୍ପାନୀ ପ୍ରତିନିଧି ଫସଲକ୍ଷତି ଆକଳନରେ ବିଳମ୍ବ ହୋଇଥିବା ସ୍ୱୀକାର କରିଥିଲେ। ବରଗଡ଼ ଜିଲାରେ କେତେ ଚାଷୀଙ୍କ କ୍ଷତି ହୋଇଛି, କେତେ ପରିମାଣ ଫସଲକ୍ଷତି ହୋଇଛି, ତୁରନ୍ତ ରିପୋର୍ଟ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀ ପକ୍ଷରୁ କେନ୍ଦ୍ର ଏବଂ ରାଜ୍ୟ ସରକାର ତାଙ୍କର ସବସିଡି ପ୍ରିମିୟମ ଦେଲେ ୧୦ଦିନ ମଧ୍ୟରେ କୃଷକମାନଙ୍କ ଖାତାକୁ ତାଙ୍କର କ୍ଷତିପୂରଣ ଟଙ୍କା ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କୃଷକ ସଙ୍ଗଠନ ପାଞ୍ଚ ଦିନ ମଧ୍ୟରେ କ୍ଷତିପୂରଣ ନ ଦେଲେ ପୁଣି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। କୃଷକମାନେ ଅଭିଯୋଗ କରିଥିଲେ, ଲୋ-ଭୋଲଟେଜ କାରଣରୁ ଫସଲ ନଷ୍ଟ ହେଉଛି। ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ଫସଲରେ ଅଧିକ ହଇରାଣ ହେବାକୁ ପଡୁଛି, ମାତ୍ରାଧିକ ବିଦ୍ୟୁତ ବିଲ୍ ଚାଷୀଙ୍କ ଚିନ୍ତାର କାରଣ ହୋଇଛି । ତେବେ କମ୍ପାନୀ ତରଫରୁ ଯଥା ସମ୍ଭବ ସମସ୍ୟା ସମାଧାନ କରିବା ପାଇଁ ଉପସ୍ଥିତ ପ୍ରତିନିଧି କହିଥିଲେ। ସଙ୍ଗଠନ ତରଫରୁ ଦାବି କରାଯାଇଛି, ଜମିରେ ଧାନ ଫସଲ ଥିବା ଯାଏ କୌଣସି ପ୍ରକାରେ ଲାଇନ କଟାଯିବ ନାହିଁ। ଯଦି ବଳପୂର୍ବକ ଲାଇନ କଟାଯାଏ ତାହାହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସତର୍କ କରାଯାଇଛି। ଶେଷରେ ଟିନିକଲ କର୍ମଚାରୀମାନଙ୍କ ଆନ୍ଦୋଳନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତତସହିତ ରାଜାବୋଡାସମ୍ବର କୃଷକ ସଙ୍ଗଠନର ୧୭ମାସ ଧାରଣା ପ୍ରସଙ୍ଗରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା।

ବୈଠକରେ ଜିଲାପାଳ ଗୋୟଲ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଉପ ଜିଲାପାଳ କୁମାର ନାଗଭୂଷଣ, ଜିଲା ମୁଖ୍ୟ କୃଷି ଅଧିକାରୀ ଅମୀୟ ସାହୁ, ସୋନାଲିକା ସାହୁ, ଡିଆରସିଏସ, ବ୍ୟାଙ୍କ କର୍ମଚାରୀ ଏବଂ ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ଜୁମେଶ ବେହେରା, ଟିକେଲାଲ ମିଶ୍ର, ସୁବାସ ବିଶ୍ୱାଳ, ସୁରେଶ ନିକେଣ୍ଡି, ବବ୍ରୁବାହନ ସାହୁ, ଈଶାନ୍ତ ଭୋଇ, ସୁରେନ ସାହୁ, କାରଣ ସାହୁ, କିଶୋର ଦେବତା, ଜୟକୃଷ୍ଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସିପିଆଇଏମ୍‌ର ସାଧାରଣ ବୈଠକ



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଟେନ୍‌ସା, ୧।୩(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ସିପିଆଇଏମ କାର୍ଯ୍ୟାଳୟଠାରେ କର୍ମୀଙ୍କୁ ନେଇ ଏକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ବଣାଇଁ ନିର୍ବାଚନ ମଣ୍ଡଳୀରେ ସିପିଆଇଏମ ତାର ବିଜୟଧାରା ବଜାୟ ରଖିବା ପାଇଁ ଗ୍ରାମପଞ୍ଚାୟତ ସ୍ତରୀୟ କର୍ମୀଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ବୈଠକରେ ସିପିଆଇଏମ ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ଟେନ୍‌ସା ପୂର୍ବତନ ସରପଞ୍ଚ ଜୀବନ ମୁକୁଟ ତପନୋ, ଅଜୟ ମୁଣ୍ଡା, ସୁଦର୍ଶନ ପାତ୍ର, ପବିତ୍ର ବେହେରା, ଭଗବାନ ନାୟକ, ସନ୍ତୋଷ ସିଂଗ, ବିଶ୍ୱଜିତ ବାରିକ ସମେତ ୨୦୦ରୁ ଉର୍ଦ୍ଧ୍ୱ ସିପିଆଇଏମ କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ସିପିଆଇଏମର ବରିଷ୍ଠ ରାଜ୍ୟ ସଭାପତି ଲମ୍ବୋଦର ନାୟକଙ୍କ ମୃତ୍ୟୁରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ନେଇ କର୍ମୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ସିପିଆଇଏମ ଦଳକୁ ଅଧିକ ସୁଦୃଢ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ପୁଣି ଥରେ ବିଧାୟକ ପ୍ରାର୍ଥୀ ବିଜୟ ଲାଭ କରିବେ ସେ ନେଇ କର୍ମୀମାନେ ସ୍ଲୋଗାନ ଦେଇଥିଲେ।

## ସଂକ୍ଷେପରେ

### କୂଅରେ ପଡ଼ି ଯୁବକ ମୃତ

**ବଡ଼ଗାଁ, ୧।୩ (ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଡୁଡୁଙ୍ଗପଡା ଗ୍ରାମର ଏକ କୂଅରେ ପଡ଼ି ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲାଷ୍ଟିନ ଡୁଙ୍ଗଡୁଙ୍ଗ (୨୩)। ଏନେଇ ପୋଲିସ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଲ୍ୟାମ୍ପସର ନୂତନ କାର୍ଯ୍ୟାଳୟ,ଗୋଦାମ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**କୁଆଁରମୁଣ୍ଡା, ୧।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ଶୁକ୍ରବାର କୁଆଁରମୁଣ୍ଡା ଲ୍ୟାମ୍ପସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ,ରାଉରକେଲାର ଶାଖା ପରିଚାଳିକା ତନୁଶ୍ରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନର ଉଦ୍‌ଘାଟନ କରିଥିଲେ। ଏଥିପାଇଁ ସମବାୟ ବିଭାଗ ପକ୍ଷରୁ ୩୦ଲକ୍ଷ ୮୦ ହଜାର ବ୍ୟୟ ଅଟକଳ ହୋଇଛି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ରଣଜିତ ଲାକ୍ରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଲ୍ୟାମ୍ପସର ଡାଇରେକ୍ଟର ଦିଲ୍ଲୀପ କୁମାର ବେହେରା, ତ୍ରିଲୋଚନ ପରିଡ଼ା, ଲ୍ୟାମ୍ପସ କର୍ମଚାରୀ ଏକାଦଶିଆ କିଷାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସୂଚନାଥାଉକି,ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ହୋଇପଡି ଥିବା ଘରେ ବହୁ ବାଧାବିଘ୍ନରେ ଚାଲିଥିବା କୁଆଁରମୁଣ୍ଡା ଲ୍ୟାମ୍ପସର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିମନ୍ତେ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହେବାରୁ ଏହାର ସଭ୍ୟାସଭ୍ୟ ଓ ଚାଷୀଙ୍କ ଦୀର୍ଘ ଦିନର ଦାବିକୁ ସରକାର ପୂରଣ କରିଛି ବୋଲି ଲ୍ୟାମ୍ପସ୍ର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ପଦ୍ମପୁର ଉପଖଣ୍ଡ: ୨୯ ପାକ୍ସରେ ତାଲା ଝୁଲିଲା

**ପଦ୍ମପୁର, ୧।୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ସର୍କଲର ୨୯ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସମିତିରେ ତାଲା ଝୁଲୁଛି। ପ୍ରାୟ ୧୮୨ ଜଣ କର୍ମଚାରୀ ପଦ୍ମପୁର ଏଆର୍‌ସିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟ ଯାଇ ନିରାଶ ହୋଇ ଫେରୁଛନ୍ତି। କର୍ମଚାରୀମାନେ ମୁଖ୍ୟତଃ କ୍ୟାଡରଭୁକ୍ତ କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା ଡିଏ ୧୬୪ ଶତକଡାରୁ ୨୩୦ଶତକଡାକୁ ତୁରନ୍ତ ବୃଦ୍ଧି କରିବା, ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପାକ୍ସ, ଲାମ୍ପସରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ପୂର୍ବାହ୍ନରେ ଧାରଣାସ୍ଥଳକୁ ଏଆରସିଏସ ଗୋପାଳ ପୃଷ୍ଠେଠ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଜାରି ରହିବ ବୋଲି ସେମାନେ କହିଥିଲେ ଏବଂ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସର୍କଲ ପାକ୍ସ ସଭାପତି ଗୋପାଳ ଷଣ୍ଢ, ସମ୍ପାଦକ ଅମୂଲ୍ୟ ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଠାକୁର ପାଣ୍ଡେ, ଗୋବିନ୍ଦ ସାହୁ, ସୁଧାନିଧି ମଟାରୀ, ଉମାକାନ୍ତ ପ୍ରଧାନ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

# ବଣାଇଁଗଡ଼ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ବଣାଇଁ, ୧।୩(ପ୍ରଦୀପ ତ୍ରିପାଠୀ)**

ବଣାଇଁଗଡ ଲ୍ୟାମ୍ପସ ପରିସରରେ ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇଁ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ହରେନ୍ଦ୍ର କୁମାର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ ସମୂହର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସିଦ୍ଧାର୍ଥ ଲେଙ୍କା, ସଭାପତି ଭାସ୍କର କିଷାନ, ଉପସଭାପତି ଦମୟନ୍ତୀ ସାଣ୍ଡିଲ, ନିର୍ଦ୍ଦେଶକ ସୁନ୍ଦରମଣି ପ୍ରଧାନ, ନିର୍ଦ୍ଦେଶକ ଶିବଶଙ୍କର ରାଉତ, ଚୈତୁ କିଷାନ, ରେବତୀ କିଷାନ,ଭକ୍ତବନ୍ଧୁ କିଷାନ,ମନୋଜ କୁମାର ପ୍ରଧାନ, ରବିନାରାୟଣ ଡଗରା, ନୃପମଣି ଛଦିଆ, ଶ୍ରୀକର କିଷାନ, ଜିତେନ୍ଦ୍ରିୟ କିଷାନ, ଗୋଲାପ କାଲୋ ଉପସ୍ଥିତ ଥିଲେ। ବିଭିନ୍ନ କାର୍ଯ୍ୟସୂଚୀ ଉପରେ ଆଲୋଚନା ହେବା ସହିତ ଚାଷୀମାନେ କିପରି ଧାନ ସୁରୁଖୁରୁରେ ଦେବେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସୁବିଧାରେ ଋଣ ଉଠାଇ ପାରିବେ ସେ ବିଷୟରେ ଅଲୋଚନା କରାଯାଇଥିଲା। ଏହି ବାର୍ଷିକ ସାଧାରଣ ସଭାରେ ବଣାଇଁ ଲ୍ୟାମ୍ପସର ଆକାଉଣ୍ଟାଣ୍ଟ ଗୋବିନ୍ଦ ଚନ୍ଦ୍ର କୁଆଁର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ବଣାଇଁ ଲ୍ୟାମ୍ପସ ଅନ୍ତର୍ଗତ ଜର୍କୈକଲା, ବଡ ଗୋଗୁଆ, ବଣାଇଁ, କେନ୍ଦ୍ରିକଲା, ଗୋବିନ୍ଦପୁର, କେନାଭେଟା ଗ୍ରାମର ଚାଷୀ ଭଉଣୀ ଭାଇମାନେ ଉପସ୍ଥିତ ଥିଲେ। ଅୟୋଜିତ ବାର୍ଷିକ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର କିଷାନ,ଉସତ ପାତ୍ର, ସୁବ୍ରତ ଭୋଇ, ବିଷ୍ଣୁ କିଷାନ, କେଶବ ଚନ୍ଦ୍ର ସାହୁ, ଶୁଭେନ୍ଦୁ ଶେଖର ଡଗରା ପ୍ରମୁଖ ସହାୟତା କରିଥିଲେ।

# ଟୁମୁଲିଆରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ବାଲିଶଙ୍କରା, ୧।୩(ହୃଦାନନ୍ଦ ବାରି)**

ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବାଲିଶଙ୍କରା ବ୍ଲକ ଟୁମୁଲିଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କେଶବ ରଣାଙ୍କ ସଂଯୋଜନାରେ ଏବଂ ଟୁମୁଲିଆ ପଞ୍ଚାୟତ ବିଜେଡି ସଭାପତି ଉପେନ୍ଦ୍ର ଟିଗ୍ଗାଙ୍କ ନେତୃତ୍ୱରେ ଭଣ୍ଡାରିଶଙ୍କରା ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଏବଂ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ଜଗନ୍ନାଥ ମଣ୍ଡପଠାରେ ଅନୁଷ୍ଠିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ଏହି କ୍ରମରେ ପ୍ରତି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଏବଂ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡର ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ବିଜେଡି କର୍ମୀ ଓ ମହିଳା ବିଜୁ ଜନତା ଦଳର କର୍ମୀମାନେ ଓରାମ ପଡ଼ାଠାରୁ ଆରମ୍ଭ କରି ଗୌନ୍ତିଆ ପଡ଼ା ପର୍ଯ୍ୟନ୍ତ ଥିବା ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନର ଷ୍ଟିକର ମାରି ଦଳୀୟ ପ୍ରଚାର କରିଥିଲେ ।

# ୬୧.୬୮ କୋଟିରେ ହେବ ପାନୀୟଜଳ ଯୋଗାଣ ପ୍ରକଳ୍ପର ବିକାଶ

**ବରଗଡ଼, ୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ପୌର ପରିଷଦର ସମସ୍ତ ୱାର୍ଡକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ୱାର୍ଡରେ ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ୬୧.୬୮ କୋଟି ଅନୁଦାନ ମଞ୍ଜୁର କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହି ଅନୁଦାନ ରାଶି ମଞ୍ଜୁର ହୋଇଛି। ଏହି କ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବରଗଡ ବିଜୁ ପଟ୍ଟନାୟକ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ବରଗଡ଼ ସହରର ପାନୀୟଜଳ ସମସ୍ୟାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ଅନୁଦାନ ମଞ୍ଜୁର ପରେ ଆନନ୍ଦ ପ୍ରକାଶ ପାଇଛି ।

# ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ସମ୍ବର୍ଦ୍ଧିତ

**ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ତାରକା ସ୍ୱସ୍ତି ସିଂହଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆରଏସ୍‌ପି ଓ ବୋକାରେ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମନ୍ଥନ ସମ୍ମିଳନୀ କକ୍ଷରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆରଏସ୍‌ପିର କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ସ୍ୱସ୍ତିଙ୍କ ପିତା ଆରଏସ୍‌ପି ଅକ୍ସିଜେନ ପ୍ଲାଣ୍ଟ ବିଭାଗରେ କାର୍ଯ୍ୟରତ ଅମର ସିଂହ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଉମା ଦେବୀ ଓ ଅମର ସିଂଙ୍କ ପୁତ୍ରୀ ହେଉଛନ୍ତି ସ୍ୱସ୍ତି। ସ୍ୱସ୍ତି ଏପର୍ଯ୍ୟନ୍ତ ୩୦ଟି ଜାତୀୟ ଏବଂ ୪ଟି ଅନ୍ତର୍ଜାତୀୟ ପଦକ ଲାଭ କରିସାରିଛନ୍ତି। ୨୦୨୨ ଡିସେମ୍ବରରେ ଏହି ଯୁବ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱସ୍ତି ମଧ୍ୟ ରାଜ୍ୟ ସରକାରଙ୍କଠାରୁ ମର୍ଯ୍ୟାଦାଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୩ ଲାଭ କରିଛନ୍ତି। ରାଉରକେଲା ବିଜୁ ପଟ୍ଟନାୟକ ହକି



ଜାତୀୟ ସାଇକ୍ଲିଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଷ୍ଟାଡିୟମରେ ଜାତୀୟ ସାଇକ୍ଲିଷ୍ଟ ତାରକା ତାଙ୍କ ଚମତ୍କାର କୌଶଳ ଏବଂ ବଜର-ବିଟର ଟାଇମିଂ ସହିତ ୨୦୧୫ରେ କଟକରେ ଅନୁଷ୍ଠିତ ଟ୍ରାକ ସାଇକ୍ଲିଂ ଷ୍ଟେଟ୍ ମିଟ୍ ଖେଳରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲେ। ପରେ ସେ ନୂଆଦିଲ୍ଲୀର ତଲକାଟୋରୀ ଭେଲୋଡ୍ରୋମଠାରେ ଆୟୋଜିତ ୫ମ ଏସୀୟ କପ୍ ଟ୍ରାକ ସାଇକ୍ଲିଂ ଜୁନିୟର ମହିଳା ୨କି.ମି ବ୍ୟକ୍ତିଗତ ପର୍ସୁଟ ଇଭେଣ୍ଟର ୧୭ବର୍ଷ ବର୍ଗରେ ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣପଦକ ଜିତିଥିଲେ। ଏତିକିରେ ସ୍ୱସ୍ତି ସିଂଙ୍କ ସଫଳତା ଅଟକି ନ ଥିଲା। ପରେ ସେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ ଖେଳ ୨୦୨୩ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ୩ଟି ବ୍ରୋଞ୍ଜ୍ ଜିଣିଥିବା ବେଳେ ଗତ ଜାନୁୟାରୀ ମାସରେ କର୍ଣ୍ଣାଟକରେ ଆୟୋଜିତ ୨୮ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ୨ସ୍ୱର୍ଣ୍ଣ ପଦକ ସହ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ ସମ୍ମାନ ଲାଭ କରିଥିଲେ।

# ମୃତଦେହ ଜବତ, କାରଣ ଅସ୍ପଷ୍ଟ

**ବରଗଡ଼, ୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ଅମ୍ବାଭୋନା ଥାନା ଅଧୀନ ଲେଲେହର ପରୁଆଭାଡି ମଧ୍ୟରେ ଥିବା ଘୁଘୁରା ବନ୍ଧ ନିକଟସ୍ଥ ଏକ ମୁଗବାଡ଼ିରୁ ଜଣେ ଲୋକଙ୍କ ମୃତଦେହ ପଡିରହିଥିବା ଦେଖି ଲୋକେ ଅମ୍ବାଭୋନା ପୋଲିସକୁ ଖବର ଦେଇଥିଲେ। ଅମ୍ବାଭୋନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ। ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି କହିଛନ୍ତି। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୪/୨୪) ରୁଜୁ ହୋଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ମୃତକ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଭଏନାରଗଚା ଗ୍ରାମର ପ୍ରେମସାଗର ସେଠ (୫୩) ବୋଲି ଜଣାପଡିଥିବା ପୋଲିସ ପ୍ରକାଶ କରିଛି।

# ଚଳନାମୁଣ୍ଡାରେ ବୈଠକୀ କୀର୍ତ୍ତନ



କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ।

**ବଡ଼ଗାଁ, ୧।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଚଳନାମୁଣ୍ଡାରେ ବୈଠକି କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପଡାବାସୀଙ୍କୁ ନେଇ ଗତବର୍ଷ ବୈଠକ ହୋଇଥିଲା ଏବଂ ବୈକୁଣ୍ଠ ବେହେରାଙ୍କ ଦ୍ୱାରା ପ୍ରତିଷ୍ଠିତ ବାବା ଆଖଣ୍ଡଳମଣୀ ମନ୍ଦିରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ଭାଗବତ ପାଠ ପାଇଁ ପ୍ରସ୍ତାବ ହୋଇଥିଲା। ଏହାକୁ ନେଇ ଗଠିତ କମିଟିରେ ସଭାପତି ଭାବେ ମମତା ପଟେଲ, ଉପ ସଭାପତି ସବିତା ସା ଓ ସମ୍ପାଦକଭାବେ ବୈଜୟନ୍ତୀ ତେଲିଙ୍କୁ ଚୟନ କରାଯାଇଥିଲା। କମିଟି କର୍ମକର୍ତ୍ତା ଓ ପଡାବାସୀଙ୍କ ସହଯୋଗରେ ପ୍ରତିବର୍ଷ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ଭାଗବତ ପାଠ ହୋଇଆସୁଛି। ବଡ଼ଗାଁର ଜ୍ୟୋତ୍ସ୍ନା ପାଣିଗ୍ରାହୀ ପଡାବାସୀଙ୍କୁ ନାମ ସଂକୀର୍ତ୍ତନ ଶିଖାଉଛନ୍ତି। ଏକ ବର୍ଷ ପୂର୍ଣ୍ଣ ଅବସରରେ ଗୁରୁବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା।

# ସରକାରୀ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ସୁନ୍ଦରଗଡ, ୧।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ବିଜ୍ଞାନ ସମିତି ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରି ଜାତୀୟ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନରେ ନୋବେଲ ବିଜେତାଙ୍କ ଗବେଷଣା ଉପରେ ଆଲୋଚନା କରିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞନ ବିଭାଗର ସହକାରୀ ପ୍ରଫେସର ଡ.ଦିନେଶ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କୁମାର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଆନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦନ୍ତ ଚିକିତ୍ସକ ଡା. ରଶ୍ମିତା ପିଲାଇ ବିଜ୍ଞାନ ସହାୟତାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହେଉଥିବା ଉନ୍ନତି ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଆଲୋକ କୁମାର ନାଏକ,ବିଜ୍ଞାନ ସମିତିର ସହକାରୀ ସଂଯୋଜକ ରାଧାନାଥ ମିଶ୍ର ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ଗବେଷଣା ବୃତ୍ତି ପାଇଁ ମନୋନୀତ ହୋଇଥିବା ସହକାରୀ ପ୍ରଫେସର ଡ. ଦୀପକ କୁମାର ରାଉତ,ଡ. ଅର୍ଜୁନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିବିରରେ ୨୫୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବଣାଇଁ, ୧।୩ (ପ୍ରଦୀପ ତ୍ରିପାଠୀ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବଣାଇଁ ସମେତ ରୁଗୁଡା, ଜର୍କୈକଲା, ବନୈକଲା, ବଡଗାଁ ଶିହିଡିହା ଗ୍ରାମବାସୀ ଯୋଗଦେଇ ଥିଲେ। ଶ୍ରବଣ ବାଧିତ, ଶାରିରୀକ ଅକ୍ଷମତା, ମାନସିକ ଅକ୍ଷମତା, ଦୃଷ୍ଟି ବାଧିତ ବ୍ୟକ୍ତି ପଞ୍ଜିକରଣ କରି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିଲ ମୁଣ୍ଡୁ, ବଣାଇଁ ଖ ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ନାଗ, ସରପଞ୍ଚ ଓ ସମିତି ସଭ୍ୟା ଓ ସଭ୍ୟ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦିନେଶ କୁମାର ମହାନ୍ତ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ପଞ୍ଜୀକୃତ ୨୫୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ଯୋଗ୍ୟ ହିତାଧିକାରୀ ୨୨୮ ଜଣ ବୋଲି ଚିହ୍ନଟ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ବିରେନ ମାଝି, କୃପାସିନ୍ଧୁ ବେହେରା, ବାସୁଦେବ ସାହୁ, ରୂପମଞ୍ଜରୀ ସାହୁ, ଅଶୋକ କୁମାର ମାଝି,ଋଷି ଶେଖର ପ୍ରଧାନ, ରୁକ୍ମଣୀ ମାହାନ୍ତ, ସମସ୍ତ ସିଆର୍‌ସିସି, ଶିକ୍ଷକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ସଂକ୍ଷେପରେ

### ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ଲବଣୀଧର ମହାନନ୍ଦ

ଭବାନୀପାଟଣା,୧।୩(ଉତ୍ତମ କୁମାର ଦାଶ)



କଳାହାଣ୍ଡି ଜିଲାର ବିଜେଡି ଯୁବ ନେତା ଲବଣୀଧର ମହାନନ୍ଦ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ନିଯୁକ୍ତ କରିଥିବା ନେଇ ଏକ ପ୍ରେସ ବିବୃତିରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ସେ କଳାହାଣ୍ଡି ଜିଲା ବିଜୁ ଯୁବ ଜନତା ଦଳର ଲଗାତାର ୩ ଥର ସାଧାରଣ ସମ୍ପାଦକ ରହିଥିବାବେଳେ ଜିଲା ବାହାର ଅନେକ ନିର୍ବାଚନମଣ୍ଡଳୀରେ ସେ ସଂଯୋଜକ ଭାବେ ଦାୟିତ୍ୱ ପାଇ ନିଜ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଫଳରେ ଦଳ ପକ୍ଷରୁ ଏଥର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ଦିଆଯାଇଥିବା ଜଣାପଡିଛି। ନୂତନ ପଦବୀ ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ -ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ରାଜ୍ୟ ସଭା ସାଂସଦ ସୁଜିତ କୁମାର ଓ କଳାହାଣ୍ଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବ୍ୟାଙ୍କ ଲିଙ୍କେଜ ସୁଧଛାଡ଼ ଯୋଜନା ବିଷୟରେ ବୁଝାଇଲେ ବିଡିଓ

ବୋଡେ଼ନ,୧।୩( ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକରେ ଏସଏଚଜି ମହିଳାଙ୍କୁ ବିଡିଓ ପ୍ରିୟରଞ୍ଜନ କୁମାର, ବୋଡେ଼ନ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁରେଶ କୁମାର ବାଦି, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସାନ୍ତା ବାରିକ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କ ଲିଂକେଜ ସୁଧଛାଡ଼ ଯୋଜନା ବିଷୟରେ ବୁଝାଇଥିଲେ। ରାଜ୍ୟ ସରକାରଙ୍କ ଏହା ଏକ ଜନକଲ୍ୟାଣ ଯୋଜନା ବୋଲି ସେମାନେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମିଶନଶକ୍ତି ମହିଳା ଯୋଗଦେଇଥିଲେ।

### ରିଷିଡାରେ ଏନ୍ଏସି ଦାବି ଜୋର ଧରୁଛି

ରିଷିଡା,୧।୩ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ସର୍ବବୃହତ ବ୍ୟବସାୟିକ ପେଣ୍ଠସ୍ଥଳୀ ରିଷିଡାକୁ ଏନ୍ଏସି ଦାବି କରାଯାଉଛି। ପୂର୍ବରୁ ସରକାର ବଡ଼ବଡ଼ ଗ୍ରାମକୁ ଏନଏସି କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ରିଷିଡା ଅଞ୍ଚଳକୁ ଏନଏସି ପାଇଁ ସମସ୍ତ ଯୋଗ୍ୟତା ରହିଛି ବୋଲି ସ୍ଥାନୀୟ ଗ୍ରାମ କମିଟି ଏବଂ ସ୍ୱାଭିମାନ ମଞ୍ଚ ଦାବି କରିଛି। ସମ୍ପ୍ରତି ରିଷିଡା ଓ ବ୍ରାହ୍ମଣୀମୁଣ୍ଡାକୁ ନେଇ ଗ୍ରାମପଞ୍ଚାୟତ ଗଠନ ହୋଇଛି। ୧୨ଟି ୱାର୍ଡ ଭିତରେ ରିଷିଡାରେ ୧୦ ୱାର୍ଡ ରହିଛି। ଏଠାରେ +୩ କଲେଜ, +୨ କଲେଜ, ୨ଟି ହାଇସ୍କୁଲ, ୫ ଟି ପ୍ରାଥମିକ ବିଦ୍ୟାଳୟ, ବ୍ୟାଙ୍କ, ୧୮୮୫ ମସିହାର ପୋଲିସ ଫାଣ୍ଡି, ଆର୍ଆଇ ଅଫିସ, ଇରିଗେସନ ଅଫିସ ସମେତ ଅନେକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ପ୍ରଭୃତି ରହିଛି। ଏଠାରେ ଶନିବାର ସାପ୍ତାହିକ ହାଟ ବସେ। କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଜିଲାରୁ ଲୋକେ ଏଠାକୁ ଆସନ୍ତି। ରିଷିଡାକୁ ଯୋଗାଯୋଗର ସୁବିଧା ମଧ୍ୟ ରହିଛି। ଏଠାରୁ ପ୍ରତ୍ୟହ ଭୁବନେଶ୍ୱର, କଟକ, ବରଗଡ଼, ବଲାଙ୍ଗୀର, ଭବାନୀପାଟଣାକୁ ଯୋଗାଯୋଗ ରହିଛି। ରିଷିଡା ଅଞ୍ଚଳ ବର୍ତ୍ତମାନ ଗୋଟିଏ ମିନି ସହର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ କୌଣସି ବ୍ଲକ କାର୍ଯ୍ୟାଳୟ ନ ଥିବାରୁ କୌଣସି ଆଶାନୁରୂପ ଉନ୍ନତି ହୋଇପାରିନାହିଁ। ତେଣୁ ରିଷିଡା, ଅବୁଜବାହଲ, ବଡ଼ଡୁଙ୍ଗୁରିଗୁଡା, ଓଡ଼ିଆମୁଣ୍ଡା ଗ୍ରାମଗୁଡ଼ିକ ୧ କିମି ଦୂରତାରେ ରହିଛି। ଏହାର ଲୋକସଂଖ୍ୟା ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ରହିଥିବାବେଳେ ଏହି ଅଞ୍ଚଳକୁ ଏନଏସି କରାଗଲେ ବିଶେଷ ଉନ୍ନତି ହୋଇପାରନ୍ତା। ରିଷିଡା ନିକଟସ୍ଥ ତୁଷରାକୁ ଏନଏସି କରାଯାଇଥିବାବେଳେ ସମସ୍ତ ସୁବିଧା ଥିବା ରିଷିଡା ଅଞ୍ଚଳକୁ ଏନ୍ଏସି କରିବା ପାଇଁ ଦାବି ହେଉଛି।

# ବିପୁଳ ପରିମାଣର ନକଲି ମଦ ଜବତ

ନୂଆପଡା,୧।୩ (ମକାରୁ ବେମାଲ)

ନୂଆପଡା ଜିଲା ଖଡିଆଳ ଥାନା ଡୁଆଝର ସାଲେପଡା ଗାଁରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ସୁନୀଲ କୁମାର ମେହେର (୨୫)ଙ୍କୁ ଗିରଫ କରାଯାଇଛି। ସେହିପରି ଶୁକ୍ରବାର ସମ୍ବଲପୁର ସହରରୁ ନକଲି ବିଦେଶୀ ମଦ ଯୋଗାଉଥିବା ବିକାଶ କୁମାରଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ତାଙ୍କଠାରୁ ବିପଳ ପରିମାଣର ନକଲି ବିଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖଡିଆଳ ଥାନା ଡୁଆଝର ଅଞ୍ଚଳରେ ବିଦେଶୀ ନକଲି ମଦ ବେଆଇନ ଭାବେ ବିକ୍ରୟ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ନୂଆପଡା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ହିରାବତି ଥାର୍ଟିଙ୍କ ନେତୃତ୍ୱରେ ଏକ ଟିମ୍ ଡୁଆଝର ସାଲେପଡା ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସୁନୀଲଙ୍କ ଘରୁ ବିପୁଳ ପରିମାଣର ମଦ ଜବତ ହୋଇଥିଲା। ସୁନୀଲ ଗିରଫ ହେବା ପରେ ନକଲି ମଦ ଯୋଗାଉଥିବା ବ୍ୟକ୍ତିଙ୍କ ନାମ ଓ ଠିକଣା ଦେଇଥିଲେ। ସେହି ଅନୁସାରେ ଅବକାରୀ ବିଭାଗର ଏକ ଟିମ୍ ସମ୍ବଲପୁର ସହରକୁ ଯାଇ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରି ବିକାଶ କୁମାରଙ୍କୁ ଗିରଫ କରିଥିଲା। ବିକାଶ ବିହାର ରାଜ୍ୟ ସକ୍କାଗଲି ଗାଁରୁ ଆସି ସମ୍ବଲପୁର ସହରରେ ରହି ନକଲି ମଦ ତିଆରି କରୁଥିଲେ। ତାହାକୁ ବରଗଡ, ସମ୍ବଲପୁର, ବଲାଙ୍ଗୀର, ନୂଆପଡା ଓ ପଡୋଶୀ ରାଜ୍ୟ ଛତିଶଗଡକୁ ପଠାଉଥିଲେ। ଚଢ଼ାଉରେ ସୁରେଶ ଚନ୍ଦ୍ର ତାଣ୍ଡି, ଅଲେଖ ପଟେଲ, ସଞ୍ଜୀବ ବେହେରା, ହିଙ୍ଗୁଳା ଦାସ, ସରୋଜ କଟା, ରାମଚନ୍ଦ୍ର ଜାନି, ବୈଜୟନ୍ତୀ ଶବର, ମୁରଲିଧର ଶବର, ମୋହନ ତାଣ୍ଡି, ପ୍ରଶାନ୍ତ ନାଏକ ପ୍ରମୁଖ ସାମିଲ ଥିଲେ।



ଜବତ ମଦ ସହ ଗିରଫ ଅଭିଯୁକ୍ତଙ୍କ ନିକଟରେ ଅବକାରୀ ବିଭାଗ କର୍ମଚାରୀ।

# ଅନ୍ତର୍ଜାତୀୟ ହ୍ୱିଲଚେୟାର ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡା,୧।୩ (ମକାରୁ ବେମାଲ)

ନୂଆପଡା ସଦର ମହକୁମାସ୍ଥିତ ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଚକ ଲଗା ଚୌକି ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀଧର ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭିନ୍ନକ୍ଷମମାନେ ଅକ୍ଷମ ନୁହନ୍ତି ସକ୍ଷମ ଅଟନ୍ତି। ଦିବ୍ୟାଙ୍ଗ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପ୍ରୋତ୍ସାହନ ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜିଲାରେ ମଧ୍ୟ ଜଣେ ଦୃଷ୍ଟିବାଧିତ ଯୁବକ ଓଏଏସରେ କାର୍ଯ୍ୟରତ ଅଛନ୍ତି। ତେଣୁ ନିଜକୁ ଅକ୍ଷମ ନ ଭାବି ପ୍ରତ୍ୟେକ କ୍ଷେତ୍ରରେ ଭାଗ ନେବା ପାଇଁ ସଚେତନ କରାଯାଇଥିଲା। ଜିଲା ଅକ୍ଷମ ସମିତି ସମ୍ପାଦକ ଅଚ୍ୟୁତ ସୁନାନୀ, କାର୍ଯ୍ୟକ୍ରମ ସହକାରୀ ପ୍ରସନ୍ନ ମେହେର, ହିତେଶ ଆଡବାଇ, ଓମ ପ୍ରକାଶ ମାଝି, ମନୋଜ ଭୋଇ, ଲକ୍ଷ୍ମଣ ଦଣ୍ଡସେନା, ସାଗୁର୍ଷ୍ଣା ପର୍ବିନ, ଚିତ୍ତରଞ୍ଜନ ଦଣ୍ଡସେନା, ଗଣେଶ ଭୋଇ, ରୋହିତ ରଣା, ବିକାଶ କଛିଆ ଏବଂ ଜିଲାର ସମସ୍ତ ଭିନ୍ନକ୍ଷମ ଯୋଗ ଦେଇଥିଲେ। ଏଥିରେ ଟାନୱାଟ ସ୍ଥିତ ସ୍ୱତନ୍ତ୍ର ମାନସିକ ଓ ଅନଗ୍ରସର ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଦୃଷ୍ଟିହୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



ଅତିଥିଙ୍କ ସହ ଶିବିରରେ ଯୋଗଦେଇଥିବା ଖେଳାଳିମାନେ।

ନୂଆପଡା,୧।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରୀ ସ୍ଥିତ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟଠାରେ ୫ ଦିନିଆ ଦୃଷ୍ଟିହୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। କାଭି ଭୁବନେଶ୍ୱର ସଂସ୍ଥା ଓ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ ବଞ୍ଜାରୀଙ୍କ ମିଳିତ ଆନୁକଲ୍ୟରେ ୧୦ ରୁ ୩୦ ବର୍ଷର ଦୃଷ୍ଟିହୀନ ବାଳିକାଙ୍କୁ ନେଇ ଗତ ୨୬ ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ମାଗଣା କ୍ରିକେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଖାଇବା,ରହିବା ଓ ପ୍ରଶିକ୍ଷଣ ସରଞ୍ଜାମ ମାଗଣାରେ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ମାଧବ ପ୍ରସାଦ ସାହୁ, ଗୋପାଲ ଚନ୍ଦ୍ର ଦାସ, ଅଜୟ ଗହିର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଦ୍ୱାରା ରାଜ୍ୟ ତଥା ଜାତୀୟ ସ୍ତରରେ ଖେଳାଳି ହେବା ପାଇଁ ପ୍ରୋତ୍ସାହିତ ହୋଇ ପାରିବେ ବୋଲି ଅତିଥି ମତ ଦେଇଥିଲେ। ମୁକେଶ ପୁରୋହିତ ଓ ଶୁଭସ୍ମିତା ପ୍ରଶିକ୍ଷଣ ଦେଇଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଅଶୋକ ପାଣିଗ୍ରାହୀ ପରି ଚାଳନା କରିଥିଲେ। ରାଜ କୁମାର ପଟେଲ, ଅମ୍ବିକା ବାଗ, ଶିବାଜିନି ସାଗର,ମମତା ଦାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

## ଆମ୍ ଆଦ୍ମୀ ପାର୍ଟିର ମିଶ୍ରଣ ପର୍ବ

ଖଡିଆଳ,୧।୩(ସୁଜିତ କୁମାର ପ୍ରଧାନ)

ଖଡିଆଳ ବ୍ଲକ ବିଜେପୁର ଗ୍ରାମର ଡିଆର୍ ଷ୍ଟୁଡିଓ କନଫରେନ୍ସ ହଲରେ ଆମ ଆଦମୀ ପାର୍ଟିର ଜିଲା ଆବାହକ ଶୋକନାଥ ସେନାପତିଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦ କେଜ୍ରିୱାଲଙ୍କ ସଫଳ ରାଜନିତୀ ଓ ବିଚାରଧାରାରେ ଅନୁପ୍ରାଣିତ ହୋଇ ଖଡିଆଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦଳରୁ ଅନେକ କର୍ମୀ ଆମ ଆଦମୀ ପାର୍ଟିରେ ସଭାପତି ସବନମ ସେନାପତିଙ୍କ ଉପସ୍ଥିତରେ ସାମିଲ ହୋଇଥିଲେ। ସେମାନଙ୍କୁ ସଭାପତି ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। କର୍ମୀମାନେ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଓ ଦୁର୍ନିତୀ ବିରୋଧରେ ସ୍ୱର ଉତ୍ତୋଳନ କରି ଜନତାଙ୍କ ସେବା କରିବା ପାଇଁ ଶପଥ କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ପ୍ରେମାନନ୍ଦ ନାଏକ, ଜିଲା ଉପ ସଭାପତି ଚୈତନ୍ୟ ତାଣ୍ଡି, ଲିଙ୍ଗରାଜ ସତନାମୀ, ଉପାସୁ ପଟେଲ, ଚମାର ଦାସ, ସନ୍ତୋଷ ଜଗତ, ରୁପିଚନ ଶବର, ସଦାନନ୍ଦ ଶବର, ଶରତ କୁମାର ଦୁରିଆ, ନିଳାମ୍ବର ବାଗ କମ୍ଫାଣି କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ପାଇଁ ଭୂମିପୂଜନ

ଖଡ଼ିଆଳ,୧।୩(ସୁଜିତ କୁମାର ପ୍ରଧାନ)

ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୯ (ଧୋବାପଡା) ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଏହି ଉତ୍ସବରେ ୱାର୍ଡ ସଭ୍ୟ ସୁବର ସିଂ ଦେଓ ସମେତ ପଡାର ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସହରର ସମଲେଶ୍ୱରୀ ମନ୍ଦିରଠାରୁ ଧୋବାପଡ଼ାକୁ ସଡ଼କ ନିର୍ମାଣ ନେଇ ସମସ୍ୟା ଲାଗି ରହିଥିଲା। ଏହି ରାସ୍ତା ନିର୍ମାଣ ପାଇଁ ପଡ଼ାବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରି ଆସୁଥିଲେ। ରାସ୍ତା ସମସ୍ୟାର ସମାଧାନ ହୋଇଥିବାରୁ ପଡାବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ୧୮ତମ ଜେବିସିସି କ୍ରିକେଟ୍ କପ ଉଦ୍ଯାପିତ



ଅତିଥି ଗହଣରେ ଖେଳାଳି ବୃନ୍ଦ।

ନୂଆପଡା,୧।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ସବୁଜ ଖେଳ ପଡିଆରେ ୧୮ତମ ଜୟ ବଜରଙ୍ଗବଲୀ କ୍ରିକେଟ କପ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅଲ ଷ୍ଟାର ଘୋଟସର ଓ ଏକେଫୋର୍ଟି ସେଭେନ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘୋଟସର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ନୂଆପଡା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରି ବିଜୟୀ ହୋଇଥିଲା। ଘୋଟସର ଦଳକୁ ହରାଇ ନୂଆପଡା ଦଳ ଚାମ୍ପିୟନ ହୋଇଛି। ଉଦ୍ଯାପନୀ ସମାରୋହରେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ମୁଖ୍ୟ ଅତିଥି,ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ,ଲକ୍ଷ୍ମୀକାନ୍ତ ତାଣ୍ଡି,ରୁକସାନା ବାନୁ ପ୍ରମୁଖ ସମ୍ମାନିତ ଆତିଥି ଭାବେ ଯୋଗ ଦେଇଥିଲେ। ନୂଆପଡା ଚାମ୍ପିୟନ ଦଳ ଓ ରନର୍ସ ଅପ ଘୋଟସର ଦଳକୁ ମୁଖ୍ୟ ଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ରାଜେଶ ପ୍ରଧାନ, ନବଘନ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର ତାଣ୍ଡି ସ୍କୋର ଦାୟିତ୍ୱରେ ରହିଥିଲେ। ମ୍ୟାଚକୁ ଜୟ ବଜରଙ୍ଗବଲୀ କ୍ରିକେଟ କ୍ଲବ ଆୟୋଜନ କରିଥିବା ବେଳେ ସଭାପତି ଶଙ୍କର ଭବାନୀ ନାଗ,ସମ୍ପାଦକ ବିନୋଦ ପ୍ରଧାନ,ବିନୟ କୁମାର ପ୍ରଧାନ,ଅରକ୍ଷିତ ନାଗ,ହିମାଂଶୁ ବନଛୋର,ମୀନକେତନ ଦୀପ,ଧମେନ୍ଦ୍ର ସୁନାନୀ,ଭମରବର ତାଣ୍ଡି,ରୋଲହିତ ଦୀପ,ଡୋଳାମଣି ପ୍ରଧାନ,ତରୁଣ ନାଗ,ହୃଦେ ନାଗ,ଗିରେନ୍ଦ୍ର ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗାଧର ଜ୍ୟୋତି ରଥକୁ ସ୍ୱାଗତ

ସିନାପାଲି,୧।୩(ମନଫୁଲ ମେହେର)

ନୂଆପଡ଼ା ଜିଲାର ବିଭିନ୍ନ ଗ୍ରାମ ସମେତ ସିନାପାଲି ଅଞ୍ଚଳରେ ସ୍ୱାଭାବକବି ଗଙ୍ଗାଧର ମେହେରଙ୍କ ଜ୍ୟୋତିରଥକୁ ଶୁକ୍ରବାର ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରାଯାଇଛି। ଜ୍ୟୋତି ରଥ ସିନାପାଲି ସହର ପରିକ୍ରମା କରିବା ସମୟରେ ଗ୍ରାମ୍ୟ ମେହେର ସମାଜ, ଜିଲା ମେହେର ସମାଜ, ମେହେର ଯୁବା ମଞ୍ଚ, ଗଙ୍ଗାଧର ସାରସ୍ୱତ ସମିତିର ସଦସ୍ୟ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶତାଧିକ ଗଙ୍ଗାଧର ପ୍ରେମୀ ଉପସ୍ଥିତ ରହି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶୋଭାଯାତ୍ରାରେ ନିଖିଳ ଓ ମେହେର ସମାଜର ଉପଦେଷ୍ଟା ଡମ୍ବରୁଧର ମେହେର,ଗ୍ରାମ୍ୟ ସଭାପତି ଟେଣୋ ମେହେର, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, କ୍ଷିରସିନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲା ମେହେର ସମାଜର ନେତୃତ୍ୱରେ ଜ୍ୟୋତି ରଥ ଯୋଗିବାହାଲ, ବରଗାଁ, ଗଣ୍ଡାବାହାଲି, ଡୁଆଝର, ଖ ଭୁଲିଆ ସିକୁଆଁ, ଡୁକୁଲା ଆଦି ଗ୍ରାମ ପରିକ୍ରମା କରିଥିବା ବେଳେ ସବୁଠି କଳସ ସ୍ଥାପନ ଓ ବନ୍ଦାପନା କରି ଭବ୍ୟ ସ୍ୱାଗତ କରାଯାଇଥିଲା। ନିଖିଳ ଓ ମେହେର ସମାଜ ପକ୍ଷରୁ କବିପୀଠ ବରପାଲିଠାରେ ଆସନ୍ତା ମାସରେ ହେବାକୁ ଥିବା କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉତ୍ସବକୁ ନେଇ ଜନଜାଗରଣ ସୃଷ୍ଟି ଲକ୍ଷ୍ୟରେ ଗତ ୧୮ରୁ ଏହି ରଥ ବାହାରିଥିଲା।



ଜ୍ୟୋତି ରଥକୁ ସ୍ୱାଗତ କରାଯାଉଛି।

## ଅଜିଠୁ ରହିବ ପୁରୀ ଦୁର୍ଗ- ଏକ୍ସପ୍ରେସ ଟ୍ରେନ

ଲୋଇସିଂହା,୧।୩ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ମାର୍ଚ୍ଚ ୨ରୁ ରହଣି କରିବ। ସମ୍ବଲପୁର ରେଳ ମନ୍ତ୍ରଣାଳୟ ପକ୍ଷରୁ ଫେବୃୟାରୀ ୨୭ରେ ଏନେଇ ଏକ ନୋଟିସ ପ୍ରକାଶ ପାଇଛି। ଏହାଦ୍ୱାରା ଲୋଇସିଂହା ଷ୍ଟେଶନ ଉପରେ ନିର୍ଭର କରୁଥିବା ଲୋଇସିଂହା, ଆଗଲପୁର ବ୍ଲକ ସହ ବରଗଡ ଜିଲାର ପଦ୍ମପୁର, ଗାଇସିଲାଟ ଏବଂ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକବାସୀ ଉପକୃତ ହେବେ। ଯାତ୍ରୀଙ୍କ ଉପଯୁକ୍ତ ଗମନାଗମନ ସୁବିଧା ଦୃଷ୍ଟିରୁ ଦୀର୍ଘ ବର୍ଷ ହେଲା ଏଠାରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରହଣୀ ଦାବି ନେଇ ଜିଲାପ୍ରଶାସନ, ରେଳ ମନ୍ତ୍ରଣାଳୟ ସହ ସ୍ଥାନୀ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ଅଞ୍ଚଳବାସୀ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଅବସରକାଳୀନ ସମ୍ବର୍ଦ୍ଧନାରେ ମଞ୍ଚାସୀନ ଅତିଥି।

ରୁପ୍ରାରୋଡ଼,୧।୩(ସଞ୍ଜିବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ବିଦ୍ୟାଳୟ ପରିସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ସାଧୁରାମ ଭୋଇ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତଥା ଆଇନଜୀବୀ କୁବେର ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶେଷଦେବ ପୋଢ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ, ସମିତି ସଭ୍ୟା ସୁମିତ୍ରା ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଝଜ ସା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଓ ପୁରାତନ ଛାତ୍ରମାନେ ଉପଢୌକନ, ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ବିନୟ କିଶୋର ଦାଶ, ନୃସିଂହ ଚରଣ ଦଳାଇ, କେଶବ ଚନ୍ଦ୍ର ମହାପାତ୍ର, ରାଜୀବ ଦାଶ, ସଞ୍ଜୟ ସେନାପତି, ସୁକାନ୍ତ ମହାଉତି ସହଯୋଗ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ରଣାଙ୍କୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ନିଜ ଗାଁ ଅସୁରଗଡ(ଡେଙ୍କୁନପଡା)ସ୍ଥିତ ଘରେ ନେଇ ଛାଡି ଦିଆଯାଇଥିଲା।

# ଆନ୍ତର୍ଜାତିକ ହ୍ୱିଲ ଚେୟାର ଦିବସ

ଭବାନୀପାଟଣା,୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଆନ୍ତର୍ଜାତିକ ହ୍ୱିଲ ଚେୟାର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ସେମାନଙ୍କର ସହଯୋଗୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବ୍ୟାଙ୍ଗମାନେ ହ୍ୱିଲଚେୟାର ଶୋଭାଯାତ୍ରାରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ବିଜୁ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ, ଜିଲା ଭିନ୍ନକ୍ଷମ ସମିତି ଅଧ୍ୟକ୍ଷ ହେମନ୍ତ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ହ୍ୱିଲଚେୟାର ଦିବ୍ୟାଙ୍ଗମାନଙ୍କ ପାଇଁ ଅକ୍ଷମତାର ଚିହ୍ନ ନୁହେଁ ବରଂ ସକ୍ଷମ ଦିଗକୁ ଆଗେଇବାର ଏକ ପ୍ରାଥମିକ ପାହାଚ। ନିଜର ସ୍ୱାଧୀନତା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଯାତାୟାତର ମାଧ୍ୟମ ହ୍ୱିଲଚେୟାରକୁ ନେଇ ଗର୍ବ ଅନୁଭବ କରିବା ଉଚିତ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମର ପୂର୍ବଦିନ ଅନୁଷ୍ଠିତ ହୋଇଯାଇଥିବା ହ୍ୱିଲଚେୟାର ଦୌଡ ଓ ହ୍ୱିଲଚେୟାର କ୍ରିକେଟ ମ୍ୟାଚ୍‌ରେ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ଭାବରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ଦିବ୍ୟାଙ୍ଗ ଭଉଣୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ହୁଇଲଚେୟାର ନୃତ୍ୟ ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା। ଶେଷରେ କୁନି ନୃତ୍ୟାଙ୍ଗନାମାନେ ସେମାନଙ୍କ ନୃତ୍ୟଦ୍ୱାରା ଦିବ୍ୟାଙ୍ଗମାନଙ୍କର ମନୋରଞ୍ଜନ କରିବା ସହ ଉପସ୍ଥିତ ଦର୍ଶକମାନଙ୍କ ମନମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।




ଜଣେ ଦିବ୍ୟାଙ୍ଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ହ୍ୱିଲଚେୟାର ଅକ୍ଷମତାର ଚିହ୍ନ ନୁହେଁ, ବରଂ ସକ୍ଷମ ଦିଗକୁ ଆଗେଇବାର ଏକ ପ୍ରାଥମିକ ପାହାଚ**

## ସଂକ୍ଷେପରେ

### ଦୀପକ କୁମାର ହେଲେ ପୂର୍ବାଞ୍ଚଳ ଆଇଜି

**ବି. ଯୁଗଳ କିଶୋର ଖୋର୍ଦ୍ଧା, ସିଦ୍ଧାର୍ଥ କଟାରିଆ କେନ୍ଦ୍ରାପଡ଼ା ଏସ୍‌ପି**

ଭୁବନେଶ୍ୱର,୧।୩(ଅନିଲ ଦାସ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ତଥା ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡକ୍ଟର ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ସେହିପରି ପୂର୍ବାଞ୍ଚଳ ଆଇଜି ତଥା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ସତ୍ୟବ୍ରତ ଭୋଇଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କେନ୍ଦ୍ରାପଡ଼ା ଏସ୍‌ପି ଥିବା ବି. ଯୁଗଳ କିଶୋରଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଖୋର୍ଦ୍ଧା ଏସ୍‌ପି ତଥା ୨୦୧୭ ବ୍ୟାଚ୍ ଆଇପିଏସ୍ ଅଫିସର ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

### କଣ୍ଟାମାଳ ଥାନା: ଥାନା ଅଧିକାରୀ ନାହାନ୍ତି

ଘଣ୍ଟାପଡା,୧।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲାରେ ଥିବା ସମସ୍ତ ଥାନା ମଧ୍ୟରୁ କଣ୍ଟାମାଳକୁ ବଡ ଥାନା ଭାବେ ଗଣନା କରାଯାଏ । କିନ୍ତୁ ଏହି ଥାନାରେ ଥାନା ଅଧିକାରୀ ନାହାଁନ୍ତି। ଯାହା ଫଳରେ କଣ୍ଟାମାଳ ଥାନା ଏବେ ଇନଚାର୍ଜରେ ଚାଲିଛି। ପ୍ରକାଶ ଯେ, ଗତ ଫେବୃୟାରୀ ମାସ ୯ ତାରିଖରେ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାକୁ ବଦଳି ହୋଇଯାଇଛି। ସେ ଫିରିଙ୍ଗିଆ ଥାନାରେ ଯୋଗଦେଇଥିବା ବେଳେ ତାଙ୍କ ବଦଳରେ ଏଯାଏ କେହି ଆସିନାହାନ୍ତି। କଣ୍ଟାମାଳ ଥାନା ଉପରେ କଣ୍ଟାମାଳ ବ୍ଲକର ପାଖାପାଖି ୧୦୦ଖଣ୍ଡ ଗ୍ରାମର ଜନସାଧାରଣ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ନିର୍ଭର କରିଥାନ୍ତି। ଗଞ୍ଜେଇ ଚୋରାଚାଲାଣର ପେଣ୍ଠସ୍ଥଳୀ କୁହାଯାଉଥିବା ଏହି ଥାନା ଅଞ୍ଚଳରେ ଚୋରି, ଡକାୟତି,ରାହାଜାନି, ଲୁଟତରାଜ, ଅସାମାଜିକ କାର୍ଯ୍ୟ ଆଦି ଅପରାଧିକ କାର୍ଯ୍ୟକଳାପ ନିତିଦିନିଆ ଘଟଣା ହୋଇଥିବା ବେଳେ ଥାନା ଅଧିକାରୀ ନ ଥିବାରୁ ଅନେକ ମାମଲା ପଡ଼ି ରହିଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଅନେକ ଅପରାଧିକ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଛି । ପୂର୍ବ ବର୍ଷଗୁଡିକରେ ଅନେକ ମାମଲା ପଞ୍ଜୀକୃତ ହୋଇଥିବାର ମଧ୍ୟ ନଜିର ରହିଛି । ନିର୍ବାଚନ ପାଖେଇ ଆସିଥିବା ବେଳେ କଣ୍ଟାମାଳ ଥାନାରେ ଥାନା ଅଧିକାରୀ ନିଯୁକ୍ତି ନ ଦେବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କଣ୍ଟାମାଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜଣେ ଯୁବ ଓ ଦକ୍ଷ ପୋଲିସ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ

ବୌଦ୍ଧ,୧।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଆଗାମୀ ଗ୍ରୀଷ୍ମ ଲହରୀର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ରଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆଗକୁ ନିର୍ବାଚନ ହେବାକୁ ଥିବା ବେଳେ ଗ୍ରୀଷ୍ମର ମୁକାବିଲା ପାଇଁ ଆଗୁଆ ସମସ୍ତ ପ୍ରସ୍ତୁତି ସାରିବାକୁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷ ଭାବରେ ପାନୀୟ ଜଳ ସଙ୍କଟର ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା, ନଳକୂପଗୁଡିକର ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପ୍ରତ୍ୟେକ ଚିକିତ୍ସାଳୟରେ ଏକ ଅଂଶୁଘାତ କୋଠରୀ ପ୍ରସ୍ତୁତ କରି ରଖାଯିବା ସହ ଆବଶ୍ୟକ ଜରୁରୀ ଔଷଧ ସାମଗ୍ରୀ ଏବଂ ଓଆରଏସ ପ୍ୟାକେଟ ମହଜୁଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରୀଷ୍ମ ସମୟରେ



ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

**ଗ୍ରୀଷ୍ମ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢାର ସମୟ ପରିବର୍ତ୍ତନ କରିବା,ଶ୍ରମିକମାନେ ମଧ୍ୟାହ୍ନରେ କାର୍ଯ୍ୟ ନ କରିବା, ଜରୁରୀ କାର୍ଯ୍ୟ ନ ଥିଲେ ଜନସାଧାରଣ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରବଳ ଗ୍ରୀଷ୍ମ ସମୟରେ ଯାତ୍ରୀବାହୀ ବସ ଚଳାଚଳ ନ କରିବା ଏବଂ ସମସ୍ତ ଯାତ୍ରୀବାହୀ ଗାଡିରେ ଯାତ୍ରୀମାନଙ୍କ ପାଇଁ ପାନୀୟଜଳ ଓ ଜରୁରୀ ଚିକିତ୍ସା ବ୍ୟବସ୍ଥା ନିଶ୍ଚିତ କରାଇବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ମାରିୟସ ମି, ଡିଏଫଓ କେନ୍ଦୁଲିଭ ସୁଦର୍ଶନ ବାଦୀ,ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦିପ୍ତ ମହାନ୍ତି, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର କୁମାର ସାହୁ,ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଜେ.ଏନ.ମହାପାତ୍ର, ନିର୍ବାହୀଯନ୍ତ୍ରୀ ଉଠାଜଳସେଚନ ସେଲେଇ ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତିନି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଚିକିତ୍ସା ବିଭାଗ ଅଧିକାରୀ,ଜନସ୍ୱାସ୍ଥ୍ୟ ଅଧିକାରୀ, ଓଡ୍ରାଫ ଟିମ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ସୁଶୀଲଙ୍କ ମୃତ୍ୟୁ

ବୌଦ୍ଧ,୧।୩(ଅଜିତ କୁମାର ବାରିକ)

**ମୁକୁଳା ଡ୍ରେନରେ ପଡ଼ି ହୋଇଥିଲେ ଗୁରୁତର**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଧଳପୁର ବଜାରଠାରେ ଗତ ୨୪ ତାରିଖ ଦିନ ପୂର୍ତ୍ତବିଭାଗ ରାସ୍ତାର ମୁକୁଳା ଡ୍ରେନରେ ପଡି ହରଭଙ୍ଗା ବ୍ଲକ ଶରଧାପୁର ଗ୍ରାମର ଶୁଶିଳ କର୍ଣ୍ଣ ଗୁରୁତର ହୋଇ ପଡିଥିଲେ। ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଗତ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଶୁଶିଳ ଘଟଣାଦିନ ସାଇକେଲରେ ଗ୍ରାମକୁ ଆସୁଥିବା ବେଳେ ମୁକୁଳା ଡ୍ରେନରେ ପଡିଯିବାରୁ ତାଙ୍କ ଆଖିରେ ଲୁହା ଛଡ ପଶିଯିବାରୁ ସେ ଗୁରୁତର ହୋଇ ପଡିଥିଲେ। ପ୍ରଥମେ ତାଙ୍କୁ ଆଠମଲ୍ଲିକ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ତାଙ୍କୁ ଅନୁଗୋଳ ମେଡିକାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ନିଆଯାଇଥିଲ। ପୂର୍ତ୍ତବିଭାଗର ଖାମଖିଆଲି ନୀତି ଓ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଅକାଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ ରାସ୍ତା ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଅଧାପନ୍ତରିଆ ହୋଇ ପଡିଥିବା ଯୋଗୁ ଦୁର୍ଘଟଣା ଘଟୁଛି। ଗୁରୁବାର ଦିନ ମୃତଦେହ ଶରଧାପୁରରେ ପହଞ୍ଚିବା ପରେ ପୁରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ଶୁଶିଳଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ମହିଳା ଆତ୍ମରକ୍ଷା କର୍ମଶାଳା


ମଞ୍ଚାସୀନ ଅତିଥିଙ୍କ ଗହଣରେ ଉପସ୍ଥିତଛାତ୍ରୀ,ଶିକ୍ଷୟିତ୍ରୀ ଓ ଅନ୍ୟମାନେ।

ଘଣ୍ଟାପଡ଼ା,୧।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏକ ଦିବସୀୟ ମହିଳା ଆତ୍ମରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁବିକାଶ ପ୍ରକଳ୍ପର ତତ୍ତ୍ୱାବଧାନରେ କିଶୋରୀ, ଶିକ୍ଷୟିତ୍ରୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀ, କିଶୋରୀ ଓ ଶିକ୍ଷୟିତ୍ରୀମାନେ କିପରି ନିଜକୁ ନିଜେ ରକ୍ଷା କରିପାରିବେ ସେନେଇ ଟ୍ରେନର ବୁଝାଇଥିଲେ। ଏଥିସହିତ ପ୍ରତ୍ୟେକ ଦିନ ସକାଳୁ ଉଠି ବିଭିନ୍ନ ପ୍ରକାର ବ୍ୟାୟାମ କରି ନିଜକୁ କିପରି ସୁସ୍ଥ ସବଳ ରଖିବେ ତାହା ମଧ୍ୟ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କଣ୍ଟାମାଳ ସିଡିପିଓ ଜ୍ୟୋସ୍ନାରାଣୀ ପାଢ଼ୀ, ଏବିଇଓ ଲକ୍ଷ୍ମୀ ମଲିକ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଶିକ୍ଷୟିତ୍ରୀ, ସମସ୍ତ ଅଙ୍ଗନବାଡି ପରିଦର୍ଶିକା, ଅଙ୍ଗନବାଡି କର୍ମୀ, ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ କିଶୋରୀମାନେ ଯୋଗ ଦେଇଥିଲେ।

# ସଫଳତା ପାଇଁ ଦୃଢ଼ ମନୋବଳ ଆବଶ୍ୟକ

ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳତା ପାଇଁ ଦୃଢ଼ ମନୋବଳ ଆବଶ୍ୟକ ବୋଲି କହିଥିଲେ। ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ଉପରେ ଜିଲାପାଳ ଆଲୋଚନା କରିବା ସହ ସମସ୍ତ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡ. ଦୁର୍ଗାଦତ୍ତ ଦାଶ, ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କୃତିବାସ ସୁବୁଦ୍ଧି, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିନି ଜଣ ଯଥା ଜୁଲି ଦେହେରୀ, ନନ୍ଦିନୀ ନାୟକ ଏବଂ ଭୂମି ସୂତା କୁମ୍ଭାରଙ୍କୁ



ଜିଲାପାଳ ଅନ୍ୟା ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ**

ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୨୭ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ୫ ଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ମ୍ୟୁଜିକ ଚେୟାର(ହୁଇଲ ଚେୟାର), ପେଗ ବୋର୍ଡ ପଜଲ, ରିଙ୍ଗ ଦ ଟାର୍ଗେଟ ଏବଂ ରଙ୍ଗୋଲି ପ୍ରତିଯୋଗିତାରେ କୃତିଭିନ୍ନକ୍ଷମ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିଲା ବେଳେ ଉଲୁଣ୍ଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, କାର୍ଯ୍ୟକ୍ରମ ସହାୟକ, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ରେଆର, ଏନଆରଡିସି, ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରିଷିଡାରେ ଏନ୍‌ଏସି ଦାବି ଜୋର ଧରୁଛି

ରିଷିଡା,୧।୩ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ସର୍ବବୃହତ ବ୍ୟବସାୟିକ ପେଣ୍ଠସ୍ଥଳୀ ରିଷିଡାକୁ ଏନ୍‌ଏସି ଦାବି କରାଯାଉଛି। ପୂର୍ବରୁ ସରକାର ବଡ଼ବଡ଼ ଗ୍ରାମକୁ ଏନଏସି କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ରିଷିଡା ଅଞ୍ଚଳକୁ ଏନଏସି ପାଇଁ ସମସ୍ତ ଯୋଗ୍ୟତା ରହିଛି ବୋଲି ସ୍ଥାନୀୟ ଗ୍ରାମ କମିଟି ଏବଂ ସ୍ୱାଭିମାନ ମଞ୍ଚ ଦାବି କରିଛି। ସମ୍ପ୍ରତି ରିଷିଡା ଓ ବ୍ରାହ୍ମଣୀମୁଣ୍ଡାକୁ ନେଇ ଗ୍ରାମପଞ୍ଚାୟତ ଗଠନ ହୋଇଛି। ୧୨ଟି ୱାର୍ଡ ଭିତରେ ରିଷିଡାରେ ୧୦ ୱାର୍ଡ ରହିଛି। ଏଠାରେ +୩ କଲେଜ, +୨ କଲେଜ, ୨ଟି ହାଇସ୍କୁଲ, ୫ ଟି ପ୍ରାଥମିକ ବିଦ୍ୟାଳୟ, ବ୍ୟାଙ୍କ, ୧୮୮୫ ମସିହାର ପୋଲିସ ଫାଣ୍ଡି, ଆର୍‌ଆଇ ଅଫିସ, ଇରିଗେସନ ଅଫିସ ସମେତ ଅନେକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ପ୍ରଭୃତି ରହିଛି। ଏଠାରେ ଶନିବାର ସାପ୍ତାହିକ ହାଟ ବସେ। କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଜିଲାରୁ ଲୋକେ ଏଠାକୁ ଆସନ୍ତି। ରିଷିଡାକୁ ଯୋଗାଯୋଗର ସୁବିଧା ମଧ୍ୟ ରହିଛି। ଏଠାରୁ ପ୍ରତ୍ୟହ ଭୁବନେଶ୍ୱର, କଟକ, ବରଗଡ଼, ବଲାଙ୍ଗୀର, ଭବାନୀପାଟଣାକୁ ଯୋଗାଯୋଗ ରହିଛି।

# ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା


ସଭାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଘଣ୍ଟାପଡା,୧।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବୈକୁଣ୍ଠନାଥ ରଣାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ଖଟୁଆ ଓ ଦିଗାମ୍ବର ସାହୁ, ବରଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ଉମା ହାଇସ୍କୁଲ ପ୍ରଧାନଶିକ୍ଷକ କଷ୍ଟେଶ୍ୱର ଭୋଇ, ପୂର୍ବତନ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସ୍ୱାଇଁ, ଘଣ୍ଟାପଡ଼ା କ୍ଲଷ୍ଟରର ସିଆରସିସି ରୂପା ସିଂ କ୍ଷେତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ହିନ୍ଦୀ ଶିକ୍ଷକ ରଣାଙ୍କୁ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ଦେବାଶିଷ ଥନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର ସାହୁ, ଅରୁଣ ରଣା ଓ ବୃହସ୍ପତି କାଲସେ ସହଯୋଗ କରିଥିଲେ। ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଣ୍ଡୁଆ-କମିରା ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

ଅମରପାଲି,୧।୩(ପୀତାମ୍ବର ସାହୁ)

ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ୩୧ କୋଟି ୯୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୫ଟି ରାସ୍ତା ଏବଂ ପଣ୍ଡୁଆ- କମିରା ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଶୁକ୍ରବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏହିସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଯୁଧିଷ୍ଠିରପୁର- ଜଟେସିଂହା ରାସ୍ତା ପାଇଁ ୩ କୋଟି ୧୪ ଲକ୍ଷ ୭୫ ହଜାର ଟଙ୍କା, ବଡଖମାର- ଡୁମୁରୀ ରାସ୍ତା ୨କୋଟି ୩୪ ଲକ୍ଷ ୯ ହଜାର ଟଙ୍କା,ପଣ୍ଡୁଆ-କମିରା ବିଜୁ ସେତୁ ପାଇଁ ୧୫ କୋଟି ୭୬ ଲକ୍ଷ ୯୪ ହଜାର ଟଙ୍କା,କେନଝିରିଆପାଲି- ଗୋଘାଟ ରାସ୍ତା ୫ କୋଟି ୫୯ଲକ୍ଷ ୪୯ ହଜାର ଟଙ୍କା,ଲୁହାଖଣ୍ଡି- କେନ୍ଦୁପାଲି -ମସନାପାଲି ରାସ୍ତାର ଉନ୍ନତୀକରଣ ନିମନ୍ତେ ୪ କୋଟି ୨୩ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକର ପୂର୍ବତନ ଅଧକ୍ଷ ସ୍ୱୟମ୍ଭୁ ନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ସ୍ୱେଚ୍ଛାସେବୀ କିଶୋର କୁମାର ହୋତା, ବିହାରୀ ଲାଲ ମିଶ୍ର, ତୁଳସୀ ଦାସ ହୋତା, ଚିତ୍ତ ରଞ୍ଜନ ଦାଶ,ମଧୁସୂଦନ ପଣ୍ଡା, ଜଟେସିଂହା ସରପଞ୍ଚ ସୁନିତା ପଧାନ, ସମିତି ସଭ୍ୟା ରଶ୍ମିତା ପାଣ୍ଡେ,ଖଣ୍ଡହଥା ସମିତି ସଭ୍ୟ ବିନୋବା ନନ୍ଦ ପଧାନ, ବିଭାଗୀୟ ଏସଡିଓ, ଜୁନିୟର ଇଞ୍ଜିନିଅର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ବିଧାୟକ ବେହେରା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ ରାସ୍ତାଗୁଡିକ ଜନସାଧାରଣଙ୍କ ପାଇଁ ଜୀବନରେଖା ପାଲଟିବ ବୋଲି ବିଧାୟକ ବେହେରା ପ୍ରକାଶ କରିଥିଲେ।


ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ୨ ବାଇକ୍ ମୁହାଁମୁହିଁ ଧକ୍କା ଜଣେ ମୃତ,୩ ଗୁରୁତର

ଡୁଙ୍ଗୁରିପାଲି,୧।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର ଚିନାଯୁରୀ ପଞ୍ଚାୟତ ଖୁଣ୍ଟପାଲି ଗାଁ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତି ଜଣକ ହେଲେ ବରଗଡ଼ ଜିଲା ଗାଇସିଲେଟ ଥାନା ଜାମୁଟବାହାଲ ଗାଁର ମହାଜନ ସିଂ (୪୮)ବୋଲି ଜଣାପଡିଛି। ଦୁର୍ଘଟଣାସ୍ଥଳରେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ନ ଥିବାରୁ ଲୋକଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ମହାଜନ ଓ ନୀଳମଣି ମେହେର ଏକ ବାଇକ୍ (ଓଡି୦୩ ଜି-୮୬୫୧) ଯୋଗେ ଯାଉଥିଲେ । ଏହି ସମୟରେ ଖୁଣ୍ଟପାଲି ଗାଁର ପିଣ୍ଟୁ କୁମ୍ଭାର ଓ ଦେବାଶିଷ ବାରିକ ଆସୁଥିବା ଓଡି୩୧ ଜି-୩୭୦୦ ନମ୍ବର ବାଇକ୍ ସହ ପେଟ୍ରୋଲ ପମ୍ପ ଆଗରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ମହାଜନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଉଭୟ ବାଇକ୍‌ରେ ଥିବା ୩ ଜଣ ଗୁରୁତର ହୋଇ ପଡିଥିଲେ । ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଆହତ ବ୍ୟକ୍ତିମାନଙ୍କୁ ଅଟୋରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖବରପାଇ ଡୁଙ୍ଗୁରିପାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିନିକା ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତହେଦ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁଣ୍ଟପାଲି ଗାଁର ଆହତ ଦୁଇ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍ ଜବତ କରିବା ସହ ନଂ୬୦ /୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୁବର୍ଣ୍ଣପୁର ଜିଲାକୁ ପୋଲିଓ ମୁକ୍ତ କରିବା ପାଇଁ ଆହ୍ୱାନ

**ପଲ୍‌ସ ପୋଲିଓ ଖାଇବେ ୫୨,୪୦୧ ଶିଶୁ**

ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଗତ ୨୦୧୧ ମସିହାରୁ ଆଉ ନୂତନ ପୋଲିଓ ରୋଗୀ ଚିହ୍ନଟ ହୋଇନାହାନ୍ତି। ତଥାପି ସରକାର ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ଜିଲାର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଉଛନ୍ତି। ଆସନ୍ତା ୩ ତାରିଖ ରବିବାର ଦିନ ଜାତୀୟ ସ୍ତରରେ ଟୀକାକରଣ ଦିବସ ପାଳନ କରାଯିବ। ଏହି ଅବସରରେ ଜିଲାର ଶୂନରୁ ପାଞ୍ଚ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଯିବ ବୋଲି ଶୁକ୍ରବାର ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ଜିଲା ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡା. ପତି କହିଥିଲେ, ଯେଉଁମାନେ ମାର୍ଚ୍ଚ ୩ ତାରିଖ ଦିନ ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ହୋଇଥିବେ ସେମାନଙ୍କୁ ୪ ଓ ୫ ତାରିଖରେ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଆଶା ଦିଦିମାନେ ଘରକୁ ଘର ଯାଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏହି ଅଭିଯାନରେ ଜିଲାର ୫୨ହଜାର ୪୦୧ ଜଣ ଶିଶୁ ପଲ୍‌ସ ପୋଲିଓ ଖାଇବେ। ଏଥିପାଇଁ ୧୨୮୦ ଜଣ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଞ୍ଜୁରାଣୀ ସିଂ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ବୃନ୍ଦାବନ ସାହୁ, ସୁଧାଂଶୁ ଶେଖର ନାୟକ ଓ ପ୍ରମୋଦ ସାହୁ ପ୍ରମୁଖ ଯୋଗଦାନ କରି ପୋଲିଓ ମୁକ୍ତ ସୁବର୍ଣ୍ଣପୁର ପାଇଁ ଅଭିଭାବକ ଓ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।



ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଉଛନ୍ତି ।

## ସଂକ୍ଷେପରେ

### ଦୀପକ କୁମାର ହେଲେ ପୂର୍ବାଞ୍ଚଳ ଆଇଜି

**ବି. ଯୁଗଳ କିଶୋର ଖୋର୍ଦ୍ଧା, ସିଦ୍ଧାର୍ଥ କଟାରିଆ କେନ୍ଦ୍ରାପଡ଼ା ଏସ୍‌ପି**

ଭୁବନେଶ୍ୱର,୧।୩(ଅନିଲ ଦାସ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ତଥା ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡକ୍ଟର ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ସେହିପରି ପୂର୍ବାଞ୍ଚଳ ଆଇଜି ତଥା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ସତ୍ୟବ୍ରତ ଭୋଇଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କେନ୍ଦ୍ରାପଡ଼ା ଏସ୍‌ପି ଥିବା ବି. ଯୁଗଳ କିଶୋରଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଖୋର୍ଦ୍ଧା ଏସ୍‌ପି ତଥା ୨୦୧୭ ବ୍ୟାଚ୍ ଆଇପିଏସ୍ ଅଫିସର ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

### ସାହିତ୍ୟ ଜୀବନ ସଂସଦ ପକ୍ଷରୁ ଗଳ୍ପ ଆସର

**ସମ୍ବଲପୁର,୧।୩(ବି.ଶଙ୍କର):** ସାହିତ୍ୟ ଜୀବନ ସାହିତ୍ୟ ସଂସଦ ପକ୍ଷରୁ ଆଭାସି ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆସର ହୋଇଥିଲା। ସ୍ରୋତସ୍ୱିନୀ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଶୋଭାଗିନୀ ନନ୍ଦ ଗଳ୍ପର ବିଭିନ୍ନ ଦିଗ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଗାଳ୍ପିକ ସୁବ୍ରତ କୁମାର ସେନାପତି, ଡିଲେଶ୍ୱର ରଣା, କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ଆକାଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ନେହଲତା ଦାସ ଲେଙ୍କା, ଜୟଦେବ ରଥ, ବିବେକାନନ୍ଦ ପଟ୍ଟନାୟକ, ନିର୍ମଳ ନାୟକ, ବିକାଶ କୁମାର ଜେନା, ଗଗନ ବିହାରୀ ନାୟକ, ନଳିନୀ ରାଉତ, ମନସ୍ମିତା ଦାସ, ମନ୍ଦାକିନୀ ପାଢ଼ୀ, ସାଗରିକା ପାଣିଗ୍ରାହୀ ପ୍ରମୁଖ ଗଳ୍ପ ପାଠ କରିଥିଲେ।

### ବି.ଏଡ୍. କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ସମ୍ବଲପୁର,୧।୩(ବି.ଶଙ୍କର):** ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବି.ଏଡ୍. କଲେଜ)ର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଶାରଦା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର କ୍ରୀଡ଼ା ବିଭାଗ ପରାମର୍ଶଦାତା ଅଧ୍ୟାପିକା ପଦ୍ମିନୀ ନାଏକ, ନୃସିଂହ ନାଥ ନାୟକ ଓ ଅଧ୍ୟାପକ କ୍ଷିତୀଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ଶଟ୍‌ପୁଟରେ ଛାତ୍ରୀ ବିଭାଗର ରୂପା ବଡେଇ, ଡିସ୍‌କସ୍ ଥ୍ରୋରେ ରଶ୍ମିତା ପଟେଲ, ଜାଭେଲିନ୍ ଥ୍ରୋରେ ପୂଜା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ

ବୌଦ୍ଧ,୧।୩(ଅଜିତ କୁମାର ବାରିକ)




ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

**ଗ୍ରୀଷ୍ମ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଆଗାମୀ ଗ୍ରୀଷ୍ମ ଲହରୀର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆଗକୁ ନିର୍ବାଚନ ହେବାକୁ ଥିବା ବେଳେ ଗ୍ରୀଷ୍ମର ମୁକାବିଲା ପାଇଁ ଆଗୁଆ ସମସ୍ତ ପ୍ରସ୍ତୁତି ସାରିବାକୁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷ ଭାବରେ ପାନୀୟ ଜଳ ସଙ୍କଟର ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା, ନଳକୂପଗୁଡିକର ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପ୍ରତ୍ୟେକ ଚିକିତ୍ସାଳୟରେ ଏକ ଅଂଶୁଘାତ କୋଠରୀ ପ୍ରସ୍ତୁତ କରି ରଖାଯିବା ସହ ଆବଶ୍ୟକ ଜରୁରୀ ଔଷଧ ସାମଗ୍ରୀ ଏବଂ ଓଆରଏସ ପ୍ୟାକେଟ ମହଜୁଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରୀଷ୍ମ ସମୟରେ ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢାର ସମୟ ପରିବର୍ତ୍ତନ କରିବା,ଶ୍ରମିକମାନେ ମଧ୍ୟାହ୍ନରେ କାର୍ଯ୍ୟ ନ କରିବା, ଜରୁରୀ କାର୍ଯ୍ୟ ନ ଥିଲେ ଜନସାଧାରଣ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରବଳ ଗ୍ରୀଷ୍ମ ସମୟରେ ଯାତ୍ରୀବାହୀ ବସ ଚଳାଚଳ ନ କରିବା ଏବଂ ସମସ୍ତ ଯାତ୍ରୀବାହୀ ଗାଡିରେ ଯାତ୍ରୀମାନଙ୍କ ପାଇଁ ପାନୀୟଜଳ ଓ ଜରୁରୀ ଚିକିତ୍ସା ବ୍ୟବସ୍ଥା ନିଶ୍ଚିତ କରାଇବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ମାରିୟସ ମି, ଡିଏଫଓ କେନ୍ଦୁଲିଭ ସୁଦର୍ଶନ ବାଦୀ,ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦିପ୍ତ ମହାନ୍ତି, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର କୁମାର ସାହୁ,ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଜେ.ଏନ.ମହାପାତ୍ର, ନିର୍ବାହୀଯନ୍ତ୍ରୀ ଉଠାଜଳସେଚନ ସେଲେଇ ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତିନି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଚିକିତ୍ସା ବିଭାଗ ଅଧିକାରୀ,ଜନସ୍ୱାସ୍ଥ୍ୟ ଅଧିକାରୀ, ଓଡ୍ରାଫ ଟିମ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ହତ୍ୟା ମାମଲାରୁ ନାବାଳକ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)

କିଶୋର ନ୍ୟାୟ ବୋର୍ଡର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ସୁଧିର ମିଶ୍ର ଏକ ହତ୍ୟା ମାମଲାର ବିଚାର କରି ରାୟ ପ୍ରକାଶ କରିବା ସହିତ ଜଣେ ନାବାଳକ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୦ ଏପ୍ରିଲ ୧୩ରେ ଲଇମୁରା ଥାନା ଅଞ୍ଚଳର ପାଣିଭଣ୍ଡାର ଗ୍ରାମର ପବିତ୍ର ଶବରଙ୍କ ମଝିଆ ପୁଅ ରୋହିତ ଶବର ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ମାତ୍ର ତାଙ୍କ ସ୍ତ୍ରୀ ଟଙ୍କା ଦେବାକୁ ମନା କରିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବୋହୂ ସହ ପୁଅ ରୋହିତ ଗଣ୍ଡଗୋଳ କରୁଥିବା ଦେଖି ବାପା ପବିତ୍ର ପୁଅକୁ ଏଥିରୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରୋହିତ ତାଙ୍କ ବାପା ପବିତ୍ରଙ୍କୁ ଏକ ଠେଙ୍ଗା ସହାୟ୍ୟରେ ଆକ୍ରମଣ କରିଥିଲେ। ବାପାଙ୍କୁ ଠେଙ୍ଗାରେ ଆକ୍ରମଣ କରୁଥିବା ଦେଖି ବଡ ଭାଇ ସମ୍ପାରୁ ଶବର ରୋହିତଙ୍କୁ ପ୍ରତିରୋଧ କରିଥିଲେ। ମାତ୍ର ରୋହିତ ବଡ ଭାଇର କଥା ନ ମାନି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସମ୍ପାରୁ ଗୁରୁତର ହେବା ସହିତ ପରିବାର ଲୋକେ ତାଙ୍କୁ ଘରେ ରଖି ଚିକିତ୍ସା କରୁଥିବାବେଳେ ସମ୍ପାରର ମୃତ୍ୟୁ ହୋଇଥିଲା। ମୃତଦେହକୁ ତାଙ୍କ ବାପା ଓ ସାନ ଭାଇ ଏବଂ ଅନ୍ୟଜଣେ ନାବାଳକ ସହଯୋଗରେ ଗ୍ରାମ ନିକଟରେ ଥିବା ପାହାଡ ନିକଟରେ ପୋତି ଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ବାପା ଓ ସାନ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଘଟଣାରେ ଜଣେ ନାବାଳକ ସହଯୋଗ କରିଥିବା ହେତୁ ତାଙ୍କୁ ଜେଜେବିରେ ପୋଲିସ ପକ୍ଷରୁ ଉପସ୍ଥାପନା କରାଯାଇଥିଲା। ପରେ ସମ୍ପୃକ୍ତ ନାବାଳକ ଜାମିନରେ ଥିଲେ। ଉକ୍ତ ମାମଲାରେ ୧୬ ଜଣଙ୍କର ସାକ୍ଷ୍ୟ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ପ୍ରମାଣ ଅଭାବରୁ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ମିଶ୍ର ,ସଦସ୍ୟ ଡ.ସମୀର ନନ୍ଦ ଓ ଗାୟତ୍ରୀ ଦ୍ୱିବେଦୀ ପ୍ରମୁଖ ଅଭିଯୁକ୍ତ ନାବାଳକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ତରଣିକାନ୍ତ ଦାଶ ମାମଲାର ପରିଚାଳନା କରିଥିଲେ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତା।

ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଲଣ୍ଡା ଗ୍ରାମ ପଞ୍ଚାୟତରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଜିଲା କଂଗ୍ରେସ ଯୋଗାଯୋଗ ଓ ଗଣମାଧ୍ୟମ ସେଲ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି କଂଗ୍ରେସ ଦଳର ନୀତି ଓ ଆଦର୍ଶ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କଲଣ୍ଡା ଗ୍ରାମ ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ଶ୍ରୀତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଙ୍ଗଠନକୁ ଅଧିକ ସୁଦୃଢ କରିବ ବୋଲି ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

## ଜାତୀୟ ବିଜ୍ଞାନ ଦିବସ

ସମ୍ବଲପୁର,୧।୩(ବି.ଶଙ୍କର)

ସମ୍ବଲପୁର ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପୁରୁଣା ବଲାରଙ୍ଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକୀର ପ୍ରଧାନ ଯୋଗଦେଇ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରଇଥିଲେ। ମାନେଶ୍ୱର, ଗୁଣ୍ଡେରପୁର, କାର୍ତ୍ତିପୁର, ମାଟିଖାଇ, ନୂତନ ବଲାରଙ୍ଗା ବିଦ୍ୟାଳୟର ଛାତ୍ରୀଛାତ୍ର କୁଇଜ୍, ଚିତ୍ରାଙ୍କନ, ଭାଷଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଇଜ୍ ଜୁନିୟର ବର୍ଗରେ ମେଘା ଭୋଇ, ଜ୍ଞାନରଞ୍ଜନ ସାହୁ, ବର୍ଷା ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ପ୍ରତୀକ ବାଗ, ପ୍ରିୟଦର୍ଶିନୀ ସାହୁ, ମନିଷା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଦିବ୍ୟା ଭୋଇ ପ୍ରଥମ, ସାଇ ପ୍ରିତ୍ ସାହୁ ଦ୍ୱିତୀୟ ଓ କୁନା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଅନ୍ତର୍ଜାତୀୟ ହ୍ୱିଲଚେୟାର ଦିବସ



ହ୍ୱିଲଚେୟାର ଦିବସରେ ଉପସ୍ଥିତ ଅତିଥି।

ଦେବଗଡ଼,୧।୩(ଶଶାଙ୍କ ଶେଖର ଝାଙ୍କର)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ଶୁକ୍ରବାର ଅନ୍ତର୍ଜାତୀୟ ଚକଲଗା ଚୌକି (ହ୍ୱିଲଚେୟାର) ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ସାମଲ ଯୋଗଦେଇ ଚକଲଗା ଚୌକି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ୧୨ ଜଣ ଦିବ୍ୟାଙ୍ଗଙ୍କୁ ଚକଲଗା ଚୌକି, ମିଶନ ଦକ୍ଷତା ଯୋଜନାରେ ଭିନ୍ନକ୍ଷମ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଓ ଦୁଇଜଣ ସହାୟତାକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହ ବ୍ୟତୀତ ୧୪ ଜଣ ଅତିଶୟ ଭିନ୍ନକ୍ଷମ ଶିଶୁଙ୍କୁ ପୁଷ୍ଟକର ଖାଦ୍ୟ ପ୍ରଦାନ କରାଯାଇଥିଲା। ସିଆରସିସି ପ୍ରାଣବନ୍ଧୁ ଘଡେଇ ସଭା ପ୍ରାରମ୍ଭରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁକ ଦେଖାଇ ବୁଲା ବେପାରୀଙ୍କୁ ଲୁଟ୍ ଉଦ୍ୟମ

ଦେବଗଡ,୧।୩(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ଦେବଗଡ ଥାନା ଅଞ୍ଚଳର ଧୋବଲିପଥର ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା କରିଡର ରାସ୍ତାରେ ଜଣେ ବୁଲା ବେପାରୀଙ୍କୁ ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଦେବଗଡ ଥାନା ଅଞ୍ଚଳ ସାମନ୍ତାପାଲି ଗ୍ରାମର ମଦନ ସାହୁ (୪୦)ନାମକ ଜଣେ ତେଜରାତୀ ସାମଗ୍ରୀ ବୁଲା ବେପାରୀ ଶୁକ୍ରବାର ସନ୍ଧ୍ୟାରେ ବେପାର ସାରି ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ବାଇକ ଆରୋହୀ ତାଙ୍କୁ ପିଛା କରୁଥିବା ସନ୍ଦେହ ହେବାରୁ ସେ ଧୋବଲିପଥର ଗ୍ରାମ ନିକଟସ୍ଥ ରାଞ୍ଚି--ବିଜୟୱାଡା କରିଡର ରାସ୍ତା କଡରେ ଅଟକି ଯାଇଥିଲେ। ଏହି ସମୟରେ ପିଛା କରୁଥିବା ବାଇକ୍ ଆରୋହୀ ଦ୍ୱୟ ତାଙ୍କ ନିକଟରେ ଅଟକିବାସହ ବନ୍ଧୁକ ଦେଖାଇ ଭୟଭୀତ କରି ଲୁଟ ପାଇଁ ଉଦ୍ୟମ କରିଥିଲେ। ଫଳରେ ମଦନ ସେଠାରେ ବାଇକ୍‌କୁ ଛାଡି ପ୍ରାଣ ଭୟରେ ଦୌଡି ପଳାଉଥିବାବେଳେ ତଳେ ପଡିଯାଇ ଆହତ ହୋଇଥିଲେ। ଫଳରେ ସନ୍ଦିଗ୍ଧ ବାଇକ ଆରୋହୀ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ପୋଲିସକୁ ସୂଚନା ଦେବାରୁ ଦେବଗଡ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ଅନ୍ୟପକ୍ଷରେ ଅଭିଯୋଗର ସତ୍ୟାସତ୍ୟ ନେଇ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

ଦେବଗଡ,୧।୩(ଶଶାଙ୍କ ଶେଖର ଝାଙ୍କର)



ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ଦେବଗଡ଼ ଜିଲା ବାରକୋଟ ବ୍ଲକ କଲା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାର ଏକ ୨୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ଗୋପାଳକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବ ଓ ସେମାନଙ୍କର ଅର୍ଥନୈତିକ ପ୍ରଗତି ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାପାଳ ଉପାଧ୍ୟାୟ ଦୁଗ୍ଧ ଚାଷୀମାନଙ୍କୁ ୫ ଲିଟର କ୍ଷମତା ବିଶିଷ୍ଟ ଷ୍ଟିଲ କ୍ୟାନ ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ସାମୁଲ ଅଧ୍ୟକ୍ଷ ବିଦ୍ୟାଧର ପ୍ରଧାନ ଓ ସାଧାରଣ ପରିଚାଳକ ସରୋଜ କୁମାର ସାହୁ ଓ ବାରକୋଟ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୀପକ ଷଡଙ୍ଗୀ ଯୋଗ ଦେଇଥିଲେ। ଉଦଘାଟନୀ ଦିବସରେ ସମ୍ପୃକ୍ତ ଅଞ୍ଚଳର ୪୨ ଜଣ ଦୁଗ୍ଧ ଚାଷୀଙ୍କ ଠାରୁ ୨୫୦ ଲିଟର କ୍ଷୀର ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲା ଓ ବମ୍ପରଡା ସମେତ ଆଖପାଖ ଗ୍ରାମର ବହୁ ଦୁଗ୍ଧଚାଷୀ ଓ ମହିଳା ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଫୁଲଝରଣରେ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ

ସମ୍ବଲପୁର,୧।୩(ବି.ଶଙ୍କର)

ବୀର ସୁରେନ୍ଦ୍ର ସାଏଙ୍କ ୧୪୦ତମ ଶ୍ରାଦ୍ଧ ଦିବସ ଓ ଜାତୀୟ ବିଜ୍ଞାନ ଦିବସ ଗୁରୁବାର ଫୁଲଝରଣସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ମୁଖ୍ୟ କୁଳଧର ପ୍ରଧାନ ସଭାରେ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ସାଏଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଜ୍ୟୋତି ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନି କହିଥିଲେ, ସୁରେନ୍ଦ୍ର ସାଏ ଦୀର୍ଘ ୩୭ବର୍ଷ କାରାବରଣ କରିଥିଲେ ମଧ୍ୟ ତାଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇ ନାହିଁ। ଅସୀରଗଡ଼ ଜେଲର ତାଙ୍କୁ ପରିଦର୍ଶନ ସମ୍ପର୍କରେ ସେ ତାଙ୍କ ହୃଦୟବିଦାରକ ଅନୁଭୂତି ବର୍ଣ୍ଣନା କରିଥିଲେ। ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ସାହିତ୍ୟ ସାଧକ ହୃଷୀକେଶ ପୂଜାରୀ ଯୋଗଦେଇଥିଲେ। ଅନ୍ଧବିଶ୍ୱାସରୁ ଦୂରରେ ରହି ବିଜ୍ଞାନସମ୍ମତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ଦେବଗଡ,୧।୩(ଶଶାଙ୍କ ଶେଖର ଝାଙ୍କର)




ନିଯୁକ୍ତି ମେଳାରେ ଉପସ୍ଥିତ ଅତିଥି।

ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ଶୁକ୍ରବାର ଏକ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମେଳାର ଶୁଭାରମ୍ଭ କରିଥିଲେ। ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କୁ ଆବଶ୍ୟକ ପରାମର୍ଶ ପୂର୍ବକ କର୍ମ ନିଯୁକ୍ତି ମାଧ୍ୟମରେ ଉପାର୍ଜନକ୍ଷମ କରିବା ଏହି ମେଳାର ମୁଖ୍ୟ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ପରିଷଦର ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଯୋଗଦେଇ ନିଯୁକ୍ତି ମେଳା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନିଯୁକ୍ତି ମେଳାରେ ଜିଲାର ତିନୋଟି ବ୍ଲକରୁ ୧୫୫ ଜଣ ଯୁବକ ଓ ୨୦୬ ଜଣ ଯୁବତୀଙ୍କ ସମେତ ମୋଟ ୩୬୧ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯୯ ଜଣ ଯୁବକ ଓ ୮୨ ଜଣ ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ନିମନ୍ତେ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୪ ଜଣ ଯୁବକ ଓ ୭୧ ଜଣ ଯୁବତୀ ଦକ୍ଷତା ବିକାଶ ତାଲିମ ପ୍ରଦାନ ସହ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାରେ ନାମ ଲେଖାଇ ନିଶ୍ଚିତ କର୍ମନିଯୁକ୍ତି ପାଇଁ ମନୋନୀତ ହୋଇଥିବା ଜଣାପଡିଛି। ଏହି ମେଳାରେ ସାଇ ଏକ୍ସପୋର୍ଟ, ଗୁଗୁନ ନେଟୱାର୍କସ, ସିପେଟ, ଡିଭାଇନ ନର୍ସିଂ, ଏଲଟିଓଏ, ହେଲ୍ଥ କେୟାର, ଏଲଏନ୍ଟି ଓ ସୁଜାତା ଫେୱଲଫେୟାର ଟ୍ରଷ୍ଟ ଆଦି କାର୍ଯ୍ୟକାରିଣୀ ସଂସ୍ଥା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୁହାଁମୁହିଁ ବାଇକ୍ ଧକ୍କା: ଜଣେ ମୃତ, ୩ ଗୁରୁତର

ବଲାଙ୍ଗୀର,୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସ୍ଥିତ ସରକାରୀ ଆଇଟିଆଇ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଲୋଇସିଂହା ଥାନା ବିରକେଲ ଗାଁର ଭାଗ୍ୟ ପଟେଲ ନିଜ ସ୍ତ୍ରୀ ଓ ଝିଅ ସହ ସଦର ଥାନା ତାଲଝରନ ଗ୍ରାମର ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ନିଜ ପେସନ୍ ପ୍ରୋ (ଓଡି ୦୩ଏ ୨୯୦୫) ବାଇକ୍‌ରେ ଯାଇଥିଲେ। ସେଠାରୁ ତିନିଜଣ ଫେରିଲା ସମୟରେ ଆଇଟିଆଇ ନିକଟରେ ସାମ୍ନାପଟୁ କ୍ଷୀପ୍ର ବେଗରେ ଆସୁଥିବା ଏକ ଏଫ୍‌ଜି ବାଇକ୍ (ଓଡ଼ି୦୩ ଭି ୭୯୧୯) ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପଟେଲ, ତାଙ୍କ ଝିଅ ଓ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ମୁହାଁମୁହିଁ ଧକ୍କା ଦେଇଥିବା ବାଇକ୍ ଆରୋହୀ ଯୁବକ ମଧ୍ୟ ଗୁରୁତର ଆହତ ହୋଇଥିଲା। ୪ ଜଣଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଗୁରୁତର ଆହତ ଭାଗ୍ୟ ପଟେଲଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଗୁରୁତର ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଥିଲା। କ୍ଷୀପ୍ରଗତିରେ ଚଳାଉଥିବା ବାଇକ୍ ଆରୋହୀ ଜଣକ ଠିକାଦାରପଡାର ବିକ୍ରମ ମୁଣ୍ଡା ବୋଲି ଜଣାପଡିଛି। ସେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଜିଲା ପରିଷଦ ସଭ୍ୟଙ୍କ ପିତୃ ବିୟୋଗ

କର୍ଲାମୁଣ୍ଡା,୧।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ଗାଁର ତଥା 'ଖ' ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ପିତା ହେମ ସାଗର ଚୌଧୁରୀ (୬୮)ଙ୍କ ପରଲୋକ ହୋଇଛି। ଏହି ଖବର ପ୍ରଚାର ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଅବସ୍ଥାରେ ବିୟୋଗ ଘଟିଥିବା ଜଣାପଡିଛି। ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ।

### କ୍ରେତା ବିକ୍ରେତା ସମ୍ମିଳନୀ

ଦେଓଗାଁ,୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୃହତ ଉଠା ଜଳସେଚନ ପ୍ରକଳ୍ପରେ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ତଥା କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆରସିଡିସିର ବ୍ଲକ ସଂଯୋଜକ ବିଶ୍ୱବାସ କର୍ମୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆରସିଡିସିର ଗୁରୁଦେବ ପଧାନ ଯୋଗଦେଇ ଉତ୍ପାଦିତ ଅଣଧାନ ଫସଲର କ୍ରୟ ବିକ୍ରୟ କେମିତି କରିପାରିବେ ସେ ନେଇ ଚାଷୀଙ୍କୁ ଅବଗତ କରିଥିଲେ। ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଉପରେ ଚାଷୀଙ୍କୁ ସଚେତନ କରାଯାଇଥିଲା । ସମ୍ମାନୀତ ଅତିଥିଭାବେ ଗ୍ରାମ୍ୟ କୃଷି କର୍ମୀ ଓ କୃଷକ ସାଥୀ ଉପସ୍ଥିତ ଥିଲେ। ଶିବିରରେ ଫାର୍ମର ପ୍ରଡ୍ୟୁସର କମ୍ପାନୀ କର୍ମକର୍ତ୍ତା ତଥା ଗୌରଗୋଠ. ଗୁଡଖାପଲା ଓ ମହଲାଇ ପଞ୍ଚାୟତର ଚାଷୀ ଓ କମ୍ୟୁନିଟି ବେସଡ ଅର୍ଗାନାଇଜେଶନ କର୍ମକର୍ତ୍ତା ଯୋଗଦେଇଥିଲେ।

# ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ୮ବର୍ଷ ଜେଲ

**୨କୋଟି ୧୨ଲକ୍ଷ ଟଙ୍କା ଠକେଇ ମାମଲାର ରାୟ ପ୍ରକାଶ**

ଭବାନୀପାଟଣା,୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ ୨୦୨୩ ରେ ହୋଇଥିବା ୨ କୋଟି ୧୨ଲକ୍ଷ ଟଙ୍କା ଠକେଇ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ଏସଡିଜେଏମ୍ ପି.ସୀତାଲକ୍ଷ୍ମୀ ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ବ୍ରହ୍ମପୁରର ଅଭିଯୁକ୍ତ ସୁମନ ଶେଖର ରାଉତଙ୍କୁ ୩ଟି ଦଫାରେ ୮ବର୍ଷ ଜେଲ ଦଣ୍ଡାଦେଶ ସହ ୩୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଦେଢବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଇଣ୍ଡିଆନ ଓରଫାନ ମିଶନ(ଆଇଓଏମ)ନାମକ ଏକ ଏନଜିଓ ସଂସ୍ଥାରେ ଅଭିଯୁକ୍ତ ରାଉତ ଚାକିରି କରୁଥିଲେ। ସେଠାରେ ସେ ସଂସ୍ଥାର ସମସ୍ତ ଟଙ୍କାର ନେଣଦେଣ ତଦାରଖ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାଉତ ଅସାଧୁ ଉପାୟ ଅବଲମ୍ବନ କରି ଆଇଓଏମ ସଂସ୍ଥା ନାମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ନୂଆଦିଲ୍ଲୀ ଶାଖାରେ ଥିବା ଜମାଖାତାର ପଞ୍ଜିକୃତ ମୋବାଇଲ ନମ୍ବରକୁ ବଦଳେଇ ନିଜ ମୋବାଇଲ ନମ୍ବର ପଞ୍ଜିକୃତ କରିଦେଇଥିଲେ। ଏହାଦ୍ୱାରା ପ୍ରାପ୍ତ ଓଟିପି ସାହାଯ୍ୟରେ ବିଭିନ୍ନ କିସ୍ତିରେ ସମୁଦାୟ ୨କୋଟି ୧୨ଲକ୍ଷ ଟଙ୍କା ନିଜ ଜମାଖାତାକୁ ଟ୍ରାନ୍ସଫର କରି ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ବିଷୟରେ ଜାଣିବା ପରେ ଆଇଓଏମ୍ ସଂସ୍ଥାର ଟ୍ରଷ୍ଟି କିରନ କୁମାର ଲିମା ଭବାନୀପାଟଣା ସାଇବର ପୋଲିସ ଥାନାରେ ଏକ ମାମଲା ଦାଏର କରିଥିଲେ। ଅଭିଯୋଗ ପରେ ସାଇବର ଥାନା ଆଇଆଇସି ପୁଷ୍ପାଞ୍ଜଳୀ ପ୍ରଧାନ ମାମଲାର ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ଓ ଏପିପି ରାଜ କୁମାର ଛତ୍ରିଆ ପରିଚାଳନା କରିଥିଲେ।

## ମହିଳା ଚାଷୀ ସାଧାରଣ ପରିଷଦ ବୈଠକ



ବୈଠକରେ ଉପସ୍ଥିତ ମହିଳା ଚାଷୀ ।

ଲୋଇସିଂହା,୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ଅନ୍ତର୍ଗତ ପିପିଲରେ ବ୍ଲକ ମହିଳା ଚାଷୀ(ପ୍ରଡ୍ୟୁସର କମ୍ପାନୀ)ର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶୀଦାର ମହିଳା ଚାଷୀ ଅଂଶଗ୍ରହଣ କରି ବାର୍ଷିକ ଆୟବ୍ୟୟ ସମୀକ୍ଷା କରିଥିଲେ। ୨୦୨୩-୨୪ ଖରିଫରେ ୭୨ ଜଣ ମହିଳା ଚାଷୀଙ୍କଠାରୁ ୨୪୪୧ କୁଇଣ୍ଟାଲ ଧାନ ବିହନ ସଂଗ୍ରହ କରାଯାଇଛି। ଅତି କମ୍ ଦିନରେ ପ୍ରଡ୍ୟୁସର କମ୍ପାନୀ ସନ୍ତୋଷଜନକ କାମ କରିଥିବାରୁ ଅତିଥି ଖୁସିବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ଗୀତାଞ୍ଜଳି ନାଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ତର୍ଜାତୀୟ ଧାନଗବେଷଣା କେନ୍ଦ୍ରର ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏମ.ଡି.ସୁଲତାନ, ସତୀଶ ମିତ୍ତଲ ଆକ୍ସେସ ଲାଇଭଲିହୁଡର ମୁଖ୍ୟ ବିଶ୍ୱରଞ୍ଜନ ପରିଡା ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧିକାରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରଡ୍ୟୁସର କମ୍ପାନୀର କାର୍ଯ୍ୟକାରୀତାକୁ ନେଇ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ଓଡ଼ିଶାର ବୃହତ ସଂସ୍ଥା ଭାବେ ଠିଆ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏମିତି ସୁଲତାନ କହିଥିଲେ ଯେ, ବିହନ ଚାଷ କରି ବଜାରରେ ବିକ୍ରି କରି ଲାଭବାନ ହେବାକୁ ମହିଳାଙ୍କୁ ଆହ୍ୱାନ ଜଣାଇଥିଲେ। ଭଲ ବିହନ ହେଲେ ଭଲ ଅମଳ ହେବ। ଏଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଧାନ ବହନ ସହ ଡାଲି ଓ ତୈଳ ଜାତୀୟ ଚାଷ କରି ଚାଷୀ ଉପକୃତ ହେଉଥିବା ସେ କହିଥିଲେ। ସଭାପ୍ରାରମ୍ଭରେ ପିପିଲରେ ନିର୍ମିତ ଚାଷୀ ସୁବିଧା କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଜସମିନ କୁମାର ସଭା ସଂଯୋଜନା କରିଥିଲେ ।

# ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



ଛାତ୍ରୀମାନେ ପ୍ରସ୍ତୁତ କରିଥିବା ବର୍ଜ୍ୟବସ୍ତୁର ଉପକରଣ, ଗୃହ ସାଜସଜ୍ଜା ପ୍ରଦର୍ଶନ କରୁଛନ୍ତି।

ଖପ୍ରାଖୋଲ,୧।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବ କିଶୋର ନନ୍ଦ, ମୁଖ୍ୟବକ୍ତା ଘୁନସର ଆରବିଏସଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରଜତ କୁମାର ମିଶ୍ର, ସମ୍ମାନିତ ଅତିଥି ପରିବେଶ କର୍ମୀ ଅଭୟ ତ୍ରିପାଠୀ, ଅଧାପକ ସୁରଜ ଭୋଇ ଯୋଗଦେଇ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜୈବିକ ବସ୍ତୁ ତଥା ମାଟିରେ ମିଶି ପାରୁଥିବା ବସ୍ତୁ ବ୍ୟବହାର କରିବା, ପଲିଥିନ, ପ୍ଲାଷ୍ଟିକ, କାଚ, ଚିନା ମାଟି ପ୍ରସ୍ତୁତ ଉପକରଣ ବ୍ୟବହାରକୁ କମ କରିବା, ବର୍ଜ୍ୟବସ୍ତୁକୁ ପୁଣିଥରେ ଅନ୍ୟ କାମରେ ବ୍ୟବହାର ସହିତ ସୁପରିଚାଳନା ଉପରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବର୍ଜ୍ୟବସ୍ତୁର ଉପକରଣ, ଗୃହ ସାଜସଜ୍ଜା ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ସଚେତନତା ସଭାରେ ସହଦେବ ପତି, ଅତସି ସାହୁ, ଗୋପିକୃଷ୍ଣ ଦଳାଇ, ଅମର ସିଂ ମାଝି, ନୀଳିମା ମିଶ୍ର, ଗଗନ ସାହୁ, ଜଗବନ୍ଧୁ ବେହେରା, ଲିଙ୍ଗରାଜ ମାଝି, ଡିଲେଶ୍ୱର୍ ମେହେର, ଦୀନବନ୍ଧୁ ଚାରବେମାଲ, ଉମାକାନ୍ତ ପ୍ରଧାନ ପ୍ରମୁଖ ପରିବେଶ କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହୁ ପାଟଣାଗଡ଼ ବିଧାନସଭା ଆସନ

**ଖବରଦାତା ସମ୍ମିଳନୀରେ ଆଦିବାସୀ କଲ୍ୟାଣ ସଂଘର ଦାବି**

ପାଟଣାଗଡ,୧।୩(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବିଧାନ ସଭା ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହୁ। ଏଭଳି ଦାବି କରିଛି ଆଦିବାସୀ କଲ୍ୟାଣ ସଂଘ। ପାଟଣାଗଡ ଗଡଭିତର ଯାତ୍ରା ପଡ଼ିଆସ୍ଥିତ ପାଟଣେଶ୍ୱରୀ ଉତ୍ସବ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ପାଟଣାଗଡ ଶାଖା ପକ୍ଷରୁ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ଓ ଅନ୍ୟ କର୍ମକର୍ତ୍ତା ଏହିଭଳି ଦାବି କରିଛନ୍ତି। ଯୁଗ୍ମ ସମ୍ପାଦକ ଭୋଇଙ୍କ କହିବା ଅନୁସାରେ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ୩୪ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ବସବାସ କରୁଛନ୍ତି। ଅର୍ଥାତ୍ ବର୍ତ୍ତମାନ ୩ଲକ୍ଷ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ଆଦିବାସୀ ଭୋଟର ମତଦାନ ସାବ୍ୟସ୍ତ କରିବେ। ଏହାକୁ ଲକ୍ଷ୍ୟ କରି ନିର୍ବାଚନୀ ମଣ୍ଡଳର ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ ବ୍ଲକକୁ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦରେ ସାମିଲ କରାଯାଇଛି। ଦେଶ ସ୍ୱାଧୀନ ହେବାର ୭ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ପାଟଣାଗଡ ବିଧାନସଭା କ୍ଷେତ୍ରରେ କେବଳ ୨ ଥର ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ଏହା ପରଠାରୁ ଏହା ଅଣ ସଂରକ୍ଷିତ ରହିଥିବାରୁ ଆଦିବାସୀ ବର୍ଗର ପ୍ରତିନିଧିତ୍ୱ ମିଳି ପାରୁନାହିଁ। ଅପରପକ୍ଷରେ ବର୍ତ୍ତମାନର ରାଜ୍ୟ ସରକାର ଆଦିବାସୀଙ୍କ ସାମୂହିକ ବିକାଶ ପାଇଁ ବହୁ ପ୍ରକାର ଯୋଜନା କରୁଥିଲେ ହେଁ ଏଠାରୁ ନିର୍ବାଚିତ ଜନ ପ୍ରତିନିଧି ସେମାନଙ୍କ ସ୍ୱାର୍ଥ ପ୍ରତି ଅଣଦେଖା କରିଚାଲିଛନ୍ତି। ଆଦିବାସୀ ବର୍ଗର ସାଧାରଣ ଲୋକଙ୍କଠାରୁ ସରକାରୀ କର୍ମଚାରୀ ଯାଏ ଲାଞ୍ଛିତ ହେଉଥିଲେ ହେଁ ଏହା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଣୁ ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ସଂଘର ଚନ୍ଦ୍ରଶେଖର ବରିହା, ଭୁବନେଶ୍ୱର କୁଅଁର, ଲକ୍ଷ୍ମୀ ଶବର, ମନୋଜ କୁମାର ଲୁହା, ଧନିରାମ ମିର୍ଦ୍ଧା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ



ଜଣେ ହିତାଧିକାରୀ ଅତିଥିଙ୍କଠାରୁ ସହାୟତା ରାଶି ଗ୍ରହଣ କରୁଛନ୍ତି।

ଦେଓଗାଁ, ୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ହିତାଧିକାରୀଙ୍କୁ ସହାୟତା ରଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ଏକ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଯୁବନେତା ଅଚ୍ୟୁତ ମିଶ୍ର ଯୋଗଦେଇଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ନେତା ଓ କର୍ମୀ।

ଟିଟିଲାଗଡ, ୧।୩(ଶରତ ମିଶ୍ର)

ଟିଟିଲାଗଡ ପୌର ପରିଷଦ ୱାର୍ଡ ନ ୧୨ରେ ବିଜେଡ଼ି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁକବାର ଅନୁଷ୍ଠିତ ହୋଯାଇଛି। ବିଜେଡ଼ି ନଗର ସଭାପତି ରଞ୍ଜିତ ପୃଷ୍ଟି, କାଉନସିଲର ସାବିତ୍ରୀ ବାରିକ, ମାନସ ସାହୁ, ଗୋପାଳ ବେହେରା ଯୋଗଦେଇ ସରକାରଙ୍କ ସବୁ ଜନହିତକର କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରିଥିଲେ। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜୁ ଗୁପ୍ତା, ଶମ୍ଭୁ ସାହୁ, ଶ୍ୟାମ ହାତୀ, ଅଶୋକ ବାଗ, ତୁଳସୀ ନାଗ, ସଚିକାନ୍ତ ବାରିକ, ସୁରେନ୍ଦ୍ର ଆଚାର୍ଯ୍ୟ ଓ ହୁର୍ଦ୍ଧା ଦାସଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

# ସାମ୍ବାଦିକ ଭବନ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ

ବଲାଙ୍ଗୀର,୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସାମ୍ବାଦିକ ଭବନରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶି ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କମ୍ୟୁନିଟି ସେଣ୍ଟରର ବ୍ୟୟ ଅଟକଳ ୧୦ ଲକ୍ଷ ଟଙ୍କା ରହିଛି। ଏହି ଅନୁଦାନ ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ପ୍ରଦାନ କରାଯାଇଛି। ଜିଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ବିଶିଙ୍କ ସହ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଲିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ଶିଶିରକାନ୍ତ ଶତପଥୀ, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ନବୀନ ପଶାୟତ, ଗୋପବନ୍ଧୁ ଶତପଥୀ, ରଞ୍ଜିତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଦୀପ୍ତ ମିଶ୍ର, ସଚିଦାନନ୍ଦ ବଗର୍ତ୍ତୀ, ଅଭିଲାଷ ହୋତା, ତରୁଣ ସାହୁ, ସନ୍ଦୀପ କୁମାର କୁଅଁର, ମୁକେଶ ବହିଦାର, ଚନ୍ଦ୍ରଭାନୁ ମୋଲଣା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ଶ୍ରୀକର ମିଶ୍ର, ରେଳ ଉପଭୋକ୍ତା ସଂଘ ସଭାପତି ତରୁଣ ମିଶ୍ର, ପ୍ରଭାକର ମିଶ୍ର, ଦିବାକର ହୋତା ମଧ୍ୟ ଉପସ୍ଥିତ ଥିଲେ।



ଅନ୍ୟ ଅତିଥିଙ୍କ ସହ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବେଦାନ୍ତ ଡେପୁଟି ସିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ଲାଞ୍ଜିଗଡ,୧।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ବେଦାନ୍ତ ଲିମିଟେଡ଼ର ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ ଏବଂ ତାଙ୍କ ସ୍ତ୍ରୀ ଶୁଭେସ୍ମା ପାଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବେଦାନ୍ତ ସିଇଓ ପାଲ ଲାଞ୍ଜିଗଡରେ ଯୋଗଦାନ ପରେ ବିଭିନ୍ନ ଧାର୍ମିକ ସ୍ଥଳରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଜଗନ୍ନାଥ ମନ୍ଦିର ନିର୍ମାଣରେ ହସ୍ତକ୍ଷେପ କରି ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ପର୍ବରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ହରିହର ସାଂସ୍କୃତିକ ସେବା ସମିତିର ସାଧାରଣ ସମ୍ପାଦକ କାମରାଜ ଦଳବେହେରା, କୋଷାଧକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଉପଦେଷ୍ଟା କମିଟି ପକ୍ଷରୁ ଶ୍ରୀମୁଖ ଅଗସ୍ତି, ଅଶୋକ ପଟ୍ଟନାୟକ, ସୁବାସ ଅଗ୍ରୱାଲ, ପ୍ରଦୀପ ବହିଦାର, କୃଷ୍ଣଚନ୍ଦ୍ର ମହାରଣା, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି କୈଳାସ ସାହୁ ସମେତ ଲାଞ୍ଜିଗଡ ପ୍ରେସକ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ବିଦ୍ୟୁତ୍ ସମସ୍ୟାକୁ ନେଇ ରାସ୍ତାରୋକୋ

ଲାଞ୍ଜିଗଡ,୧।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଉପାନ୍ତ ଅଞ୍ଚଳ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କନ୍ଦସାର୍ଲି ଗ୍ରାମବାସୀ ବିଦ୍ୟୁତ୍ ସମସ୍ୟାକୁ ନେଇ ଶୁକ୍ରବାର ବିଶ୍ୱନାଥପୁରଠାରୁ କଲ୍ୟାଣସିଂହ ପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କୁମାରଗୁଡ଼ାଠାରୁ କନ୍ଦସାର୍ଲି ଗାଁକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଛିଣ୍ଡିକି ୨ ମାସରୁ ଅଧିକ ସମୟ ହୋଇଥିବାବେଳେ ବିଦ୍ୟୁତ୍ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ବାରମ୍ବାର ଜଣାଇଲା ପରେ ମଧ୍ୟ ତାରକୁ ସଂଯୋଗ କରୁ ନ ଥିଲେ। ଫଳରେ ଅଞ୍ଚଳରେ ଅସନ୍ତୋଷର ବାତାବରଣ ଦେଖାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଉପାନ୍ତ ଅଞ୍ଚଳ ଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ଅନେକଗୁଡ଼ିଏ ଗାଁରେ ବିଜୁଳି ସେବା ଅପହଞ୍ଚ। କନ୍ଦସାର୍ଲି ଗ୍ରାମବାସୀ ପୂର୍ବରୁ ମଧ୍ୟ ଏହି ବିଜୁଳି ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ଗୁହାରି କରିବା ପରେ ମଧ୍ୟ କୌଣସି ପ୍ରକାର ସମସ୍ୟାର ସମାଧାନ ହୋଇ ନ ଥିଲା। ଫଳରେ ବାଧହୋଇ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଶୁକ୍ରବାର ବିଶ୍ୱନାଥପୁର ଠାରୁ କଲ୍ୟାଣ ସିଙ୍ଗପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଯାତାୟତ ବନ୍ଦ ଥିବାବେଳେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଛିଣ୍ଡିଥିବା ବିଦ୍ୟୁତ ତାରକୁ ସଂଯୋଗ କଲାପରେ ରାସ୍ତା ଅବରୋଧ ହଟିଥିଲା ଏବଂ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି ।




ଲୋକେ ରାସ୍ତାରୋକୋ କରିଛନ୍ତି।

# ୫ଦିନରେ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ, ବୀମା କମ୍ପାନୀ, ବିଦ୍ୟୁତ ବିତରଣ କମ୍ପାନୀ ଏବଂ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ବୀମା କ୍ଷତିପୂରଣ ସହାୟତା ପ୍ରସଙ୍ଗରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗତ ଖରିଫ ଋତୁ ଶେଷ ଆଡକୁ ମିଗ୍‌ଜୋମ୍ ସାମୁଦ୍ରିକ ଝଡ଼ କାରଣରୁ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ସତ୍ତ୍ୱେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ବୀମା କ୍ଷତିପୂରଣ ସହାୟତା ମିଳି ନ ଥିବା ନେଇ ଆଲୋଚନା ହୋଇଥିଲା। ଫସଲକ୍ଷତି ଆକଳନ କରି ପ୍ରଥମେ ଜିଲା ପ୍ରଶାସନ ୪୧ ହଜାର ହେକ୍ଟର ଜମି ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ରିପୋର୍ଟ ଦେଇଥିଲେ। ହେଲେ କ୍ଷତିପୂରଣ କେବଳ ୪୦୦ ହେକ୍ଟର ଫସଲକ୍ଷତି ବାବଦକୁ ମିଳିବା ଚାଷୀ ସଙ୍ଗଠନ ସହଜରେ ଗ୍ରହଣ କରିପାରୁନାହିଁ ବୋଲି ଚାଷୀ ପ୍ରତିନିଧି କହିଥିଲେ।

ଜିଲାପାଳ ଆଦିତ୍ୟ ଗୋୟଲ ଉତ୍ତର ରଖି ପୁଣି ଥରେ କ୍ଷତିପୂରଣ ରିପୋର୍ଟ ପଠାଇବା ଏବଂ କେଉଁ କାରଣରୁ ଏମିତି କମ୍ କ୍ଷତିପୂରଣ ଆସିଛି ତଦାରଖ କରି ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ଫସଲ ବୀମା କମ୍ପାନୀ ପ୍ରତିନିଧି ଫସଲକ୍ଷତି ଆକଳନରେ ବିଳମ୍ବ ହୋଇଥିବା ସ୍ୱୀକାର କରିଥିଲେ। ବରଗଡ଼ ଜିଲାରେ କେତେ ଚାଷୀଙ୍କ କ୍ଷତି ହୋଇଛି, କେତେ ପରିମାଣ ଫସଲକ୍ଷତି ହୋଇଛି, ତୁରନ୍ତ ରିପୋର୍ଟ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀ ପକ୍ଷରୁ କେନ୍ଦ୍ର ଏବଂ ରାଜ୍ୟ ସରକାର ତାଙ୍କର ସବସିଡି ପ୍ରିମିୟମ ଦେଲେ ୧୦ଦିନ ମଧ୍ୟରେ କୃଷକମାନଙ୍କ ଖାତାକୁ ତାଙ୍କର କ୍ଷତିପୂରଣ ଟଙ୍କା ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କୃଷକ ସଙ୍ଗଠନ ପାଞ୍ଚ ଦିନ ମଧ୍ୟରେ କ୍ଷତିପୂରଣ ନ ଦେଲେ ପୁଣି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। କୃଷକମାନେ ଅଭିଯୋଗ କରିଥିଲେ, ଲୋ-ଭୋଲଟେଜ କାରଣରୁ ଫସଲ ନଷ୍ଟ ହେଉଛି। ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ଫସଲରେ ଅଧିକ ହଇରାଣ ହେବାକୁ ପଡୁଛି, ମାତ୍ରାଧିକ ବିଦ୍ୟୁତ ବିଲ୍ ଚାଷୀଙ୍କ ଚିନ୍ତାର କାରଣ ହୋଇଛି । ତେବେ କମ୍ପାନୀ ତରଫରୁ ଯଥା ସମ୍ଭବ ସମସ୍ୟା ସମାଧାନ କରିବା ପାଇଁ ଉପସ୍ଥିତ ପ୍ରତିନିଧି କହିଥିଲେ। ସଙ୍ଗଠନ ତରଫରୁ ଦାବି କରାଯାଇଛି, ଜମିରେ ଧାନ ଫସଲ ଥିବା ଯାଏ କୌଣସି ପ୍ରକାରେ ଲାଇନ କଟାଯିବ ନାହିଁ। ଯଦି ବଳପୂର୍ବକ ଲାଇନ କଟାଯାଏ ତାହାହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସତର୍କ କରାଯାଇଛି। ଶେଷରେ ଚିନିକଳ କର୍ମଚାରୀମାନଙ୍କ ଆନ୍ଦୋଳନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତତସହିତ ରାଜାବୋଡାସମ୍ବର କୃଷକ ସଙ୍ଗଠନର ୧୭ମାସ ଧାରଣା ପ୍ରସଙ୍ଗରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା।


ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ।

ବୈଠକରେ ଜିଲାପାଳ ଗୋୟଲ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଉପ ଜିଲାପାଳ କୁମାର ନାଗଭୂଷଣ, ଜିଲା ମୁଖ୍ୟ କୃଷି ଅଧିକାରୀ ଅମୀୟ ସାହୁ, ସୋନାଲିକା ସାହୁ, ଡିଆରସିଏସ, ବ୍ୟାଙ୍କ କର୍ମଚାରୀ ଏବଂ ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ଜୁମେଶ ବେହେରା, ଟିକେଲାଲ ମିଶ୍ର, ସୁବାସ ବିଶ୍ୱାଳ, ସୁରେଶ ନିକେଣ୍ଡି, ବବ୍ରୁବାହନ ସାହୁ, ଈଶାନ୍ତ ଭୋଇ, ଜୟ ପ୍ରକାଶ ବେହେରା, ଥବିର ସାହୁ, ସୁରେନ ସାହୁ, କାରଣ ସାହୁ, ବବୁଲୁ ମିଶ୍ର, ପ୍ରଭାତ ସାହୁ, ପ୍ରେମରାଜ ସାହୁ, ସୁବାସ ପଧାନ, ସୁଶାନ୍ତ ଗଡତିଆ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ପଞ୍ଚାନନ ସାହୁ, ରୋହିତ ପଧାନ, ସୁବାସ ସାମନ୍ତରାୟ, କୈଳାଶ ବାରିକ, ଲିଙ୍ଗରାଜ ପଧାନ, କିଶୋର ଦେବତା, ଜୟକୃଷ୍ଣ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୬୧.୬୮ କୋଟିରେ ହେବ ପାନୀୟଜଳ ଯୋଗାଣ ପ୍ରକଳ୍ପର ବିକାଶ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ପୌର ପରିଷଦର ସମସ୍ତ ୱାର୍ଡକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ୱାର୍ଡରେ ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ୬୧.୬୮ କୋଟି ଅନୁଦାନ ମଞ୍ଜୁର କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହି ଅନୁଦାନ ରାଶି ମଞ୍ଜୁର ହୋଇଛି। ଏହି କ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବରଗଡ ବିଜୁ ପଟ୍ଟନାୟକ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ବରଗଡ଼ ସହରର ପାନୀୟଜଳ ସମସ୍ୟାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ଅନୁଦାନ ମଞ୍ଜୁର ପରେ ଆନନ୍ଦ ପ୍ରକାଶ ପାଇଛି ।


ପାନୀୟଜଳ ପ୍ରକଳ୍ପ ଉନ୍ନତୀକରଣ ଶିଳାନ୍ୟାସ ସମାରୋହରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ମନୋନୀତ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂଆ ସାଧାରଣ ପରିଷଦ ଗଠିତ ହୋଇଛି। କଳା ସଙ୍ଗୀତ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷ ଏହି ପରିଷଦରେ ସ୍ଥାନ ପାଇଥିବା ବେଳେ ଚଳିତ ବର୍ଷ ବରଗଡ଼ ଜିଲାର ବିଶିଷ୍ଟ କଣ୍ଠ ଶିଳ୍ପୀ କାଳୀଚରଣ ବାଗ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।



କଣ୍ଠଶିଳ୍ପୀ ବାଗ ବରଗଡ଼ ସମେତ ସମଗ୍ର ପଶ୍ଚିମାଞ୍ଚଳର ଜଣେ ସ୍ୱନାମଧନ୍ୟ କଳାକାର ଭାବେ ପରିଚିତ। ସେ ଶତାଧିକ ସଙ୍ଗୀତରେ କଣ୍ଠ ଦାନ କରିଥିବାବେଳେ ସିନିୟର ଫେଲୋଶିପ୍ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭାବେ ମନୋନୀତ କରିବା ପରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଏହି ମର୍ଯ୍ୟାଦାଜନକ ସଦସ୍ୟ ପଦବୀ ପାଇବା ପରେ ବାଗ ପଶ୍ଚିମାଞ୍ଚଳର ଲୋକ ସଙ୍ଗୀତ, ଓ ଲୋକ ଗୀତକୁ ଗୁରୁତ୍ୱ ପ୍ରଦାନ କରି କିପରି ଏ ଅଞ୍ଚଳର କଳାକାରମାନେ ଆଗକୁ ବଢ଼ିବେ, ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିବେ ବୋଲି ଉଲ୍ଲେଖ କରିବେ ବୋଲି କହିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

### ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



**ଭେଡେନ, ୧ ।୩ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡେନ ବ୍ଲକ ଅଧୀନ ଐତିହାସିକ ପପଙ୍ଗା ଗ୍ରାମରେ ବୁଢ଼ାରଜା ମନ୍ଦିର ନବୀକରଣ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଗୁରୁବାର ଶତାଧିକ ମହିଳା ସ୍ଥାନୀୟ ପୋଖରୀରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏଥିରେ ପଣ୍ଡିତ ପ୍ରେମରାଜ ପୁରୋହିତ, ପ୍ରମୋଦ ପଣ୍ଡା ପୌରୋହିତ୍ୟ କରିଥିଲେ। ଭବାନୀ ଦେହେରୀ ଓ ଅଜିତ ଦେହେରୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ତାମିମୁଡା ଏବଂ ଚିହିକିପାଲି ମହିଳା ସଙ୍କୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ବୁଢ଼ାରଜା ମନ୍ଦିର କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଗଳ୍ପ ସଙ୍କଳନ 'ଖୁଲା ଆକାଶର ତଲେଁ' ଉନ୍ମୋଚିତ

**ପଦ୍ମପୁର, ୧ ।୩ (ପ୍ରଦୀପ୍ତ ଦାଶ)**

ଯୁବ କଥାକାର ପ୍ରଭାତ ସାହୁଙ୍କ ସମ୍ବଲପୁରୀ ଗଳ୍ପ ସଙ୍କଳନ 'ଖୁଲା ଆକାଶର ତଲେଁ' ଉନ୍ମୋଚିତ ହୋଇଯାଇଛି । ବରଗଡ ଜିଲା ପଦ୍ମପୁର ଲୁ ନାଟ୍ୟ ଆଶ୍ରମ ମହୁଲପାଲିଠାରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ଡ. ପ୍ରମୋଦ ପାଢ଼ୀ ମୁଖ୍ୟ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା, ନାଟ୍ୟକାର ଅଶୋକ କୁମାର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକୁ ଉନ୍ମୋଚନ କରିଥିଲେ। ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ପୁସ୍ତକର ସମୀକ୍ଷା କରିଥିଲେ। ମନୋରଞ୍ଜନ ପୁରୋହିତ, କୈଳାସ କୁମ୍ଭାର, ପରମେଶ୍ୱର ବିଶି, ଦୀପକ ବରିହା, ପୌଲସ୍ତ୍ୟ ସାହା, ଦୟାସାଗର ଧରୁଆ, ପ୍ରିୟରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୃତଦେହ ଜବତ, କାରଣ ଅସ୍ପଷ୍ଟ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ଅମ୍ବାଭୋନା ଥାନା ଅଧୀନ ଲେଲେହର ପରୁଆଭାଡି ମଧ୍ୟରେ ଥିବା ଘୁଘୁରା ବନ୍ଧ ନିକଟସ୍ଥ ଏକ ମୁଗବାଡିରୁ ଜଣେ ଲୋକଙ୍କ ମୃତଦେହ ପଡିରହିଥିବା ଦେଖି ଲୋକେ ଅମ୍ବାଭୋନା ପୋଲିସକୁ ଖବର ଦେଇଥିଲେ। ଅମ୍ବାଭୋନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ। ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି କହିଛନ୍ତି। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୪/୨୪) ରୁଜୁ ହୋଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ମୃତକ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଭଏନାରଗଚା ଗ୍ରାମର ପ୍ରେମସାଗର ସେଠ (୫୩) ବୋଲି ଜଣାପଡିଥିବା ପୋଲିସ ପ୍ରକାଶ କରିଛି।

# ବରଗଡ଼ ଗସ୍ତରେ ବିଜେଡି ପର୍ଯ୍ୟବେକ୍ଷକ, ଯୁବ କଂଗ୍ରେସ ନେତାଙ୍କ ଯୋଗଦାନ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ)**

ବିଜେଡିର ନବନିଯୁକ୍ତ ପର୍ଯ୍ୟବେକ୍ଷକ ଜି. ବିଶ୍ୱନାଥ ଶୁକ୍ରବାର ବରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ନିର୍ବାଚନ ମଣ୍ଡଳୀର ଦଳୀୟ ନେତୃମଣ୍ଡଳୀ ଓ କର୍ମୀମାନଙ୍କୁ ଭେଟି ଦଳୀୟ ସଙ୍ଗଠନ ବିଷୟରେ ଆଲୋଚନା କରିଛନ୍ତି । ଏହି ଅବସରରେ ବରଗଡ଼ଠାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟି ଦଳୀୟ ସଙ୍ଗଠନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ନିର୍ବାଚନ ପାଖେଇ ଆସୁଥିବାରୁ କର୍ମୀମାନେ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ତୃଣମୂଳସ୍ତରରୁ ସଙ୍ଗଠନର ସ୍ଥିତି ପରଖିବା ସହିତ ଆହୁରି କାର୍ଯ୍ୟକ୍ଷମ ରହିବାକୁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତାଙ୍କୁ ବିଶ୍ୱନାଥ ସାକ୍ଷାତ କରି ଦଳୀୟ ସ୍ଥିତି ଜାଣିବାକୁ ଚେଷ୍ଟା କରିଥିଲେ। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରଗଡର ଯୁବ କଂଗ୍ରେସ ନେତା ଅଭିଷେକ ନାୟକ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ତାଙ୍କ ଯୋଗଦାନକୁ ବିଜେଡି ତରଫରୁ ସ୍ୱାଗତ କରାଯାଇଥିଲା।


ଯୁବ କଂଗ୍ରେସ ନେତାଙ୍କୁ ବରଗଡ଼ ବିଧାୟକ ସ୍ୱାଗତ କରୁଛନ୍ତି।

# ଝାରମୁଣ୍ଡା ଗ୍ରାମକୁ ପାନୀୟ ଜଳଯୋଗାଣ ଦାବି

**ପାଇକମାଳ, ୧ ।୩ (ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ ଝାରମୁଣ୍ଡା ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ କାମ ସରିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ଆମ୍ବେଦକର ଯୋଦ୍ଧାର ଜିଲା ସଭାପତି କୁଶ ତାଣ୍ଡି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଛନ୍ତି। ଏଥିପାଇଁ ଏକ ଟିମ୍ ଗଠନ କରି ଶୁକ୍ରବାର ଝାରମୁଣ୍ଡା ଗ୍ରାମରେ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପ ଦୀର୍ଘ ୨ବର୍ଷ ଧରି ପଡିରହିଛି । ଫଳରେ ଆଜି ପର୍ଯ୍ୟନ୍ତ ଝାରମୁଣ୍ଡା ଗ୍ରାମର ଲୋକଙ୍କ ପାଖକୁ ପାଣି ପହଞ୍ଚିପାରିନାହିଁ। ବରଗଡ଼ ଜିଲାପାଳଙ୍କୁ ଏନେଇ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଆଗାମୀ ୭ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆ ନ ଗଲେ ପାଇକମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆମ୍ବେଦକର ଯୋଦ୍ଧାର ଜିଲା ସଭାପତି ତାଣ୍ଡି ଚେତାବନୀ ଦେଇଛନ୍ତି। ଆଲୋଚନାରେ ୱାର୍ଡମେମ୍ବର ବିଜୟ ଡୁଡୁକା, ସମାଜସେବୀ ପ୍ରଶାନ୍ତ ନେଗୀ, ବରିଷ୍ଠ ସହକର୍ମୀ ଟିକେଶ୍ୱର ନେଗି, ରଣଜିତ ନେଗୀ, ସୁଦାମ ଡୁଡୁକା, ପପୁ କୁମ୍ଭାର, ପ୍ରତାପ ନେଗି ଓ ଗ୍ରାମବାସୀ ସାମିଲ ହୋଇଥିଲେ ।

# ମାଣ୍ଡିଆ ମଣ୍ଡି ପରିଦର୍ଶନ କଲେ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ

**ପାଇକମାଳ/ପଦ୍ମପୁର, ୧ ।୩**
**(ବଡ ଶତପଥୀ/ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ପିପଲପାଲି ଗ୍ରାମରେ ଓଡ଼ିଶା ମିଲେଟ ମିଶନ ତରଫରୁ ମାଣ୍ଡିଆ ମଣ୍ଡି ଖୋଲାଯାଇଛି। ଏହି ମଣ୍ଡିକୁ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ମୋହନ ମିଶ୍ର ଶୁକ୍ରବାର ପରିଦର୍ଶନ କରିଛନ୍ତି। ମାଣ୍ଡିଆ ମଣ୍ଡିରେ ବିକ୍ରି ସମୟରେ କି କି ଅସୁବିଧା ହେଉଛି ତାହା ସେ ଚାଷୀମାନଙ୍କଠାରୁ ବୁଝିଥିଲେ। ଚାଷୀମାନେ ସୁବିଧାର ସହିତ ମାଣ୍ଡିଆ କିପରି ବିକ୍ରି କରିବେ, ସେ ନେଇ କ୍ରୟକାରୀ ସଂସ୍ଥା ମାର୍ଜାର କେଶରୀ କୃଷକ ଉତ୍ପାଦକ କମ୍ପାନୀର କର୍ମୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ। ମଣ୍ଡି ପରିଦର୍ଶନ ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅମିୟ କୁମାର ସାହୁ, ଉପ ଜିଲା କୃଷି ଅଧିକାରୀ ନାରାୟଣ ମହାନନ୍ଦ, ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଓଡ଼ିଶା ମିଲେଟ ମିଶନର ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ଓ ସବ୍ୟସାଚୀ ହନୁମାନ, ୱାଶନର ଆର୍‌ସି ସୁରେନ୍ଦ୍ର କୁମାର ମେହେର, ମାଣ୍ଡିଆ କ୍ରୟକାରି ସଂସ୍ଥା ଟିଡିସିସି ମ୍ୟାନେଜର, ଅହିଂସା କ୍ଲବ ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି ରାଜବୋଡାସମ୍ବର ବ୍ଲକ ଦହିଗାଁ ବାନ୍ଧୁପାଲି ମାଣ୍ଡିଆ ସଂଗ୍ରହ କେନ୍ଦ୍ରକୁ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ମୋହନ ମିଶ୍ର ପରିଦର୍ଶନ କରିଥିଲେ। ଅଞ୍ଚଳରେ ବହୁ ପରିମାଣର ମାଣ୍ଡିଆ ଚାଷ ହୋଇଥିବାରୁ ସେ ଖୁସି ପ୍ରକଟ କରି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ପରିଦର୍ଶନ ସମୟରେ ତ୍ରିରଙ୍ଗା ଯୁବକ ସଂଘର ନାରାୟଣ ମହାନନ୍ଦ, ହୃଦାନନ୍ଦ ନାୟକ, ଟିଡିସିସି ବିଏମ୍ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ମାଣ୍ଡିଆ ମଣ୍ଡିରେ କୃଷି ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

# ପଦ୍ମପୁର ଉପଖଣ୍ଡ: ୨୯ ପାକ୍ସରେ ତାଲା ଝୁଲିଲା

**ପଦ୍ମପୁର, ୧ ।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ସର୍କଲର ୨୯ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସମିତିରେ ତାଲା ଝୁଲୁଛି। ପ୍ରାୟ ୧୮୨ ଜଣ କର୍ମଚାରୀ ପଦ୍ମପୁର ଏଆର୍‌ସିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟ ଯାଇ ନିରାଶ ହୋଇ ଫେରୁଛନ୍ତି। କର୍ମଚାରୀମାନେ ମୁଖ୍ୟତଃ କ୍ୟାଡରଭୁକ୍ତ କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା ଡିଏ ୧୬୪ ଶତକଡାରୁ ୨୩୦ଶତକଡାକୁ ତୁରନ୍ତ ବୃଦ୍ଧି କରିବା, ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପାକ୍ସ, ଲାମ୍ପସରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ପୂର୍ବାହ୍ନରେ ଧାରଣାସ୍ଥଳକୁ ଏଆରସିଏସ ଗୋପାଳ ପୃଷ୍ଟେଠ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଜାରି ରହିବ ବୋଲି ସେମାନେ କହିଥିଲେ ଏବଂ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସର୍କଲ ପାକ୍ସ ସଭାପତି ଗୋପାଳ ଷଣ୍ଢ, ସମ୍ପାଦକ ଅମୂଲ୍ୟ ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଠାକୁର ପାଣ୍ଡେ, ଗୋବିନ୍ଦ ସାହୁ, ସୁଧାନିଧି ମଟାରୀ, ଉମାକାନ୍ତ ପ୍ରଧାନ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

# ପଦ୍ମପୁର ଜିଲା ଦାବି, ଧାରଣାରେ ବରିଷ୍ଠ ନାଗରିକ

**ପଦ୍ମପୁର, ୧ ।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଜିଲା ଗଠନ ବିଜ୍ଞପ୍ତି ଦାବିରେ ପଦ୍ମପୁର ଜିଲା କ୍ରିୟାନୁଷ୍ଠାନ କମିଟି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛି। ଏହି ଧାରଣାରେ ପଦ୍ମପୁରର ବରିଷ୍ଠ ନାଗରିକମାନେ ସାମିଲ ହୋଇ ସମର୍ଥନ ଦେଇଛନ୍ତି। ଗୌନ୍ତିଆ ସାହୁ, ପୁରନ୍ଦର ଦୋରା, ଗୋବିନ୍ଦ ପାଣିଗ୍ରାହୀ, ନନ୍ଦକିଶୋର ଧରୁଆ, ରାଜକିଶୋର ଯୋଶୀ, ବାଲି ନାଏକ, ସୀତାରାମ ପଟ୍ଟନାୟକ, ମୁନୁ ପଣ୍ଡା, ଅପନା ସାହୁ, ଜଗବନ୍ଧୁ ପୋଡ଼, ବିପିନ ବାଗ, ଆନନ୍ଦ ବାଗ, ନରହରି ବାଗ, ବିନୋଦ ବିହାରି ନାଥ, ଶୁକୃ ନାଏକ ପ୍ରମୁଖ ବରିଠେ ନାଗରିକ ଏହି ଧାରଣାରେ ସାମିଲ ହୋଇଥିଲେ।


ବରିଷ୍ଠ ନାଗରିକମାନେ ଧାରଣା ଦେଇଛନ୍ତି।

# ଆନନ୍ଦ ଉଦ୍ୟାନ, ସ୍ମାର୍ଟ ପାର୍କ ଲୋକାର୍ପିତ

**ବରଗଡ଼, ୧ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡରେ ଶୁକ୍ରବାର ଆନନ୍ଦ ଉଦ୍ୟାନ ଓ ସ୍ମାର୍ଟ ପାର୍କ ଲୋକାର୍ପିତ ହୋଇଛି। ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ବରଗଡ଼ ସହର ସହିତ ଗ୍ରାମାଞ୍ଚଳର ଜନସାଧାରଣ ମଧ୍ୟ ଏହି ପାର୍କ ଓ ଉଦ୍ୟାନର ମଜା ଉପଭୋଗ କରିପାରିବେ ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗଦେଇ ବରଗଡ଼ବାସୀଙ୍କ ପାଇଁ ଏଭଳି ଏକ ପାର୍କର ଆବଶ୍ୟକତା ରହିଥିଲା ଏବଂ ତାହା ପୂରଣ ହୋଇଛି ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ଏହି ପାର୍କକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଉପନଗରପାଳ ରାଜେଶ ଅଗ୍ରୱାଲ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହର ପ୍ରସାଦ ଭୋଇ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଉମା ଚରଣ ରାଉତ, ଲିପୁ ସାହୁ, ଅଶୋକ ଯୋଶୀ ପ୍ରମୁଖଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ। ବରଗଡ଼ ବିଧାୟକ ଆଚାର୍ଯ୍ୟ ପଞ୍ଚାୟତ କଲେଜ ନିକଟରେ ସାଢ଼େ ତିନି ଏକର ଜମିରେ ଏକ ଉଦ୍ୟାନ ଓ ସ୍ମାର୍ଟ ପାର୍କର ପରିକଳ୍ପନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏଥିପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ମଞ୍ଜୁର କରାଇଥିଲେ। ଜନସାଧାରଣଙ୍କ ଆବଶ୍ୟକତା ଅନୁସାରେ ଖୋଲା ବ୍ୟାୟାମଶାଳା, ପାନୀୟଜଳ ବ୍ୟବସ୍ଥା, ଆଲୋକ ସଜ୍ଜା, ଶିଶୁଙ୍କ ପାଇଁ ଖେଳଣା, ପାଦ ଚଲାପଥ ସହିତ ସେଠାରେ ଥିବା ପଥର ଚଟାଣ ଉପରେ ଶିବ ପାର୍ବତୀଙ୍କ ବିରାଟ ମୂର୍ତ୍ତି ପାର୍କର ଶୋଭାକୁ ବର୍ଦ୍ଧନ କରୁଛି।


ଆନନ୍ଦ ଉଦ୍ୟାନ ଓ ସ୍ମାର୍ଟ ପାର୍କ ଲୋକାର୍ପଣ କରାଯାଉଛି।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ସହ ଯୁବକ ନିଖୋଜ

**ରାଉରକେଲା, ୧।୩(ସଙ୍ଗୀତା ଜେନା):** ନୂଆଗାଁ ଅଞ୍ଚଳର ଜଣେ ଯୁବକ ଗୁରୁବାର ଝିରପାଣି ସାପ୍ତାହିକ ହାଟକୁ ଯାଇ ତାଙ୍କ ପିକ୍‌ଅପ ଭ୍ୟାନ ସହ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମଙ୍ଗଲୁ ଓରାମ(୩୧)। ମଙ୍ଗଲୁ ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୪/୩୬୪୮)ରେ ଚାଷୀଙ୍କ ପନିପରିବା ଧରି ହାଟକୁ ନେଇଥିଲେ। ପରେ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ବନ୍ଦ ରହିଛି। ଶୁକ୍ରବାର ସକାଳେ ତାଙ୍କ ସ୍ତ୍ରୀ ଧୀରଜମଣି ଓରାମ ଝିରପାଣି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୫/୨୪) ରୁଜୁ କରି ତଦନ୍ତ କରୁଛି।

### ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବୃଦ୍ଧିକୁ ସ୍ୱାଗତ

**ରାଉରକେଲା, ୧।୩(ସଙ୍ଗୀତା ଜେନା):** ଓଡ଼ିଶାର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବୃଦ୍ଧିକୁ ହିନ୍ଦ୍ ମଜଦୁର ସଭା ପକ୍ଷରୁ ସ୍ୱାଗତ କରାଯାଇଛି। ଦୀର୍ଘଦିନର ଦାବି ଓ ଆନ୍ଦୋଳନ ପରେ ରାଜ୍ୟ ସରକାର ହୃଦୟଙ୍ଗମ କରି ଦାବି ପୂରଣ କରିଥିବାରୁ ସୁନ୍ଦରଗଡ଼ ଅଙ୍ଗନୱାଡ଼ି କର୍ମଚାରୀ ଓ ସହାୟିକା ସାମ୍ମୁଖ୍ୟ ନେତ୍ରୀ ମନୋରମା ନନ୍ଦୀ, ବୀଣାପାଣି ରାଉତ, ପୁଷ୍ପଲତା ମଲିକ, ପ୍ରମିଳା ବେହେରା, ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ଉପସଭାପତି ଅକ୍ଷୟ ନାୟକ, ଗଣନିଧି ବଳ, ସହ ସମ୍ପାଦକ ପ୍ରମୋଦ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଏକତରଫା ପ୍ରେମ କରି ଗିରଫ

**ରାଉରକେଲା, ୧।୩(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଯୁବକ ହେଲେ ଶୀତଳପଡା ବସ୍ତିର ବିକି ପ୍ରଜାପତି(୨୩)। ଏ ନେଇ ରଘୁନାଥପାଲି ଥାନାରେ ଏକ ମାମଲା (ନଂ.୧୩୬/୨୪) ରୁଜୁ ହୋଇଛି। ଅଭିଯୁକ୍ତ ଯୁବକ ଜଣଙ୍କ ଉକ୍ତ ନାବାଳିକା(୧୪)ଙ୍କୁ ଏକତରଫା ପ୍ରେମ ନିବେଦନ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ବିଶ୍ୱ ହୁଇଲ ଚେୟାର ଦିବସ ପାଳିତ

ରାଉରକେଲା, ୧।୩(ସଙ୍ଗୀତା ଜେନା): ଆଞ୍ଚଳିକ ପୁର୍ନବାସ ଓ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ହୁଇଲ ଚେୟାର ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, ପ୍ରକଳ୍ପ ପରିଚାଳକ କୈଳାସ ପ୍ରସାଦ ରାଉତ, ଆଶାଦୀପ ପ୍ରଧାନ, ପ୍ରକାଶ ପଣ୍ଡ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ହୁଇଲଚେୟାର ବ୍ୟବହାରକାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଦ୍ୟୁମ୍ନ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲିତାଳି ପତି ଧନ୍ୟବାଦ ଅର୍ପଣ କରିଥିଲେ। ସଂଗ୍ରାମ ଦାସ, ଯଦୁଚରଣ ମୁର୍ମୁ, ଗୀତା ସାହୁ, ମୁକେଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଲିଥିନମୁକ୍ତ ସହର ଅଭିଯାନ ବାଟବଣା

**୬ମାସରେ ମାତ୍ର ୫ଥର ଚଢ଼ାଉ**

ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)

୨୦୦୮ରୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ସରକାର ଆଇନଗତ କଟକଣା ସହ ବ୍ୟାପକ ସଚେତନତା ଅଭିଯାନ କରୁଛନ୍ତି। ୨୦୨୨ରେ ଦେଶରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଏବଂ ପଲିଥିନ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି। ଏହାସତ୍ତ୍ୱେ ରାଉରକେଲା ସହରରେ ପଲିଥିନ ଏବଂ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ଫଳରେ ପଲିଥିନମୁକ୍ତ ରାଉରକେଲା ସହର ଅଭିଯାନ ବାଟବଣା ହୋଇଛି।

ରାଉରକେଲା ସହରର ପ୍ରାୟ ସବୁ ହୋଟେଲ, ରେଷ୍ଟୁରାଣ୍ଟ, ଆମିଷ ବଜାର, ମିଷ୍ଟାନ୍ନ ବଜାର, ବିଭିନ୍ନ ମଲ୍, ପରିବା ବଜାର ଏବଂ ତେଜରାତି ଦୋକାନରେ ଏଭଳି କିସମର ପତଳା ପଲିଥିନ ବହୁଳ ଭାବେ ଖୁଲମଖୁଲା ବ୍ୟବହାର ହେଉଛି। ରାଉରକେଲାରେ ଏଭଳି ଗୋଟିଏ ବି ଉଦ୍ୟୋଗ ନ ଥିବା ବେଳେ ପ୍ରାୟତଃ ଛତିଶଗଡ, ରାୟପୁର ଆଦି ଅଞ୍ଚଳରୁ ଏଠାକୁ ପଲିଥିନ ଏବଂ ପ୍ଲାଷ୍ଟିକ ଆସୁଛି। ଏଥିସହ ପ୍ରାୟ ସବୁ ପଲିଥିନ ପ୍ଲାଷ୍ଟିକ ପ୍ୟାକେଟ ଚାଇନା ମେଡ୍ ଥିବା ଜଣାପଡିଛି। ପରିବେଶ ପାଇଁ କ୍ଷତିକାରକ ଏଭଳି





ଆଞ୍ଚଳିକ ପ୍ରଦୂଷଣ ବିଭାଗ ମୁଖ୍ୟ ଅଧିକାରୀ। ସହରରେ ବିକ୍ରି ହେଉଥିବା ପାଣି ବୋତଲ।

ଉପାଦାନର ବହୁଳ ବ୍ୟବହାର ରୋକିବା ଦାୟିତ୍ୱ ରାଉରକେଲା ପରିବେଶ ବିଭାଗ ଓ ଆର୍‌ଏମ୍‌ସି ଉପରେ ନ୍ୟସ୍ତ ରହିଛି। ଆରଏମସି ପକ୍ଷରୁ ଦୈନିକ ୧୫୦ ଏମ୍‌ଟି ଆବର୍ଜନା ସଲିଡ୍ ୱେଷ୍ଟ ପୁନଃଚକ୍ରଣରେ ବିଶୋଧନ ହେଉଛି ଓ ଦୈନିକ ୩୩୩ ସିୟୁଏମ୍ ସଲିଡ ୱେଷ୍ଟରୁ ୬୭ ସିୟୁଏମ ସଲିଡ ୱେଷ୍ଟ ପୁନଚକ୍ରଣ ହୋଇ କମ୍ପୋଷ୍ଟ ଖତ ଉତ୍ପାଦନ କରାଯାଉଛି। ଏହାସତ୍ତ୍ୱେ ପଲିଥିନର ବହୁଳ ବ୍ୟବହାର ଯୋଗୁ ଏହା ସହରର ବିଭିନ୍ନ ସ୍ଥାନରେ ଏଣେତେଣେ ପଡିଥିବା ଦେଖାଯାଉଛି। ଅନ୍ୟପଟେ ଫୁଡ ପ୍ରଡକ୍ଟ କମ୍ପାନୀ ପ୍ରସ୍ତୁତ ପ୍ଲାଷ୍ଟିକ ପାଣି ବୋତଲ ଏମ୍‌ଏଫ୍‌ଜି ତାରିଖ ମଧ ରହୁନାହିଁ। ଗୋଟିଏ ଇମେଲ ଆଇଡି ଏବଂ କଷ୍ଟମର କେୟାର ନମ୍ବର ବୋତଲରେ ଛପା ହେଉଛି। ମାତ୍ର କଷ୍ଟମର କେୟାର ନମ୍ବରକୁ ଫୋନ୍ କଲେ ଲାଗୁନାହିଁ। ଲୋକମାନେ ବାଧ୍ୟହୋଇ ଏକ୍ୱାପାଏରି ପାଣି ପିଉଛନ୍ତି। ସେହିପରି ବୋତଲ ଶୁଷ୍କ ତଥା ଥଣ୍ଡା ଜାଗାରେ ରଖିବାକୁ ନିର୍ଦ୍ଦେଶ ଥିଲେ ମଧ ସହରର ଦୋକାନୀମାନେ ଖରାରେ ରଖି ବିକ୍ରି କରୁଛନ୍ତି। ଏହା ଉପରେ ବିଭାଗର ନୀରବତା ସହର ପରିବେଶ ଓ ସହରବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାଜୁଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

ଏ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ମୁଖ୍ୟ ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ମୁଁ ୭ମାସ ହେଲା ରାଉରକେଲା ପ୍ରଦୂଷଣ ବିଭାଗରେ ଯୋଗ ଦେଇଛି। ଏହି ସମୟ ମଧ୍ୟରେ ୫ଥର ସହରର ବିଭିନ୍ନ ସ୍ଥାନରେ ରିସାଇକ୍ଲିଁ ହୋଇପାରୁ ନ ଥିବା ଏକ୍ସଜିନ କିସମର ପତଳା ପଲିଥିନ ଓ ପ୍ଲାଷ୍ଟିକ ଥିବା ଦୋକାନ ଉପରେ ଚଢାଉ ହୋଇଛି। ଆଗକୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟାପକ ଚଢାଉ କରାଯିବ ବୋଲି ସେ କହିଥିଲେ।

## ସେକ୍ସ ର୍ୟାକେଟ୍ ସନ୍ଦେହରେ ଚଢ଼ାଉ

ରାଉରକେଲା, ୧।୩(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାର ବିଭିନ୍ନ ସ୍ଥାନରେ ଖୁଲମଖୁଲା ଦେହ ବ୍ୟବସାୟ ଚାଲିଛି। ଏହି କ୍ରମରେ ଗୁରୁବାର ରାତି ପ୍ରାୟ ୧୨ଟାରେ ଛେଣ୍ଡ ଥାନା ଅଞ୍ଚଳରେ ଥିବା ଏକ ଘରେ ଦେହ ବ୍ୟବସାୟ ସନ୍ଦେହରେ ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ପୋଲିସ ୬ ମହିଳାଙ୍କ ସମେତ ଜଣେ ବ୍ୟକ୍ତିଙ୍କୁ ଧରି ଥାନାକୁ ନେଇଥିଲା ଏବଂ ଶୁକ୍ରବାର ଭୋର ସମୟରେ ସେମାନଙ୍କୁ ଛାଡିଦେଇଥିବା ଜଣାପଡିଛି। ଛେଣ୍ଡ ଥାନା ଅଞ୍ଚଳର ଉକ୍ତ ଘରେ ଦେହ ବ୍ୟବସାୟ ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ପୋଲିସ ଚଢାଉ କରିଥିଲା। ଚଢ଼ାଉ କରିବା ସମୟରେ କୌଣସି ମହିଳା ପୋଲିସ ନ ଥିବାରୁ ଉକ୍ତ କ୍ୱାର୍ଟରର ଡ୍ରଇଂ ରୁମ୍‌କୁ ପୋଲିସ ପ୍ରବେଶ କରି ପାରି ନ ଥିଲା। ସେହିପରି ଚଢାଉ ଦେଖି ଘର ପଛପାର୍ଶ୍ୱ ଗେଟ୍‌ରେ କିଛି ଗରାଖ ଫେରାର ହୋଇଯାଇଥିଲେ। ପ୍ରାୟ ୬ ମାସ ହେଲା ଉକ୍ତ ଘରକୁ ଅଣଓଡ଼ିଆ ଭାଷାଭାଷୀ ମହିଳାମାନଙ୍କ ଅଧିକ ଯିବାଆସିବା ଦେଖିବାକୁ ମିଳୁଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ଘରକୁ ବିଳମ୍ବିତ ରାତିରେ ଅଟୋ, କାର୍‌ରେ ମହିଳା, ଯୁବତୀମାନେ ଆସୁଥିଲେ। ସେହିପରି ଏଠାରେ ଅନେକ ଅସାମାଜିକ ଲୋକଙ୍କ ମେଳି ହେଉଥିଲା। ଗୁରୁବାର ରାତିରେ ଉକ୍ତ ଘରେ କିଛି ମହିଳା, ଜଣେ ପୁରୁଷ ଏବଂ ୨ଜଣ ନାବାଳକ ଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଆଧାର କରି ସେଠାରେ ଚଢାଉ କରି ସେମାନଙ୍କୁ ଥାନାକୁ ଅଣାଯାଇଥିଲା ଏବଂ ଚେତାବନୀ ଦେଇ ଛାଡି ଦିଆଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଦେହ ବ୍ୟବସାୟ ଅଭିଯୋଗରେ ୨୦୨୧ ଜାନୁଆରୀରେ ସେକ୍ଟର-୧୫ ଥାନା ଅଧୀନ ସେକ୍ଟର-୧୩ ଅଞ୍ଚଳରେ ଏକ ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ୨ ଜଣ ପଶ୍ଚିମବଙ୍ଗର ଦେହଜୀବୀ, ଦଲାଲ ଓ ଜଣେ ଗ୍ରାହକ ଧରାପଡ଼ିଥିଲେ। ସେହିପରି ୨୦୨୨ ନଭେମ୍ବରରେ ଛେଣ୍ଡ ଥାନା ଅଧୀନ ଇସିଆର୍ ବ୍ଲକରୁ ଜଣେ ଗ୍ରାହକଙ୍କ ସହ ୬ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା।

## ଫୁଟବଲ : ଗ୍ରାସ୍‌ରୁଟ ଏକାଡେମୀ ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଖେଳାଳିଗଣ।

ରାଉରକେଲା, ୧।୩(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବ ପଡିଆରେ ଦ୍ୱିତୀୟ ପ୍ରଶାନ୍ତ ସିଂ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଇଜିଂ କ୍ଲବ ପକ୍ଷରୁ କନିଷ୍ଠ ବର୍ଗ ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପି ସହରସେବା ବିଭାଗର ମହାପ୍ରବନ୍ଧକ ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଆରଏସ୍‌ପିର ଟି ଆଣ୍ଡ୍ ଆରଏମ୍‌ର ଜିଏମ୍ ରମେଶ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଗ୍ରାସ୍ ରୁଟ ଏକାଡେମୀ ଓ ପ୍ରଗତି କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗ୍ରାସ୍‌ରୁଟ ଦଳ ୨-୧ ଗୋଲରେ ପ୍ରଗତି କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗିତାରେ ଗ୍ରାସ୍‌ରୁଟ ଏକାଡେମୀର ଦିବାକର ପଣ୍ଡା ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ତପନ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର, ସାଙ୍ଗରାମ ମୁର୍ମୁ ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଓ ପ୍ରଗତି କ୍ଲବର ନିତୀଶ କୁମାର ଶ୍ରେଷ୍ଠ ମିଡ୍ ଫିଲ୍‌ଡର ଭାବେ ପୁରସ୍କୃତ ହୋଇଥିଲେ। ରାଇଜିଂ କ୍ଲବର ସାଧାରଣ ସମ୍ପାଦକ ଶିଶିର ସାହୁ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ୩ରେ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ରାଜ୍ୟ ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହାସଭା କର୍ମକର୍ତ୍ତା।

ରାଉରକେଲା, ୧।୩(ସଙ୍ଗୀତା ଜେନା)

ଆସନ୍ତା ୩ ତାରିଖରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭାର ରାଜ୍ୟ ସମ୍ମିଳନୀ ପ୍ରଥମ ଥର ପାଇଁ ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ସେକ୍ଟର-୩ ଖଡ୍‌ଗ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଉପସଭାପତି ଉପେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଶଶଧର ପାତ୍ର ସୂଚନା ପ୍ରଦାନ କରି କହିଥିଲେ, ୧୯୮୧ରେ ସେକ୍ଟର-୩ ଖଡ୍‌ଗ ଭବନରେ ଏହି ଅନୁଷ୍ଠାନର ଭିତ୍ତିଭୂମି ରହିଆସିଛି। ବିଭିନ୍ନ ସମୟରେ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟସେବା, ସାମାଜିକ କାର୍ଯ୍ୟକ୍ରମ, ଖଡ୍‌ଗ ଶୋଭାଯାତ୍ରା ଓ ଅନ୍ୟ କାର୍ଯ୍ୟକ୍ରମ ହୋଇଆସୁଛି। ରାଜ୍ୟ ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲାରୁ କର୍ମକର୍ତ୍ତାମାନେ ଯୋଗ ଦେବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଉଦ୍‌ଘାଟକ, ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଅତିଥି, ଏମ୍‌ପି ଜୁଏଲ ଓରାମ, ବିଧାୟକ ସୁବ୍ରତ ତରାଇ ସ୍ୱତନ୍ତ୍ର ଅତିଥି, ରାଜ୍ୟ ଖଣ୍ଡାୟତ ମହାସଭା ସଭାପତି ସରୋଜ ସିଂହ ସମ୍ମାନିତ ଅତିଥି ଏବଂ ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଉକ୍ତ ଦିନ ସକାଳ ସାଢ଼େ ୯ଟାରୁ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରୁ ପାଟଖଣ୍ଡା (୧୨ ହାତ ଖଣ୍ଡା)କୁ ଶୋଭାଯାତ୍ରାରେ ଭଞ୍ଜ ଭବନକୁ ନିଆଯିବ। କ୍ଷତ୍ରିୟ ମହିଳାମାନେ ଏହାର ନେତୃତ୍ୱ ନେବେ। ସେଠାରେ ସାଙ୍ଗଠନିକ ଆଲୋଚନା କରାଯିବ ବୋଲି ପାତ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଜଗନ୍ନାଥ ରାଉତ, ସୁବ୍ରତ ମଲ୍ଲିକ, ଉଗ୍ରସେନ ବିଶ୍ୱାଳ, ଗଙ୍ଗାଧର ନାୟକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ନାରାୟଣ ସାମଲ, ସନ୍ତୋଷ ପ୍ରଧାନ, ରାଧାଶ୍ୟାମ ପରିଡ଼ା, କିଶୋର ନାୟକ, ମୀନତି ବିଶ୍ୱାଳ, ସତ୍ୟାନନ୍ଦ ବେହେରା, ପ୍ରିୟା ଧଳ, ଅବନୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଓକିଲଙ୍କ ପାରିଶ୍ରମିକ ବୃଦ୍ଧିକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ରାଉରକେଲା, ୧।୩(ଦିନେଶ ମିଶ୍ର)

ଓଡିଶାରେ କାର୍ଯ୍ୟରତ ୧୨୫୦ ଜଣ ନନ୍ କ୍ୟାଡର ଆଇନ ଅଧିକାରୀଙ୍କ ଦୈନିକ ପାରିଶ୍ରମିକ ଓ ମାସିକ ରିଟେନର ବୃଦ୍ଧିକୁ ନେଇ ରାଉରକେଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଦୀର୍ଘଦିନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଓକିଲଙ୍କ ପାଉଣା ବୃଦ୍ଧି କରିଥିବାରୁ ରାଉରକେଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ସଭାପତି ସତ୍ୟନାରାୟଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ସୁଜୟ ପାଣି, ସୁଦାମ ଦାଶ, କୈଳାସ ପ୍ରଧାନ, ହାଡିବନ୍ଧୁ ପରିଡା, ବୈଷ୍ଣବ ନାୟକ, ବିଜୟ କୁମାର ଦାଶ, ଅଞ୍ଜନ ବାରିକ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଆଜି ନିରପେକ୍ଷ ଧାର୍ମିକ ମହାଯଜ୍ଞ

**ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା-୪ରେ ଶନିବାରଠାରୁ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତକ ଜୟନ୍ତୀ ପାଳନ କରାଯିବ। ଏ ନେଇ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଦିକ ବିଦ୍ୱାନ ଡକ୍ଟର ଦେବବ୍ରତ, ବାସୁଦେବ ବ୍ରତୀ, ଧର୍ମ ପ୍ରକାଶ ଶାସ୍ତ୍ରୀ ପ୍ରମୁଖ ଯୋଗଦାନ ଦେବା ସହ ଜୟନ୍ତୀ ପାଳନ କାର୍ଯ୍ୟସୂଚନା ପ୍ରଦାନ କରିଥିଲେ। ଶନିବାରଠାରୁ ଦୁଇଦିନ ଧରି ଦେଶର କୋଣ ଅନୁକୋଣରୁ ବୈଦିକ ବିଦ୍ୱାନ, ପ୍ରବଚକ, ଶାସ୍ତ୍ରବିତ୍ ତଥା ଧର୍ମପ୍ରେମୀମାନଙ୍କ ସମାଗମ ହେବ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଧର୍ମର ଅସଲ ମହତ୍ୱ ଉପରେ ମହାଯଜ୍ଞ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା।

## ଶିବିରରେ ୧୨୦ଜଣଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

ରାଉରକେଲା, ୧।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବ୍ୟାସଭବନ ପରିସରରେ ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ର ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସମୀର ପାତ୍ର ଓ ସହଯୋଗୀମାନେ ଯୋଗଦେଇ ୧୨୦ ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେଥରୁ ୨୦ ଜଣଙ୍କ ମୋତିଆବିନ୍ଦୁ ଥିବାରୁ ସେମାନଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର ପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଟେକ୍ନିସିଆନ ଓ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ବନ ବିହାରୀ ରଣା, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା, କମଳାକାନ୍ତ ପ୍ରଧାନ, ରାଜୀବ ପାତ୍ର, ଶ୍ରୀକାନ୍ତ ଦାସ, ଆନନ୍ଦ ଗିରି, ପ୍ରଫୁଲ୍ଲ କୁମାର ସାହୁ, ବରୁଣ ମାଝୀ, ବିଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସେକ୍ଟର-୩ ଥାନାରେ ଆମ ପୋଲିସ ବୈଠକ

ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ଥାନା ପରିସରରେ ଗୁରୁବାର ଆମ ପୋଲିସ ବୈଠକ ଥାନାଧିକାରୀ ପ୍ରତିଭା ମଞ୍ଜରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଯୋଗଦେଇ ସେକ୍ଟର-୩ଥାନାର କାର୍ଯ୍ୟଧାରା ଉପରେ ସଦସ୍ୟମାନଙ୍କ ମତାମତ ନେଇଥିଲେ। ଆମ ପୋଲିସର ସଂଯୋଜକ ଏଏସ୍‌ଆଇ ମଙ୍ଗୁଳି ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଆମ ପୋଲିସର ଆଭିମୁଖ୍ୟ ଉପରେ ଜଣାଇଥିଲେ। ଥାନା ଅଧିକାରୀ ସାହୁ ଅଚିହ୍ନା ଲୋକଙ୍କୁ ଘରେ ନ ପୂରାଇବାକୁ ଅନୁରୋଧ କରିଥିଲେ। ସେହିପରି ରାତିରେ ସମସ୍ତ ଘର ବାହାରେ ଆଲୋକ ଜଳାଇ ରଖିବା ପାଇଁ କୁହାଯାଇଥିଲା। ବୈଠକରେ ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ, ପ୍ରବୀର ମାଝୀ, ଶିଶିର ମୁଦୁଲି, ଯତୀଶ କୁମାର ଦାସ, ସଞ୍ଜୀବ କୁମାର ନାୟକ, ରାମଚନ୍ଦ୍ର ଗୌଡ଼, ଏସ. କେ. ଜାଭେଦ, ସୁରେନ୍ଦ୍ର ଚୌଧୁରୀ, ବସନ୍ତ ମହାରଣା, ମୁକ୍ତିକାନ୍ତ ବେହେରା, ଗୋପାଳ ପାତ୍ର, କେ.କେ. ନାୟକ, ଭରତ ମହାରଣା, ଚିତ୍ରସେନ ନାଗ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)



ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଉଛି।

ଆର୍‌ଏସ୍‌ପି ହଟ୍‌ଷ୍ଟ୍ରିପ୍ ମିଲ୍-୧ ସମ୍ମିଳନୀ ହଲରେ ଶୁକ୍ରବାର ତତ୍କାଳ ସ୍ୱୀକୃତି ଯୋଜନା କ୍ରମେ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଚ୍‌ଏସ୍‌ଏମ୍-୧, ସିଆର୍‌ଏମ୍, ଏସ୍‌ଏସ୍‌ଏମ୍, ପିପି ଓ ଆରଏସ୍ ବିଭାଗ ସିଜିଏମ୍ ସୁବ୍ରତ କୁମାର ଅଧକ୍ଷତା କରିଥିଲେ। ଏଥିସହ ସୁବ୍ରତ କୁମାର ହଟ୍ ଷ୍ଟ୍ରିପ୍ ମିଲ୍-୧ ବିଭାଗରେ ନିୟୋଜିତ ବିଭିନ୍ନ କଣ୍ଟ୍ରାକ୍ଟର ସଂସ୍ଥାଗୁଡିକର ୧୪ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚ୍‌ଏସ୍‌ଏମ୍-୧ ବିଭାଗର ଜିଏମ୍ ଇନଚାର୍ଜ କେ. ସମଜଦାର, କାର୍ମିକ ବିଭାଗର ଜିଏମ୍ ଏସ୍ ମେହରୋତ୍ରା ଏବଂ ଏଚ୍‌ଏସ୍‌ଏମ୍-୧ର ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ସମ୍ପୃକ୍ତ କଣ୍ଟ୍ରାକ୍ଟର ଏବଂ ଏଜେନ୍ସି ପ୍ରତିନିଧି ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧନ କରି ସିଜିଏମ ଠିକା ଶ୍ରମିକ ମାନଙ୍କର ସାମର୍ଥ୍ୟକୁ ପ୍ରଶଂସା କରିଥିଲେ ଓ କାରଖାନାରେ ଉତ୍ସର୍ଗିକୃତ ଉଦ୍ୟମ ଜାରି ରଖିବା ନେଇ ଠିକା ଶ୍ରମିକଙ୍କୁ ଉତ୍ସାହିତ କରିଥିଲେ। ପରେ ଠିକା ଶ୍ରମିକଙ୍କ ଦ୍ୱାରା ସାଧନ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ସମଜଦାର ସୂଚନା ଦେଇଥିଲେ। ମେହରୋତ୍ରା ଠିକା ଶ୍ରମିକମାନଙ୍କ କଲ୍ୟାଣ ଓ ଆର୍‌ଏସ୍‌ପି ପ୍ରବନ୍ଧନର ତତଜନିତ ପ୍ରୟାସ ନେଇ ମତବ୍ୟକ୍ତ କରିଥିଲେ। ଏଚ୍‌ଏସ୍‌ଏମ୍-୧ ବିଭାଗର ଏଜିଏମ୍ ଅଜୟ ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶିକ୍ଷା ଜୀବନକୁ ଶୃଙ୍ଖଳିତ କରିଥାଏ

ରାଉରକେଲା, ୧।୩(ଦିନେଶ ମିଶ୍ର)




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ପ୍ଲାଣ୍ଟସାଇଟ୍ ସ୍ଥିତ ଆଚାର୍ଯ୍ୟ ହରିହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ର ଜୀବନରେ ଶିକ୍ଷା ହେଉଛି ମୁଖ୍ୟ ଆଧାର। ଶିକ୍ଷା ଜୀବନକୁ ଶୃଙ୍ଖଳିତ କରିବା ସହିତ ବ୍ୟକ୍ତିକୁ ଚରିତ୍ରବାନ କରିଥାଏ। ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ଛାତ୍ର ଜୀବନରେ ନିଜର ସମୟକୁ ଅକାରଣରେ ନଷ୍ଟ ନ କରି ନିଷ୍ଠାର ସହ ପରିଶ୍ରମ କରିବାକୁ ମୁଖ୍ୟଅତିଥି ସ୍ୱାଇଁ ଆହ୍ୱାନ ଦେଇଥିଲେ। ବିଜେଡି ନଗର ସଭାପତି ଗଗନ ପଣ୍ଡା, ସମାଜସେବୀ ଗୁଡ୍ଡୁ ସୋନାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ନିର୍ମଳା ବେହେରା, ବନିତା ପଟେଲ, କୁଶଳେଶ୍ୱର କଂସାରୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅଙ୍ଗୁରବାଳା ପରିଡା ମଞ୍ଚ ପରିଚାଳନା ଏବଂ ମନୋରମା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଯୁକ୍ତି ପାଇଁ ଡିଗ୍ରୀ ସହିତ ଦକ୍ଷତା ଆବଶ୍ୟକ: ଧର୍ମେନ୍ଦ୍ର



ନିଯୁକ୍ତି ପାଇଁ ଅଫରଲେଟର ପାଇଥିବା ଛାତ୍ରୀଛାତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଓ ମଞ୍ଚାସୀନ ଅନ୍ୟ ଅତିଥି ।

**ସମ୍ବଲପୁର, ୧।୩(ପ୍ରମୋଦ ବହିଦାର):**

ଦେଶରୁ ବେରୋଜଗାରି ଦୂରୀକରଣ ପାଇଁ ବ୍ୟାପକ ନିଯୁକ୍ତି ସହ ଯୁବବର୍ଗଙ୍କ ସଶକ୍ତୀକରଣର ଆବଶ୍ୟକତା ରହିଛି। ତେବେ ନିଯୁକ୍ତି ପାଇଁ କେବଳ ଡିଗ୍ରୀ ହାସଲ ପର୍ଯ୍ୟାପ୍ତ ନୁହେଁ। ଡିଗ୍ରୀ ସହିତ ଦକ୍ଷତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍ଏସ୍‌ଡିସି) ଓ ବଜାଜ ଫନ୍‌ସର୍ଭର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରୋଜେକ୍ଟ ଓରିସର୍ଭର ଶୁଭ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଜିଏମ୍‌ୟୁ ପ୍ରେକ୍ଷାଳୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଆହୁରି କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷାନୀତି (ଏନ୍ଇପି)-୨୦୨୦ ଅନୁସାରେ ଦେଶରୁ ବେରୋଜଗାରି ଦୂରୀକରଣ ପାଇଁ ଯୁବଶକ୍ତିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ତେଣୁ ସର୍ବପ୍ରଥମେ ଶିକ୍ଷା ଓ ଦକ୍ଷତା ମଧ୍ୟରେ ରହିଥିବା ତାରତମ୍ୟକୁ ଦୂରକରି ଏଥିରେ ସମନ୍ୱୟ ରକ୍ଷା କରିବାକୁ ପଡିବ। ଏଥିପାଇଁ ଏନ୍ଏସ୍‌ଡିସି ସହଯୋଗରେ ବିଶେଷ କରି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବଜାଜ ଫନ୍‌ସର୍ଭର ଓରିସର୍ଭ ଏକ ଅଭିନବ ପରିକଳ୍ପନା। ଏଥିରେ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟାଙ୍କିଙ୍ଗ୍, ଫିନାନ୍ସ ଓ ଇନ୍‌ସ୍ୟୁରାନ୍ସ ଆଦି ଆର୍ଥିକ ସେବା କ୍ଷେତ୍ରରେ ୧୦୦ ଘଣ୍ଟାର ଏକ ତାଲିମ କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ସହ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହୋଇପାରିବ। ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଭୁବନେଶ୍ୱର, କଟକ, ଢେଙ୍କାନାଳ ଓ ଅନୁଗୋଳର ୩୦ଟି ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଆହୁରି ୬୦ଟି ଶିକ୍ଷାନୁଷ୍ଠାନକୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ଏହାସହ ସମବେତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇ ସେ କହିଲେ, ନିଯୁକ୍ତି ପାଇଁ ବିଭିନ୍ନ କ୍ଷେତ୍ରରେ କୋଚିଂ ବା ତାଲିମ ଲାଗି ବଜାଜ ଭଳି ଆହୁରି ଅନେକ କମ୍ପାନୀ ରହିଛି। ତାଲିମ ସୂଚନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱୟ ପୋର୍ଟାଲର ଶୁଭାରମ୍ଭ ହୋଇଛି। ଏଥିରେ ଛାତ୍ରୀଛାତ୍ରୀ ତାଙ୍କ ପସନ୍ଦ

■ ଜିଏମ୍‌ୟୁରେ ଓରିସର୍ଭର ଶୁଭାରମ୍ଭ

■ ଜିଏମ୍‌ୟୁ ଓ ବଜାଜ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ଅନୁସାରେ ବିଭିନ୍ନ କ୍ଷେତ୍ରରେ କୋଚିଂ ପାଇଁ ପଞ୍ଜୀକରଣ କରି ପାଠ ପଢ଼ିବେ। ଏହାବାଦ୍ ସେହି ପାଠ୍ୟକ୍ରମରେ ପରୀକ୍ଷା ଦେଇ ସାର୍ଟିଫିକେଟ୍ ହାସଲର ସୁବିଧା ପାଇବେ ବୋଲି ସେ କହିଥିଲେ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପରିକଳ୍ପନାକୁ ପ୍ରଶଂସା କରି ତାଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ପ୍ରୋଜେକ୍ଟ ଓରିସର୍ଭର ପ୍ରଣେତା ବଜାଜ ଫନସର୍ଭର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବଜାଜ କହିଲେ, ବଜାଜ ଫନସର୍ଭ ଆର୍ଥିକ ସେବା କ୍ଷେତ୍ରରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିବାରେ ସହାୟକ ହୋଇପାରିବ। ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱର, କଟକ, ଢେଙ୍କାନାଳ ଓ ଅନୁଗୋଳରେ ପ୍ରାୟ ୧୧୦୦ ଛାତ୍ରୀଛାତ୍ର ଏଥିରେ ନାମ ଲେଖାଇ ପ୍ରାୟ ୨୫୦୦୦ ଘଣ୍ଟାର ତାଲିମ ନେଇ ସାରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମଞ୍ଚରେ କେନ୍ଦ୍ରମନ୍ତ୍ରୀ ନିଯୁକ୍ତି ଅଫର ଲେଟର ବଣ୍ଟନ କରିଥିଲେ। ସେହିପରି ବଜାଜ ଫନସର୍ଭ ଓ ଜିଏମ୍‌ୟୁ ମଧ୍ୟରେ ଏକ ଏମ୍‌ଓୟୁରେ କମ୍ପାନୀର ପୁସ ଇରାନୀ ଓ ଜିଏମ୍‌ୟୁ ଉପକୁଳ ସଚିବ ଡ. ଉମାଚରଣ ପତି ସ୍ୱାକ୍ଷର କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗରାଜୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସ୍‌ଡିସି ସିଇଓ ବେଦମଣି ତିୱାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୃଷି ସମବାୟ ସମିତି ପକ୍ଷରୁ ଚାଷୀ ସଚେତନତା

ସମ୍ବଲପୁର, ୧।୩(ଭବାନୀ ଶଙ୍କର ଭୋଇ)- ଜୟନ୍ତପୁର ବଜାର ପ୍ରାଙ୍ଗଣଠାରେ ଶୁକ୍ରବାର ଘେନୁପାଲି ପ୍ରାଥମିକ ସମବାୟ ସମିତି ବାର୍ଷିକ ବୈଠକରେ ସଦସ୍ୟ ଚାଷୀଙ୍କୁ କୃଷି ସମ୍ପର୍କିତ ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଛି। ବୈଠକରେ କବରାପାଲି, ଜୟନ୍ତପୁର ଓ ଘେନୁପାଲି ପଞ୍ଚାୟତରେ ଥିବା ସମବାୟ ସମିତିର କୃଷକ ସଦସ୍ୟମାନେ ସାମିଲ ହୋଇଥିଲେ। ଘେନୁପାଲି ପ୍ରାଥମିକ ସମବାୟ ସମିତି ସଭାପତି ବାବୁଲାଲ ପୃଷେଠ ବୈଠକକୁ ପରିଚାଳନା କରିଥିଲେ। ସମ୍ପାଦକ ଦିପେନ ନାଥ ସମବାୟ ସମିତିର ବିଗତ ବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ସମିତିର ସଦସ୍ୟ ରାଧେଶ୍ୟାମ ରାଉତ ଋଣ ଖିଲାପ କରିଥିବା ଚାଷୀମାନେ କିପରି ଋଣ ପରିଶୋଧ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଜିଲା ସମବାୟ ବ୍ୟାଙ୍କ ସମଲେଶ୍ୱରୀ ଶାଖା ପରିଚାଳକ ହେମସିନ୍ଧୁ ଦାସ ବ୍ୟାଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ବିଶେଷକରି ବିନା ସୁଧରେ କିଭଳି ଋଣ ପାଇପାରିବେ ତାହା ଜଣାଇଥିଲେ। ବୈଠକରେ ଜିଲାପରିଷଦ ସଦସ୍ୟା କବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତପୁର ସରପଞ୍ଚ ଆରତୀ ତାଣ୍ଡିଆ, ଘେନୁପାଲି ସମିତି ସଭ୍ୟ ଜୟନ୍ତି ଗୀତା ପ୍ରଧାନ, କବରାପାଲି ସମିତି ସଭ୍ୟ ବିନତା ଓରାମ, ସମିତିର ଉପସଭାପତି ଯଶୋଦା ନାଥ ପ୍ରମୁଖ ସାମିଲ ହୋଇଥିଲେ।

### ବ୍ଲକସ୍ତରୀୟ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କୁଚିଣ୍ଡା, ୧।୩(ବିରଞ୍ଚି ଦର୍ଶୀ): କୁଚିଣ୍ଡା ଟାଉନହଲଠାରେ ଶୁକ୍ରବାର କୁଚିଣ୍ଡା ବ୍ଲକସ୍ତରୀୟ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସ୍ୱାତି ସୁଚରିତା ଗିରି, ଅଡିଓଲୋଜିଷ୍ଟ ଡା. ଧରିତ୍ରୀ ଗରଡିଆ, ପ୍ରିନ୍ସ କୁମାର ସିଂ, ଡିଡିଆର୍‌ସି ପରିଚାଳନା ଇନ୍‌ଷ୍ଟ୍ରକ୍ଟର ଭବାନୀ ମୁଦୁଲି ପ୍ରମୁଖ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। କେତେଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ସୁପାରିଶ କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ୧୩୫ଜଣ ଭିନ୍ନକ୍ଷମଙ୍କ ପଞ୍ଜିକରଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକର ଆକାଉଣ୍ଟ ଅଫିସର ଅଜୟ ବାଗେ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ବିଏଲ୍‌ସି ସୁବାସ ପଣ୍ଡା, ନେତ୍ରାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ହସ୍ତତନ୍ତ ବୁଣାକାରଙ୍କ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧।୩(ବି.ଶଙ୍କର)- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ବାଣିଜ୍ୟ ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ଚାରପାଲି ଗ୍ରାମରେ ହସ୍ତତନ୍ତ ବୁଣାକାରଙ୍କ ପାଇଁ ସରକାରୀ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଣାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ଜୀବନ ବୀମା, ସ୍ୱାସ୍ଥ୍ୟବୀମା, ରିହାତି ଦରରେ ମଙ୍ଗା କିଣିବା, ବାଣିଜ୍ୟ ମେଳା, ରିହାତି ଦରରେ ସୂତା ଯୋଗାଣ, ସ୍ୱଳ୍ପ ମିଆଦି ଋଣ, ମାହାତ୍ମା ଗାନ୍ଧୀ ବୁଣାକାର ବୀମା ଯୋଜନା ଇତ୍ୟାଦି ଉପରେ ବୁଣାକାରମାନଙ୍କୁ ସୂଚନା ଦିଆଯାଇଥିଲା। ବାଣିଜ୍ୟ ବିଭାଗ ଅଧ୍ୟାପକ ସୁବାସ ଚନ୍ଦ୍ର ଝାଙ୍କର, ଅଧ୍ୟାପିକା ଶୁଭେଚ୍ଛା ନାୟକ, ଗବେଷକ ବିକାଶ ସେଠୀ ସାମିଲ ଥିଲେ।

# ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁର ସମ୍ପ୍ରସାରିତ

**ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ସହ ସିଧାସଳଖ ସଂଯୋଗ**


ସବୁଜ ପତାକା ଦେଖାଇ ଟ୍ରେନ୍ ଶୁଭାରମ୍ଭ କରୁଛନ୍ତି ଅତିଥି ।

**ସମ୍ବଲପୁର, ୧।୩(ବି.ଶଙ୍କର)**

ହଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ଟ୍ରେନ ଶୁକ୍ରବାର ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ସମ୍ବଲପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରେଙ୍ଗାଲି ବିଧାୟକ ନାଉରୀ ନାଏକ ସବୁଜ ପତାକା ଦେଖାଇ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସିଂ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ହଟିଆ ଓ ଗୋରଖପୁର ମଧ୍ୟରେ ସ୍ଥିରୀକୃତ ରହଣୀ ଷ୍ଟେଶନ ଓ ସମୟ ସାରଣୀରେ କୌଣସି ପରିବର୍ତ୍ତନ କରା ନ ଯାଇ ଏହି ଟ୍ରେନ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଏହି ଟ୍ରେନ ପଶ୍ଚିମ ଓଡ଼ିଶା ବାସିନ୍ଦାଙ୍କ ପାଇଁ ବ୍ୟବସାୟ, ଶିକ୍ଷା, ତୀର୍ଥଯାତ୍ରା ଓ ଚିକିତ୍ସା ସେବା ପାଇଁ ଏକ ଜୀବନରେଖା ଭାବରେ କାର୍ଯ୍ୟ କରିବ। ଏହାବ୍ୟତୀତ ଗୋରଖପୁର ଓ ସମ୍ବଲପୁର ମଧ୍ୟରେ ସିଧାସଳଖ ସଂଯୋଗ ଥିବା ପର୍ଯ୍ୟଟନ, ସାଂସ୍କୃତିକ ବିନିମୟକୁ ମଧ୍ୟ ବୃଦ୍ଧି କରିବ। ସମ୍ପ୍ରସାରଣ ମାର୍ଗରେ ଏହି ଟ୍ରେନ ରେଙ୍ଗାଲି, ଝାରସୁଗୁଡା ଓ ରାଉରକେଲା ଆଦି ଷ୍ଟେଶନରେ ରହଣି କରିବ। ପ୍ରାରମ୍ଭରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଗିରିଶ ପଟେଲ ଓ ଯୁବନେତ୍ରୀ ଶୁଭଶ୍ରୀ ମିଶ୍ର ମଞ୍ଚାସୀନ ଥିଲେ। ଭର୍ଚୁଆଲ ଜରିଆରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଡିହୋଇ ସମ୍ବଲପୁରବାସୀଙ୍କୁ ଶୁଭକାମନା ଜଣାଇଥିଲେ।

# ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା

**ସମ୍ବଲପୁର, ୧।୩(ବି.ଶଙ୍କର)**

ସମ୍ବଲପୁର ଜିଲା କାଇଁଶିର କ୍ଲଷ୍ଟର ନିର୍ଗୁଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜେନ୍ଦ୍ର ଓରାମ ମୁଖ୍ୟଅତିଥି ଓ ଶେଷଦେବ ଗୁରୁ, ସିଆର୍‌ସିସି ପ୍ରୀତିରାଣୀ ବଢ଼େଇ, କାମିନୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। କର୍ମଶାଳାରେ ୭ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଭିନ୍ନ ଖେଳନା ଉପରେ ପ୍ରକଳ୍ପ ତିଆରି କରିଥିଲେ। ପ୍ରଧାନଶିକ୍ଷକ ବବ୍ରୁବାହନ ଭୋଇ କହିଥିଲେ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦକ୍ଷତା ପର୍ଯ୍ୟାପ୍ତ ପରିମାଣରେ ସଂଗଠିତ ହେଲେ ଶିଶୁର ଗୁଣାତ୍ମକ ଶିକ୍ଷାର ବିକାଶ କଳାସଂସ୍କୃତି ସହିତ ସଂଶ୍ଲିଷ୍ଟ ହୋଇ ଆଗକୁ ବଢ଼ିଥାଏ । ବିଷ୍ଣୁପ୍ରିୟା ରଥ, ସୀତାରାଣୀ ବେହେରା, କାମିନୀ ମୁଣ୍ଡା, ତନ୍ମୟା ମାଝି, ସୁଲୋଚନା ମିଶ୍ର, ତପସ୍ୱିନୀ ବାରିକ, ନିରୁପମା ଦେହୁରି, ଶାନ୍ତିଲତା ବେହେରା, ସୁଜାତା ବେହେରା, ସୁଭାଷିନୀ ଚୌଧୁରୀ ଓ ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ବିଫଳତା ହିଁ ସଫଳତା ଆଡ଼କୁ ଅଗ୍ରସର କରାଇଥାଏ

ନାକଟିଦେଉଳ, ୧।୩(ବୈକୁଣ୍ଠ ନାଥ ସାହୁ)- ନାକଟିଦେଉଳ ବ୍ଲକ ଢ଼ଇଁଚା ପଞ୍ଚାୟତ ମୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। ଢ଼ଇଁଚା ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭୀମସେନ ବେହେରା ମୁଖ୍ୟବକ୍ତା ଓ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଢ଼ଇଁଚା ସିଆର୍‌ସିସି ପୁରୁଷୋତ୍ତମ ସାମଲ, ବଲାସିଂଘା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ଶତପଥୀ, ଛତ୍ରପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୋହାନ ଖାଲକୋ, ମୋ ସ୍କୁଲ ଅଭିଯାନର ସଭାପତି ରାମରତନ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ମଣିଷର ବିଫଳତା ହିଁ ସେମାନଙ୍କୁ ସଫଳତା ଆଡ଼କୁ ଅଗ୍ରସର କରାଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ସବ୍‌ଜୁନିୟର ବିଭାଗରେ ଚାମ୍ପିୟନ ହୋଇଥିବା ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ରୋଜାଲି କିଷାନ, ଜୁନିୟର ବିଭାଗରେ ୫ମ ଶ୍ରେଣୀ ଛାତ୍ରୀ ଅନିମା ତିର୍କି, ସିନିୟର ବିଭାଗରେ ୭ମ ଶ୍ରେଣୀ ଛାତ୍ରୀ ପୁଷ୍ପା ମୁଣ୍ଡା ଓ ଶ୍ରେଷ୍ଠ ଛାତ୍ରୀ ଭାବେ ୭ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ପ୍ରଧାନଙ୍କୁ ପ୍ରମାଣପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ

ପଡିଆବାହାଲ, ୧।୩(ରାଧାମୋହନ ଷଡ଼ଙ୍ଗୀ) ଭାରତୀୟ ଜନତା ପାର୍ଟି ପଡିଆବାହାଲ ମଣ୍ଡଳ ତରଫରୁ ସଭାପତି ବିନୋଦ ମେହେରଙ୍କ ନେତୃତ୍ୱରେ ଗାଁକୁ ଚାଲ ଅଭିଯାନ ସହିତ ଲାଭାର୍ଥୀ ସମ୍ପର୍କ ଓ ବୁଥ୍ କମିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତିଟି ପରିବାର ସହ ସମ୍ପର୍କ ସ୍ଥାପନ ପାଇଁ କର୍ମୀମାନଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ସରକାରଙ୍କ କଲ୍ୟାଣକାରୀ ଯୋଜନାରେ ସାମିଲ କରାଇବାକୁ ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ଆଗାମୀ ନିର୍ବାଚନ ପାଇଁ ବୁଥ୍‌ସ୍ତରୀୟ କମିଟିକୁ ପ୍ରଶିକ୍ଷିତ କରାଯାଇଥିଲା। କବରାପାଲି ପଞ୍ଚାୟତ ସମିତି ସଭ୍ୟା ବନିତା ଓରାମଙ୍କୁ ପଡିଆବାହାଲ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବରେ ମନୋନୀତ କରାଯାଇଥିଲା। ସଭାରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ଅମୂଲ୍ୟ ସାହୁ ମହିଳା ମୋର୍ଚ୍ଚା ରାଜ୍ୟ ସଭ୍ୟା, ସମ୍ପାଦକ ପ୍ରମୋଦ ମିଶ୍ର, ଝାରସୁଗୁଡା ପ୍ରଭାରୀ ଦେବାନନ୍ଦ ଭୁସାଗର, ସନାତନ ବେହେରା, ଲଳିତ ବାଗ, ଉପସଭାପତି ଗୁଣ ପଧାନ, ଗୋକୁଳା ସାହୁ, ଅଶୋକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ଫାଇନାଲ୍ ଟଚ୍' ଉଦ୍‌ଘାଟିତ


ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି ଅତିଥିବୃନ୍ଦ।

ସମ୍ବଲପୁର, ୧।୩(ଭବାନୀ ଶଙ୍କର ଭୋଇ)

ସ୍ଥାନୀୟ ଗୌରୀଶଙ୍କର ସାହାଣୀ ପାର୍କସ୍ଥିତ ଓଡ଼ିଶା ଲଳିତକଳା ଏକାଡେମୀର ରିଜିଓନାଲ ଆର୍ଟ ଗ୍ୟାଲେରିରେ ବରଗଡ଼ କଳା କଳ୍ପନା ପକ୍ଷରୁ ଶୁକ୍ରବାର 'ଫାଇନାଲ ଟଚ୍' ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚିତ୍ରଶିଳ୍ପୀ ଅଶୋକ ଦାଶ ଅତିଥି ପରିଚୟ ଓ ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ଏହା ଦର୍ଶକମାନଙ୍କ ପାଇଁ ଖୋଲାରହିବ। ଏଥିରେ ଚିତ୍ରଶିଳ୍ପୀ ଅଶୋକ ଦାଶ, ଶୀତଲ କୁମାର ମହାପାତ୍ର, ସଞ୍ଜୟ ସାହୁ, ପ୍ରେମଚାନ୍ଦ ରାଉତ, ସୁଧାଂଶୁ ନାଏକ, ବିଦ୍ୟାପତି ପଧାନ, କୁଶ ଭୂୟାଁ, ଦୀପକ ବିଶ୍ୱାଳ, ଅଶୋକ ପଟ୍ଟନାୟକ, ନରେଶ ନାୟକ, ସଚ୍ଚିନ୍ଦ୍ର ବେହେରା, ରମାକାନ୍ତ ତ୍ରିପାଠୀ, ପବିତ୍ର ମୋହନ ଶତପଥୀ, ଡ. ଦୀନବନ୍ଧୁ ସାହୁଙ୍କ ଚିତ୍ରକଳା ସ୍ଥାନ ପାଇଛି।

# ବିଶ୍ୱ ହ୍ୱିଲ ଚେୟାର ଦିବସ



ସମ୍ବଲପୁର, ୧।୩(ବି.ଶଙ୍କର)

■ ଶୋଭାଯାତ୍ରାରେ ସାମିଲ ହେଲେ ୧୫୦ ଦିବ୍ୟାଙ୍ଗ

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରାରେ ୧୫୦ଜଣ ଦିବ୍ୟାଙ୍ଗଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ଆମେ ସକ୍ଷମ ବୋଲି ସ୍ଲୋଗାନ ଦେଇଥିଲେ। ସମ୍ବଲପୁର ଜିଲା ସମାଜିକ ସୁରକ୍ଷା ଅଧିକାରୀ ଥବୀର ମହାନନ୍ଦ ଓ ଡିଡିଆର୍‌ଓ ରବୀନ୍ଦ୍ର ନାଥ ଶତପଥିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କୁଚିଣ୍ଡା ବ୍ଲକରେ ଏହି ଅବସରରେ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ହୋଇଥିଲା । ଏଥିରେ ବ୍ଲକ କର୍ତ୍ତୃପକ୍ଷଙ୍କ ସହିତ ୨ଶହରୁ ଅଧିକ ଶିଶୁ, ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# ସମବାୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଆନ୍ଦୋଳନରତ ସମବାୟ କର୍ମଚାରୀ।

ସମ୍ବଲପୁର, ୧।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାର ସମବାୟ କର୍ମଚାରୀମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିପାଇଁ ଜିଲାରେ ଥିବା ୪୫ ସମବାୟ ସମିତିର କାର୍ଯ୍ୟ ପ୍ରଭାବିତ ହୋଇଛି। ଜିଲାର ୨୨୫ ଜଣ ସମବାୟ କର୍ମଚାରୀ ବିଭିନ୍ନ ଦାବି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ଦରମା ପାଉଥିବା କମଚାରୀଙ୍କୁ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତ ପର୍ଯ୍ୟନ୍ତ ଡିଏ ବୃଦ୍ଧି କରିବା ଏବଂ ସପ୍ତମ ବେତନ କମିଶନ ଲାଗୁ କରିବା ଆଦି ୩ଦଫା ଦାବି ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୁଦିପଡା, ମାନେଶ୍ୱର, ଧନୁପାଲି, କୁଚିଣ୍ଡା, ଜମନକିରା, ରେଢ଼ାଖୋଲ, ନାକଟିଦେଉଳ, ରେଙ୍ଗାଲି, ବାମରା ଆଦି ସମବାୟ ବ୍ୟାଙ୍କ ଶାଖା ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଏହାସହ ସମ୍ବଲପୁରର ସମସ୍ତ ସମବାୟ ସମିତିର ସମ୍ପାଦକମାନେ ବରଗଡଠାରେ ଥିବା ସମ୍ବଲପୁର ସମବାୟ ବ୍ୟାଙ୍କ ମୁଖ୍ୟାଳୟରେ ଆୟୋଜିତ ଶାନ୍ତିପୂର୍ଣ୍ଣ ଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନ ପରେ ରାଜ୍ୟ ସମବାୟ ନିବନ୍ଧକ ଉଦ୍ଧବ ଚନ୍ଦ୍ର ମାଝି ଆନ୍ଦୋଳନରତ ସମବାୟ ସଂଘ କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରିଥିବା ସମବାୟ କର୍ମଚାରୀ ସଂଘ ସମ୍ପାଦକ ନିତିଶ କୁମାର ସାହୁ ସୂଚନା ଦେଇଛନ୍ତି। ଯଦି ଆଲୋଚନା ସଫଳ ନ ହେବ ତେବେ ଆସନ୍ତା ସୋମବାର ଉତ୍ତରାଞ୍ଚଳ ଆର୍‌ଡିସି କାର୍ଯ୍ୟାଳୟ ଆଗରେ ୧୦ ଜିଲାର ସମବାୟ କର୍ମଚାରୀ ଧାରଣା ଦେବେ ବୋଲି ସମବାୟ ସଂଘ ପକ୍ଷରୁ କୁହାଯାଇଛି।

# ସନ୍ଧ୍ୟା ହେଲେ ଘାରୁଛି ହାତୀଭୟ

ସମ୍ବଲପୁର, ୧।୩ (ଭବାନୀ ଶଙ୍କର ଭୋଇ)- ସମ୍ବଲପୁର ସହରଠାରୁ ମାତ୍ର ୨୦କି.ମି. ଦୂରରେ ରହିଛି ଯୁଯୁମୁରା ବ୍ଲକର ହାତୀବାରୀ ଅଞ୍ଚଳ। ପୂର୍ବରୁ ଏଠାରେ ହାତୀପଲ ବସବାସ କରୁଥିବା କାରଣରୁ ଏହାକୁ ସ୍ଥାନୀୟ ସମ୍ବଲପୁରୀ ଭାଷାରେ ହାତୀବାରୀ ବା ହାତୀ ରହୁଥିବା ସ୍ଥାନ ବୋଲି କୁହାଯାଉଥିଲା। ସମ୍ବଲପୁର-କଟକ ରାଜପଥ କଡ଼ରେ ରହିଥିବା ଏହି ସ୍ଥାନରେ ଲୋକମାନେ ବସ୍ତି କରି ରହିବା ପରେ ବି ହାତୀ ଉପଦ୍ରବରୁ ବର୍ତ୍ତିପାରୁ ନାହାନ୍ତି। ନିୟମିତ ହାତୀପଲ ବସ୍ତି ଭିତରକୁ ପଶି ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛନ୍ତି। ବିଗତ କିଛିଦିନ ହେଲା ଅଞ୍ଚଳର ହାତୀବାରୀ, ବିଜୁପଡା, ବାର୍ଲେ, ବସିଆପଡ଼ା, ଜାମଟାଲ, ବରଙ୍ଗାମାଳ, କୁଲସର, ଝାମୁଣ୍ଡା, ଅଢାପରା, ଭିମଖୋଜ, ଗଡଗଡବାହାଲ ଆଦି ଗାଁଗୁଡିକରେ ସନ୍ଧ୍ୟା ହେଲେ ହାତୀଭୟ ଲୋକଙ୍କୁ ଆତଙ୍କିତ କରୁଛି। ଏପରି କି ସେମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି।

ଦିନବେଳା ହାତୀପଲ ହାତୀବାରୀକୁ ଲାଗି



ରହିଥିବା ଜଙ୍ଗଲକୁ ଚାଲିଯାଉଥିବା ବେଳେ ସନ୍ଧ୍ୟାହେଲେ ବିଭିନ୍ନ ଗାଁକୁ ଯାଇ ଉପଦ୍ରବ କରୁଛନ୍ତି। ଏଭଳି ପରିସ୍ଥିତିରେ ଲୋକେ ନିଜ ଧନ ଜୀବନକୁ ନେଇ ଆଶଙ୍କାରେ ରହିଛନ୍ତି। ଗତମାସ ୧୦ ତାରିଖ ରାତିରେ ଝାଙ୍କରପାଲି ଖଡିଆପଡାରେ ଚୈତନ୍ୟ ପାତ୍ର ଭୋଇ (୭୦) ଘରେ ଶୋଇଥିବା ସମୟରେ ହାତୀ ଘର ଭାଙ୍ଗି ତାଙ୍କୁ ଟାଣିନେଇ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀ ଆକ୍ରମଣରେ ତାଙ୍କ ସ୍ତ୍ରୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେହିପରି ଗତବର୍ଷ ଗୋପାଳ ଢାବାର ମାଲିକ ଗୋପାଳ ପଧାନ ନିଜ ଢାବା ସାମ୍ନାରେ ଶୋଇଥିବା ସମୟରେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ କେଶାପାଲିରେ ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଏବେ ବି ଲୋକେ ହାତୀ ଉପଦ୍ରବରୁ ବର୍ତ୍ତିବା ପାଇଁ ସଂଘର୍ଷ କରୁଛନ୍ତି। ବିଶେଷ କରି ଧାନଚାଉଳ ଖାଇବା ପାଇଁ ହାତୀ କାନ୍ଥ ଭାଙ୍ଗିଦେଉଥିବାରୁ ଘରେ ଶୋଇଥିବା ଲୋକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏକ ଦନ୍ତାହାତୀ ପ୍ରତିଦିନ ବିଭିନ୍ନ ଗାଁକୁ ଯାଇ ଘରଦ୍ୱାର ଭାଙ୍ଗୁଥିବା ବେଳେ ପନିପରିବା ନଷ୍ଟ କରୁଥିବା ଅଭିଯୋଗ ହେଉଛି। ବନ ବିଭାଗକୁ ଖବର ଦେବା ପରେ ସେମାନେ ସଦଳବଳ ଆସି ହାତୀକୁ ଜଙ୍ଗଲ ଭିତରକୁ ଘଉଡାଇ ନିଜ କାମ ସାରୁଛନ୍ତି। ହାତୀ ପୁଣି ପରଦିନ ଜଙ୍ଗଲରୁ ବାହାରି ଗାଁ ମୁହାଁ ହେଉଛି। ଏ ନେଇ ଯୁଯୁମୁରା ଫରେଷ୍ଟର ଗିରିଶ ଦୋରାଙ୍କୁ ପଚାରିବାକୁ ସେ କହିଛନ୍ତି, ସ୍ଥାନୀୟ ଜଙ୍ଗଲରେ ଏକ ଦନ୍ତା ହାତୀ ରହିଥିବା ବେଳେ ବିଭିନ୍ନ ଗ୍ରାମରେ ପଶି କ୍ଷୟକ୍ଷତି କରୁଛି। ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଭୁବନେଶ୍ୱରରୁ ଏକ ଟିମ୍ ଆସି ତାକୁ ଟ୍ରାଙ୍କୁଲାଇଜ କରି ଖୋଲା ଅଭୟାରଣ୍ୟକୁ ନେବା ପାଇଁ ଯୋଜନା କରାଯାଇଥିଲା। ତେବେ ସେ ସମୟରେ ହାତୀଟି ଜଙ୍ଗଲରେ ଲୁଚିରହିବା ଯୋଗୁ ଟିମ୍ କିଛିଦିନ ଖୋଜାଖୋଜି କରି ଫେରିଯାଇଥିଲା। ପରେ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନିରୀକ୍ଷଣ କରାଯାଇ ଗାଁରୁ ଘଉଡାଇବାକୁ ଚେଷ୍ଟା କରାଯାଉଛି। ଜଙ୍ଗଲ ନିକଟରେ ଗାଁଗୁଡିକ ରହିଥିବାରୁ ହାତୀ ପଶିବାରେ ସୁବିଧା ହେଉଛି। ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ପାଣିର ସୁବିଧା ସହ ସେମାନେ କିଭଳି ଜଙ୍ଗଲ ଭିତରୁ ବାହାରକୁ ନ ଆସିବେ ତା'ର ବ୍ୟବସ୍ଥା କରାଯାଉଛି। ଏହାସହ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯାଉଥିବା ସେ କହିଛନ୍ତି।

# ଖୋଳ

## ଗଳ୍ପ

**ଶରତ ଚନ୍ଦ୍ର ବାରିକ**

ଅବିନାଶ ଏକା ବସି ବସି ବୋର୍ ହେଇଯାଏ। ନ' ହୁଅନ୍ତା ବା କେମିତି! ରିଟାୟାରମେଣ୍ଟ ପରେ ଖାସ୍ କିଛି କାମ ନ ଥିଲା ତା'ର। ଘରେ ଚାକରାଣୀ ତ ଆସି ପ୍ରାୟ ସବୁ କାମ କରିଦିଏ– ବାସନମଜା, ଲୁଗାସଫା, ଘର ଝରକା, ପୋଛା ଏମିତି। ରୋଷେଇ, ଠାକୁର ପୂଜା ସ୍ତ୍ରୀ କରନ୍ତି। ମଝିରେ ମଝିରେ ସ୍ତ୍ରୀ ବରାଦ ଦେଲେ ବାରିରୁ ଭୃସୁଙ୍ଗାପତ୍ର, ଧଣିଆପତ୍ର, ଲଙ୍କା ତୋଳେ, କଦବା କେମିତି ଗଛରେ ପାଣିଦିଏ, ବେଳେବେଳେ ପାଖ ଦୋକାନରୁ ଗ୍ରସେରି ଜିନିଷ ଆଣେ ଓ ବଜାରରୁ ପନିପରିବା। ଘରେ ସେ ଓ ସ୍ତ୍ରୀ ଦି' ପ୍ରାଣୀ। ପୁଅ, ବୋହୂଙ୍କ ବାହାରେ ଚାକିରି।

ଅନ୍ୟ ସମୟରେ ବସି ଟିଭି ଦେଖେ। କେତେ ସମୟ ବା ଟିଭି ଦେଖିପାରିବ! ରିଟାୟାରମେଣ୍ଟ ପରେ ଜୀବନଟା ତାକୁ ଅଜବ ଅଜବ ଲାଗୁଥିଲା। ଏକ ପ୍ରକାର ଯେମିତି ନିଃସଙ୍ଗ ଅନୁଭବ କରୁଥିଲା ସେ। ଚାକିରି ଥିଲାବେଳେ କେତେ ସମ୍ମାନ, ଆଦର, ଖୁସିଗପ, ଚା'ପିଆ, ଢାବାରେ ସୁପ୍‌ପିଆ, ସେ ସବୁ ଠପ୍। ଫୋନ୍ ପ୍ରାୟ ଆସୁନି। ବେଳେବେଳେ କେହି କେହି ସାଙ୍ଗ, ଗାଁରୁ ସାନଭାଇ ଫୋନ୍ କରେ, ନ ହେଲେ ନାହିଁ।

ବେଶି ବୋର୍ ହେଇଗଲା ନୂଆବର୍ଷ ଦିନରେ। ଗଲାବର୍ଷ ଚାକିରିରେ ଥିଲା। ତା' ପାଖକୁ ଆସିଥିଲା ମେଞ୍ଚା ମେଞ୍ଚା ମିଠା ପ୍ୟାକେଟ୍, କ୍ୟାଲେଣ୍ଡର, ଡାଏରି। ଅନ୍ୟାନ୍ୟ ଉପହାର ସାମଗ୍ରୀରେ ଟେବୁଲ ଭର୍ତ୍ତି ହେଇଯାଇଥିଲା। ଏବର୍ଷ କିଛି ନାହିଁ। ବସି ବସି ମନେପକେଇଲା ଅବିନାଶ ଅତୀତର କଥା। ସବୁ ଅଫିସ୍‌ରେ ସହକର୍ମୀମାନଙ୍କୁ ବାଣ୍ଟିଦିଏ। ଏତେ ଜିନିଷ ରଖି କରିବ କ'ଣ? ସହକର୍ମୀମାନେ ବି ଆନନ୍ଦ ମନରେ ତାକୁ ନେଇଯା'ନ୍ତି।

ନୂଆବର୍ଷର ଦି'ଦିନ ପରେ ସେ ରୁମ୍‌ରେ ଅଛି, ହଠାତ୍ ବାହାରେ କଲିଂବେଲ୍ ଶୁଣିଲା। କବାଟ ଖୋଲିଲା– 'କିଏ?'

ତା' ପୂର୍ବର ଉପର ଅଫିସର ଜଣେ ଷ୍ଟାଫ୍ ତା' ପାଖକୁ ଆସିଚନ୍ତି। ସେ ନମସ୍କାର କରି କହିଲେ– 'ଆଜ୍ଞା, ହାକିମ ଆପଣଙ୍କୁ ଡକେଇ ପଠେଇଚନ୍ତି।''

'କାଇଁକି?'– ଅବିନାଶ ଶଙ୍କିତ ସ୍ୱରରେ ପଚାରିଲା।

''କହିପାରିବିନି ଆଜ୍ଞା, କ'ଣ ଜରୁରୀ ଅଛି। ଆପଣ ଆଜି ଯାଇ ଦେଖାହେବେ'' କହି ଚାଲିଯାଇଥିଲେ।

ଅବିନାଶ ବୁଝିପାରୁ ନ ଥିଲା କ'ଣ ପାଇଁ ପୂର୍ବ ଷ୍ଟେସନର ଉପରିସ୍ଥ ଅଧିକାରୀ ତାକୁ ଡକେଇ ପଠେଇଚନ୍ତି। କିଛି ଅସୁବିଧା ହେଲା କି? ପେନ୍‌ସନ୍ ତ ଠିକ୍ ଠିକ୍ ପାଉଚି, ରେଗୁଲାର ହେଇଯାଇଚି, ସବୁ କ୍ଲେମ୍ ପାଇଯାଇଚି। ପୂର୍ବ ଷ୍ଟେସନର କିଛି ଗୋଳମାଳ ବାହାରିଲା କି? ଅଡିଟ୍ ରିକଭରି?

ଶଙ୍କାଗ୍ରସ୍ତ ଚିତ୍ତ ନେଇ ଉପର ହାକିମଙ୍କୁ ତାଙ୍କ ଚାମ୍ବରରେ ଦେଖାକରିବାକୁ ପହଞ୍ଚିଲା। ଭିତରେ ପ୍ରବେଶ କଲା। ହାକିମ ହସ ହସ ମୁହଁରେ ତାଙ୍କୁ ସମ୍ଭାଷଣ କଲେ– 'ଅବିନାଶବାବୁ! ବସନ୍ତୁ, ବସନ୍ତୁ।'

ହାକିମଙ୍କ ହସ ହସ ମୁହଁ ଦେଖି ତା'ର ଭୟ କଟିଆସୁଥିଲା। ଅବିନାଶ ହାକିମଙ୍କ ସାମ୍ନା ସିଟ୍‌ରେ ବସିଲା। ହାକିମ କହିଲେ– ''ଜେନାବାବୁ! ଗୋଟେ ଖୁସି ଖବର ଅଛି। ଆମେ ଆପଣଙ୍କର ପୁନଃ ନିଯୁକ୍ତି ପାଇଁ ଜିଲାପାଳଙ୍କ ନିକଟକୁ ଫାଇଲ୍ ପଠାଇଥିଲୁ। ଆପଣ ଦକ୍ଷ ଅଫିସର ବୋଲି ସୁପାରିସ କରିଥିଲୁ। ଜିଲାପାଳ ଖୁସି ହେଇ ତା'କୁ ଅନୁମୋଦନ କରିଚନ୍ତି। ଏକବର୍ଷ ପାଇଁ ଡିଏମ୍‌ଏଫ୍‌ରେ ଆପଣ ସେଇ ଏକା ପଦବୀରେ ପୁନଃ ନିଯୁକ୍ତି ପାଇବେ। ଏଇନେ ପୁଣି ଏକ ବର୍ଷ ଧରି ଆମ ସାଙ୍ଗରେ ଆପଣ କାମ କରିବେ। ମାସକୁ ରେମୁନେରାଶନ୍ ଲକ୍ଷେ ଟଙ୍କା।''

ଅବିନାଶ ହାକିମଙ୍କ କଥା ଶୁଣି ମୁହଁରେ ହସ ଉକୁଟେଇଲା। କହିଲା– ଭଲ ଖବର ଦେଲେ ସାର୍। ତଥାପି ମୁଁ ଟିକେ ଚିନ୍ତା କରି କହିବି। ଘରେ ବୋର୍ ହେଉଛି। ସମୟ ବି କଟିଯିବ।

ଅବିନାଶ ହାକିମଙ୍କ ଚାମ୍ବରରୁ ବାହାରିଲା। ଆସିଲାବେଳେ ପ୍ରାୟ ସବୁ ସିଟ୍‌କୁ ଟଚ୍ କଲା। ଷ୍ଟାଫ୍‌ମାନେ ତା' ଶୁଣି ମୁହଁରେ ହସ ଉକୁଟେଇଲେ। ଅବିନାଶ ଘରେ ପହଞ୍ଚି ସ୍ତ୍ରୀ ସହ କଥାହେଲା। ପୁଅ ସହ ଫୋନ୍‌ରେ ଯୋଗାଯୋଗ କଲା।

ସମସ୍ତେ କହିଲେ ''ଭଲ ହେବ ତ, ଅନ୍ତତଃ ବର୍ଷେ ପାଇଁ ବୋରିଂଟା କଟିଯିବ। ପୁଣି ଦରମା ବି ମାସକୁ ଲକ୍ଷେ। ଭଲ ଭଲ, ଜଏନ୍ କର।''

ଅବିନାଶ ତାଙ୍କ ପରାମର୍ଶ ଗ୍ରହଣ କରି ଧାର୍ଯ୍ୟ ସମୟ ଭିତରେ ଜଏନ୍ କଲା। ସାଇପଡ଼ିଶାରେ, ଅଫିସ୍‌ର ଚାରିଆଡ଼େ ଅବିନାଶ ପୁଣି କର୍ମକ୍ଷେତ୍ରକୁ ଫେରିବାର ବାର୍ତ୍ତା ପ୍ରଚାର ହୋଇଯାଇଥିଲା। ପୁଣି ଏମିତି ହିଁ ଘଟଣାଗୁଡ଼ିକର ପୁନରାବୃତ୍ତି ହେଲା।

ଘର ପାଖରେ ତାକୁ ନବା ଆଣିବାକୁ ଅଫିସ୍ ଗାଡ଼ି ଲାଗୁଥିଲା। ନିରବ ହେଇଥିବା ଫୋନ୍ ପୁଣି ବହୁବାର ବାଜୁଥିଲା। ରିଟାୟାର ପରେ ବାଟଭାଙ୍ଗି ଚାଲିଯାଉଥିବା ଷ୍ଟାଫ୍, କେହି କେହି ଜନସାଧାରଣ, କଣ୍ଟ୍ରାକ୍ଟର ଆସି ସାଲ୍ୟୁଟ୍ ମାରୁଥିଲେ। ଅଫିସ୍ ଟେବୁଲ ଉପରକୁ ବାରମ୍ବାର ଚା, କଫି ଆସୁଥିଲା, ସନ୍ଧ୍ୟାରେ ଜଳଖିଆ ବି। ସମୟେ ସମୟେ କେହି କେହି ତା' ପାଇଁ ଢାବାରୁ ସୁସ୍ୱାଦୁ ଭୋଜନ ମଗେଇ ଦେଉଥିଲେ। ନିରବ ହେଇଯାଇଥିବା ଘରେ ବି ପୂର୍ବପରି ଗହଳି ଲାଗୁଥିଲା। ସାଇପଡ଼ିଶା ବିଭିନ୍ନ ବ୍ୟକ୍ତିଗତ, ସାମୂହିକ କାମ ନେଇ ଘରକୁ ଆସୁଥିଲେ। ଅଫିସ୍‌ରେ ହେଇପାରୁ ନ ଥିବା କିଛି କନ୍‌ଫିଡେନ୍‌ସିଆଲ ଫାଇଲ୍ ଷ୍ଟାଫ୍ ଧରି ଆସୁଥିଲେ। ମୋଟାମୋଟି ଭାବେ ଘର, ବାହାର ସବୁଯେମିତି ଉତ୍ସବମୁଖର ହେଇଯାଉଥିଲା ପୂର୍ବପରି। ଏସବୁ ସତ୍ତ୍ୱେ ଭିତରେ ଗୋଟେ ଦୁଃଖ ଅନୁଭବ କରୁଥିଲା ଅବିନାଶ। ତା' ମନ ଭିତରେ କିଏ ଯେମିତି ପ୍ରତିଫଳିତ କରେଇ ଦେଉଥିଲା ବାରବାର– ବର୍ଷେ ପାଇଁ ଖୁସି ମନେଇଯା', ସମ୍ମାନ ପାଇଯା'। ପୁଣି ପୂର୍ବବତ୍ ପୁନର୍ମୂଷିକ ଭବ। ପୁଣି ରିଟାୟାରମେଣ୍ଟ ଯେମିତି ଲାଗୁଥିଲା, ସେମିତି ଲାଗିବ, ବୋରିଂ, ନିଃସଙ୍ଗ। କେହି କେହି ଷ୍ଟାଫ୍ ମଧ୍ୟ ଫୁସ୍‌ଫାସ୍ ଆଲୋଚନା କରୁଥିବାର ତା' କର୍ଣ୍ଣଗୋଚର ହେଉଥିଲା– ''ହଁ, ଆଉ ବର୍ଷେ ତ, ବର୍ଷେ ପରେ ପୁଣି ଯୋଉ କଥାକୁ ସେଇ କଥା। କେତେ ତୋପ ଦେଖୋଉଚି ଦେଖୋଉଥାଉ। କିଏ କାହାକୁ ପଚାରୁଚି!'' ଏହା ଶୁଣି ମନ ତା'ର କ୍ରମଶଃ ବିଚଳିତ ଓ ଅସ୍ଥିର ହେବାକୁ ଆରମ୍ଭ କରିଥିଲା।

ସେଦିନ ରାତିରେ ଭଲକି ନିଦ ହେଲାନି ଅବିନାଶର। ନା, ସେ ତା' ଚାକିରିର ଖୋଳଟା ବାହାର କରିଦେବ। ଅରିଜିନାଲ ସେ ଯାହା, ସେୟା ହିଁ ରହିବାକୁ ଚାହେଁ। ଚାକିରିର ଖୋଳ ପିନ୍ଧି ଆଉ ଚାଲିବାକୁ ଭଲ ଲାଗୁ ନ ଥିଲା ତାକୁ। ଯୋଉଠି କେବଳ ଖୋଳକୁ ସମ୍ମାନ ମଣିଷତ୍ୱକୁ ନୁହେଁ।

ସକାଳୁ ଗାଡ଼ିରେ ଚୁପ୍‌ଚାପ୍ ବାହାରିଗଲା ସେ। ସ୍ତ୍ରୀ ତା'ର ନିରବତାକୁ ଲକ୍ଷ୍ୟ କରୁଥିଲେ। ଅବିନାଶ ଅଫିସ୍‌ରେ ପହଞ୍ଚି ହାକିମଙ୍କୁ ଦରଖାସ୍ତ ଲେଖିଲା। ହାକିମଙ୍କ ଚାମ୍ବରରେ ପହଞ୍ଚି ରେଜିନେଶନ ଲେଟର୍ ବଢ଼େଇଦେଲା ତାଙ୍କୁ। ହାକିମ ଆଶ୍ଚର୍ଯ୍ୟ ହେଇ ଅନେଇଲେ ତାକୁ– ''କ'ଣ ହେଲା ଅବିନାଶବାବୁ। ଏଇ କେତେଦିନ ହେଇଚି, ଆପଣ ରେଜିନେଶନ ଦେଲେ?''

ଉପର ହାକିମଙ୍କୁ କିଛି ଉତ୍ତର ଫେରେଇଲାନି ଅବିନାଶ। ଖାଲି କହିଲା– 'ସାର୍, ଟିକେ ଆସେପ୍ଟ କରିଦେବେ।'

ଗାଡ଼ି ନୁହେଁ, ଖାଲି ପାଦରେ ଚାଲି ଚାଲି ଆସିଲା ଅବିନାଶ ଘରକୁ। ଘରେ ପହଞ୍ଚି ଲେପ୍‌ଟେଇ ଦେଲା ନିଜକୁ। ତା' ପରଦିନ ଯେତେବେଳେ ଦିନ ଦଶଟାରେ ଗାଡ଼ି ଆସିଲାନି, କି ଅଫିସ୍ ବାହାରିଲାନି, ସ୍ତ୍ରୀ ପଚାରିଲେ– ''ଅଫିସ୍ ଯିବନି କି? ଗାଡ଼ି ଆସିନି ତ ଆଜି?''

ଅବିନାଶ କହିଲା– ''ଚାକିରିର ଖୋଳଟା ବାହାର କରିଦେଇଚି। ଆଉ ଚାକିରି କରିବିନି। ଖୋଳ ପିନ୍ଧି ଆଉ ଚାକିରି କରିବାକୁ ଭଲ ଲାଗୁନି। ଏକଦମ୍ ଅବିନାଶ ହେଇ ରହିବି ଅବଶିଷ୍ଟ ଦିନ।''

ସ୍ତ୍ରୀ ଆଶ୍ଚର୍ଯ୍ୟ ଚକିତ ଆଖିରେ ଅନେଇ ରହିଥିଲେ ତାକୁ।

ମୋ: ୯୯୩୭୮୮୫୧୭୫



## କବିତା

### ରାସ୍ତା

**ପିନାକୀ ମିଶ୍ର**

ସବୁ ରାସ୍ତାରେ ଈଶ୍ୱର ମିଳନ୍ତିନି
ସବୁ ଝିଅଙ୍କୁ ଜୁଟେନି ବାହାଲଗ୍ନ
ସବୁ ପୁଅ ପାଆନ୍ତିନି ପୂରିଲା ହସ

ବିଫଳ ଭାଗ୍ୟ ବି ଗୋଟେ ପରୀକ୍ଷା
ଚାପା ସହିସହି ବକଳ ମୋଟା
କେହି ନ ଦେଖନ୍ତୁ ନିଜ ଲୁହ

ହଳେ ପାଦ ଯୁଆଡ଼େ ମାଡ଼େ
ପିଲାପିଲି ଦିନେ ଶୁଣିବେ ଯେ' ମର୍ମାନୁଭବ
ପିଛା କରେ ଛାଇ
ନିଜ କଥା ଭାବୁଭାବୁ
ଘୁଞ୍ଚି ଯାଉଥାଏ ନଈ

ଯଉବନ କେତେ କ'ଣ ଭାବେ!
ଶିଖରରେ ବନେଇଦେବି ସିଂହାସନ
ବୋଇତରେ ବୋହି ଆଣିବି
ଭାରଭାର ମୋତି
ପଲଙ୍କରେ ପ୍ରୀତି ପଖାଳୁଥିବ ଜହ୍ନରାତି

ଚାଲିବା କି ଥମେ? ଚାଲିବା କି ସହଜ?
କ୍ଷତ ଶୁଖିଲେ କ୍ଷତ, ଗୁମୁରେ ମନ
ହଳପ କରେ ଅଲଣା ରାତି
ପତ୍ରଝଡ଼ା ଅବସାଦ ସଂକେତ

ସବୁ କଳିକା ପାଏନି ମୁକୁଳା କନକଖରା
ସବୁ ଫୁଲରେ ଭ୍ରମର ବସେନି
ସହି ସହି ସରିଯିବାର ସର୍ତ୍ତ,
କେବେ ପୁଣି ଜୀବନ ଆବର୍ତ୍ତ।

ଫିନ୍‌ଫିନ୍ ରାସ୍ତାରେ ବି
ଆସିପାରେ ଅଦିନ ଅସ୍ତ
କଣ୍ଟକବନରେ ବି ଘଟିପାରେ ତପସିଦ୍ଧି
ଗୋହିରି ବାଟରେ ବି ମିଳିପାରେ
ମାଧବୀ ନୟନ ମିଳନ

ପାଦ ଆଉ ରାସ୍ତା
ଚାଲିଛି ନଉକା
ପବନର ଇସାରା,
ଯୁଆଡ଼େ ଠେଲିଛି ଠେଲୁ।

ମୋ: ୯୪୩୮୧୧୮୩୯୭

### ବୋଉ

**ନର୍ମଦା ନୀଳୋତ୍ପଳା**

ଭାରି ବୋକୀ ଥିଲା ମୋ' ବୋଉ
ସେ କହିପାରେନି ମୋ' ଜନ୍ମ ତାରିଖ
କିନ୍ତୁ କହିଦିଏ ମୋର ଜନ୍ମତିଥି
ଶ୍ରୀପଞ୍ଚମୀରେ ନୂଆ ଡ୍ରେସ୍
ଆଣିବାକୁ ବାପାଙ୍କୁ କୁହେ।

ମୋ' ପାଇଁ ଖିରି ଚକୁଳି କରେ
ସଜେଇଦିଏ ଚନ୍ଦନ କୁଙ୍କୁମରେ
ଚଉଁରା ମାଟି ଟିକେ ଆଣି
ମୋ' ମଥାରେ ଲଗେଇଦିଏ
ମୁଁ ଭୟ ପାଇବି ବୋଲି
ମୋ' ଦୁଇ ହାତ ଓ ବେକରେ
ଡେଉଁରିଆ ତାବିଜ ପିନ୍ଧାଏ।
କାହାର ଖରାପ ନଜର ପଡ଼ିବ ବୋଲି
ଘରେ ତାଲା ପକେଇ
ମୋତେ ରଖିଥାଏ।

କିଏ ଯଦି ପଚାରିଦିଏ
ଏତେ ଝଡ଼ାଫୁଙ୍କା କରୁଛ ଝିଅକୁ
ସେ କୁହେ
ମୋ' ଝିଅର ରାଶି ଡାଆଣିଆ
ନଜର ପଡ଼ିଯାଏ ମୋ' ଝିଅ ଉପରେ
କେହି ତାକୁ ଦେଖିଦେଲେ।
ସେ ମନା କରେ ମୋତେ ସବୁବେଳେ
ମାଆକୁ କ'ଣ ପ୍ରଣାମ କରନ୍ତି।

ପଇସା ଚିହ୍ନିପାରେନି ସେ,
ନିଜେ କିଛି ଖାଏନି
କିନ୍ତୁ ଅନ୍ୟକୁ ଖୁଆଇ ଦେଇ
ଖୁସି ହୋଇଯାଏ
ସେ ମୋ' ବୋଉ।

ଯାହା ସହିତ ସତ ସମ୍ପର୍କ
ଗଢ଼ି ହୋଇଥାଏ
ଆଉ ସବୁ ସମ୍ପର୍କ ତ ବିଶ୍ୱାସର
କେତେବେଳେ ବି ଭାଙ୍ଗି ଯାଇପାରେ।

ସମସ୍ତେ କୁହନ୍ତି ମୋତେ
ତୁ ଏତେ ଭୟାଳୁ କାହିଁକି?
ମୁଁ କହେ, ବୋଉକୁ ପଚାର
ଏଥର ବୋଉ ନ ଥିଲା ଘରେ
ଭୟ ବି ଉଭାନ୍ ହୋଇଗଲା।

ମୋ: ୮୭୬୩୧୯୧୯୬୮

## ପୁସ୍ତକ ପରିଚୟ

### ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ



**ଲେଖକ:** ନିହାର ରଞ୍ଜନ ପଟ୍ଟନାୟକ
**ପ୍ରକାଶକ:** ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୮୫/–

ଆଲୋଚ୍ୟ ଗ୍ରନ୍ଥରେ ମୋଟ ୫୩ଟି ପରିଚ୍ଛେଦ ରହିଛି। ଏଥିରେ ୧୮୦୪ ଓ ୧୮୧୭ (ପାଇକ ବିଦ୍ରୋହ) ମସିହା ଦେଇ ଓଡ଼ିଶାରେ ୧୯୪୨ ମସିହା (ଭାରତ ଛାଡ଼ ଆନ୍ଦୋଳନ) ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଇଂରେଜ ବିରୋଧୀ ସଂଗ୍ରାମର ତଥ୍ୟନିଷ୍ଠ ଅବତାରଣା କରିଛନ୍ତି ଗ୍ରନ୍ଥ ଲେଖକ ପ୍ରଫେସର ପଟ୍ଟନାୟକ। ମୁଖବନ୍ଧରେ ସେ କହିଛନ୍ତି: ''୧୮୦୪ ମସିହାରେ ବୀରଭୂମି ଖୋର୍ଦ୍ଧାରେ ଇଂରେଜ ବିରୋଧୀ ମୁକ୍ତି ସଂଗ୍ରାମ ଉନ୍ମୋଚିତ ହୋଇଥିଲା, ଯେତେବେଳେ ଜୟକୃଷ୍ଣ ରାଜଗୁରୁ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଫାଶୀ ପାଇଥିଲେ। ଏହାପରେ ସଂଗଠିତ ହୋଇଥିଲା ଗୋଟିଏ ପରେ ଗୋଟିଏ ବିଦ୍ରୋହ, ଅବିରତ ସଂଗ୍ରାମ। ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ଘଟଣାଗୁଡ଼ିକରେ ଓଡ଼ିଶାର ଯେଉଁମାନେ ନେତୃତ୍ୱ ନେଇଥିଲେ, ଯେଉଁମାନେ ପ୍ରାଣବଳି ଦେଇଥିଲେ, ସେମାନେ ଇତିହାସ ପୃଷ୍ଠାରେ ଯଶସ୍ୱୀ ହୋଇଯାଇଛନ୍ତି। ସେହି ଚିର ସ୍ମରଣୀୟ ସଂଗ୍ରାମୀମାନଙ୍କ ମୁକ୍ତି ଚେତନାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ପୁସ୍ତକ ରଚନା କରାଯାଇଛି।'' ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ପଦ୍ମନାଭ ଛୋଟରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତ୍ତିବାସ ପାଟ୍ଟଶାଣୀ, କମଳଲୋଚନ ଦୋରା ବିଶୋଇ, ଚକରା ବିଶୋଇ, ସହିଦ ରେଣ୍ଡୋ ମାଝୀ, ସହିଦ ରତନା ନାୟକ, ଧରଣୀଧର ନାୟକ, ବୀର ସୁରେନ୍ଦ୍ର ସାଏ, ଚନ୍ଦନ ହଜୁରୀ, ବିର୍ସା ମୁଣ୍ଡାଙ୍କଠାରୁ ଆରମ୍ଭ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ କୃଷ୍ଣଚନ୍ଦ୍ର ଗଜପତି ଓଗେର ମୋଟ ୫୩ଜଣ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମର ବିଧିବଦ୍ଧ ଦଲିଲ୍ ହେଉଛି ଆଲୋଚ୍ୟ ପୁସ୍ତକ। କେବଳ ଇତିହାସ ପ୍ରତି ଆଗ୍ରହ ରଖିଥିବା ପାଠକ ବା ଗବେଷକ ନୁହନ୍ତି, ସବୁ ବର୍ଗର ଜିଜ୍ଞାସୁଙ୍କ ପାଇଁ ବହିଟିର ଉପଯୋଗିତା ରହିଛି।

### ରାସ୍ତା



**ଲେଖିକା:** ଲୋପାମୁଦ୍ରା ମୈକାପ୍
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୯/–

ମୋଟ ୧୩ଟି ଗଳ୍ପକୁ ନେଇ 'ରାସ୍ତା' ସଂକଳନର ପରିକଳ୍ପନା। 'ନିଜ କଥା'ରେ ଲେଖିକା ଯାହା ଲେଖିଛନ୍ତି, ସେଥିରୁ ବୁଝାପଡ଼େ ସେ ଆଗ କବୀ, ପରେ ଗାଳ୍ପିକା। ପ୍ରକାଶିତ ବହିଟି ତାଙ୍କର ପ୍ରଥମ ପୁସ୍ତକ। ପ୍ରକାଶକ କୁହନ୍ତି– ଲୋପାମୁଦ୍ରା କମ୍, ଗୁଣାତ୍ମକ ଗଳ୍ପ ରଚନାରେ ବିଶ୍ୱାସୀ। ପୁଣି ଅନେକ ବର୍ଷର ବିଦେଶ ରହଣି ତାଙ୍କୁ ଗଳ୍ପ ଲେଖିବାର ବିସ୍ତୃତ ଖୋରାକ ଯୋଗାଇଛି। ସେଥିପାଇଁ ତାଙ୍କ ଗଳ୍ପରେ ପାଶ୍ଚାତ୍ୟ ଦୃଶ୍ୟଗୁଡ଼ିକ ବେଶ୍ ଜୀବନ୍ତ। ଲେଖିକାଙ୍କ ଲେଖାରେ ଥାଏ କଥିତ ଭାଷା ପ୍ରତି ମୋହ। ତେଣୁ ଅନୁଭୂତି ପ୍ରକଟିତ ହୁଏ ଏକ ମୌଳିକ ତରିକାରେ। ଗଳ୍ପର ଅନାବଶ୍ୟକ ଉପକ୍ରମଣିକାରେ ସେ ସମୟ ସାରନ୍ତି ନାହିଁ। ବରଂ ସମୟ ସାରନ୍ତି ଆଖିଦେଖା, ଅଙ୍ଗେନିଭା ଅନୁଭୂତିକୁ ଭାଷାର କୋମଳ ପୁଟଦେଇ ମୂର୍ତ୍ତିମନ୍ତ କରିବାରେ। 'ଉପହାର', 'ବାତ୍ୟା ପରର ପୃଥିବୀ', 'ଆହତ କୃଷ୍ଣଚୂଡ଼ା', 'କାକ୍‌ଟସ୍', 'ଆହୂତି', 'ଝର୍କା ସେପାଖ ଗୋଧୂଳି', 'କୁହୁଡ଼ି', 'ଆଫ୍ରିକାନ୍ କଫି' ଓ 'ରାସ୍ତା' ପ୍ରଭୃତି ଗଳ୍ପ ଆକାରରେ ବେଶୀ ବଡ଼ ନ ହେଲେ ବି ମେଘରେ ବିଜୁଳି ପରି ଚମକପ୍ରଦ ଓ ଆବେଦନରେ ଦୀର୍ଘଜୀବୀ।

## ଜନ୍ମଦିନ

**ପ୍ରତାପ ବିଶ୍ୱାଳ**

ପଡ଼ୋଶୀଙ୍କୁ ନିମନ୍ତ୍ରଣରେ ସମସ୍ତେ ଆଶ୍ଚର୍ଯ୍ୟ। ସୀତା ମାଉସୀଙ୍କର ଆଜି କ'ଣ କି! କିଛି ବି ବୁଝିପାରୁନଥିଲେ କେହି। ମାଉସୀଙ୍କ ପଛେ ପଛେ ସମସ୍ତେ ବାହାରି ଆସୁଥିଲେ ଘରୁ। ସମସ୍ତଙ୍କ ମୁହଁରେ ଆଶ୍ଚର୍ଯ୍ୟର ଚିହ୍ନ।

ପୁଅ ମରିବାର ତ ସାତ ଆଠ ମାସ ବି ହୋଇନି। ବର୍ଷେ ନ ଗଲେ ତ ଘରେ ପୂଜା ପର୍ବ କିଛି ହେବା କଥା ନୁହେଁ। ସବୁ ପରମ୍ପରାକୁ ନେଇ ତ ମାଉସୀ ପାଦେ ପାଦେ ଚାଲିବା ଲୋକ। ଆଜି ବି ତ ପର୍ବ କିଛି ନାହିଁ। ପଡ଼ିଶାଙ୍କୁ ପୁଣି ଭୋଜି ଦେବାର ନିମନ୍ତ୍ରଣ କାହିଁକି?

ଘର କହିଲେ ପୁଣି ସେଇ ଜଣେ ବୋଲି ଲୋକ। ସ୍ୱାମୀ ଗଲା ପରେ ଯାହା ମୁହଁକୁ ଚାହିଁ ଜୀବନ କାଟିବେ ବୋଲି ଭାବିଥିଲେ, ସେ ଅଦିନିଆ ବଉଳ ଭଳି ଝଡ଼ିଗଲା। କି ଖୁସିରେ ଆଜିପୁଣି ଭୋଜି ଖାଇବାକୁ ଡାକୁଛନ୍ତି ସୀତା ମାଉସୀ!

ମାଉସୀ ସବୁଦିନଠୁ ଆଜି ବେଶି କର୍ମଠ, ଚଞ୍ଚଳ ଜଣାପଡୁଛନ୍ତି। ଅଣୀ ପାଖାପାଖି ବୟସ ନୁହେଁ, ଯେପରି ଅଠାବନ ବର୍ଷ। ସବୁ ପଡ଼ିଶାଙ୍କ ଘରକୁ ଯାଇ କହୁଛନ୍ତି–



ଆସିବରେ ପିଲାମାନେ, ସମସ୍ତେ ମୋ ଘରକୁ ଭୋଜି ଖାଇବାକୁ ଆସିବ। ଆଜି ସମସ୍ତଙ୍କ ରୋଷେଇ ବନ୍ଦ।

ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁଥିଲେ ତାଙ୍କୁ। ଜଣେ ପଚାରିଦେଲା– ମାଉସୀ! ତୁମର ଆଜି କ'ଣ କି? ମାଉସୀ ବୁଲିପଡ଼ି କହିଲେ– ମୋ ପୁଅ ବାବୁରପା' ଆଜି ଜନ୍ମଦିନ।

ଆଶ୍ଚର୍ଯ୍ୟ ହୋଇଗଲେ ସମସ୍ତେ ଏକଥା ଶୁଣି। ଜଣେ କହିଲା– ଇଏ କି ବୁଦ୍ଧି ମାଉସୀଙ୍କର। ମଲା ପୁଅର ପୁଣି ଜନ୍ମଦିନ କ'ଣ!

ଆଉ ଜଣେ ସ୍ତ୍ରୀ ଲୋକ ଦୁଃଖଭରା ସ୍ୱରରେ କହିଲା– ମା' ମନ। କେଉଁ ମା' କ'ଣ କେବେ ଭୁଲିପାରେ ତା' ପିଲାର ଜନ୍ମଦିନକୁ। ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ ଦେଇଛିଟି! ମୃତ୍ୟୁ କ'ଣ କେବେ ଭୁଲାଇ ଦେଇପାରେ ବାତ୍ସଲ୍ୟର ମମତାକୁ! ଯେତେଦିନ ଯାଏ ଜଣେ ମା' ବଞ୍ଚିଛି ସେତେଦିନ ଯାଏ କ'ଣ ତା' ମନ, ହୃଦୟରୁ ସନ୍ତାନକୁ ସେ ଭୁଲିପାରିଛି, ନା ଭୁଲିପାରିବ। ତା' ମାତୃତ୍ୱକୁ ନେଇ ତ ସେ ବଞ୍ଚିଥାଏ ସବୁକ୍ଷଣ, ସବୁଦିନ। ପୁଅ ତ ବାହାରେ ରହୁଥିଲା। ବାହାରେ ବି ଚାଲିଗଲା। ହୁଏତ ମାଉସୀଙ୍କ ମନରେ ଏବେ ବି ଅଛି ପୁଅ ତାଙ୍କର ବାହାରେ ଚାକିରି କରିଛି। ସମସ୍ତେ ଶୁଣୁଥିଲେ ସିନା କାହା ପାଟିରୁ କଥା ପଦେ ବାହାରୁ ନ ଥିଲା।

ମୋ: ୯୪୩୭୭୪୫୯୮୩

## କାଳକାଳକୁ



''ନୀରବରେ କଠିନ ପରିଶ୍ରମ କର,
ତମ ସଫଳତା ହିଁ ହେବ
ତମର କୋଳାହଳ।''

– ମାମାଙ୍ଗ୍ ଦାଇ

**ମାମାଙ୍ଗ୍ ଦାଇଙ୍କ** ଜନ୍ମ ୨୩ ଫେବୃଆରୀ ୧୯୫୭ରେ, ଅରୁଣାଚଳ ପ୍ରଦେଶ ପୂର୍ବ ସିଆଙ୍ଗ ଜିଲାର ପାସିଘାଟରେ। ସେ ଉଭୟ 'ଆଦି' ଓ ଇଂଲିଶ୍ ଭାଷାରେ ଲେଖନ୍ତି। 'ଆଦି' ହେଉଛି ଉତ୍ତର-ଆସାମ ଭାଷାଗୋଷ୍ଠୀର ଓ ଅରୁଣାଚଳ ପ୍ରଦେଶର କଥିତ ଆଦିବାସୀ ଭାଷା। ଏକାଧାରରେ କବିତା ଓ ଉପନ୍ୟାସ ଲେଖୁଥିବା ମାମାଙ୍ଗ୍ ବୃତ୍ତିରେ ବାର୍ତ୍ତାଜୀବୀ। ତାଙ୍କର କେତେକ ଉଲ୍ଲେଖନୀୟ କୃତି ହେଉଛି– 'ଦ ସ୍କାଏ କୁଇନ୍', 'ଷ୍ଟୁପିଡ୍ କୁପିଡ୍' ଓ 'ରିଭର୍ ପୋଏମ୍‌ସ'। ଭାରତୀୟ ସାହିତ୍ୟକୁ ନିଜର ଅବଦାନ ପାଇଁ ସେ ୨୦୧୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତା। 'ଦ ବ୍ଲାକ୍ ହିଲ୍' ଉପନ୍ୟାସ ପାଇଁ ୨୦୧୭ରେ ତାଙ୍କୁ ମିଳିଛି ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।

## ଅନୁବାଦ ଗଳ୍ପ

# ଦେବଦାସୀ

**ମୂଳ ହିନ୍ଦୀ–ଅଙ୍କିତା ଭାର୍ଗବ**
**ଅନୁବାଦ– ମନୋଜ କୁମାର ବେହେରା**

ଷୋହଳ ଶୃଙ୍ଗାର କରି ମଣିୟମ୍ମା ଟିକିଏ ଦେଖିଲା ନିଜକୁ ଆଇନାରେ। ନିଜର ରୂପର ମାଧୁର୍ଯ୍ୟରେ ସେ ମୋହିତ ହୋଇଗଲା ନିଜେ। 'ଠାକୁର ଦ୍ୱାରାର ପ୍ରଧାନ ସେବିକାଠି ଆଜି ସ୍ୱୟଂ ଗୋପୀଙ୍କର ପ୍ରତିବିମ୍ବ ନଜର ଆସୁଥିଲା'। ପ୍ରଧାନଙ୍କର ସ୍ୱର ଶୁଣି ନିଜ ଭିତରେ ହଜି ଯାଇଥିବା ମଣିୟମ୍ମା ଚମକି ପଡ଼ି ଚାହିଁଲା କବାଟ ଆଡ଼କୁ। 'ଆପଣ ଏଠି'! ''ହଁ! ଏତେ ବଡ଼ ଆୟୋଜନରେ ହଜାର ପ୍ରକାରର କାମ ଥାଏ, ତା'ଛଡ଼ା ମୋର ତ ଏଠିକି ଆସିବାଟା ସ୍ୱାଭାବିକ। ତା'ଛଡ଼ା ଯାକୁ ମଧ ସାଙ୍ଗରେ ଆଣିବାର ଥିଲା।''

ଏତିକି କହି ପ୍ରଧାନ ଦଶ–ବାର ବର୍ଷର କନ୍ୟା ଆଡ଼େ ଇସାରା କଲେ। ''ମଣି ତୁମେ ମାନୁଛ ନା' ମୋର ଦୂରଦୃଷ୍ଟିକୁ। ଗୁଣିଆ ଗୁଣ ଚିହ୍ନିଲା ପରି ଦେଖ ମୁଁ ବାଛିଛି ଏହି ଝିଅକୁ। କେମିତିକା ହୀରା ମୁଁ ଖୋଜିଛି ଟିକିଏ ଦେଖ''।

ପ୍ରଧାନଙ୍କ ସ୍ୱରରେ ସେତେବେଳେ ପ୍ରଶଂସା ବ୍ୟତୀତ ବହୁତ କିଛି ଥିଲା। ମଣିୟମ୍ମା ଉଡ଼ା ଉଡ଼ା ନଜରରେ ପ୍ରଧାନଙ୍କ ପାଖରେ ଡରରେ ସାଙ୍କୁଡ଼ି ଛିଡ଼ା ହୋଇଥିବା ଝିଅକୁ ଚାହିଁଲା କିଛିକ୍ଷଣ ପାଇଁ। ତା' ଆଖି ଆଗରେ ନାଚି ଉଠିଲା ତା'ର ଅତୀତ।

'ଯିବା ଏଥର.., ସମାରୋହର ସମୟ ହେଇଗଲାଣି'। ପ୍ରଧାନ ଟିକିଏ ଅଧିକ ଉତ୍ସାହିତ ଥିଲେ। ମଣିୟମ୍ମା ପ୍ରଧାନଙ୍କ ସହିତ ମନ୍ଦିରର ସଭାଗୃହ ଆଡ଼େ ଚାଲିଲା ଆଉ ତା' ସହିତ ତାଳ ଦେଇ ସେହି ଝିଅ ମଧ ଚାଲିଥିଲା ମୁଣ୍ଡକୁ ନୁଆଁଇ। ଗାଁର ପ୍ରାଚୀନ ବିଷ୍ଣୁ ମନ୍ଦିର ଯାହାକୁ ସମସ୍ତେ ଠାକୁର ଦ୍ୱାରା କହୁଥିଲେ, ତା'ର ଆଜି ଥିଲା ସ୍ଥାପନା ଦିବସ। ଏମିତିରେ ପ୍ରତି ବର୍ଷ ଏହି ଦିନରେ ବୃହତ୍ ଆୟୋଜନ ହେଉଥିଲା, କିନ୍ତୁ ଏହି ବର୍ଷର ଆୟୋଜନ ଥିଲା ଟିକିଏ ଖାସ୍। କାହିଁକିନା ଏଥର ଠାକୁର ଦ୍ୱାରାର ପ୍ରଧାନ ସେବିକା ମଣିୟମ୍ମାର ଉତ୍ତରାଧିକାରୀ ଚୟନ ହେବାକୁ ଥିଲା। ହେଲେ ବାସ୍ତବିକତା ଏହା ଥିଲା କି ଚୟନ ହେଇ ସାରିଥିଲା କେବଳ ମଣିୟମ୍ମା ଦ୍ୱାରା ନୃତ୍ୟନାଟିକା ପରିବେଷଣ କରିସାରିବା ପରେ ଔପଚାରିକ ଘୋଷଣା ବାକି ଥିଲା।

ବିଶାଳ ଜନସମୂହ ସମକ୍ଷରେ ମଣିୟମ୍ମାର ନୃତ୍ୟ ପରିବେଷଣ ଆରମ୍ଭ ହେଲା। ଏଥର ନୃତ୍ୟନାଟିକାର ବିଷୟ ରାସଲୀଳା ନ ଥିଲା, ଥିଲା ମହିଷାସୁର ବଧ। ନୃତ୍ୟନାଟିକା ଦେଖି ପ୍ରଧାନଙ୍କ ମଥାରେ ସ୍ୱେଦବିନ୍ଦୁ ଚମକିବାକୁ ଲାଗିଲା। ତାଙ୍କୁ ଲାଗିଲା ଦେବୀ ମା' ରୂପ ଧାରଣ କରିଛନ୍ତି ମଣିୟମ୍ମାର ଆଉ ମଣିୟମ୍ମାର ଚରଣରେ ମହିଷାସୁର ନୁହେଁ ବରଂ ସ୍ୱୟଂ ସେ ନିଜେ ପଡ଼ିଛନ୍ତି। ଆଉ କିଛିକ୍ଷଣ ପରେ ମଣିୟମ୍ମା ହାତରେ ଥିବା ତ୍ରିଶୂଳ ତାଙ୍କ ଦେହରେ ପଶି ବାହାରି ଆସିବ। ପ୍ରଧାନଙ୍କର ସର୍ବାଙ୍ଗ ଶିହରି ଉଠିଲା ଭୟରେ। ମଣିୟମ୍ମାର ଏହି ନାଟିକା ପ୍ରସ୍ତୁତି ପଛରେ ଥିବା ପ୍ରୟୋଜନକୁ ସେ ବୁଝି ସାରିଥିଲେ ଭଲରେ। ଏବେ ତାଙ୍କ ଆଖିରେ ସେହି ଝିଅ ପାଇଁ ଥିବା ଭାବ ବଦଳି ସାରିଥିଲା। ଏହା ଦେଖି ମଣିୟମ୍ମାର ଓଠରେ ହସଟିଏ ଖେଳିଗଲା। କାହିଁକିନା ତା'ର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ସାରିଥିଲା।

ମୋ: ୭୯୭୮୮୩୦୬୧୧



# ଅର୍ଜିତ ଜ୍ଞାନକୁ ରାଷ୍ଟ୍ରବିକାଶରେ ବିନିଯୋଗ କର: ରାଷ୍ଟ୍ରପତି

**ବ୍ରହ୍ମପୁର, ୧।୩(ତନୁଶ୍ରୀ ନାହାକ)**

ଭାରତ ଇତିହାସରେ ଓଡ଼ିଶାର ଦକ୍ଷିଣାଞ୍ଚଳର ଗୁରୁତ୍ୱ ରହିଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ଶିକ୍ଷା ଓ ବିକାଶରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭୂମିକା ପ୍ରଶଂସନୀୟ। ୧୯୬୭ରେ ସ୍ଥାପିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଶାର ଦକ୍ଷିଣ ଭାଗର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିବା ପରେ ସ୍ୱଅର୍ଜିତ ଜ୍ଞାନକୁ ସମାଜ ତଥା ରାଷ୍ଟ୍ର ବିକାଶରେ ବିନିଯୋଗ କରିବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରାମର୍ଶ ଦେଇଛନ୍ତି। ଦୀକ୍ଷାନ୍ତ ଅଭିଭାଷଣରେ ରାଷ୍ଟ୍ରପତି ଏକ ଉଦାହରଣ ଦେଇ କହିଥିଲେ ଯେ,'ପର ଉପକାର ପଥେ ନ ହେଲେ ପଥିକ, ଇତର ପ୍ରାଣୀଙ୍କଠାରୁ ହେଲୁକି ଅଧିକ'। ଯଦି ଜଣେ ସ୍ୱଅର୍ଜିତ ଜ୍ଞାନକୁ ପର ଉପକାରରେ ନ ଲଗାଏ ତେବେ ସେ ଇତର ପ୍ରାଣୀଙ୍କ ସହ ସମାନ। ନାରୀ ଶିକ୍ଷାର ବିକାଶ ଓ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସେ କହିଥିଲେ, ଦେଶର ୪୫ ପ୍ରତିଶତ ହେଉଛନ୍ତି ମହିଳା। ପ୍ରତ୍ୟେକ ମହିଳା ଶିକ୍ଷିତ ଓ ସ୍ୱାବଲମ୍ବୀ ହୋଇପାରିଲେ ଦେଶର ଉନ୍ନତି ଘଟିବ। ଶିକ୍ଷା କ୍ଷେତ୍ରରେ ନାରୀମାନେ ସଫଳତା ପାଇଛନ୍ତି। ଶିକ୍ଷାଦାନଠାରୁ ଆରମ୍ଭ କରି ପ୍ରତିରକ୍ଷା, ମହାକାଶ ଯାନ ଭଳି ପ୍ରତି କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଯଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ ଆମ ଦେଶ ବିଭିନ୍ନ କ୍ଷେତ୍ରରେ ବିଶ୍ୱର ତୃତୀୟ ବୃହତ୍ତମ ରାଷ୍ଟ୍ର ଭାବେ ଉଭା ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୬୫ ପ୍ରତିଶତ ମହିଳା, ଯାହା ନାରୀଶିକ୍ଷା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ। ଏବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ପୋଲିସ ଓ ସେନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆମ ଝିଅମାନଙ୍କର ସାମର୍ଥ୍ୟ ଦେଖିବାକୁ ମିଳୁଛି। ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଗ୍ରହଣ କରାଯାଉଥିବା ସମସ୍ତ ପଦକ୍ଷେପ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ



'ତମସୋ ମା' ଜ୍ୟୋତିର୍ଗମୟ' ଉକ୍ତିକୁ ପ୍ରତିପାଦିତ କରୁଛି। ଗଞ୍ଜାମ କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ସମୃଦ୍ଧ। ଏହାର ମାଟି ହେଉଛି ବୀରଭୂମି ଓ ଅନେକ ମହାପୁରୁଷଙ୍କ କର୍ମଭୂମି। ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମାରୋହରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷାଲାଭ ସହ ସାମାଜିକ ଚିନ୍ତନ ଉପରେ ଧ୍ୟାନ ଦେବା ଉଚିତ। ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ରାଜ୍ୟରେ ଛାତ୍ରବୃତ୍ତି ଠାରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ ପୂର୍ବରୁ ମାତ୍ର ୩ରୁ ୪ଟି ବିଶ୍ୱବିଦ୍ୟାଳୟ ଥିଲା, କିନ୍ତୁ ଶିକ୍ଷା ମାନଚିତ୍ରରେ ଓଡ଼ିଶାର ସ୍ଥିତି ପରିବର୍ତ୍ତନ ହୋଇଛି। ଏବେ ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଠିଆ ହୋଇଛି, ଯାହା ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମନ୍ତେ ସହାୟକ ହୋଇପାରିବ ବୋଲି କହିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ.ରିତୁ ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୩୧ ଜଣଙ୍କୁ ସ୍ୱର୍ଣ୍ଣପଦକ, ୪୩ ଜଣଙ୍କୁ ପିଏଚ୍‌ଡ଼ି, ଜଣଙ୍କୁ ଡିଏସସି, ୩ ଜଣଙ୍କୁ ଡିଲିଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ୍, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରାଣା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଆଲୁମନି ତଥା ଉଦ୍‌ଘୋଷକ ଡ.ହୃଷୀକେଶ ପାଣିଗ୍ରାହୀଙ୍କ ସମେତ ପୂର୍ବତନ ବିଶ୍ୱବିଦ୍ୟାଳୟ ଅଧିକାରୀ, ଆର୍ମି ଏଡି କଲେଜ ଅଧିକାରୀ,ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାଗାବଳୀରେ ବୁଡ଼ିଗଲେ ୨ ନାବାଳିକା

**ରାୟଗଡ଼ା,୧।୩ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଚାନ୍ଦିଲିରେ ନାଗାବଳୀ ନଦୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ନାବାଳିକା ହେଲେ ଅନୁ ଅବଦୁଲ (୯) ଓ ହେମାଦେଇ ସୁନା (୧୦)। ଉଭୟ ସାନଚାନ୍ଦିଲି ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ମୃତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ନଦୀପଠାରେ ଧାରଣାରେ ବସିଥିଲେ। ଖବରପାଇ ଜେକେ କମ୍ପାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ମୃତାଙ୍କ ପରିବାରର ଜଣଙ୍କୁ ଯୋଗ୍ୟତା ଆଧାରରେ କମ୍ପାନୀରେ କାମ ଦେବା ସହ କ୍ଷତିପୂରଣ ବାବଦରେ ଟଙ୍କା ଦେବା ନେଇ କମ୍ପାନୀ କର୍ତ୍ତୃପକ୍ଷ ରାଜି ହେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

ଅନୁ ଓ ହେମାଦେଇ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ୨ ଜଣ ନଦୀରେ ଭାସିଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଖବରପାଇ କୋଲନରା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ଓ ଗ୍ରାମର ଯୁବକମାନେ ମିଶି ଖୋଜାଖୋଜି କରିବା ପରେ ଅନୁଙ୍କ ମୃତଦେହ ଠାବ ହୋଇଥିଲା। ବହୁ ବିଳମ୍ବରେ ଅପରାହ୍ନ ୩ଟାରେ ହେମାଦେଇଙ୍କ ମୃତଦେହ ଜବତ ହୋଇଥିଲା। ଖବରପାଇ ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି। ଏହି ଘଟଣାକୁ ନେଇ ସାନଚାନ୍ଦିଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ନଦୀର ଉକ୍ତ ସ୍ଥାନରେ ଜେକେ ପେପରମିଲ୍ ଆଡ଼ିବନ୍ଧ ବାନ୍ଧି କମ୍ପାନୀ ପାଇଁ ପାଣି ଉଠାଉଛି। ଫଳରେ ସେଠାରେ ଏକ ବିରାଟ ଖାଇ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକେ ଗାଧୋଇବା ସହ ଦୈନନ୍ଦିନ କାର୍ଯ୍ୟ ପାଇଁ ନାଗାବଳୀ ନଦୀ ଏକମାତ୍ର ସାହାରା ହୋଇଥିବା ବେଳେ ଉକ୍ତ ସ୍ଥାନରେ ସୁରକ୍ଷା ନେଇ କମ୍ପାନୀ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଗ୍ରାମବାସୀ କହିଛନ୍ତି।

# 'ଭାରତର ଅଭିବୃଦ୍ଧିରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'



**ଭୁବନେଶ୍ୱର,୧।୩(ଅସମାପିକା ସାହୁ)**

## କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା

ବିକଶିତ ଭାରତ ନିର୍ମାଣ ପାଇଁ କ୍ଷେତ୍ର ପ୍ରସ୍ତୁତି ନିମନ୍ତେ ଯେଉଁସବୁ ଆବଶ୍ୟକତା ରହିଛି ତାହା ଗତ ୧୦ବର୍ଷ ମଧ୍ୟରେ କରାଯାଇଛି। ଆମର ଅର୍ଥନୀତି ଅଧିକରୁ ଅଧିକ ଅନ୍ତର୍ଭୁକ୍ତିକରଣ ହେବା ଆବଶ୍ୟକ। ଭାରତର ଅଭିବୃଦ୍ଧିରେ ଯୁବଗୋଷ୍ଠୀ ବିଶେଷ କରି ଛାତ୍ରୀଛାତ୍ର ଓ ଉଚ୍ଚଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନଲେଜ୍ ଟ୍ରି ବକ୍ତୃତାମାଳାରେ ବକ୍ତୃତା ପ୍ରଦାନ କରି ସେ କହିଲେ, ବିକଶିତ ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ଚିନ୍ତାନାୟକ ଭାବେ ଉଭା ହେବାକୁ ଯାଉଛି। ବିଭିନ୍ନ କ୍ଷେତ୍ରରେ ଗବେଷଣା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ବରାଦ କରାଯାଇଛି। ଉଚ୍ଚ ଶିକ୍ଷଣ ସଂସ୍ଥାନ ଓ ଗବେଷଣା ଅନୁଷ୍ଠାନଗୁଡିକ ଏହାର ଫାଇଦା ନେବା ଆବଶ୍ୟକ। ଗବେଷଣାରେ ପୂର୍ବ ଭାରତ ଏକ ପ୍ରମୁଖ ହବ୍ ପାଲଟିବାକୁ ଯାଉଛି। ନୂତନ ଜ୍ଞାନ କୌଶଳ କ୍ଷେତ୍ରରେ ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଏକ ଭଲ ସ୍ଥାନରେ ରହିଛି। ଛାତ୍ରୀଛାତ୍ର ଜ୍ଞାନ ଆହରଣ ସହ ନିଜର ସାମଗ୍ରିକ ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏକ ସମୃଦ୍ଧ ଭାରତ ଗଠନ ନିମନ୍ତେ ସମାଜ ପ୍ରତି ନିଜର ଯୋଗଦାନ ନେଇ ଧ୍ୟାନ ଦେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। କିଟ୍ ଓ କିସ୍ ପରିଦର୍ଶନ ମୋତେ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିଛି। ଏଠାରେ ଅନ୍ତର୍ଭୁକ୍ତିକରଣ ଓ ସମ୍ଭାବ୍ୟ ବିବିଧତାକୁ ଗୁରୁତ୍ୱ ପ୍ରଦାନ କରାଯିବା ଖୁସିର ବିଷୟ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ସେ କିସ୍ ପରିଦର୍ଶନ କରି କିସ୍‌ର ୪୦ ହଜାର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମିଶ୍ର କହିଲେ, ଶିକ୍ଷା ହେଉଛି ସମାଜର ମୂଳଦୁଆ। ଶିକ୍ଷା ସମସ୍ତଙ୍କୁ ସଶକ୍ତ କରିଥାଏ। ଶିକ୍ଷା ଭବିଷ୍ୟତ ମାର୍ଗକୁ ପ୍ରଶସ୍ତ କରିଥାଏ। ଛାତ୍ରୀଛାତ୍ର ହେଉଛନ୍ତି ଭବିଷ୍ୟତ, ସେମାନେ କେବେ ବି ଶିକ୍ଷାର ମହତ୍ତ୍ୱକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।

# କୃଷି ଭବନ ବୁଲିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ଭୁବନେଶ୍ୱର,୧।୩(ଅସମାପିକା ସାହୁ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୁକ୍ରବାର କୃଷି ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କୃଷି ସମୀକ୍ଷା କେନ୍ଦ୍ର ବୁଲି ଦେଖିବା ସହିତ ଏହାର କାର୍ଯ୍ୟକାରିତା ସମ୍ପର୍କରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଡିଜିଟାଇଜେଶନ୍ ମାଧ୍ୟମରେ କୃଷିରେ ରୂପାନ୍ତରଣ ଆଣିବା ନିମନ୍ତେ କୃଷି ବିଭାଗ ପକ୍ଷରୁ କୃଷି ସମୀକ୍ଷା କେନ୍ଦ୍ର ନାମକ ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ସ୍ଥାପନ କରାଯାଇଛି। ଏହାଦ୍ୱାରା ପ୍ରକୃତ କ୍ଷେତ୍ରସ୍ତରୀୟ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରାଯାଇପାରୁଛି। ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମର ଉପଯୋଗ ଦ୍ୱାରା ବିଭାଗର ଅଧିକାରୀମାନେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ଡିଜାଇନ୍ ପରିକଳ୍ପନା ଆଧାରିତ ସର୍ବେକ୍ଷଣ କରିପାରୁଛନ୍ତି। ବାସ୍ତବ ସମୟର ତଥ୍ୟ ଏବଂ ଏହାର ଅପ୍‌ଡେଟ୍ ଆଧାରରେ କ୍ଷେତ୍ରର ସମସ୍ୟାକୁ ତୁରନ୍ତ ଚିହ୍ନଟ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଇପାରୁଛି। ଏହାଦ୍ୱାରା କୀଟପତଙ୍ଗର ପ୍ରାଦୁର୍ଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦି ସମୟରେ ଫସଲହାନିକୁ ବହୁ ପରିମାଣରେ ହ୍ରାସ କରାଯାଇପାରୁଛି ବୋଲି ଡ. ମିଶ୍ରଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସେ କୃଷି ଭବନ ପରିସରରେ ଥିବା ମିଲେଟ୍‌ସ କାଫେ ପରିଦର୍ଶନ କରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ପରିଦର୍ଶନ ସମୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓସେପାର ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଓଡ଼ିଶା ସୀମାନ୍ତ ଗାଁରେ ଅନୁପ୍ରବେଶ କଲେ ପାର୍ବତୀପୁରମ ଏସ୍‌ପି



ନେରିଡିବାଲସାରେ ଆରକ୍ଷୀ ଅଧୀକ୍ଷକ ବିକ୍ରାନ୍ତ ପାଟିଲଙ୍କ ସହ ଅନ୍ୟ ପୋଲିସ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରି ଆଲୋଚନା କରୁଛନ୍ତି।

**ପଟ୍ଟାଙ୍ଗି,୧।୩(ଶରତ ଧଳ)**

ଲୋକସଭା ଏବଂ ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକି ଥିବା ବେଳେ ଆନ୍ଧ୍ର ପୋଲିସ ବିଭାଗର ଉଚ୍ଚପଦାଧିକାରୀ ଓଡ଼ିଶାର ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ସ୍ଥିତି ଅନୁଧ୍ୟାନ କରିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଅଞ୍ଚଳରେ ନିର୍ବାଚନ ପାଇଁ ଆନ୍ଧ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ସନ୍ଦେହ ସୃଷ୍ଟି କରିଛି । ଖବରରୁ ଜଣାପଡ଼ିଛି, ପଡୋଶୀ ଆନ୍ଧ୍ରର ପାର୍ବତୀପୁରମ ମାନ୍ୟାମ ଜିଲାର ଆରକ୍ଷୀ ଅଧୀକ୍ଷକ ବିକ୍ରାନ୍ତ ପାଟିଲ ଶୁକ୍ରବାର ନିଜ କର୍ମଚାରୀଙ୍କୁ ନେଇ ଓଡ଼ିଶାର କୋଟିଆ ପଞ୍ଚାୟତ ଅଧୀନରେ ଥିବା ସୀମାନ୍ତ ନେରିଡିବାଲସା, ମାଡାକାର, ଉପରସେମ୍ଭି ସହ ଅନ୍ୟ କେତେକ ଗ୍ରାମ ଗସ୍ତ କରି ସେଠାକାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। କୋଟିଆ ପଞ୍ଚାୟତ ପାଇଁ ଆନ୍ଧ୍ର ପକ୍ଷରୁ ନିଯୁକ୍ତି ପାଇଥିବା ସିଆଇ ରୋହିନି ପାଥି ଏବଂ ଅନ୍ୟ ଅଧିକାରୀମାନେ ଗସ୍ତ କରିଥିବା ଗ୍ରାମଗୁଡିକର ବିଭିନ୍ନ ସମସ୍ୟା ନେଇ ଏହି ଅବସରରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ଆନ୍ଧ୍ର ପୋଲିସ ପ୍ରଶାସନ ପକ୍ଷରୁ ନେରିଡିବାଲସା ଗ୍ରାମରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର କରାଯାଇଥିଲା। ଏହାର ତିନି ଦିନ ପରେ ଆନ୍ଧ୍ର ପୋଲିସ ଅଧିକାରୀ କୋଟିଆ ପଞ୍ଚାୟତର ଗ୍ରାମଗୁଡିକରେ ଅନୁପ୍ରବେଶ କରିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମହିଁଷାମୁଣ୍ଡା ଗ୍ରାମର ଦୀପକ ବେହେରାଙ୍କ ଗର୍ଭବତୀ ସ୍ତ୍ରୀ ସସ୍ମିତାଙ୍କ ବୁଧବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ମତାନ୍ତରକୁ ନେଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ବୁଧବାର ରାତିରେ ଦୀପକ ବିବାହ ଭୋଜି ଖାଇ ବିଳମ୍ବରେ ଘରକୁ ଫେରିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୀପକ ସକାଳୁ ଉଠି ସ୍ତ୍ରୀ ସସ୍ମିତା ନିଜ ଶୋଇବା ଘରେ ପଙ୍ଖାରେ ଶାଢ଼ି ଲଗାଇ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ସସ୍ମିତା ୪ ମାସର ଗର୍ଭବତୀ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଇରା ପୋଲିସ ଏକ ମାମଲା(ନଂ. ୫୪/୨୪) ରୁଜୁ କରି ସ୍ୱାମୀ ଦୀପକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

# ପାଠ ପଢ଼ିବାକୁ ବାପା ତାଗିଦ୍ କରିବାରୁ ପୁଅଙ୍କ ଆତ୍ମହତ୍ୟା

**ସୋର, ୧।୩ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଜଣେ ଛାତ୍ର ତାଙ୍କ ବାପାଙ୍କ ତାଗିଦ୍ ସହି ନ ପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରଜଣକ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଯୁକ୍ତ ୨ରେ ପଢୁଥିଲେ। ଶୁକ୍ରବାର ସକାଳେ ତାଙ୍କ ବାପା ପାଠ ପଢ଼ିବାକୁ ନେଇ ତାଗିଦ୍ କରିବା ସହିତ ଗାଳିଗୁଲଜ କରିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଘର ବାଡ଼ିରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଝୁଲିପଡିଥିଲେ। ପରେ ତାଙ୍କ ବାପା ବାଡିକୁ ଯାଇ ପୁଅକୁ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ.୧୦।୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୪ରେ ପେନ୍‌ସନ ଭୋଗୀଙ୍କ ରାଜ୍ୟସ୍ତରୀୟ କନ୍‌ଭେନଶନ

**ଭୁବନେଶ୍ୱର,୧।୩(ଅନୁରାଧା ମହାରଣା)**

ରାଜ୍ୟର ୩.୫ ଲକ୍ଷ ପେନସନ ଭୋଗୀଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୪ ତାରିଖରେ ରାଜ୍ୟସ୍ତରୀୟ ଖୋଲା କନଭେନଶନ ଆୟୋଜନ କରାଯାଇଛି। ବିଭିନ୍ନ ସରକାରୀ ସୁବିଧାରୁ ପେନ୍‌ସନଭୋଗୀମାନେ ବଞ୍ଚିତ ହେଉଥିବା ଅଭିଯୋଗରେ ଲୋୟର ପିଏମଜିରେ ଏହି ସମାବେଶ ଆୟୋଜିତ ହେବ। ଏନେଇ ମହାସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଚିକିତ୍ସା ଭତ୍ତା – ସ୍ୱାସ୍ଥ୍ୟ ସେବା ଯୋଜନା ଓ ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗକୁ ପୁନଃ ସ୍ଥାପନ ଆଦି ମହାସଂଘର ଦାବି ରହିଛି। ତେବେ ଏଥିପାଇଁ ରାଜନୈତିକ ଦଳର ମୁଖ୍ୟଙ୍କ ସମର୍ଥନ ଲୋଡ଼ାଯାଇଛି।

# ୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

## ପ୍ରଶାସନିକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧।୩(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେଦିନ ପ୍ରଧାନମନ୍ତ୍ରୀ ତେଲଙ୍ଗାନା ରାଜ୍ୟରୁ କାର୍ଯ୍ୟକ୍ରମ ସାରି ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ଜିଲା ଚଣ୍ଡିଖୋଲ ଯାତ୍ରା କରି ଏକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ/ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଏକ ସାଧାରଣ ସଭାରେ ଯୋଗଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ସେ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ବିମାନ ଯୋଗେ କୋଲ୍‌କାତା ଅଭିମୁଖେ ଯାତ୍ରା କରିବେ।



ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ଆନୁଷଙ୍ଗିକ ପ୍ରଶାସନିକ ପ୍ରସ୍ତୁତି ଓ ସୁରକ୍ଷା ସମ୍ପର୍କିତ ତଦାରଖ ବ୍ୟବସ୍ଥା ବିଷୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶୁକ୍ରବାର ଲୋକସେବା ଭବନରେ ରାଜ୍ୟ ପ୍ରଶାସନ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ସହ ସବିଶେଷ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ପାଛୋଟି ନେବା ଓ ମେଲାଣି ଦେବା ସମୟରେ ସୁରକ୍ଷା ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କର ଜରୁରିକାଳୀନ ସାମୟିକ ରହଣି ବ୍ୟବସ୍ଥା, ପ୍ରସ୍ତୁତ ହେବାକୁ ଥିବା ମଞ୍ଚର ସୁରକ୍ଷା ଯାଞ୍ଚ, କାରକେଡ୍ ବ୍ୟବସ୍ଥା, ଭିଭିଆଇପି ଯାତ୍ରା ସମୟରେ ବିଭିନ୍ନ ସେବା ପାଇଁ ଆବଶ୍ୟକ ଯାନ ବ୍ୟବସ୍ଥା, ବ୍ୟବହୃତ ହେବାକୁଥିବା ହେଲିକପ୍ଟରର ନିରାପତ୍ତା, ଚିକିତ୍ସା ବ୍ୟବସ୍ଥା ପାଇଁ ଆମ୍ବୁଲାନ୍ସ ପ୍ରସ୍ତୁତି, କାର୍ଯ୍ୟକ୍ରମ ସ୍ଥଳ ନିକଟସ୍ଥ ଡାକ୍ତରଖାନାକୁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଭିଭିଆଇପିଙ୍କ ଦ୍ୱାରା ବ୍ୟବହୃତ ହେବାକୁଥିବା ସଡ଼କର ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ, ପରିମଳ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ନିଶ୍ଚିତ କରାଯିବା ସମ୍ପର୍କରେ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକ ଜେନେରେଟର ସୁବିଧା ସହ ୨ଟି ଅତିରିକ୍ତ ଜେନେରେଟରର ସୁବିଧା କରିବା ଓ ପ୍ରତ୍ୟେକ ସ୍ଥାନରେ ଏହାକୁ ପରିଚାଳନା କରିବା ପାଇଁ ୨ ଜଣ ଅପରେଟର ମୁତୟନ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣ, ବାରିକେଡିଂ ବ୍ୟବସ୍ଥା, ଆବଶ୍ୟକ ପାସ୍ ବ୍ୟବସ୍ଥା, ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୂଚନା ସରବରାହ ବ୍ୟବସ୍ଥା, ଅଗ୍ନିଶମ ସେବା ବ୍ୟବସ୍ଥା ଓ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁସାରେ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏହି ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ବରିଷ୍ଠ ଅଧିକାରୀ ଏବଂ ପୋଲିସ ଡିଜି ପ୍ରମୁଖ ଉପସ୍ଥିତ ଥିଲେ।

# ଫେବୃଆରୀରେ ୧,୬୮,୩୩୭ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୩ (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷର ଏକାଦଶ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଫେବୃଆରୀ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୬୮,୩୩୭ ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ରାଜସ୍ୱ ଆଦାୟ କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ୧୨.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଫେବୃଆରୀ ମାସରେ ସଂଗୃହୀତ ଟିକସ ପରିମାଣ ୧,୪୯, ୫୦୭ ଲକ୍ଷ କୋଟିଠାରୁ ୧୨.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ କ୍ରମାଗତ ୨୪ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୧୫ଥର ଲାଗି ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୯ମ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବା ମନ୍ତ୍ରଣାଳୟ ୱେବ୍‌ସାଇଟରୁ ଜଣାପଡ଼ିଛି।




ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀରେ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୮,୩୩୭ ଲକ୍ଷ କୋଟି ସଂଗ୍ରହ ହୋଇଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୧,୭୮୫ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୯,୬୧୫ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୪,୦୯୮ କୋଟି (ସାମଗ୍ରୀ ଆମଦାନୀରେ ୩୮,୫୯୩ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୮୯୩ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୯୮୪ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୪୧,୮୫୬ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୫,୯୫୩ କୋଟି ଟଙ୍କା ପରିଶୋଧ କରିଛନ୍ତି। ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ଏକାଦଶ ମାସରେ ପ୍ରାୟ ୫୧୩୬ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୫୧୯ କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ଆର୍ଥକ ବର୍ଷର ଫେବୃଆରୀ ଅବଧିରେ ୧୪% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧।୩

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୪୫ (୧୨୪୫.୦୫) ପଏଣ୍ଟ ବଢ଼ି ୭୩,୭୪୫(୭୩,୭୪୫.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୫୬(୩୫୫.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୩୩୯ (୨୨,୩୩୮.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ଜିଓ ପ୍ଲାଟ୍‌ଫର୍ମସକୁ ଏସିଆନ୍ ଟେଲିକମ୍ ଆୱାର୍ଡ

ନୂଆଦିଲ୍ଲୀ,୧।୩




ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ)କୁ ଏସିଆନ୍ ଟେଲିକମ୍ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ଏପରିକି ଜେପିଏଲ ଟେଲିକମ୍ କମ୍ପାନୀ ଅଫ୍ ଦି ଇୟରର ମାନ୍ୟତା ଲାଭ ବା ଆଖ୍ୟା ହାସଲ କରିଛି। ସେହିଭଳି ଜେପିଏଲର ଅଭିନବ ନବସୃଜନ ଯାତ୍ରାରେ ଏହା ଏକ ନୂତନ ମାଇଲଖୁଣ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ, ସିଙ୍ଗାପୁରର ମାରିନା ବେ ସ୍ୟାଣ୍ଡସ ଏକ୍ସପୋ ଓ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱର ସର୍ବବୃହତ୍ ୫ଜି ଷ୍ଟାଣ୍ଡ-ଏଲୋନ (ଏସ୍‌ଏ) କୋର ନେଟ୍‌ୱର୍କ ସ୍ଥାପନ କରିଥିବା ବେଳେ ଲକ୍ଷାଧିକ ଗ୍ରାହକଙ୍କୁ ଅନେକ ପ୍ରକାରର ସେବା ଓ ସୁବିଧା ଆଦି ଯୋଗାଇଦେବାର ଅଭିନବ ପଦକ୍ଷେପ ପାଇଁ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି ଏହା ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ରଣନୀତିକୁ ଦୂରଦୃଷ୍ଟି, ଇଞ୍ଜିନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଦୃଶ୍ୟପଟ୍ଟର ରୂପାନ୍ତରଣ ତଥା ଟେଲିକମ ଶିଳ୍ପ ପାଇଁ ଉତ୍କର୍ଷର ନୂତନ ମାନକ ସୃଷ୍ଟି କରିବାରେ ନେତୃତ୍ୱ ସ୍ଥାନକୁ ପ୍ରତିଫଳିତ କରୁଛି।

# ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ପୁରସ୍କାର

ଭୁବନେଶ୍ୱର,୧।୩ (ଅଭୟ ଦାଶ)



ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଭାରତୀୟ କ୍ରୀଡ଼ାକ୍ଷେତ୍ରରେ କମ୍ପାନୀର ଉଲ୍ଲେଖନୀୟ ଅବଦାନ ଓ କାର୍ଯ୍ୟ ପାଇଁ ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ-୨୦୨୪ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀର ଏସିପି ସାଇବର ସେଲ୍ (କ୍ରାଇମବ୍ରାଞ୍ଚ) ସନ୍ଦୀପ ମାଲହୋତ୍ରାଙ୍କଠାରୁ ଜେଏସ୍‌ପିର ଗ୍ରୁପ୍ ଚିଫ୍ ଡିଜିଟାଲ୍ ଅଫିସର ଇନ୍ଦ୍ରଦ୍ୟୁମ୍ନ ଦତ୍ତା ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ଜେଏସ୍‌ପିର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜେଏସ୍‌ପି ତା'ର ସାମାଜିକ ସଂସ୍ଥା ଜେଏସ୍‌ପି ଫାଉଣ୍ଡେଶନ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତୀକରଣ କରିବା ଏବଂ ସ୍ଥାନୀୟ ଯୁବକମାନଙ୍କୁ ରାଜ୍ୟ ତଥା ଦେଶ ପାଇଁ କ୍ରୀଡ଼ା ପଦକ ହାସଲ (ଜିତିବା)ରେ ସକ୍ଷମ କରାଇବା ସହିତ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଆସୁଛି। ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଲୋକଙ୍କୁ ପ୍ରେରଣା ଯୋଗାଇବା, ସଶକ୍ତୀକରଣ ଏବଂ ଏକଜୁଟ କରିବା ସହିତ କ୍ରୀଡ଼ାର ପ୍ରଭାବି ସମ୍ଭାବନା ଉପରେ ଆମେ ବିଶ୍ୱାସ କରୁ। ଗ୍ରାମାଞ୍ଚଳ ଏବଂ ଆଦିବାସୀବହୁଳ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଭବିଷ୍ୟତର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଆମର ପ୍ରୟାସ ଜାରି ରଖିବାକୁ ଏହି ପୁରସ୍କାର ଆମକୁ ଅଧିକ ପ୍ରେରଣା ଯୋଗାଇବ। ଏହି ସମ୍ମାନ ପାଇଁ ସେ ଜୁରି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୁବର୍ଣ୍ଣପୁରରେ ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ)




ଅରୁନ୍ଧତୀ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍ (ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପ)କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ୫୫ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଅଞ୍ଚଳର ବୁଣାକାର ପରିବାରଙ୍କୁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଟାଉନ ହଲ୍ ପରିସରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୋନପୁର ବ୍ଲକର ଛେପାପାଲିଠାରେ ୧୦ ଏକର ପରିମିତ ଜମିରେ ଅତ୍ୟାଧୁନିକ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା ହେବ। ଏଥିରେ ୩ ହଜାର ହ୍ୟାଣ୍ଡଲୁମ୍ ରହିବ। ଏହି ପ୍ରକଳ୍ପରେ ୫ ହଜାର ବୁଣାକାରଙ୍କୁ ନିଯୁକ୍ତି ମିଳିବ ବୋଲି ସୂଚନା ଦିଆଯାଇଥିଲା। ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଥିଲେ, ସୋନପୁର ଏକ ସର୍ବପୁରାତନ ପ୍ରାଚୀନ ସଂସ୍କୃତି ଓ ଐତିହ୍ୟର କେନ୍ଦ୍ରସ୍ଥଳୀ। ଏଠାକାର ପାରମ୍ପରିକ ବୟନ ହସ୍ତଶିଳ୍ପ ଓ ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ପୁରାତନ ଯୁଗରୁ ପ୍ରଚଳିତ ହୋଇ ଆସୁଥିବା ଏହି ସୌଖୀନ କାରିଗରି କୌଶଳକୁ ଆଗେଇ ନେବା ପାଇଁ ଚେଷ୍ଟା କରାଯିବ। ପାରମ୍ପରିକ ହସ୍ତଶିଳ୍ପ ପ୍ରକ୍ରିୟାରେ ସ୍ଥିରତା, ନବସୃଜନତା ଓ ସଶକ୍ତୀକରଣ ଆଣିବା ହେଉଛି ଆମର ମୂଳଲକ୍ଷ୍ୟ। ଯୁବପିଢ଼ିମାନଙ୍କୁ ପାରମ୍ପରିକ ବାନ୍ଧକଳା ପ୍ରତି ଆକୃଷ୍ଟ କରିବା ସହ ଆମ ନିଜ ବୁଣାକାର ସମ୍ପ୍ରଦାୟର ଜୀବନ ଜୀବିକାକୁ ସମୃଦ୍ଧ କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ବାନ୍ଧକଳା ପ୍ରକଳ୍ପର ମୁଖ୍ୟ ରବିଶ ଟଣ୍ଡନ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ସମେତ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା।

ଫୁର୍‌ସତ୍

# ପତଳା ହୋଇଯିବାରୁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ



ଆଜିର ସମୟରେ ସମସ୍ତେ ପତଳା ହେବାକୁ ଚାହାନ୍ତି। ଲୋକମାନେ ଏଥିପାଇଁ କେତେ କ'ଣ ଉପାୟ କରନ୍ତି। ପତଳା ହେବା ଏବଂ ଫିଟ୍ ରହିବା ମଧ୍ୟରେ ପାର୍ଥକ୍ୟ ଅଛି। ନଚେତ ଆପଣ ମଧ୍ୟ ଏହି ବ୍ୟକ୍ତିଙ୍କ ପରି ଅସୁବିଧାରେ ପଡ଼ିପାରନ୍ତି। ଜଣେ ବ୍ୟକ୍ତି ଏତେ ପତଳା ହୋଇଗଲେ ଯେ, ତାଙ୍କୁ ଗାଡ଼ି ଚଳାଇବାକୁ ବାରଣ କରାଯାଇଥିଲା। ଏପରିକି ତାଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଥିଲା। ଏହି କାରଣରୁ ସେ ବହୁ ବର୍ଷ ଧରି ତାଙ୍କ କାର୍ ଚଳାଇ ପାରି ନ ଥିଲେ। ପୂରା ଘଟଣା ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏକ ରିପୋର୍ଟ ଅନୁଯାୟୀ, ବ୍ରିଟେନର ବାସିନ୍ଦା ଜୋ ରୋଜର୍ସଙ୍କ ସହ ଏହି ଘଟଣା ଘଟିଛି। ବାସ୍ତବରେ, ସେ ଆନୋରେକ୍ସିଆ ନାମକ ଏକ ରୋଗରେ ପୀଡ଼ିତ ଥିଲେ। ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ସର୍ବଦା ଓଜନ ବଢ଼ିବାର ଭୟ ଥାଏ, ଯେଉଁଥିପାଇଁ ସେମାନେ ଖାଇବା ବନ୍ଦ କରିଦିଅନ୍ତି। ଅନେକ ଥର ଖାଦ୍ୟ ଖାଇବା ପରେ ସେମାନେ ବାନ୍ତି କରନ୍ତି। ଅନେକ ଲୋକ ଭୋକରେ ଥାଇ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ । ରୋଜର୍ସଙ୍କ ସହ ମଧ୍ୟ ସମାନ ଘଟଣା ଘଟିଥିଲା। ନ ଖାଇବା କାରଣରୁ ତାଙ୍କ ଓଜନ ହ୍ରାସ ପାଇଲା। ଜୋ ରୋଜର୍ସ କହିଛନ୍ତି, ମା' ପ୍ରଥମେ ତାଙ୍କ ଅସୁସ୍ଥତା ବିଷୟରେ ଜାଣିଥିଲେ। ସେ ଦେଖିଲେ ମୋର ଖାଇବା ପଦ୍ଧତି ବଦଳି ଯାଇଛି। ମୁଁ ମା' ସହିତ ମ୍ୟାକଡୋନାଲ୍ଡ ଗଲି। ସେଠାରେ ସବୁକିଛି ଥିଲା, କିନ୍ତୁ ମୁଁ କହିଲି ଯେ ମୁଁ କିଛି ଖାଇବାକୁ ଚାହୁଁ ନାହିଁ। ମାମଲା ସେଠାରେ ଶେଷ ହୋଇ ନ ଥିଲା। ଘରକୁ ଆସିବା ପରେ ମଧ୍ୟ ସମାନ ଅଭ୍ୟାସ ଜାରି ରହିଲା। ରୋଜର୍ସ ଖାଇବା ଛାଡିଦେଇଥିଲେ। ସେ ଖାଇବାକୁ ଛଳନା କରୁଥିଲେ ବୋଲି କହିଛନ୍ତି। କମ୍ ଓଜନ ଲୁଚାଇବା ପାଇଁ ସେ ବ୍ୟାଗି ପିନ୍ଧୁଥିଲେ। ଶେଷରେ ଡାକ୍ତରଙ୍କ କଠିନ ପରିଶ୍ରମ ହେତୁ ସେ ସୁସ୍ଥ ହୋଇପାରିଛନ୍ତି।




# ଫିଲ୍ମକୁ ନେଇ ପଶ୍ଚାତାପ କରୁଛନ୍ତି ଅନନ୍ୟା



**ମୁମ୍ବାଇ:** ଅନନ୍ୟା ପାଣ୍ଡେ ୨୦୧୯ରେ 'ଷ୍ଟୁଡେଣ୍ଟ ଅଫ ଦି ଇୟର ୨' ସହିତ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ତେବେ ସେ 'ଗେହରିୟାନ' ଏବଂ 'ଖୋ ଗଏ ହମ କାହାଁ' ଭଳି ମୁଭି ସହିତ ନିଜର ପରିଚୟ ସୃଷ୍ଟି କରିଥିଲେ। ଅନନ୍ୟା ସ୍ୱୀକାର କରିଛନ୍ତି ଯେ, ସେ ଅତୀତରେ କିଛି ପ୍ରୋଜେକ୍ଟ ନେଇଥିଲେ ଯାହା ସଂପୂର୍ଣ୍ଣ ଠିକ ନୁହେଁ। ନିକଟରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଅଭିନେତ୍ରୀ କହିଥିଲେ, ଉତ୍ସାହ ନ ଥିବା ଏକ ଫିଲ୍ମରେ କାମ କରିବାରୁ ତାହା ସଫଳ ହୋଇ ନ ଥିଲା। ବୋଧହୁଏ ଭୁଲ କାରଣରୁ ମୁଁ ଏହା କରିଥିଲି ଏବଂ ମୁଁ ସବୁବେଳେ ଜାଣିଥିଲି ଯେ ମୋ ହୃଦୟର କୌଣସି ସ୍ଥାନରେ ଏଥିପାଇଁ ପଶ୍ଚାତାପ ରହିଛି ବୋଲି ଅଭିନେତ୍ରୀ କହିଛନ୍ତି। ଏହା କେବଳ ମୋ ଉପରେ ମୋର ବିଶ୍ୱାସକୁ ଦୃଢ କରିଦେଇଛି ଯେ, ତୁମକୁ କେବଳ ତୁମର ପ୍ରବୃତ୍ତି ସହିତ ଯିବାକୁ ପଡିବ। ଭଲ ଲୋକଙ୍କ ସହିତ କାମ କରିବା, ବିଶ୍ୱାସ କରୁଥିବା ସ୍କ୍ରିପ୍ଟ କରିବା ସର୍ବଦା କୌଣସି ପ୍ରକାରେ ଲାଭଦାୟକ ଅଟେ। ଚଳଚ୍ଚିତ୍ର ନିର୍ମାତା ବିକ୍ରମାଦିତ୍ୟ ମୋଟୱାନେ ତାଙ୍କୁ ବୁଝିବାରେ ସାହାଯ୍ୟ କରିଛନ୍ତି ଯେ ଅନ୍ୟମାନଙ୍କ ମତାମତକୁ ବିଚାର ନ କରି ସ୍କ୍ରିପ୍ଟ ବିଷୟରେ ନିଷ୍ପତ୍ତି ନେବା ଉଚିତ। ତେଣୁ ମୁଁ ଯାହାବି କରେ ସେଥିରେ ଉନ୍ନତି ହେବା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତ୍ୟେକ ଥର ଯେତେବେଳେ ମୁଁ ଏକ ସ୍କ୍ରିପ୍ଟ ବାଛିଥାଏ, ସେଥିପାଇଁ ବୋଧହୁଏ ସେ କହିଥିଲେ ଯେ ମୁଁ ମୋ ଚାରିପାଖରେ ଥିବା ଅନେକ ଲୋକଙ୍କ କଥା ଶୁଣେ ନାହିଁ । ଏହା ଭିତରୁ ଆସିବାକୁ ପଡିବ। ଯଦି ମୁଁ ଆପଣଙ୍କୁ କିଛି କରିବାକୁ ମନାଇବା ଆବଶ୍ୟକ କରେ, ଏହା କଦାପି ଠିକ ନୁହେଁ ବୋଲି ସେ କହିଛନ୍ତି। ଅଭିନେତ୍ରୀ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଅଭିଜ୍ଞତାରୁ ସେ ଜାଣିବାକୁ ପାଇଛନ୍ତି ଯେ ଏହି ପଦକ୍ଷେପ ସର୍ବଦା ତାଙ୍କଠାରୁ ଆସିବା ଉଚିତ। ସବୁବେଳେ କିଛି ନୂଆ ହେବା ଉଚିତ ଯାହାକି ସେ ଯୋଗଦାନ କରୁଛନ୍ତି କିମ୍ବା ସେ କରୁଥିବା ପ୍ରତ୍ୟେକ ପ୍ରୋଜେକ୍ଟରୁ ସେ କିଛି ନୂଆ ଶିଖୁଛନ୍ତି । ୨୦୧୯ରେ କରଣ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ଅଭିନୟ କରିବା ପରେ ଅନନ୍ୟାଙ୍କୁ ପତି ପତ୍ନୀ ଔର ୱୋ, ଖାଲି ପିଲି, ଗହରାୟାଁ, ଲିଗର ଏବଂ ଡ୍ରିମ ଗାର୍ଲ ୨ ଭଳି ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କର ଚଳଚ୍ଚିତ୍ର 'ଖୋ ଗଏ ହମ କାହାଁ' ଓଟିଟି ରେ ରିଲିଜ ହେବା ପରେ ଆଲୋଡ଼ନ ସୃଷ୍ଟି କରିଥିଲା।

# ଏଥର କିଡ୍‌ନୀ ବାହାରକୁ ଯାଉନାହିଁ

**ଦାନ ସୂତ୍ରରେ ମିଳୁଥିବା ଓଡ଼ିଶାର ବ୍ରେନ୍ ଡେଡ୍ (ମସ୍ତିଷ୍କ ମୃତ) ବ୍ୟକ୍ତିଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଭିତ୍ତିଭୂମି ଅଭାବ ଦର୍ଶାଇ ବାହାର ରାଜ୍ୟକୁ ଚାଲାଣ ହୋଇଆସୁଛି। ସଦ୍ୟ ଉଦାହରଣ ଭାବେ ଜଣେ ଓଡ଼ିଆଙ୍କ ଲିଭର (ଯକୃତ)କୁ ଓଡ଼ିଶାରେ ଉପଯୋଗ କରା ନ ଯାଇ ଗତ ଫେବୃଆରୀ ୨୩ରେ ଭୁବନେଶ୍ୱର ଏମ୍ସରୁ ନୂଆଦିଲ୍ଲୀ ପଠାଯାଇଛି। ଏନେଇ ଧରିତ୍ରୀରେ 'ଓଡ଼ିଶାର ଅଙ୍ଗପ୍ରତ୍ୟଙ୍ଗ ଯାଉଛି ଦିଲ୍ଲୀ' ଶୀର୍ଷକ ଖବର ଗତ ୨୪ ତାରିଖରେ ପ୍ରକାଶ ପାଇଛି। ଏହାପରେ ସରକାରୀ ତତ୍ପରତା ପ୍ରକାଶ ପାଇବା ସହ ବ୍ରେନ୍ ଡେଡ୍ ଘୋଷିତ ଆଉ ଜଣେ ଓଡ଼ିଆଙ୍କ ୨ କିଡ୍‌ନୀ(ବୃକ୍କ)କୁ ବାହାରକୁ ପଠା ନ ଯାଇ ଓଡ଼ିଶାର ଦାବିଦାରଙ୍କ ଶରୀରରେ ପ୍ରତିରୋପଣ ପାଇଁ ପଦକ୍ଷେପ ନିଆଯାଇଛି। ସେଥିରୁ ଗୋଟିଏ କିଡ୍‌ନୀ କଟକ ଏସ୍‌ସିବି ମେଡିକାଲ ଏବଂ ଅନ୍ୟଟି ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ଦିଆଯାଇଛି। କିଡ୍‌ନୀ କ୍ରସ୍‌ମ୍ୟାଚିଂ ପରେ ତାହା ଯୋଗ୍ୟ ବ୍ୟକ୍ତିଙ୍କ ଶରୀରରେ ଲାଗିବ ବୋଲି ଜଣାପଡ଼ିଛି।**


ଶ୍ରୀଓମ୍ ଶିବୁ

- **ଶ୍ରୀଓମ୍‌ଙ୍କ କିଡ୍‌ନୀ ବଞ୍ଚାଇବ ୨ ଜୀବନ**
- **ଗୋଟିଏ ଏସ୍‌ସିବିରେ, ଅନ୍ୟଟି ଆପୋଲୋ ହସ୍ପିଟାଲ ପଠାଗଲା**

କଟକ/ପଟ୍ଟାମୁଣ୍ଡାଇ, ୧।୩
(ଶିଳ୍ପା ପ୍ରିୟଦର୍ଶିନୀ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶ୍ରୀଓମ୍ ଶିବୁ(୧୮)ଙ୍କ ମୃତ୍ୟୁ ପରେ ତାଙ୍କ କିଡ୍‌ନୀ ୨ଜଣଙ୍କ ଜୀବନ ବଞ୍ଚାଇବାକୁ ଯାଉଛି। ରମେଶ ଚନ୍ଦ୍ର ଦାସ ଓ ରଶ୍ମିତା ଦାସଙ୍କ ପୁଅ ଶିବୁଙ୍କର ମୁଣ୍ଡ ବିନ୍ଧିବା ସହ ଆଖିକୁ ସ୍ପଷ୍ଟ ଭାବେ ଦେଖାଯାଇ ନ ଥିଲା। ଗତ ଜାନୁଆରୀ ୧୭ରେ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗକୁ ଶିବୁ ଚିକିତ୍ସା ପାଇଁ ଆସିଥିଲେ। ପରୀକ୍ଷା ନିରୀକ୍ଷା ପରେ ସେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ (ବ୍ରେନ୍ ଡେଡ୍) ଘଟିଥିଲା। ଏହାପରେ ଶିବୁଙ୍କ ମା'ବାପା ପୁଅର କିଡ୍‌ନୀ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ଏବଂ ଷ୍ଟେଟ୍ ଅର୍ଗାନ ଆଣ୍ଡ୍ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ଏସ୍‌ଓଟିଟିଓ) ଟିମ୍ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁକ୍ରବାର ଶିବୁଙ୍କ ଶରୀରରୁ ଦୁଇଟି କିଡ୍‌ନୀ ବାହାର କରାଯାଇ ଗୋଟିଏ ଏସ୍‌ସିବି ମେଡିକାଲରେ ରଖାଯାଇଥିବାବେଳେ ଅନ୍ୟଟି ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ପଠାଯାଇଛି। ଏହି ସମସ୍ତ ପ୍ରକ୍ରିୟା ପାଇଁ ୨ରୁ ଅଢ଼େଇ ଘଣ୍ଟା ସମୟ ଲାଗିଛି। ଏହି ପ୍ରକ୍ରିୟାରେ ନେଫ୍ରୋଲୋଜି ବିଭାଗ, ୟୁରୋଲୋଜି ବିଭାଗର ଡାକ୍ତର ନିୟୋଜିତ ଥିଲେ। ଏବେ ଏହି କିଡ୍‌ନୀର କ୍ରସ୍‌ମ୍ୟାଚ ପାଇଁ ଅପେକ୍ଷା କରାଯାଇଛି। ଯେଉଁ ବ୍ୟକ୍ତିଙ୍କ ସହ ମେଳ ଖାଇବ ତାଙ୍କ ଶରୀରରେ ଉକ୍ତ କିଡ୍‌ନୀ ପ୍ରତିରୋପଣ କରାଯିବ ବୋଲି ଏସ୍‌ସିବି ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସମୀର ସ୍ୱାଇଁ କହିଛନ୍ତି।

ଅପରପକ୍ଷରେ ଏସ୍‌ସିବି ମେଡିକାଲ ପରିସରରେ ଶିବୁଙ୍କ ମରଶରୀରକୁ ସୁରକ୍ଷାକର୍ମୀଙ୍କ ଦ୍ୱାରା ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କ ସମେତ ମେଡିକାଲର ସମସ୍ତ ଡାକ୍ତର ଉପସ୍ଥିତ ରହିଥିଲେ। ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଶିବୁଙ୍କ ପରିବାର ଲୋକେ ଏଭଳି ନିଷ୍ପତ୍ତି ନେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ସରକାରଙ୍କ ନିୟମ ଅନୁଯାୟୀ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବା ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ ଯୋଗାଯୋଗ କରିଛୁ। ଏସ୍‌ସିବି ମେଡିକାଲରୁ ଶିବୁଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ସହ ପଠାଯାଇଛି।

ସୂଚନାଯୋଗ୍ୟ, ଶିବୁ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଶିବୁଙ୍କ ବାପା ରମେଶ କହିଛନ୍ତି, ପୁଅର ବହୁତ ଇଚ୍ଛା ଥିଲା ପାଠ ପଢ଼ି ଭଲ ମଣିଷ ହେବ ଏବଂ ଉଚ୍ଚ ପଦବୀରେ ଚାକିରି କରିବ। ଯୁକ୍ତ୨ ପଢ଼ିବା ସହ ସେ ଏନ୍‌ଆଇଟି ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା। ହେଲେ ପୁଅର ଇଚ୍ଛା ଅଧାରେ ରହିଗଲା। ମୋ ପୁଅର କିଡ୍‌ନୀ ଆଉ କାହା ପରିବାରରେ ସୁଖ ଫେରାଇ ଆଣିବ, ସେଥିପାଇଁ ଏଭଳି ନିଷ୍ପତ୍ତି ନେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନେ ଖାଇଲେ ନୁହଇ ଗଣ୍ଡି
ଝୁରି ମରୁଥାଇ ପୂରୁବ ଖଣ୍ଡି।**

ଦିନେ ଅଧେ ଭଲ ସ୍ୱାଦିଷ୍ଟ ଖାଦ୍ୟ ଖାଇଦେଲେ ଯେ ସ୍ୱାସ୍ଥ୍ୟ ଲାଗିଯିବ ସେଭଳି ଭାବିବା ମୂର୍ଖାମି ହୋଇଥାଏ। ପରନ୍ତୁ ଭଲ ଭଲ ସୁଆଦିଆ ଜିନିଷ ଥରେ ପାଟିରେ ଲାଗିଗଲେ ସେଭଳି ଖାଦ୍ୟ ପ୍ରତି ମନରେ ଏକପ୍ରକାର ଲାଳସା ଭାବନା ଆସିଯାଏ, ସବୁଦିନେ ସେପରି ଜିନିଷ ଖାଇବାକୁ ମନ ଝୁରିହୁଏ। ତେଣୁ ନିଜର ଯେତିକି ଅଛି ସେତିକିରେ ଖାଇ ପିଇ ସନ୍ତୁଷ୍ଟ ରହିବା ହିଁ ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାଉ ପଡିଥିବ ଯେତିକି ବେଳେ
ବିଧାଏ ମାରିବ ସେତିକି ବେଳେ।**

ଶତ୍ରୁତା ସାଧି ପାରୁ ନ ଥିବା ବ୍ୟକ୍ତି ଶତ୍ରୁର ଅସୁବିଧା ସମୟକୁ ଚାହିଁ ବସିଥାଏ। ସେଭଳି ସୁଯୋଗ ମିଳିଲା ମାତ୍ରେ ତା'ପ୍ରତି ଆକ୍ରୋଶ ସାଧିବାକୁ ଉପଯୁକ୍ତ ସମୟ ମନେକରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବବର୍ଗଙ୍କୁ ଆର୍ଥିକ ସଶକ୍ତ କରିବ: ଧର୍ମେନ୍ଦ୍ର



୧୦୦-କ୍ୟୁବ୍ କନ୍‌କ୍ଲେଭ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

■ ଆଇଆଇଏମ୍‌ରେ ୧୦୦-କ୍ୟୁବ ଷ୍ଟାର୍ଟଅପ୍ କନ୍‌କ୍ଲେଭ ଉଦ୍‌ଘାଟିତ
■ ଆଇଆଇଏମ୍ ସମ୍ବଲପୁର ସହ ଏକାଧିକ କମ୍ପାନୀର ଏମ୍‌ଓୟୁ

ସମ୍ବଲପୁର,୧।୩ (ପ୍ରମୋଦ ବହିଦାର)

ସମ୍ବଲପୁର ବସନ୍ତପୁରସ୍ଥିତ ଆଇଆଇଏମ୍‌ରେ ଶୁକ୍ରବାର ଅପରାହ୍ନରେ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭର ଶୁଭାରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଏଠାରେ ସ୍ଥାପିତ ଆଇ-ହବ୍ ଫାଉଣ୍ଡେଶନ ଓ ପରେ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭକୁ ଉଦ୍‌ଘାଟନ କରିଥିଲେ। ସମବେତ ନିବେଶକ, ଉଦ୍ୟୋଗୀ ତଥା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ଷ୍ଟାର୍ଟଅପ୍ କନ୍‌କ୍ଲେଭ ଦ୍ୱାରା ଏଠାରେ ନିଯୁକ୍ତିର ବ୍ୟାପକ ସମ୍ଭାବନା ସୃଷ୍ଟି ହେବା ସହ ସମାଜର ସବୁ ଶ୍ରେଣୀର ବ୍ୟକ୍ତି ବିଶେଷକରି ଯୁବବର୍ଗ ଆର୍ଥିକ ଭାବେ ସଶକ୍ତ ହୋଇପାରିବେ। ଏହାସହ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହୋଇପାରିବ। ବୟନଶିଳ୍ପ, କୃଷି, ଖଣି ଓ ଖଣିଜ ସମ୍ପଦ ଷ୍ଟାର୍ଟଅପ ପାଇଁ ଏକ ପ୍ରାକୃତିକ ଉପାଦାନ ହୋଇଥିବା ବେଳେ ଏହାର ଉପଯୋଗ ପାଇଁ ଆଇଆଇଏମ୍ ସମ୍ବଲପୁର ଏକ ପ୍ରକୃଷ୍ଟ ଶିକ୍ଷାନୁଷ୍ଠାନ ବୋଲି ସେ କହିଛନ୍ତି। ଏଠାରେ ଶୁଭାରମ୍ଭ ହୋଇଥିବା ଆଇ-ହବ୍ ଉକ୍ତ ପ୍ରାକୃତିକ ସମ୍ପଦର ସୁବିନିଯୋଗ ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ବଜାରଠାରୁ ଆରମ୍ଭ କରି ବୈଷୟିକ ଜ୍ଞାନକୌଶଳ ତଥା ବ୍ୟବସାୟିକ ସହାୟତା ଯୋଗାଇଦେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏମ୍ ମୁମ୍ବାଇର ନିର୍ଦ୍ଦେଶକ ପ୍ରଫେସର ମନୋଜ କୁମାର ତିୱାରୀ, କୋଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପି.ଏମ୍. ପ୍ରସାଦ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ, ବଜାଜ ଫିନସର୍ଭର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବଜାଜ, ପେରୀ ଏଣ୍ଟରପ୍ରାଇଜର୍ସର ରଶ୍ମି ରଞ୍ଜନ ମହାପାତ୍ର, ମାଷ୍ଟର ୱେଭର ସୁଲୋଚନା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ଅଭିଯାନ ଅନ୍ତର୍ଗତ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏଠାରେ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭର ଶୁଭାରମ୍ଭ ହୋଇଛି। ଆଗାମୀ ୨୦୩୬ରେ ଓଡ଼ିଶା ଗଠନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ୧୦୦ଟି ଉଦ୍ୟୋଗର କାରବାର ୧୦୦ କୋଟି କରିବା ଲକ୍ଷ୍ୟରେ ଷ୍ଟାର୍ଟଅପ୍ କନ୍‌କ୍ଲେଭକୁ ସମ୍ବଲପୁର ଓ ମୁମ୍ବାଇ ଆଇଆଇଏମ୍ ସହିତ ଭୁବନେଶ୍ୱର ଆଇଆଇଟି ଓ ରାଉରକେଲା ଏନ୍‌ଆଇଟିର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି। ଏହି ଅବସରରେ ଆଇଆଇଏମ୍ ସମ୍ବଲପୁର ସହିତ ଏକାଧିକ ଏମ୍‌ସିଏଲ୍, ରାଉରକେଲା ଏନ୍‌ଆଇଟି, କୋଲ୍ ଇଣ୍ଡିଆ ଭଳି ବିଭିନ୍ନ କମ୍ପାନୀ ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

## କମର୍ସିଆଲ ଗ୍ୟାସ୍ ୨୫ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୧।୩



କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଦରରେ ବୃଦ୍ଧି ଘଟୁଛି। ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଶୁକ୍ରବାର ୨୦୨୪ ଫେବୃଆରୀ ମାସ ପାଇଁ ନୂତନ ଗ୍ୟାସ୍ ଦର ସୂଚୀ ପ୍ରକାଶ କରାଯାଇଛି। ଉକ୍ତ ସୂଚୀ ଅନୁଯାୟୀ, ନୂଆଦିଲ୍ଲୀରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଉପରେ ୨୪.୫୦ ଟଙ୍କା ବଢ଼ି ୧୭୯୫ରେ ପହଞ୍ଚିଛି। ଅପରପକ୍ଷରେ କୋଲ୍‌କାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୯୧୧, ୧୭୪୯ ଏବଂ ୧୯୬୦.୫୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ପୂର୍ବଭଳି ସ୍ଥିର ରହିଛି। ଏପରିକି ନୂଆଦିଲ୍ଲୀ, କୋଲ୍‌କାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୯୦୩, ୯୨୯, ୯୦୨.୫୦ ଏବଂ ୯୧୮.୫୦ଟଙ୍କାରେ କାରବାର ହେଉଛି। ସେହିପରି ଭୁବନେଶ୍ୱର (ଓଡିଶା)ରେ କର୍ମସିଆଲ ଗ୍ୟାସ (୧୯ କି.ଗ୍ରା) ଦର ୨୪.୫୦ ଟଙ୍କା ବଢି ୧୯୪୮ ଟଙ୍କାରେ କାରବାର ହେଉଥିବାବେଳେ କଟକରେ ପ୍ରାୟ ୧୯୫୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେଜି) ଦର ୯୨୯ ଏବଂ ୯୩୦ ଟଙ୍କା ରହିଛି ବୋଲି ଗ୍ୟାସ ବିତରଣସଂସ୍ଥାର ଡିଲରମାନେ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ମୁତୟନ ହେବେ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ

ଭୁବନେଶ୍ୱର,୧।୩ (ସୁନିତ୍ ମିଶ୍ର)

ଓଡ଼ିଶାରେ ଏକକାଳୀନ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ୭୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ (ସିଆର୍‌ପିଏଫ୍) ମୁତୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଶୁକ୍ରବାର ସୁଦ୍ଧା ରାଜ୍ୟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଓ ସୀମା ସୁରକ୍ଷା ବାହିନୀର ୫୦ କମ୍ପାନୀ ଫୋର୍ସ ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି। ୨ୟ ପର୍ଯ୍ୟାୟ ତଥା ମାର୍ଚ୍ଚ ୭ ତାରିଖ ସୁଦ୍ଧା ଅବଶିଷ୍ଟ ସୀମା ସୁରକ୍ଷା ବାହିନୀ(ବିଏସ୍ଏଫ୍), କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ(ସିଆର୍‌ପିଏଫ୍) ଓ କେନ୍ଦ୍ରୀୟ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ(ସିଆଇଏସ୍ଏଫ୍)ର ୨୫ଟି କମ୍ପାନୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମୁତୟନ କରାଯିବା ପାଇଁ ସ୍ଥିର ହୋଇଛି। ଏହା ବ୍ୟତୀତ ପୁରୀ, ଯାଜପୁର, ସମ୍ବଲପୁର, ଭୁବନେଶ୍ୱର ଓ କଟକ ଜିଲା ପାଇଁ ଗୋଟିଏ ଲେଖାଏଁ କମ୍ପାନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍) ଓ ରାଉରକେଲା, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଏବଂ ବ୍ରହ୍ମପୁର ପାଇଁ ଗୋଟିଏ ଲେଖା କମ୍ପାନୀ ସୀମା ସୁରକ୍ଷା ବାହିନୀ ମୁତୟନ କରାଯିବା ପାଇଁ ସ୍ଥିର କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪.୪୧ ଲକ୍ଷ ଟଙ୍କା ଠକେଇ ମାମଲା | ଆର୍‌ଏସ୍‌ପିର ପୂର୍ବତନ ଏଜିଏମ୍‌ଙ୍କୁ ୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧।୩(ସତ୍ୟଜିତ୍ ରାଉତ)

୨୪.୪୧ ଲକ୍ଷ ଟଙ୍କା ଠକେଇ ନେଇ ସିବିଆଇ ପକ୍ଷରୁ ହୋଇଥିବା ଏକ ମାମଲାର ରାୟ ୨୩ ବର୍ଷ ପରେ ପ୍ରକାଶ ପାଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ପୂର୍ବତନ ଏଜିଏମ୍ କେ. ବାଲ୍‌ଗଙ୍ଗାଧରଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ୨ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୬ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେମାନଙ୍କ ବିରୋଧରେ ମାମଲା ବନ୍ଦ କରାଯାଇଛି। ଏଥିସହ ମାମଲାରେ ଅଭିଯୁକ୍ତ ଥିବା ଏକ ଘରୋଇ କମ୍ପାନୀର ମାଲିକ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସୂଚନା ଦିଆଯାଇଛି। ୨୦୦୧ ନଭେମ୍ବର ୨୯ରେ ଏହି ମାମଲାରେ ଚାର୍ଜଶିଟ୍ ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସିବିଆଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍ (ଏଚ୍‌ଏସ୍‌ଏମ୍)ର କଲରିଂ, ପେଣ୍ଟିଂ, ସଫାସଫି ଆଦି କାମ କରିବାକୁ ଏକ ଘରୋଇ କମ୍ପାନୀକୁ ୱାର୍କ ଅର୍ଡର ଦେବା ପାଇଁ ବାଲ୍‌ଗଙ୍ଗାଧର ଓ ଅନ୍ୟମାନେ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ବାଲ୍‌ଗଙ୍ଗାଧର ନିଜ କ୍ଷମତା ଓ ପଦବୀର ଦୁରୁପଯୋଗ କରି ଫେକ୍ କାଗଜପତ୍ର ଜରିଆରେ ସେ ଆର୍‌ଏସ୍‌ପିକୁ ୨୪ ଲକ୍ଷ ୪୧ ହଜାର ୧୦ ଟଙ୍କାର ଠକେଇ କରିଥିଲେ ବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

## ତାଲିମ ନେଲେ ରିଟର୍ନିଂ, ସହକାରୀ ରିଟର୍ନିଂ ଅଧିକାରୀ

ଭୁବନେଶ୍ୱର,୧।୩(ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ରିଟର୍ନିଂ ଏବଂ ସହକାରୀ ରିଟର୍ନିଂ ଅଧିକାରୀମାନଙ୍କ ଏକ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ତାଲିମ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ୟ ସ୍ଥାନରୁ ବଦଳି ହୋଇ ଆସିଥିବା ଓ ପୂର୍ବ ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିବା ଅବଶିଷ୍ଟ ରିଟର୍ନିଂ/ସହକାରୀ ରିଟର୍ନିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ଥିରୁମାଲା ନାୟକ ଏବଂ ଶତ୍ରୁଘ୍ନ କର ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ ୫୬ ଜଣ ରିଟର୍ନିଂ ଏବଂ ସହକାରୀ ରିଟର୍ନିଂ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି।

## ବୈଦ୍ୟୁତିକ ଯାନ ବ୍ୟବହାର ପାଇଁ ଶୋଭାଯାତ୍ରା

ଭୁବନେଶ୍ୱର,୧।୩
(ଅନୁରାଧା ମହାରଣା)




ବୈଦ୍ୟୁତିକ ଯାନର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନକୁ ସାମିଲ କରାଯାଇଥିଲା। ଇଲେକ୍ଟ୍ରିକ ସାଇକେଲଠାରୁ ଆରମ୍ଭ କରି ବିଦ୍ୟୁତ୍ ଚାଳିତ ବସ୍, ଅଟୋ ଆଦି ସାମିଲ ହୋଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ଓ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପରିବହନ କମିଶନର ଅମିତାଭ ଠାକୁର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ଚନ୍ଦ୍ର ମହାରଣା, ଓଇଆର୍‌ସିଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକ, ଗ୍ରୀଡ୍‌କୋର ନିର୍ଦ୍ଦେଶକ ଉମାକାନ୍ତ ସାହୁଙ୍କ ସମେତ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ବୈଦ୍ୟୁତିକ ଯାନ ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ।

## ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ପରୀକ୍ଷାମୂଳକ ବିମାନ ଉଡ଼ାଣ

ମାଲକାନଗିରି,୧।୩
(ଦୁର୍ଯ୍ୟୋଧନ ପାତ୍ର)

### ଖୁବ୍‌ଶୀଘ୍ର ଯାତ୍ରୀବାହୀ ବିମାନ ଚଳାଚଳ କରିବ: ଅତିରିକ୍ତ ଜିଲାପାଳ



ମାଲକାନଗିରି ଜିଲା ସଦର ମହକୁମାଠାରୁ ୩ କି.ମି. ଦୂର କାଦବାହାଲଠାରେ ନବ ନିର୍ମିତ ବିମାନ ବନ୍ଦରକୁ ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। କେତେକ କାର୍ଯ୍ୟ ବାକିଥିବାରୁ ଯାତ୍ରୀବାହୀ ବିମାନ ଚଳାଚଳ ହୋଇ ପାରି ନ ଥିଲା। ତେବେ ଏହି ବିମାନ ଚଳାଚଳ ପାଇଁ ଶୁକ୍ରବାର ଇଣ୍ଡିଆ-ୱାନ୍ ଘରୋଇ କମ୍ପାନୀର ଏକ ବିମାନ ପରୀକ୍ଷାମୂଳକ ଭାବେ ଏଠାରେ ଉଡ଼ାଣ କରିଛି। ବିମାନଟି ଅବତରଣ ପରେ ଏହାର କାର୍ଯ୍ୟ ତଦାରଖ କରାଯାଇଛି। ଅସମ୍ପୂର୍ଣ୍ଣ ଥିବା ପାଚେରିକୁ ତୁରନ୍ତ ଟିଣ ବାଡ଼ ଦେଇ ନିର୍ମାଣ କରିବା, ମୁଖ୍ୟ ଫାଟକ, ଚତୁଃପାର୍ଶ୍ୱରେ ଗୃହପାଳିତ ପ୍ରାଣୀ ପ୍ରବେଶ ନ କରିବା, ଅତିଥି ଭବନ, ଯାତ୍ରୀ ବିଶ୍ରାମାଗାର, କାର୍ଯ୍ୟାଳୟ ଗୃହ, ଟିକେଟ କାଉଣ୍ଟର, ସ୍ନାନାଗାରକୁ ବିଦ୍ୟୁତ୍ ସଂଯୋଗ, ଚତୁଃପାର୍ଶ୍ୱ ଆଲୋକୀକରଣ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ କିଛି ଅଂଶ ବାକି ରହିଛି। ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ଲାଗି ଉପସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀମାନଙ୍କୁ ପାଇଲଟ୍ ପରାମର୍ଶ ଦେଇଥିଲେ। ପ୍ରଥମେ ଏଠାରୁ ୯ ସିଟ୍ ବିଶିଷ୍ଟ ବିମାନ ମାଲକାନଗିରିରୁ ଭୁବନେଶ୍ୱର ଚଳାଚଳ କରିବ। ପରବର୍ତ୍ତୀ ସମୟରେ ଏହା ୨୦କୁ ବୃଦ୍ଧି କରାଯିବ ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ କହିଛନ୍ତି, ଯାହା କିଛି କାର୍ଯ୍ୟ ବାକି ଅଛି ତାହା ତୁରନ୍ତ ସାରିବା ପାଇଁ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ସୁଶାନ୍ତ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଖୁବ୍‌ଶୀଘ୍ର ମାଲକାନଗିରିରୁ ଭୁବନେଶ୍ୱରକୁ ଯାତ୍ରୀବାହୀ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସେ କହିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଜେନା କହିଥିଲେ, ବିମାନବନ୍ଦର କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ଯାହାକିଛି ଛୋଟ ଛୋଟ କାର୍ଯ୍ୟ ଅଛି, ତାହା ଖୁବ୍‌ଶୀଘ୍ର ଶେଷ କରାଯିବ।


**VSS INSTITUTE OF MEDICAL SCIENCES & RESEARCH (VIMSAR)**
Ayur Vihar, Burla, Sambalpur, Odisha - 768017
Walk-in-Interview for Selection of Medical Physicists and Veterinary Assistant Surgeon in VIMSAR on Contractual Basis
Advertisement Notice No. 263 and 264/Director/VIMSAR/Dt.29.02.2024
No. E-898: Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: www.vimsar.ac.in.
Date of Walk-in-Interview: 07.03.2024.
Sd./- Director, VIMSAR, Burla
OIPR-11056/11/0003/2324

**NOTIFIED AREA COUNCIL KESINGA**
"e" Procurement Notice
No.396/NAC(K) Dt.29.02.2024
Tender ID No. 2024_ORULB_101950
No.C-3276: The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Total No. of work | : | 01(One) |
| Approx. value of work | : | Rs.6068351.00 |
| Period of availability of tender for online Bidding | : | From 10.00 hrs. of dt.01.03.2024 to 16.00 hrs. of dt.21.03.2024. |
| Date & Time of opening | : | 21.03.2024 at 17.00 hrs. |
| Class of Contractor | : | Class "B" |

Further details can be seen from the website: www.tendersodisha.gov.in.
Sd./- Executive Officer
N.A.C., Kesinga
OIPR-13109/11/0035/2324

**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**
At/P.O./Dist.: Balangir, PIN - 767001 (Odisha), E-mail: gmchospitalbalangir1@gmail.com
Letter No. IX-F-82/2024/1750/Store (BBMC&H)/2024, Balangir Date: 28.02.24
CORRIGENDUM NOTICE-1
No. E-897: With reference to tender advertisement No. 1010/Estt. (BBMC&H)/24 Dtd.21.02.2024 issued by this office on Dt.21.02.2024.
All bidders are hereby informed:
1. That they shall quote their price for 2 Nos. Bolero/Sumo type vehicle instead of 01 No. Tiago/Bolt/Celerio/Indigo and 01 No. TUV300/Bolero/Sumo as advertised in the tneder for "Tender for Providing Commercial Vehicles (Petrol) including Driver" to the BBMC&H, Balangir.
2. The bidders are required to submit the EMD amount of Rs.5000/- (Rupees five thousand) only in the form of DD instead of the EMD amount of Rs.3000/- (Rupees three thousand) only as previosuly advertised in the tender.
Sd./- Superintendent
OIPR-10141/11/0034/2324 Bhima Bhoi Medical College & Hospital, Balangir

**Government of Odisha Higher Education Department**
Inviting Applications for Government of Odisha Sponsored UPSC Civil Services Residential Coaching Scheme for the Session 2024-25
No. N-156: Government in the Higher Education Department is providing free UPSC Civil Services residential Coaching to 200 aspirants who are domiciles of Odisha
1. It is be a residential coaching i.e. food and accommodation will be provided by Government to the selected candidates.
2. There will be a pre-qualifying entrance examination for shortlisting 200 candidates and the date of examination is 5th May, 2024.
3. Coaching will be provided for 11 months for Prelims and Mains examination (General Studies and Optional Paper) as per the syllabus of UPSC.
4. The details guideline in this regard is available in Higher Education Department website: www.dhe.odisha.gov.in.
Interested candidates, having the eligibility as mentioned in the guideline, may apply in SAMS portal of Higher Education Department to appear in the entrance examination
Application Fee: Rs.100/- is to be deposited through online mode at the time of submission of application

| Description | Timeline |
|---|---|
| Availability of Common Application Form (CAF) & Advertisement in the SAMS website | 01.03.2024 (04.00 P.M.) |
| Last date & time of applying online (in CAF) | 02.04.2024 (11.45 P.M.) |
| Availability of Admit Card in SAMS & SSB websites | 29.04.2024 Onwards |
| Date of Examination | 05.05.2024 |

For more details please contact
Helpdesk@0674-2954600, e-mail: civilservicesscheme2024@gmail.com
OIPR-11001/11/0095/2324

**OFFICE OF THE DIVISIONAL FOREST OFFICER, BERHAMPUR DIVISION**
At: Courtpeta, Brahmapur - 760004, Phone/FAX: 0680-2281354, Mob.: +91-7653908594, E-mail: dfo.berhampur@odisha.gov.in
Short Tender Call Notice No. 63/2024/IF Dated, 27th February, 2024
TENDER FOR CONSTRUCTION OF ECO-RESORT AT: GHODAHADA IN DIGAPAHANDI RANGE OF BERHAMPUR FOREST DIVISION
No. MM-486: The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFFLINE mode from eligible contractors with valid licences for execution of Building & other work as detailed in DTCN.

| | | | |
|---|---|---|---|
| 1. | Nature of Works | : | Construction of Eco-Resort at Ghodahada of Digapahandi Range of Brahmapur Forest Division |
| 2. | No. of Work | : | One Eco-Resort at Ghodahada, Digapahandi Range in Brahmapur Division |
| 3. | Tender Form Cost | : | Rs.10,000/- only |
| 4. | Estimate Cost | : | Rs.439.575/- Lakh (Four Crore Thirty Nine Lakh Fifty Seven Thousand Five Hundred) only (Including GST) |
| 5. | Class of Contractor | : | "A" & "B" Class Contractor |
| 6. | Availability of bid document in the Office of the Divisional Forest Officer, Brahmapur Division | : | From Dt.28.02.2024 10.00 A.M. to Dt.06.03.2024 5.00 P.M. |
| 7. | Last date and time of submission of bids in tender box of office | : | 06.03.2024 at 5.00 P.M. |
| 8. | Date of Opening of Bid | : | Dt.07.03.2024 at 11.00 A.M. |
| 9. | The bidders have to participate in OFFLINE bidding only. | | |

Sd./- Divisional Forest Officer
Brahmapur Division
OIPR-08038/11/0031/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ହେମାମାଳିନୀ
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରୋ କବାଡି ଲିଗ୍: ପୁନେରି ପଲଟନ୍ ଚାମ୍ପିୟନ

**ହାଇଦ୍ରାବାଦ,୧।୩**

ଗଚିବାଓଲିର ବାଲଯୋଗୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରୋ କବାଡି ଲିଗ୍ ଦଶମ ସଂସ୍କରଣ ଫାଇନାଲରେ ବିଜୟୀ ହୋଇଛି ପୁନେରି ପଲଟନ୍। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ବିଗତ ସଂସ୍କରଣର ରନର୍ ଅପ୍ ପୁଣେ ୨୮-୨୫ରେ ହରିୟାଣା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ପୁନେରି ପଲଟନ୍ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରଥମ ଥର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛି।

ଫାଇନାଲ ମ୍ୟାଚରେ ଉଭୟ ଦଳ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ରକ୍ଷଣାତ୍ମକ ଢଙ୍ଗରେ ଉଭୟ ଦଳ ଖେଳ ଆରମ୍ଭ କରିଥିଲେ। ଉଭୟ ଦଳ ପରସ୍ପରକୁ ଗୋଟିଏ ପଏଣ୍ଟ ଛାଡୁ ନ ଥିବା ବେଳେ ମ୍ୟାଚ୍ ୭-୭ରେ ରହିଥିଲା। ତେବେ ପ୍ରଥମାର୍ଦ୍ଧରେ ଏକ ସୁପର ରେଡ ସହ ପଲଟନର ପଙ୍କଜ ମୋହିତେ ମ୍ୟାଚ୍‌ର ମୋଡ ବଦଳାଇ ଦେଇଥିଲେ। ଏକା ଥରରେ ହରିୟାଣା ଷ୍ଟିଲର୍ସର ୪ ଖେଳାଳିଙ୍କୁ ଆଉଟ କରିବା ସହ ପୁଣେକୁ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ପୁନେରି ପଲଟନ୍ ୧୩-୧୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଷ୍ଟିଲର୍ସ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ପୁଣେର ଡିଫେଣ୍ଡରମାନେ ସୁଯୋଗ ଦେଇ ନ ଥିଲେ। ମ୍ୟାଚ୍ ଶେଷ ହେବା ବେଳକୁ ପୁଣେ ୨୮-୨୨ରେ ଆଗୁଆ ରହିଥିଲା। ଅନ୍ତିମ ମିନିଟରେ ଷ୍ଟିଲର୍ସ ୩ ପଏଣ୍ଟ ସଂଗ୍ରହ କରିଥିବା ବେଳେ ପ୍ରଥମ ଟାଇଟଲ ବିଜୟୀ ହୋଇଥିଲା। ଉଭୟ ଦଳ ୧୭ ରେଡ ପଏଣ୍ଟ ଅର୍ଜନ କରିଥିବା ବେଳେ ଟ୍ୟାକେଲ ପଏଣ୍ଟରେ ବାଜିମାରି ନେଇଥିଲା ପୁଣେ। ଷ୍ଟିଲର୍ସ ୫ ଟ୍ୟାକେଲ ପଏଣ୍ଟ ଅର୍ଜନ କରିଥିବା ବେଳେ ୯ ଟ୍ୟାକେଲ ପଏଣ୍ଟ ହାତେଇଥିଲା ପଲଟନ। ପଲଟନ ପକ୍ଷରୁ ପଙ୍କଜ ମୋହିତେ ୯ ଓ ମୋହିତ ଗୋୟତ ୬ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ମୋହିତ ପତାରେ ୬ ଓ ସିଦ୍ଧାର୍ଥ ଦେଶାଇ ୪ ପଏଣ୍ଟ ଅର୍ଜନ କରିଥିଲେ। ଯୋଗେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଯୁବ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ପୁନେରି ପଲଟନର ଅସଲମ ଇନାମଦାରଙ୍କୁ ମୋଷ୍ଟ ଭ୍ୟାଲୁଏବୁଲ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।


ପ୍ରୋ କବାଡ଼ି ଲିଗ୍ ଚାମ୍ପିୟନ ପୁନେରି ପଲଟନ୍ ଦଳର ଖେଳାଳିମାନେ ପଦକ ସହ ଖୁସି ମୁହୂର୍ତ୍ତରେ।

# ୱାରିଅର୍ଜର ଦ୍ୱିତୀୟ ବିଜୟ

## ଓମେନ୍ସ ପ୍ରିମିୟର ଲିଗ୍
## ପରାଜୟରେ ଗୁଜରାଟର ହ୍ୟାଟ୍ରିକ

**ବେଙ୍ଗାଲୁରୁ,୧।୩**

ଓମେନ୍ସ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସଙ୍କୁ ୬ ଉଇକେଟରେ ହରାଇ ଦ୍ୱିତୀୟ ବିଜୟ ହାସଲ କରିଛି ୟୁପି ୱାରିଅର୍ଜ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦ ଓଭରରେ ୫ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଜବାବରେ ୧୫.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରିନେଇଥିଲା ୟୁପି।

ଟସ୍ ହାରି ବ୍ୟାଟିଂ କରିଥିବା ଗୁଜରାଟ ପକ୍ଷରୁ ବେଥ୍ ମୁନି(୧୬) ଓ ଲୌରା ଓଲ୍‌ଭାର୍ଡ୍ଟ(୨୮) ପ୍ରଥମ ଉଇକେଟରେ ୪୦ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ହରଲିନ୍ ଦେଓଲ ୨୪ ବଲ୍ ଖେଳି ୧୮ ରନ୍ କରିବାରୁ ଦଳର ରନହାର ଧୀମେଇ ଯାଇଥିଲା। ତେବେ ଫିବ୍ ଲିଚଫିଲ୍ଡ(୩୫) ଓ ଆସ୍‌ଲେ ଗାର୍ଡନର (୩୦) ଦ୍ରୁତ ବ୍ୟାଟିଂ କରିବାରୁ ଦଳୀୟ ସ୍କୋର ୧୪୦ ପାର କରିଥିଲା। ଲିଚଫିଲ୍ଡ ୨୬ ବଲ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଗାର୍ଡନର ମାତ୍ର ୧୭ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ୟୁପି ପକ୍ଷରୁ ସୋଫି ଏକେଲଷ୍ଟୋନ ଚମତ୍କାର ବୋଲିଂ କରି ୨୦ ରନ୍‌ରେ ୩ ଉଇକେଟ ନେଇଥିଲେ। ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ସଫଳତା ହାସଲ କରିଥିଲେ।

୧୪୩ ରନ୍ ଲକ୍ଷ୍ୟର ପିଛା କରୁଥିବା ୟୁପି ପକ୍ଷରୁ ଆଲିସା ହିଲି(୩୩) ଓ କିରନ ନଭଗିରେ (୧୨) ପ୍ରଥମ ଉଇକେଟରେ ୪୨ ରନ୍ ଯୋଡିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ଚମାରି ଅଟ୍ଟାପଟ୍ଟୁ ୧୭ ରନ୍ କରି ଆଉଟ ହୋଇଥିବା ବେଳେ ଗ୍ରେସ୍ ହାରିସ୍ ଅପରାଜିତ ୬୦ ରନ୍ କରି ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ୩୩ ବଲ୍ ଖେଳି ସେ ୯ ଚୌକା ଓ ୨ ଛକା ମାରିଥିଲେ। ଦୀପ୍ତି ଶର୍ମା(୧୭*)ଙ୍କ ସହ ମିଶି ଦଳକୁ ବିଜୟୀ କରିଥିଲେ ହାରିସ୍। ଗୁଜରାଟ ପକ୍ଷରୁ ତନୁଜା କନ୍ୱାର ୨ ଉଇକେଟ ନେଇଥିବା ବେଳେ ମେଘନା ସିଂ ଓ କାଥରିନ୍ ବ୍ରାଇସ୍ ଗୋଟିଏ ଲେଖାଏ ସଫଳତା ହାସଲ କରିଥିଲେ। ହ୍ୟାଟ୍ରିକ ପରାଜୟ ହାସଲ କରିଥିବା ଗୁଜରାଟ ଏହାର ପଏଣ୍ଟ ଖାତା ଖୋଲିପାରି ନାହିଁ।

**ସଂକ୍ଷିପ୍ତ ସ୍କୋର:** ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୪୨/୫(ଫିବ୍ ଲିଚଫିଲ-୩୫, ଆସ୍‌ଲେ ଗାର୍ଡନର-୩୦, ଲୌରା ଓଲ୍‌ଭାର୍ଡ୍ଟ-୨୮, ସୋଫି ଏକେଲଷ୍ଟୋନ-୩/୨୦, ରାଜେଶ୍ୱରୀ ଗାଏକ୍ୱାଡ-୧/୩୩)। ୟୁପି ୱାରିଅର୍ଜ ୧୫.୪ ଓଭରରେ ୧୪୩/୪(ଗ୍ରେସ୍ ହାରିସ୍-୬୦*, ଆଲିସା ହିଲି-୩୩, ଦୀପ୍ତି ଶର୍ମା-୧୭*, ତନୁଜା କନ୍ୱାର-୨/୨୩, କାଥରିନ୍ ବ୍ରାଇସ୍-୧/୧୯, ମେଘନା ସିଂ-୧/୩୯)।

## ୧୯ତମ ଜନ୍ମଦିନ ଶୁଭେଚ୍ଛା



**ହେମାମାଳିନୀ ମହାନ୍ତ**
ବେଲସରେଇ, କେଉଁଝର, ଓଡ଼ିଶା
ଆଜି ତୋର ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।
**ଶୁଭେଚ୍ଛା ସହ:**
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୬୬୫

# ଓମେନ୍ସ ନେଶନ୍ସ ଲିଗ୍: ସ୍ପେନ୍ ଚାମ୍ପିୟନ

**ମାଡ୍ରିଡ୍,୧।୩(ପି.ଟି.):** ପ୍ରଥମ ସଂସ୍କରଣର ଓମେନ୍ସ ନେଶନ୍ସ ଲିଗ୍ ଫୁଟବଲ୍ ଟୁର୍ନାମେଣ୍ଟରେ ସ୍ପେନ୍ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରିଥିଲା ସ୍ପେନ୍। ଦଳ ପକ୍ଷରୁ ଆଇଟାନା ବୋନମାଟି(୩୨) ଓ ମାରିଆନା କାଲଡେଣ୍ଟେ ୫୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଗୁରୁବାର ଲା କାର୍ଟୁଜା ଷ୍ଟାଡିୟମରେ ୩୨୬୫୭ ଦର୍ଶକଙ୍କ ଉପସ୍ଥିତିରେ ଫ୍ରାନ୍ସ ବିପକ୍ଷରେ ୬୦ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା ସ୍ପେନ୍। ୧୦ ଶଟ୍ ମାରିଥିବା ବେଳେ ଏଥିରୁ ୪ଟି ଟାର୍ଗେଟରେ ରହିଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟରେ ଆଇଟାନା ବୋନମାଟି ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ଦଳ ୧-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୩ ତମ ମିନିଟରେ ମାରିଆନା କାଲଡେଣ୍ଟେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚମତ୍କାର ପ୍ରଦର୍ଶନ କରିଥିବା ଆଇଟାନା ବୋନମାଟିଙ୍କୁ ପ୍ଲେୟର ଅଫ ଦ ଫାଇନାଲ ଓ ମୋଷ୍ଟ ଭାଲ୍ୟୁଏବୁଲ ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

ତୃତୀୟ ସ୍ଥାନ ପ୍ଲେ ଅଫ୍ ମ୍ୟାଚରେ ନେଦରଲାଣ୍ଡ୍ସକୁ ୨-୦ରେ ପରାସ୍ତ କରିବା ସହ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି ଜର୍ମାନୀ। ପୂର୍ବରୁ ଦୁଇ ଫାଇନାଲିଷ୍ଟ ସ୍ପେନ୍ ଓ ଫ୍ରାନ୍ସ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିସାରିଥିଲେ।


# Classified Everyday
**0674-2580101, 2549949**

## CLASSIFIED DISPLAY
MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


REAL ESTATE

**SALE**

Gharabari plot sale Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବା 9827119799.** D-2605

**Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348.** D-71069

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914


CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


FOR RENT

Shop room (10'x10') 2 Nos. opposite College Jayadev Vihar, Main Road, Bhubaneswar. Contact: 7008296802. D-2655

2BHK, 3BHK, drawing-dining, Puja room near Puri Bypass Road, Koradkanta, Bhubaneswar. Contact: 7008296802. D-2656


Healthcare

Relax, refresh your body, mind by expert therapist. Contact: 9938843929. D-76104

**Newly open health benefits spa special offer@999 Bapujinagar, 8018429809.** D-76105

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

**Ashirvaad Salon and SPA get good massage for your health tha best therapy. 7077181074.** D-75711

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

## AFFIDAVIT

An affidavit before the Executive Magistrate, Bhadrak, I, Kuna Sing, aged about 37 years, S/o- Surendra Sing, Vill- Hatapada, P.O. Arandua, P.S.- Basudevpur, Dist.- Bhadrak, declare that my real name is Kuna Swain which has been mentioned in Aadhaar Card, Voter Identity Card and School Leaving Certificate. But my name has been wrongly mentioned in DL No. OR 22 20070000237 as Sankarshan Singh instead of Kuna Singh. So Kuna Sing and Sankarshan Singh is same & one person. Henceforth I will be known as Kuna Sing in all purpose.
Kuna Sing
D-2673

I, Pradip Kumar Behara alias Pradip Kumar Behera, S/o Late Sh. Purna Chandra Behera R/o- Maitri Vihar, Sidha Mahabir Patana, Puri, Odisha-752002, have changed my name and shall hereafter be known as Pradip Kumar Behera. D-2672

I, Nemichand Sovalchand Jain, S/o- Sovalchand Jain, R/o- Plot No.-6, Chintamaniswar, Fishery Lane, Budheswari, Laxmi Sagar, Bhubaneswar-751006, Dist.- Khordha, Odisha declare by this affidavit No.- 124/24 dtd. 27.02.2024 have changed my name to Nemichand Jain for all future purposes. D-2670

I, P Sanku Venu, S/o Late- P K Sanku, P.O.- Sunabeda-2, Dist.- Koraput, Presently Residing at Qtr. No. K-117, Hal Town Ship, P.O.- Sunabeda-2, P.S.- Sunabeda, Dist.- Koraput, (Odisha) working at Hindustan Aeronautics Limited, Koraput division do hereby declare that by virtue of affidavit dated 18.08.2023 before the Notary, Sunabeda, I have changed my name from P Sanku Venu to Paramarth Sanku Venu in further I will be known as Paramarth Sanku Venu in Official and all other purposes. D-2671

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର**
ପୂର୍ବତନ D.L.O ଓଡ଼ିଶା ସରକାର, ବିଶିଷ୍ଟ ମ୍ୟାନେଜ୍‌ମେଣ୍ଟ ବିଶାରଦ (ମାନବ ସମ୍ବଳ), ପ୍ରଥମ ବ୍ୟାଚ୍ ମାନବ ସମ୍ବଳ ଛାତ୍ର, XLRI, ଜାମସେଦ୍‌ପୁର, Founder Chairman, National Institute of Personnel Management, Odisha (Utkal Chapter), Former Director, ଦୀନବନ୍ଧୁ ଟ୍ରଷ୍ଟ ଓଡ଼ିଶା, Life Member, Odisha Productivity Council
ଏ/୯୪, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ-୨୦।୦୫।୧୯୩୧
ତିରୋଧାନ- ୧୫।୦୨।୨୦୨୦
ପୂଜନୀୟ ବାପା, ୪ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସଚ୍ଚୋଟତା, ମହାନତା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ, ପରୋପକାରିତା, ଅନାବିଳ ପ୍ରେମ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ: ମହାପାତ୍ର ପରିବାରବର୍ଗ ଓ ବନ୍ଧୁବାନ୍ଧବ ।**
ଧ-୨୬୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଲକ୍ଷ୍ମୀନାରାୟଣ ଦାସ**
(Retd. Deputy Collector, Banki)
ଟଙ୍କପାଣିରୋଡ୍, ଜଗନ୍ନାଥ କଲୋନୀ ଲେନ୍-୦୨, ଭୁବନେଶ୍ୱର
ଆବିର୍ଭାବ: ୦୧/୧୨/୧୯୪୯ | ତିରୋଧାନ: ୧୨/୦୨/୨୦୨୩
ବାପା, ଚାହୁଁ ଚାହୁଁ ବର୍ଷଟିଏ ହେଲା ଚିରଦିନ ପାଇଁ ଆମଠାରୁ ବିଦାୟନେଇ ଚାଲିଗଲେ ସୁଦ୍ଧା ପ୍ରତି ମୁହୂର୍ତ୍ତରେ ଆମେ ତୁମକୁ ଭୁଲିପାରୁନାହୁଁ। ଆମମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧୈର୍ଯ୍ୟ, ସଚ୍ଚୋଟତା ଓ ପରୋପକାରିତା ଆମ ସମସ୍ତଙ୍କୁ ସବୁଦିନ ପାଇଁ ପ୍ରେରଣାଦେବ। ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପତ୍ନୀ-ଝୁନି, ପୁତ୍ର-ବାପୁନ, ପୁତ୍ରବଧୂ-ଲିରା, କନ୍ୟା-ପିଙ୍କି, ଜ୍ୱାଇଁ-ସୋନୁ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୭୫୫୨୧

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ Bhubaneswar, Saturday, March 2/2024

# ଦୀପକଙ୍କ ଘର ସମେତ ବହୁ ସ୍ଥାନରେ ଇଡି ଚଢ଼ାଉ



ଦୀପକ ଗୁପ୍ତାଙ୍କ ବଡବିଲ ଧୋବି ହଟିଂସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଇଡି ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ବଡ଼ବିଲ(ଦେବପ୍ରିୟ ରଣା)/ ଯୋଡ଼ା (ମାନସ ରଞ୍ଜନ ମହାନ୍ତି)/ ରାଉରକେଲା, (ସଙ୍ଗୀତା ଜେନା)/ ଭୁବନେଶ୍ୱର, ୧।୩(ସତ୍ୟଜିତ୍ ରାଉତ)**

ବହୁଚର୍ଚ୍ଚିତ ୧୮ଶହ କୋଟିର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ସକ୍ରିୟ ହୋଇଉଠିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏବଂ ତାଙ୍କ ସହଯୋଗୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଦୀପକଙ୍କ କେନ୍ଦୁଝର ଜିଲା ବଡ଼ବିଲ ବସ୍ତିସ୍ଥିତ ବାସଭବନ ଏବଂ ଧୋବି ହଟିଂସ୍ଥିତ କାର୍ଯ୍ୟାଳୟ (ଇସ୍ପାତ ଭବନ)ରେ ଯାଞ୍ଚ ଚାଲିଛି। ଏଥିସହ ଦୀପକଙ୍କ କୋଲକାତାସ୍ଥିତ ବାସଭବନ, ତାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କଦମ୍ବୱାଲାଙ୍କ ଭୁବନେଶ୍ୱର ଓ ରାଉରକେଲାସ୍ଥିତ ବାସଭବନ, ଅଫିସ ଓ ଗୋଦାମରେ ମଧ୍ୟ ଯାଞ୍ଚ ଜାରି ରହିଥିବା ଜଣାପଡିଛି। କେନ୍ଦ୍ରୀୟ ସୁରକ୍ଷା ବଳ ସହାୟତାରେ ଏହି ଯାଞ୍ଚ ଚାଲିଥିବାବେଳେ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ରିପୋର୍ଟ ଲେଖାହେବା ବେଳକୁ ଇଡି ଟିମ୍ ବହୁ କାଗଜପତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି। ଦୀପକ ଏହି ମାମଲାରେ ସର୍ତ୍ତମୂଳକ ଜାମିନରେ ରହିଛନ୍ତି। ଲିଜ୍‌ଧାରୀ ଦୀପକ ଅନ୍ୟମାନଙ୍କ ସହଯୋଗରେ ୨୦୦୩ରୁ ୨୦୧୦ ମଧ୍ୟରେ ଯୋଡ଼ା

## ଉଲିବୁରୁ ଖଣି ଦୁର୍ନୀତି ମାମଲା

ଖଣି ମଣ୍ଡଳ ଅନ୍ତର୍ଗତ ଉଲିବୁରୁ ଖଣିରୁ ପ୍ରାୟ ୪୫.୨୨ ଲକ୍ଷ ମେଟ୍ରିକ ଟନ୍ ଲୁହାପଥର ବେଆଇନ ଭାବେ କାରବାର କରି ୮୯୩.୬୭କୋଟି ଟଙ୍କା ଲାଭ କରିଥିଲେ। ୨୦୧୩ରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହେବା ପରେ ଏହି ମହାଦୁର୍ନୀତି ପଦାକୁ ଆସିଥିଲା। ଏହି ମାମଲାରେ ଦୀପକଙ୍କୁ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ୨୦୧୩ ସେପ୍ଟେମ୍ବର ୫ରେ ଗିରଫ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ଏହି ଲିଙ୍କ୍‌ରେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହୋଇଥିଲେ। ଭିଜିଲାନ୍ସ ଏନେଇ ତଦନ୍ତ ସାରି କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ଦୀପକଙ୍କ ସମେତ ଅନ୍ୟ ୨୩ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ଖଣି ଖନନ ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ହୋଇଥିବା ଭିଜିଲାନ୍ସ ଚାର୍ଜସିଟ୍‌ରେ ଦର୍ଶାଇଥିଲା। ଏହାକୁ ଆଧାର କରି ଇଡି ବେଆଇନ ଅର୍ଥ କାରବାରକୁ ନେଇ ୨୦୧୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଓ ତାଙ୍କ ସହଯୋଗୀ ସତ୍ୟବ୍ରତ ରାଉତଙ୍କୁ ୨୦୧୪ ଜୁଲାଇରେ ଇଡି ରିମାଣ୍ଡରେ ନେଇ ମଧ୍ୟ ପଚରାଉଚରା କରିଥିଲା।

# ନିଯୁକ୍ତି ପାଇଲେ ୧୧୫୨ ଅଧ୍ୟାପକ, କର୍ମଚାରୀ




**ଭୁବନେଶ୍ୱର, ୧।୩(ଅନିଲ ଦାସ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ୧୧୫୨ ନୂଆ ଅଧ୍ୟାପକ, ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା କନ୍‌ଭେନଶନ ସେଣ୍ଟର ଏବଂ ରବୀନ୍ଦ୍ର ମଣ୍ଡପଠାରେ ସମସ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ନବନିଯୁକ୍ତଙ୍କ ମଧ୍ୟରେ ୯୭୭ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ, ୮୭ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଫିସର, ୫୭ ସମବାୟ ସମିତି ନିରୀକ୍ଷକ ଏବଂ ଜିଲାସ୍ତରର ସୂଚନା ଓ ଲୋକସମ୍ପର୍କ ବିଭାଗର ୩୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିବା ସହ ନିଜ ନିଜ କର୍ମ କ୍ଷେତ୍ରରେ ୫-ଟି ଉପକ୍ରମରେ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ଅଧ୍ୟାପକ ଓ ଅଫିସରଙ୍କ ପ୍ରତିଭା, ପ୍ରତିଶ୍ରୁତି ଓ କଠିନ ପରିଶ୍ରମ ନିଜ ଚାକିରି କ୍ଷେତ୍ରରେ ଅଧିକ ଫଳବତୀ ହୋଇପାରିବ।

### ୫-ଟି ଉପକ୍ରମରେ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

୫-ଟି ଉପକ୍ରମରେ ସରକାର ସବୁ କ୍ଷେତ୍ରରେ ବିକାଶ କାମକୁ ଆଗେଇ ନେଉଛନ୍ତି। ଏହା ଦ୍ୱାରା ଉନ୍ନତିମୂଳକ ପ୍ରକଳ୍ପ ସ୍ୱଚ୍ଛତାର ସହ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କୁ ଏହା ସଶକ୍ତ କରିବା ସହ ଉପାନ୍ତରେ ଥିବା ଶେଷ ଲୋକ ପାଖରେ ସରକାର ପହଞ୍ଚିପାରିଛନ୍ତି। ତେଣୁ ନିଷ୍ଠାର ସହ କାମକରି ରାଜ୍ୟର ଉନ୍ନତିରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି, ଦୁଇ ଦଶନ୍ଧି ପୂର୍ବରୁ ରାଜ୍ୟର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। କୌଣସି ନୂଆ ନିଯୁକ୍ତି ମିଳୁ ନ ଥିଲା। ବର୍ତ୍ତମାନ ରାଜ୍ୟ ଆର୍ଥିକ ଆଗୁଆ ରାଜ୍ୟରେ ପରିଣତ ହୋଇଛି।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବିଭାଗ ସଚିବ ଏସ୍.କେ. ଲୋହାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

DSPL-761

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ



୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ
ଏବଂ
୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



୨ ମାର୍ଚ୍ଚ ୨୦୨୪ ॥ ଅପରାହ୍ଣ ୪ଟା ୩୦

ଉଦ୍‌ଘାଟନ
କୁସୁମି ବ୍ୟାରେଜ୍, ନୟାଗଡ
ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବଣ୍ଟନ ବ୍ୟବସ୍ଥା
କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ଶଂଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ
ତିଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଫଟାଟାଙ୍ଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର

ଭିତ୍ତିପ୍ରସ୍ତର ସ୍ଥାପନ
ହାଡୁଆ ଡ୍ୟାମ୍ ଓ ହାଡୁଆ ଡ୍ୟାମ୍‌ର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, କଟକ ॥ କୁସୁମି ବ୍ୟାରେଜର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, ନୟାଗଡ ॥ ଡିମିରିଆ-ରାଉତପଡା ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ
ବୈଦେଶ୍ୱର-ଗୋପିନାଥପୁର ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ ॥ ଫଟକି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ନବରଙ୍ଗପୁର ॥ ମାଲଗାଁ ବ୍ୟାରେଜ୍, ନବରଙ୍ଗପୁର ॥ ସତୀଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର

୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା
ଲାକଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଟେମୁରାପାଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ ପୋଡାଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର
କୋହରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କୁର୍ଲୁ ଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାୟଗଡା ॥ ଚାଙ୍ଗିରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗିର
ଦମ୍-କିପାଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବର୍ଥର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଦୈତାରିମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବିଲେଇସାଥୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର
ଘଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ସେମେଲମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଡୁମେରଚୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଗାଡିଆଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ବାରାହା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଧୋବେନ ଚଞ୍ଚରା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ପଖାନଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଲାମେର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ଟୁକୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ କୁଟିଙ୍ଗ ପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଦଳକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୋନପୁର ॥ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନୁଗୋଳ
କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଟକ ॥ କପାସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ ॥ ମଣ୍ଡଦା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଲାଲିଆଛେଞ୍ଚଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କନ୍ଧମାଳ
ଡାହୁକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ପଥରଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ କଦଳିଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ମାଣିକମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର
ସୁଖୁପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ଉତାଲିଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଝିଲିନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଶଳଡ଼ିହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ
ସୁନାମୁଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ନୂଆଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ ॥ କେଙ୍ଗଟି ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁନ୍ଦରଗଡ

ଜଳସମ୍ପଦ ବିଭାଗ

OIPR-32031/13/0018/2324

# କଲେଜ ଛାତ୍ରୀଙ୍କୁ ପଥରରେ ଛେଚି ହତ୍ୟା

## ଗୁରୁବାର କୋଚିଂ ସେଣ୍ଟର ଯାଇ ଫେରି ନ ଥିଲେ

ଢେଙ୍କାନାଳ,୧।୩(ରତନ ନାୟାର)

ଢେଙ୍କାନାଳ-ଭାପୁର ରାସ୍ତାର ମଜ୍ଜୁରି ଛକ ନିକଟସ୍ଥ ଏକ ବୁଦାମୂଳରୁ ଶୁକ୍ରବାର ନାବାଳିକା କଲେଜ ଛାତ୍ରୀ ଜସ୍ମିନ୍ ସାହୁଙ୍କ ରକ୍ତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ରକ୍ତଲଗା ପଥର ପଡ଼ିଥିବାରୁ ସେଥିରେ ଛାତ୍ରୀଙ୍କୁ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ହୋତା, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅଧିକାରୀ ଦୀପକ ଲେଙ୍କା, ଏସ୍‌ଆଇ ମାଧବ ନାୟକ ପ୍ରମୁଖ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ନାବାଳିକା ଜସ୍ମିନ୍ ଢେଙ୍କାନାଳ ସରକାରୀ ମହିଳା ଜୁନିୟର କଲେଜର ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଥିଲେ। ଏଥିସହ କୁଞ୍ଜକାନ୍ତଠାରେ ଥିବା ଏକ କୋଚିଂ ସେଣ୍ଟରରେ କୋଚିଂ



ଜସ୍ମିନ୍ ସାହୁ

ନେଉଥିଲେ। ଗୁରୁବାର ଅପରାହ୍ନ ୧ଟାରେ ମଜ୍ଜୁରୀ ଛକରୁ ବସ୍‌ଯୋଗେ ଢେଙ୍କାନାଳ ସହରକୁ କୋଚିଂ ପାଇଁ ଯାଇଥିଲେ। ସେଠାରେ କ୍ଲାସ ସାରି ଅପରାହ୍ନ ୫ଟା ୪୦ରେ ଘର ଅଭିମୁଖେ ବାହାରିଥିଲେ। କିନ୍ତୁ ରାତି ୭ଟା ସୁଦ୍ଧା ସେ ଘରକୁ ନ ଫେରିବାରୁ ମଜ୍ଜୁରି ଛକରେ ଦୋକାନ ଦେଇଥିବା ତାଙ୍କ ବାପା ଜଳନ୍ଧର ସାହୁ ବ୍ୟସ୍ତ ହୋଇପଡ଼ିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ରାତି ୧୦ଟାରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ଅପରାହ୍ନରେ ଛାତ୍ରୀଙ୍କ ମୃତଦେହ ବୁଦାମୂଳରେ ପଡ଼ିଥିବା ଦେଖାଯାଇଥିଲା। ମୃତଦେହ ନିକଟରେ ଛାତ୍ରୀଙ୍କ ଚପଲ ଓ ଓଢ଼ଣି, ମଦଥିବା ଏକ ବୋତଲ ପଡ଼ିଥିବାବେଳେ ମୃତଦେହ ଘୋଷରା ଏବଂ ରକ୍ତ ଦାଗ ଦେଖିବାକୁ ମିଳିଥିଲା। ଖବରପାଇ ତୁରନ୍ତ ସଦର ଥାନା ପୋଲିସ ଓ ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୧୯୦।୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଅପରାଧୀଙ୍କୁ ଧରିବାକୁ ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ମିଳିପାରିବ। ପ୍ରତିଶୋଧ ପରାୟଣ ହୋଇ ନାବାଳିକାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।









ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ Bhubaneswar, Saturday, March 2/ 2024

# ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ

**ଜାତୀୟ ୧୫ଏସ୍ ଡିଭିଜନ-୧ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆରଏଫ୍ଏ), ରାଜ୍ୟ କ୍ରୀଡ଼ା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ୧୫ଏସ୍ ମହିଳା ଡିଭିଜନ-୧ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। କିଟ୍‌ର ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଫେବୃୟାରୀ ୨୬ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ୭ ମହିଳା ଦଳର ମୋଟ ୧୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଓଡ଼ିଶା ଦଳ ୬୯-୫ରେ ଦିଲ୍ଲୀ ହୁରିକେନ୍ସକୁ ପରାସ୍ତ କରିଥିଲା। ଓଡ଼ିଶା ଦଳରେ ଅଧିନାୟିକା ହୁପି ମାଝିଙ୍କ ସମେତ କିସ୍ (କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ)ର ୨୦ ବାଳିକା ସାମିଲ ଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, ଉପସଭାପତି ସନୟା ମେହଟା ଭ୍ୟାସ, ଓଆରଏଫ୍ଏ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କିଟ୍ ପରିସରରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ରଗ୍‌ବୀ ଇଣ୍ଡିଆ ଓ ଓଆରଏଫ୍ଏକୁ ଧନ୍ୟବାଦ ସହ ଅଚ୍ୟୁତ ସାମନ୍ତ ଚାମ୍ପିୟନ ଓ ରନରଅପ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଚାମ୍ପିୟନ ଓଡ଼ିଶା ମହିଳା ରଗ୍‌ବୀ ଦଳ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଫି ଟେବୁଲ ବୁକ୍ ଉନ୍ମୋଚିତ


କଫି ଟେବୁଲ ବୁକ୍ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୩**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୩ କଫି ଟେବୁଲ ବୁକ୍ ଉନ୍ମୋଚନ କରିଛନ୍ତି। ଅଗ୍ରଣୀ ସ୍ପୋର୍ଟ୍ସ ମାଗାଜିନ ସ୍ପୋର୍ଟଷ୍ଟାର ଏହି ବହିର ପ୍ରକାଶକ। ଓଡ଼ିଶା କିପରି ଏହି ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିଛି ଏବଂ ରାଉରକେଲା ଓ ଭୁବନେଶ୍ୱର ଦୁଇ ଭେନ୍ୟୁର ରୂପାନ୍ତରଣ ଆଦି ଏଥିରେ ସ୍ଥାନ ପାଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା କ୍ରମାଗତ ହକି ବିଶ୍ୱକପ୍‌ର ଦୁଇ ସଂସ୍କରଣ ବୃହତ୍ ଏବଂ ଆଡ଼ମ୍ବର ସହକାରେ ଆୟୋଜନ କରି ପୂର୍ବ ସଂସ୍କରଣଗୁଡ଼ିକୁ ପଛରେ ପକାଇ ଦେଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ ସ୍ପୋର୍ଟଷ୍ଟାର ସମ୍ପାଦକ ଆୟନ ସେନଗୁପ୍ତା, ଦି ହିନ୍ଦୁ ଗ୍ରୁପ୍‌ର ଉପସଭାପତି ଶ୍ରୀଧର ଅରନଲ୍ୟ ଏବଂ ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। କଫି ଟେବୁଲ ବୁକ୍‌ରେ ବିଶ୍ୱକପ୍‌ର ସମୃଦ୍ଧ ଐତିହ୍ୟ ସହ ସ୍ମରଣୀୟ ମୁହୂର୍ତ୍ତ, ଆଇକନିକ ଖେଳାଳି ଓ ଉତ୍ସାହୀ ଦର୍ଶକଙ୍କ ସମର୍ଥନ ସମ୍ପର୍କରେ ବର୍ଣ୍ଣନା ରହିଛି। ଚିତ୍ତାକର୍ଷକ ଫଟୋ ଏବଂ ଆକର୍ଷଣୀୟ ବର୍ଣ୍ଣନାଶୈଳୀ ଦ୍ୱାରା ଏହି ପୁସ୍ତକ ସମ୍ମାନଜନକ ବିଶ୍ୱକପ୍‌ର ଆବେଗ ସମ୍ପର୍କରେ ପାଠକମାନଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବ। ୨୦୨୩ ପୁରୁଷ ହକି ବିଶ୍ୱକପ୍ ଅଭୂତପୂର୍ବ ସଫଳତା ଲାଭକରି ବାର୍ଷିକ କ୍ରୀଡ଼ା ଇତିହାସରେ ଅଲିଭାଦାଗ ସୃଷ୍ଟି କରିଥିଲା। ଏହି ପୁସ୍ତକ ଆଗାମୀ ଯୁବପିଢ଼ିଙ୍କୁ ନିଶ୍ଚିତ ଅନୁପ୍ରାଣିତ କରିବ।

# ଟାଇଟଲ ପୋଛିନେଲେ ଓଡ଼ିଶା ଖେଳାଳି



ଟ୍ରଫି ସହ ଅମୃତଜୟ ମହାନ୍ତି ଏବଂ ସତୀର୍ଥ ପଟ୍ଟନାୟକ-ଆଦିତ୍ୟ ଶତପଥୀ।

**ଏଆଇଟିଏ-ଓଟିଏ ଟେନିସ**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫେଡେରେଶନ(ଏମ୍‌ଓଏସ୍ଏଫ୍) ଆନୁକୂଲ୍ୟରେ ଗୁରୁକୁଳ ଟେନିସ ରିସର୍ଟରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହାର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ଚାମ୍ପିୟନ ହୋଇ ଟାଇଟଲ ପୋଛି ନେଇଛନ୍ତି। ସିଙ୍ଗଲ୍ସରେ ଓଡ଼ିଶାର ଅମୃତଜୟ ମହାନ୍ତି ମଣିପୁରର ହମୋମ ଭୂଷଣଙ୍କୁ ୩-୬, ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପଛୁଆ ରହିଥିଲେ ହେଁ ଅମୃତଜୟ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜେତା ହୋଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଟାଇଟଲ। ଗତ ସପ୍ତାହ ତାଙ୍କ ପାଇଁ କଷ୍ଟସାଧ ଥିଲା। ଟୁର୍ନାମେଣ୍ଟରେ ତାଙ୍କୁ କେତେକ ୩ ସେଟ୍ ବିଶିଷ୍ଟ ମ୍ୟାଚ ଖେଳିବାକୁ ପଡ଼ିଥିଲା। ତେବେ ଦକ୍ଷତା ପ୍ରଦର୍ଶନ କରି ସେ ସଫଳତା ପାଇଥିଲେ। ଡବଲ୍ସରେ ଓଡ଼ିଶାର ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀ ମହାରାଷ୍ଟ୍ର ଯୋଡ଼ି ନୀରବ ଶେଟ୍ଟୀ ଓ ପ୍ରଣବ ଗାଡିଗିଲଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ଥାନୀୟ ଖେଳାଳି ସମସ୍ତ ମ୍ୟାଚ ଜିତିଥିବାରୁ ଓଡ଼ିଶା ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

# ୨୧୭ ରନ୍‌ରେ ଆଗୁଆ ଅଷ୍ଟ୍ରେଲିଆ

ୱେଲିଂଟନ୍, ୧।୩(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୨୧୭ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୯ ଉଇକେଟରେ ୨୭୭ ରନ୍ ସ୍କୋର କରିଥିଲା। ତେବେ ଦଶମ ଉଇକେଟରେ କାମେରନ୍ ଗ୍ରୀନ୍ ଓ ଜୋଶ ହେଜେଲଉଡ୍ ୧୧୬ ରନ୍ ଯୋଡିବାରୁ ଦଳ ୩୮୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଅଷ୍ଟ୍ରେଲିଆ ୨ ଉଇକେଟ ହରାଇ ୧୩ ରନ୍ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଦୁଇ ଅପରାଜିତ ବ୍ୟାଟର କାମେରନ୍ ଗ୍ରୀନ୍ ଓ ଜୋଶ ହେଜେଲଉଡ୍ ଦୃଢ଼ତାର ସହ ବ୍ୟାଟିଂ କରି ଦଳୀୟ ସ୍କୋର ୩୮୩ରେ ପହଞ୍ଚାଇ ଥିଲେ। ଗ୍ରୀନ୍ ୧୭୪ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ବେଳେ ହେଜେଲଉଡ୍ ୨୨ ରନ୍ କରିଥିଲେ। ୨୭୫ ବଲ୍ ଖେଳିଥିବା ଗ୍ରୀନ୍ ୨୩ ଚୌକା ଓ ୫ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀ ୫ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ ବିପର୍ଯ୍ୟୟ ପୂର୍ଣ୍ଣ ରହିଥିଲା। ଦଳର ଟପ୍ ୪ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ।

# ଗାଇଡଲାଇନ୍ ବିରୋଧରେ ସ୍ୱର ଉଠାଇଲେ ପ୍ରମୋଦ

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତି ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ଆର୍ଥିକ ପ୍ରୋତ୍ସାହନ ଗାଇଡ ଲାଇନ୍ ଅନୁସାରେ ଜଣେ ଆଥଲେଟ୍ ଜୀବନ ମଧ୍ୟରେ ସର୍ବାଧିକ ୯ କୋଟି ଟଙ୍କା ପାଇ ପାରିବ। ଭୁବନେଶ୍ୱର ଫେରିବାପରେ ଏହା ବିରୋଧରେ ସ୍ୱର ଉଠାଇଛନ୍ତି ପ୍ରମୋଦ। "ଅଲିମ୍ପିକ୍ସ କିମ୍ବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ସହଜ କଥା ନୁହେଁ। ଅନ୍ତର୍ଜାତୀୟ ଇଭେଣ୍ଟ ଗୁଡ଼ିକରେ ଜଣେ ଆଥଲେଟ୍ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାବେଳେ ଗର୍ବ ଅନୁଭବ କରିଥାଏ। ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିବା କ'ଣ ଭୁଲ। ଖେଳକୁ ପ୍ରମୋଟ କରି ରାଜ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ମାତ୍ର ଏକାଧିକ ପଦକ ଜିତିବାସତ୍ତ୍ୱେ କାହାକୁ ଆର୍ଥିକ ପ୍ରୋତ୍ସାହନରୁ ବଞ୍ଚିତ ରଖାଯିବା ଠିକ୍ ନୁହେଁ। ଏହା ଆଥଲେଟ୍‌ଙ୍କୁ ନିରୁତ୍ସାହିତ କରିବ। ମୁଁ ପ୍ୟାରିସ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯିବି। ମାତ୍ର ଏହି ଗାଇଡଲାଇନ୍ ମୋ ପାଇଁ ଉତ୍ସାହଜନକ ନୁହେଁ। ପ୍ରକାଶ ଯୋଗ୍ୟ ଯେ, ସରକାରଙ୍କ ନୂଆ ଗାଇଡ ଲାଇନ ଅନୁସାରେ ଜଣେ ଆଥଲେଟ୍ ସର୍ବାଧିକ ୯ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ପାଇପାରିବ। ଏହା ବ୍ୟତୀତ କୌଣସି ଆଥଲେଟ୍ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଲେ ମଧ୍ୟ କେବଳ ସର୍ବୋଚ୍ଚ ସଫଳତା ପାଇଁ ପୁରସ୍କୃତ ହେବ।


ପଦକ ପ୍ରଦର୍ଶନ କରୁଛନ୍ତି ପ୍ରମୋଦ ଭଗତ। (ଫଟୋ: ବିକାଶ ନାୟକ)

# ଓଡ଼ିଶା ଟେନିସ ବଲ୍ କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ତାମିଲନାଡୁର ରାମନାଥପୁରମ୍‌ରେ ଚଳିତମାସ ୨ରୁ ୫ ପର୍ଯ୍ୟନ୍ତ ହେବାକୁଥିବା ୩୪ତମ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ୫ ଦିନର ପ୍ରଶିକ୍ଷଣ ଶିବିର ପରେ ମନୋନୀତ ଓଡ଼ିଶା ଦଳ ତାମିଲନାଡୁ ଯାତ୍ରା କରିଛି। ଓଡ଼ିଶା ରାଜ୍ୟ କ୍ରୀଡା ବିଭାଗର ଅଧିକାରୀ ସନାତନ ସାହୁ, ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ସଭାପତି ସୁରଜ ମିଶ୍ର, ସମ୍ପାଦକ ଶିଥୁଲ୍ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ପରିଡା, ରଞ୍ଜନ କୁମାର ନାୟକ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝି ରାଜ୍ୟ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓଡ଼ିଶା ଟେନିସ ବଲ କ୍ରିକେଟ ଦଳକୁ ସହାୟତା କରିଥିବାରୁ ସଂଘର ସମସ୍ତ କର୍ମକର୍ତ୍ତା କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଦଳ: ପ୍ରିୟବ୍ରତ ସ୍ୱାଇଁ (ଅଧିନାୟକ), ଅମ୍ରିତ କୁମାର ଦାସ, ବିଶ୍ୱରଞ୍ଜନ ମତି, ଅଭୟ ଦାସ, ଯଜ୍ଞଦତ୍ତ ଜେନା, ସୁଦାମ ବେହେରା, ଆଦର୍ଶ ଦିଗାଲ(ଉପ ଅଧିନାୟକା), ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ରାଜ ପ୍ରୀତମ ବାରିକ, ଶୋଭାନ ବେହେରା, ରାଧାମାଧବ ବାରିକ, ରାଜେନ୍ଦ୍ର ସେଠୀ, ରଜତ କୁମାର ନାୟକ। କୋଚ୍: ଆଶିଷ କୁମାର ଦିଗାଲ, ମ୍ୟାନେଜର: ସୁନୀଲ କୁମାର ମହାରଣା।

# ମାର୍ଚ୍ଚ ୨୮ରୁ ମହିଳା ରେଡ୍ ବଲ୍ ଟୁର୍ନାମେଣ୍ଟ

ନୂଆଦିଲ୍ଲୀ, ୧।୩(ପି.ଟି.)

ମହିଳା କ୍ରିକେଟକୁ ପୁଣି ଥରେ ଫେରିବ ବହୁ ଦିବସୀୟ କ୍ରିକେଟ। ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିବା ପରେ ମାର୍ଚ୍ଚ ୨୮ରୁ ପୁଣି ଥରେ ମହିଳା ରେଡ୍ ବଲ୍ କ୍ରିକେଟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି ବିସିସିଆଇ। ବିଭିନ୍ନ ଜୋନାଲ୍ ଟିମ୍‌ଗୁଡିକୁ ନେଇ ପୁଣେରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଶେଷ ଥର ପାଇଁ ୨୦୧୮ରେ ମହିଳା କ୍ରିକେଟରେ ରେଡ୍ ବଲ୍ କ୍ରିକେଟ ଖେଳାଯାଇଥିଲା। ମହିଳା କ୍ରିକେଟର ଉନ୍ନତି ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ପୂର୍ବତନ ଭାରତୀୟ ପେସର ଅମିତା ଶର୍ମା।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ